# ଧରିତ୍ରୀ
DHARITRI




ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୨/୨୦୨୨ (୧୪ ପୃଷ୍ଠା) | Sambalpur, Tuesday, August 2/2022 | Page 14 | ₹ 7.00 | ★★

୧୮ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-


**ଘୋଷାଲ ସେମିଫାଇନାଲରେ**
ସୌରଭ ଘୋଷାଲ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍କ୍ୱାଶ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।
୧୪

୧୧
**'ଲାଲ୍ ସିଂ ଚଡ୍ଢା': ରିଲିଜ୍ ପୂର୍ବରୁ ବିବାଦ**
ବଲିଉଡ୍ ଅଭିନେତା ଆମିର ଖାନ୍‌ଙ୍କ ଦ୍ୱାରା ଅଭିନୀତ 'ଲାଲ୍ ସିଂ ଚଡ୍ଢା'କୁ ନେଇ ଟୁଇଟରରେ ବଏକଟ୍ ଟ୍ରେଣ୍ଡ ଆରମ୍ଭ ହୋଇଛି।



୫ଲକ୍ଷ ଟଙ୍କାର ଜୀବନ ବୀମା, ମାସିକ ୧ହଜାର ଟଙ୍କା ଭତ୍ତା, ପିଲାଙ୍କୁ ଶିକ୍ଷା ସୁବିଧା ସମେତ ବିଜୁ ପକ୍କାଘର, ଋଣ, ଜମି ଆଦି ୭ ଦଫା ଦାବି ନେଇ ସୋମବାର ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ଚାରା ରୋପଣରେ ଦୁର୍ନୀତି

## ବାଡ଼ ନିର୍ମାଣରେ ଖାଇଗଲେ ୧୫ କୋଟି

### ସିଏଜି ରିପୋର୍ଟ

**ଭୁବନେଶ୍ୱର,୧।୮ (ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ବଡ଼ ଆହ୍ୱାନ ହୋଇଛି। ଜଙ୍ଗଲ ଧ୍ୱଂସ ଏହାର ଏକ ପ୍ରମୁଖ କାରଣ। ବନୀକରଣ ଉପରେ ସବୁସ୍ତରରେ ଜୋର ଦିଆଯାଉଛି। କିନ୍ତୁ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ହେଉଥିବା ଅନିୟମିତତା ରାଜ୍ୟର ବନୀକରଣକୁ ବିପର୍ଯ୍ୟସ୍ତ କରିଛି। ଏଥିପାଇଁ ଚାରା ରୋପଣର ଯୋଜନା ପ୍ରସ୍ତୁତ କରିବାରେ ବିଫଳ, ଉପଯୁକ୍ତ ସ୍ଥାନ ଓ ଜଳ ବାୟୁ ସହ ଖାପଖୁଆଉ ଥିବା ଚାରା ନ ଲଗାଇବା, ସେଗୁଡ଼ିକୁ ଲଗାଇବା ପରେ ଯତ୍ନ ନ ନେବା, ନିୟମକୁ ଉଲ୍ଲଂଘନ କରିବା, ଚାରା ରୋପଣର ରେକର୍ଡ ନ ରଖିବା, ପିସିସିଏଫ୍ ଓ ବନଖଣ୍ଡ ସ୍ତରରେ ତାଳମେଳ ନ ରହିବାକୁ ଦାୟୀ କରାଯାଉଛି। କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଏନେଇ ପ୍ରଶ୍ନ ଉଠାଇଛନ୍ତି। ସୋମବାର ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟ (ସମ୍ପାଦନ ଓ ଅନୁପାଳନ ସମୀକ୍ଷା)- ୨୦୨୦ରୁ ବିଭାଗରେ ଅର୍ଥ ହରିଲୁଟ୍ ଓ ଅନିୟମିତତା ହୋଇଥିବା ସ୍ପଷ୍ଟ ହୋଇଛି।

ସିଏଜି ଦର୍ଶାଇଛନ୍ତି ଯେ ସହରାଞ୍ଚଳ ଚାରା ରୋପଣ, ବାଡ଼ ନିର୍ମାଣ ଓ ରକ୍ଷଣାବେକ୍ଷଣରେ ଅନିୟମିତତା ଯୋଗୁ ସରକାରଙ୍କୁ ୧୪.୮୨ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିଛି। ବନ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ରାସ୍ତାକଡ଼ ବନୀକରଣ ନଷ୍ଟ ହୋଇଥିଲା। ଚାରାରୋପଣ ପାଇଁ ଭୁଲ ସ୍ଥାନ ଚୟନ ଓ ଅନୁପଯୁକ୍ତ ପରିଚାଳନା ଯୋଗୁ ୨୫୧ ସ୍ଥାନରେ ଚାରା ରୋପଣ ସମ୍ପୂର୍ଣ୍ଣ ଫେଲ ମାରିଛି। ରାଉରକେଲା ବନଖଣ୍ଡ ଡିଭିଜନରେ ୨୦୧୫ରୁ ୨୦୧୬ ମଧ୍ୟରେ ପାନପୋଷ, କୁଆଁରମୁଣ୍ଡା, ରାଜଗାଙ୍ଗପୁର ସହରାଞ୍ଚଳ ଚାରାରୋପଣରେ ଜଳ ସିଞ୍ଚନ ପାଇଁ ବିନା ଟେଣ୍ଡରରେ ୬୯.୧୨ ଲକ୍ଷ ଟଙ୍କା ଦିଆଯାଇଥିବା ରିପୋର୍ଟରୁ ଜଣାପଡ଼ିଛି।

ରାଜ୍ୟରେ ସବୁଜ ବଳୟ ସୃଷ୍ଟି କରିବା ପୂର୍ବରୁ ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ରାଜ୍ୟ ସରକାର ନିଜସ୍ୱ ଜଙ୍ଗଲ ନୀତି କରିବା କଥା। ମାତ୍ର ଏହା ନ ହେବା ଯୋଗୁ ରାଜ୍ୟରେ ଜଙ୍ଗଲ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ଯୋଜନା ହୋଇପାରି ନାହିଁ। ଚାରା ରୋପଣ ପରେ ରକ୍ଷଣାବେକ୍ଷଣ ନେଇ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ରିପୋର୍ଟ ରଖିନାହାନ୍ତି। ଏ ଦିଗରେ ଅନ୍ଧାରରେ ରଖାଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ରାଜ୍ୟର ଜଳବାୟୁ ଅନୁସାରେ ଶାଳ ଗଛ ଲଗାଇବା ସ୍ଥାନରେ ଜଙ୍ଗଲ ବିଭାଗ ଶାଗୁଆନ ଗଛ ଲଗାଇଥିଲେ, ଯାହାକି ଜୈବ ବିଭିଧତାକୁ ନଷ୍ଟ କରିଥିଲା। ରାଜ୍ୟରେ ମହାତ୍ମା ଗାନ୍ଧୀ ☞ପୃଷ୍ଠା-୪






## କମର୍ସିଆଲ ଗ୍ୟାସ୍ ମୂଲ୍ୟ ୩୬ ଟଙ୍କା ହ୍ରାସ

**ଭୁବନେଶ୍ୱର,୧।୮:** କ୍ରମାଗତ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଉଛି। ତା'ର ପ୍ରଭାବ ଭାରତୀୟ ବଜାରରେ ମଧ୍ୟ ଦେଖିବାକୁ ମିଳୁଛି। ବିଶେଷକରି ଗତ କିଛି ମାସ ହେବ ଦେଶରେ ତୈଳ ଉତ୍ପାଦଗୁଡ଼ିକର ମୂଲ୍ୟ ପରିବର୍ତ୍ତନ ହେଉଛି। ଏପରିକି କମର୍ସିଆଲ ଗ୍ୟାସ୍ ଏବଂ ବିମାନ ଇନ୍ଧନ ମୂଲ୍ୟ ହ୍ରାସ ପାଇଥିବା ବେଳେ ଘରୋଇ ଗ୍ୟାସ୍ ଏବଂ ପେଟ୍ରୋଲ-ଡିଜେଲର ମୂଲ୍ୟ ସ୍ଥିର ରହିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀର ସୂଚନା ଅନୁଯାୟୀ ଅଗଷ୍ଟ୧ ତାରିଖ ସୋମବାରଠାରୁ କମର୍ସିଆଲ ଗ୍ୟାସ୍ (୧୯ କି.ଗ୍ରା.) ଏଲ୍‌ପିଜି ସିଲିଣ୍ଡର ଉପରେ ୩୬ ଟଙ୍କା ହ୍ରାସ ପାଇଥିବା ବେଳେ ବିମାନ ଇନ୍ଧନର ମୂଲ୍ୟ ମଧ୍ୟ ୧୨% ହ୍ରାସ ଘଟିଛି। ଏହି ଦର ହ୍ରାସ ଯୋଗୁ ନୂଆଦିଲ୍ଲୀରେ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୨୦୧୨.୫୦ ଟଙ୍କା ପରିବର୍ତ୍ତେ ୧,୯୭୬.୫୦ ଟଙ୍କାରେ ବିକ୍ରୟ କରାଯିବ। ସେହିପରି ଦେଶର ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**
ପେନ୍‌ସିଲ୍ ନୁହେଁ ପତାକା

# ଜବଲପୁର ହସ୍ପିଟାଲରେ ନିଆଁ: ୧୦ ମୃତ

**ଜବଲପୁର, ୧।୮**

ମଧ୍ୟପ୍ରଦେଶର ଜବଲପୁର ଜିଲା ଦାମୋହ ନାକା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ସୋମବାର ନିଆଁ ଲାଗି ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩/୪ ଜଣ ହସ୍ପିଟାଲ କର୍ମଚାରୀ ଅଛନ୍ତି। ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଶର୍ଟ ସର୍କିଟ ଯୋଗୁ ଗୋହାଲପୁର ଥାନା ଅଧୀନରେ ଥିବା ଏହି ଡାକ୍ତରଖାନାରେ ଅଗ୍ନିକାଣ୍ଡ ଘଟିଥିଲା ବୋଲି ଜଣାପଡ଼ିଛି। ଘଟଣାରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଏବଂ ଆହତଙ୍କ ଚିକିତ୍ସା ପାଇଁ ୫୦ ହଜାର ଲେଖାଏ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ଅପରାହ୍ନ ପ୍ରାୟ ୨ଟାରେ ନ୍ୟୁ ଲାଇଫ୍ ମଲ୍ଟି-ସ୍ପେଶିଆଲିଟି ହସ୍ପିଟାଲରେ ନିଆଁ ଲାଗିଯାଇଥିଲା। ଏକ ଜେନେରେଟରରୁ ଶର୍ଟ ସର୍କିଟ ହୋଇଥିବା ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ନିଆଁ ପ୍ରଥମେ ଡାକ୍ତରଖାନାରେ ଥିବା ଔଷଧ ଦୋକାନରେ ଲାଗିଯାଇଥିଲା। ପରେ ଅନ୍ୟ ବିଭାଗକୁ ବ୍ୟାପିଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ହିଁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା ବୋଲି ଜବଲପୁର ଏସ୍‌ପି ସିଦ୍ଧାର୍ଥ ବହୁଗୁଣା କହିଛନ୍ତି। ପ୍ରସ୍ଥାନ ପାଇଁ ମାତ୍ର ଗୋଟିଏ ଦ୍ୱାର ଥିବାରୁ ଲୋକଙ୍କୁ ☞ପୃଷ୍ଠା-୪

## ଜଳିଗଲେ ୧୦ କାଉଡ଼ିଆ

### ଡିଜେ ଜେନେରେଟର ତାରରୁ ନିଆଁ ଲାଗିଗଲା

**କୋଲକାତା, ୧।୮**

ପଶ୍ଚିମବଙ୍ଗର କୁଚ୍‌ବିହାରରେ କାଉଡ଼ିଆମାନଙ୍କୁ ନେଇ ଯାଉଥିବା ଏକ ଭ୍ୟାନ୍ ରବିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳିଯାଇଛି। ଏଥିରେ ୧୦ ଜଣ ଜୀବନ୍ତ ଅବସ୍ଥାରେ ଜଳି ଯାଇଥିବାବେଳେ ଅନ୍ୟ ୧୬ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଭ୍ୟାନ୍‌ରେ ଡିଜେ ସିଷ୍ଟମ ସହ ☞ପୃଷ୍ଠା-୪

# ୩ ଦିନ ପୂର୍ବରୁ ସରିଲା ମୌସୁମୀ ଅଧିବେଶନ

**ଭୁବନେଶ୍ୱର,୧।୮ (ବ୍ୟୁରୋ)**

ବିଧାନସଭାର ମୌସୁମୀ ଅଧିବେଶନ ସୋମବାର ଶେଷ ହୋଇଛି। ଏହା ଜୁଲାଇ ୨ରୁ ଆରମ୍ଭ ହୋଇଥିଲା। ଏହା ଅଗଷ୍ଟ ୪ ପର୍ଯ୍ୟନ୍ତ ଚାଲିଥାଆନ୍ତା। ତେବେ ୩ ଦିନ ପୂର୍ବରୁ ଅଧିବେଶନକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରିଛନ୍ତି। ଏହି ଅଧିବେଶନରେ ମୋଟ ୨୧ଟି କାର୍ଯ୍ୟଦିବସ



ଥିଲା। ବିଧାନସଭାରେ ୮ଟି ବିଲ୍‌ରୁ ୭ଟିକୁ ଗୃହର ଅନୁମୋଦନ ମିଳିଥିଲା। ୨୧ଟି ଖର୍ଚ୍ଚଦାବି ଆଲୋଚନା ହୋଇଥିବା ବେଳେ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା। ନବନିର୍ବାଚିତ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ବିଧାନସଭାରେ ସର୍ବସମ୍ମତିକ୍ରମେ ଏକ ସଙ୍କଳ୍ପ ଗୃହୀତ ହୋଇଥିଲା। ଏହି ଅଧିବେଶନରେ ୨୧୫୬ଟି ତାରକାଚିହ୍ନିତ ପ୍ରଶ୍ନ ଗ୍ରହଣ କରାଯାଇଥିବା ବେଳେ ୨୭୯୭ଟି ଅଣତାରକା ପ୍ରଶ୍ନ ଗୃହରେ ଆଲୋଚନା ହୋଇଥିଲା। ସେହିପରି ୧୧ଟି ମୁଲତବୀ ଆଲୋଚନା ହୋଇଥିବା ବେଳେ ୪୩ଟି କମିଟି ରିପୋର୍ଟ, ☞ପୃଷ୍ଠା-୪

# ଦର ବୃଦ୍ଧି ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ୬ ବର୍ଷୀୟ ଶିଶୁ

### ପେନ୍‌ସିଲ ମାଗିଲେ ମା' ମାରୁଛନ୍ତି

- ସାଙ୍ଗମାନେ ଚୋରି କରିନେଉଛନ୍ତି, କ'ଣ କରିବି
- ବାପା କହିଲେ ଝିଅ 'ମନ୍ କୀ ବାତ୍' ଲେଖିଛି

**ନୂଆଦିଲ୍ଲୀ, ୧।୮**

ସମ୍ପ୍ରତି ଦେଶରେ ଜରୁରୀ ସାମଗ୍ରୀର ଦରଦାମ୍ ହୁ ହୁ ହୋଇ ବଢ଼ିଚାଲିଛି। ମୂଲ୍ୟବୃଦ୍ଧି ଯୋଗୁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ପାର୍ଲାମେଣ୍ଟ ଅଧିବେଶନରେ ବିରୋଧୀ ଏହା ଉପରେ ଆଲୋଚନା ଦାବି କରି ହଟ୍ଟଗୋଳ ଜାରି ରଖିଛନ୍ତି। ପରିବାର ଚଳାଇବା ସାଧାରଣ ଲୋକଟିଏ ପାଇଁ କଷ୍ଟକର ହୋଇପଡ଼ିଥିବାବେଳେ ଏହା କିପରି ଛୋଟ ପିଲାଙ୍କୁ ପ୍ରଭାବିତ କରିଛି ତାହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି। ପେନ୍‌ସିଲ, ରବର ଭଳି ପାଠପଢ଼ା ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀ ଅତିଷ୍ଠ ହୋଇପଡ଼ିବା ଏବଂ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ସମାଧାନ ଖୋଜିଦେବାକୁ ନିବେଦନ କରିବା ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି।

ଉତ୍ତର ପ୍ରଦେଶର କନୌଜ ଜିଲା ଛିବ୍ରାମାଉ ସହରରେ ରହୁଥିବା ଜଣେ ୬ ବର୍ଷୀୟ ଶିଶୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି




ଲେଖିଛନ୍ତି। ପ୍ରଥମ ଶ୍ରେଣୀ ଛାତ୍ରୀ କୀର୍ତ୍ତି ଦୁବେ ଏହି ଚିଠିରେ ଦରଦାମ ବୃଦ୍ଧି ଯୋଗୁ ସେ କିପରି ଅସୁବିଧାରେ ପଡ଼ିଛନ୍ତି ତାହା ଉଲ୍ଲେଖ କରିଛନ୍ତି। ପେନ୍‌ସିଲ, ରବର, ମ୍ୟାଗି ଦାମ ବଢ଼ିଯାଇଥିବା କହି ପ୍ରଧାନମନ୍ତ୍ରୀଙ୍କୁ ସେ ଅଭିଯୋଗ କରିଛନ୍ତି। ହିନ୍ଦୀରେ ଲେଖାଯାଇଥିବା ଚିଠିଟି ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି।

ଚିଠିରେ କୀର୍ତ୍ତି ଲେଖିଛନ୍ତି, 'ପ୍ରଧାନମନ୍ତ୍ରୀ ଜୀ, ମୋ ନାଁ କୀର୍ତ୍ତି ଦୁବେ। ମୁଁ ପ୍ରଥମ ଶ୍ରେଣୀରେ ପଢ଼େ। ତୁମେ ଦରଦାମ୍ ବଢ଼ାଇ ଦେଇଛ। ଏପରି କି ମୋ ପେନ୍‌ସିଲ, ରବର ସହ ମ୍ୟାଗି ଦାମ୍ ବି ବଢ଼ିଯାଇଛି। ଏକ ପେନ୍‌ସିଲ ମାଗିଲେ ମା' ମାଡ଼ ମାରୁଛନ୍ତି। ଏବେ ମୁଁ କ'ଣ କରିବି? ଅନ୍ୟ ପିଲାମାନେ ମୋ ପେନ୍‌ସିଲ ଚୋରି କରିନେଉଛନ୍ତି।' ଏହା ଉପରେ କୀର୍ତ୍ତିଙ୍କ ବାପା ବିଶାଳ ଦୁବେ ପ୍ରତିକ୍ରିୟା ରଖିଛନ୍ତି। ଆଇନଜୀବୀ ବିଶାଳ ଦୁବେ କହିଛନ୍ତି, ଏ ହେଉଛି ମୋ ଝିଅର 'ମନ୍ କୀ ବାତ୍'। ସେ ସ୍କୁଲରେ ପେନ୍‌ସିଲ ହଜାଇ ଦେବା ପରେ ତାଙ୍କ ମା' ଗାଳି କରୁଛନ୍ତି। ଏଥିରେ ବ୍ୟସ୍ତ ହୋଇ ଝିଅ ଏହି ଚିଠି ଲେଖିଛି। ଛିବ୍ରାମାଉ ଏସ୍‌ଡିଏମ୍ ଅଶୋକ କୁମାର କହିଛନ୍ତି, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଚିଠିକୁ ପହଞ୍ଚାଇବାକୁ ସେ ସବୁପ୍ରକାର ଉଦ୍ୟମ କରିବେ।





ବଲିଉଡ ସୁପରଷ୍ଟାର ସଲ୍‌ମାନ ଖାନ୍‌ଙ୍କୁ ବନ୍ଧୁକ ଲାଇସେନ୍ସ ମିଳିଛି। ହତ୍ୟା ଧମକ ମିଳିବା ପରେ ଆତ୍ମରକ୍ଷା ଲାଗି ସେ ବନ୍ଧୁକ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ତାଙ୍କୁ ହତ୍ୟା ଧମକ ଦେଇଥିଲା। ଏହା ପରେ ସଲମାନ ମୁମ୍ବାଇ ପୋଲିସ କମିଶନର ବିବେକ ଫନ୍‌ସଲକାରଙ୍କୁ ଭେଟିଥିଲେ। ସୂଚନାଯୋଗ୍ୟ, ଗତ ମେ' ୨୯ରେ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା କରାଯିବା ପରେ ଜୁନ୍ ୫ରେ ସଲମାନ ଓ ତାଙ୍କ ବାପା ସଲିମ୍ ଖାନ୍‌ଙ୍କ ନିକଟକୁ ହତ୍ୟା ଧମକ ଚିଠି ଆସିଥିଲା।

## ସଂକ୍ଷେପରେ

### କ୍ଷମା ମାଗିଲେ ମହାରାଷ୍ଟ୍ର ରାଜ୍ୟପାଳ

**ମୁମ୍ବାଇ,୧।୮:** ଗୁଜରାଟୀ ଓ ରାଜସ୍ଥାନୀ ଚାଲିଗଲେ ମୁମ୍ବାଇ ଆର୍ଥିକ ରାଜଧାନୀର ମାନ୍ୟତା ହରାଇବ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଥିବା ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶ୍ୟାରି ସୋମବାର କ୍ଷମା ମାଗିଛନ୍ତି। ମୁମ୍ବାଇର ବିକାଶ ପାଇଁ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଅବଦାନକୁ ପ୍ରଶଂସା କରିବା ତାଙ୍କର ଭୁଲ୍ ଥିଲା ବୋଲି ସେ କହିଛନ୍ତି। କେବଳ ମହାରାଷ୍ଟ୍ର ନୁହେଁ ଦେଶର ବିକାଶରେ ସମସ୍ତଙ୍କର ସ୍ୱତନ୍ତ୍ର ଅବଦାନ ରହିଛି। ସୂଚନା ଯୋଗ୍ୟ ଜୁଲାଇ ୨୯ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କୋଶ୍ୟାରି ମହାରାଷ୍ଟ୍ର ବିଶେଷ କରି ମୁମ୍ବାଇର ବିକାଶରେ ଗୁଜରାଟୀ ଓ ରାଜସ୍ଥାନୀଙ୍କ ଅବଦାନର ପ୍ରଶଂସା କରିବା ସହ ସେମାନେ ଚାଲିଗଲେ ମୁମ୍ବାଇ ଆର୍ଥିକ ରାଜଧାନୀ ମାନ୍ୟତା ହରାଇବ କହିଥିଲେ। ଶିବସେନା ଓ ଅନ୍ୟ ଦଳଗୁଡ଼ିକ ତାଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ମରାଠୀଙ୍କୁ କ୍ଷମା ମାଗିବା ପାଇଁ ଦାବି କରିଥିଲେ।

### ମଙ୍କିପକ୍ସ ସ୍ଥିତି ଅନୁଧ୍ୟାନ ଲାଗି ଟାସ୍କଫୋର୍ସ

**ନୂଆଦିଲ୍ଲୀ,୧।୮:** ଭାରତରେ ପ୍ରଥମ ମଙ୍କିପକ୍ସ ରୋଗୀଙ୍କ ମୃତ୍ୟୁ ପରେ ସରକାର ଅଧିକ ସଜାଗ ହୋଇଛନ୍ତି। ଦେଶରେ ମଙ୍କିପକ୍ସ ସଂକ୍ରମଣ ସ୍ଥିତି ଉପରେ କଡ଼ା ନଜର ରଖିବା ଲାଗି ଟାସ୍କଫୋର୍ସ ଗଠନ କରାଯାଇଛି। ସଂକ୍ରମଣ ରୋକିବା ଲାଗି କ'ଣ ପଦକ୍ଷେପ ନିଆଯିବ, ସେ ସମ୍ପର୍କରେ ଟାସ୍କଫୋର୍ସ ନିଷ୍ପତ୍ତି ନେବ। ଦେଶରେ ନିଦାନ ସୁବିଧା ବଢ଼ାଇବା, ମଙ୍କିପକ୍ସ ପାଇଁ ଟିକା ପ୍ରସ୍ତୁତି ଆଦି ସମ୍ପର୍କରେ ଟାସ୍କଫୋର୍ସ ସରକାରଙ୍କୁ ଗାଇଡ୍‌ଲାଇନ ଦେବ। ଗତ ସପ୍ତାହରେ କେରଳରେ ମଙ୍କିପକ୍ସ ଲକ୍ଷଣ ଥିବା ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିଲା। ସେ ମଙ୍କିପକ୍ସ ସଂକ୍ରମିତ ଥିଲେ ବୋଲି ସୋମବାର ସ୍ପଷ୍ଟ ହୋଇଛି। ଟାସ୍କଫୋର୍ସ ଗଠନ ଲାଗି ଗତ ୨୬ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଅଧକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ ଟାସ୍କଫୋର୍ସର ଅଧକ୍ଷ ରହିବେ। ମଙ୍କିପକ୍ସ ସଂକ୍ରମଣ ସମ୍ପର୍କରେ ଠିକ୍ ସମୟରେ ରିପୋର୍ଟ କରିବା, ରୋଗ ଚିହ୍ନଟ ଓ ପରିଚାଳନା ଦିଗରେ ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂଗଠନ ଏବଂ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ କାର୍ଯ୍ୟ କରିବାକୁ କୁହାଯାଇଛି।

### ତଦନ୍ତରେ ସହଯୋଗ କରୁନାହାନ୍ତି ପାର୍ଥ: ଇଡି

**କୋଲକାତା,୧।୮:** ପଶ୍ଚିମବଙ୍ଗରେ ବହୁ କୋଟି ଟଙ୍କାର ସ୍କୁଲ୍ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ତଦନ୍ତରେ ସହଯୋଗ କରୁ ନ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କହିଛି। ବୁଧବାର ସ୍ୱତନ୍ତ୍ର ଅଦାଲତରେ ତାଙ୍କୁ ହାଜର କଲା ବେଳେ ଇଡି ଏ ସମ୍ପର୍କରେ ବିଚାରପତିଙ୍କୁ ଜଣାଇବା ସହ ହାଜତ ମିଆଦ ବଢ଼ାଇବା ପାଇଁ ଆବେଦନ କରିବ ବୋଲି ଜଣାପଡ଼ିଛି। ପାର୍ଥଙ୍କୁ ଜେରା ସମୟର ଭିଡିଓ ରେକର୍ଡିଂ କରାଯିବା ସହ ଅନ୍ୟ ସମୟରେ ତାଙ୍କ ଆଚରଣକୁ ମଧ ରେକର୍ଡ କରାଯାଇଛି। ସେ ଔଷଧ ଏବଂ ଡାଏଟ୍ ଚାର୍ଟ ଅନୁଯାୟୀ ଖାଦ୍ୟ ଖାଉ ନାହାନ୍ତି। ଉକ୍ତ ଭିଡିଓକୁ କୋର୍ଟରେ ଉପସ୍ଥାପନ କରାଯିବ ବୋଲି ଇଡିର ଜଣେ ଅଧିକାରୀ କହିଛନ୍ତି। ଅନ୍ୟ ପକ୍ଷରେ ପାର୍ଥଙ୍କ ଘନିଷ୍ଠ ସହଯୋଗୀ ଅର୍ପିତା ମୁଖାର୍ଜୀ ତଦନ୍ତରେ ସହାୟତା କରୁଥିବା ସେ କହିଛନ୍ତି। ଇଡି ଚଢ଼ାଉ ବେଳେ ଅର୍ପିତାଙ୍କ ଘରୁ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା, ୫ କୋଟି ଟଙ୍କାର ସୁନା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା।

# ଲୋକ ସଭାରେ ଦରବୃଦ୍ଧି ତାତି

**ନୂଆଦିଲ୍ଲୀ,୧।୮**



- ମାନ୍ଦାବସ୍ଥା ଆସିବା ପ୍ରଶ୍ନ ଉଠୁନି: ଅର୍ଥମନ୍ତ୍ରୀ
- ପ୍ରତିବାଦରେ କଂଗ୍ରେସର କକ୍ଷତ୍ୟାଗ
- ଦର ନିୟନ୍ତ୍ରଣ ଲାଗି ସରକାରଙ୍କ ହସ୍ତକ୍ଷେପ ଦାବି କଲା ବିଜେଡି

ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ନେଇ ଲୋକ ସଭାରେ ସୋମବାର ଆଲୋଚନା ବେଳେ ପ୍ରବଳ ହଙ୍ଗାମା ହୋଇଛି। ବିତର୍କର ଜବାବରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଦେଶରେ ଆର୍ଥିକ ସ୍ଥିତିର ଏକ ହିସାବ ରଖିବା ସହ ମାନ୍ଦାବସ୍ଥା ଆସିବାର ପ୍ରଶ୍ନ ଉଠୁନାହିଁ ବୋଲି କହିଥିଲେ। କେତେକ ଖବରକାଗଜରେ ପ୍ରକାଶ ପାଇଥିବା ମାନ୍ଦାବସ୍ଥା ସମ୍ପର୍କିତ ରିପୋର୍ଟକୁ ସେ ଖଣ୍ଡନ କରିଥିଲେ। ବ୍ଲୁମ୍‌ବର୍ଗ ସର୍ଭେ ଅନୁଯାୟୀ ଦେଶରେ ମାନ୍ଦାବସ୍ଥା ଆସିବା ସମ୍ଭାବନା ନାହିଁ। ଅନେକ ଦେଶଠାରୁ ଭାରତର ଅର୍ଥନୀତି ଭଲ ରହିଛି ଏବଂ ଏହା ଦ୍ରୁତ ଅଭିବୃଦ୍ଧି କରୁଛି ବୋଲି ସୀତାରାମନ କହିଥିଲେ। ତେବେ ମନ୍ତ୍ରୀଙ୍କ ଉତ୍ତର ସନ୍ତୋଷଜନକ ନୁହେଁ ଦର୍ଶାଇ ଆଲୋଚନା ଅଧାରୁ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବଢ଼ିଚାଲିଥିବାବେଳେ ଏହା ଉପରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ମୌସୁମୀ ଅଧିବେଶନ ଆରମ୍ଭରୁ ଜୋର୍‌ଦାର ଦାବି କରିଆସୁଥିଲେ। ଏହାକୁ ନେଇ ୧୦ଦିନ ଧରି ଗୃହରେ ହଙ୍ଗାମା ଓ ଅଚଳାବସ୍ଥା ଲାଗି ରହିଥିବାବେଳେ ସୋମବାର ଏହା ଉପରେ ଆଲୋଚନା ପାଇଁ ସରକାର ରାଜି ହୋଇଥିଲେ। ଅର୍ଥମନ୍ତ୍ରୀ କହିଛନ୍ତି, କୋଭିଡ୍ ମହାମାରୀ ଓ ଏହାର ଦ୍ୱିତୀୟ ଲହର, ଓମିକ୍ରନ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସତ୍ତ୍ୱେ ମୁଦ୍ରାସ୍ଫୀତି ୭ ପ୍ରତିଶତରୁ କମ୍ ରହିଛି, ଯାହାକୁ ସ୍ୱୀକାର କରିବାକୁ ପଡ଼ିବ। ୨୦୦୪ରୁ ୨୦୧୪ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ ମୁଦ୍ରାସ୍ଫୀତି ଦୁଇଅଙ୍କରେ ପହଞ୍ଚିଥିଲା। କ୍ରମାଗତ ୨୨ ମାସ ଧରି ମୁଦ୍ରାସ୍ଫୀତି ୯ ପ୍ରତିଶତରୁ ଅଧିକ ରହିଥିଲା।

ଦରବୃଦ୍ଧି ଆଲୋଚନାରେ ବିଭିନ୍ନ ଦଳର ପ୍ରାୟ ୩୦ ଜଣ ଏମ୍‌ପି ଭାଗ ନେଇଥିଲେ। ବିଜେଡି, ୱାଇଏସ୍‌ଆର୍ କଂଗ୍ରେସ ଭଳି ସମଭାବାପନ୍ନ ଦଳଗୁଡ଼ିକ ମୁଦ୍ରାସ୍ଫୀତି ରୋକିବାରେ ସରକାରଙ୍କ ହସ୍ତକ୍ଷେପ ଲାଗି ଦାବି କରିଥିଲେ। କଂଗ୍ରେସ ଏମ୍‌ପି ମନୀଷ ତିୱାରୀ ଆଲୋଚନା ଆରମ୍ଭ କରି ବିମୁଦ୍ରୀକରଣ, ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ନୀତି ଓ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଆର୍ଥିକ ପରିଚାଳନାରେ ବିଫଳତା ଯୋଗୁ ଦରଦାମ୍ ବଢ଼ୁଥିବା ସେ କହିଥିଲେ। ଜିଏସ୍‌ଟି ବଢ଼ାଇ ସରକାର ତାଙ୍କ ବଜେଟକୁ ବଢ଼ାଇ ଚାଲିଥିବାବେଳେ ଜନସାଧାରଣଙ୍କ ବଜେଟ ବିପର୍ଯ୍ୟସ୍ତ ହେବାରେ ଲାଗିଛି ବୋଲି ତିୱାରୀ କହିଥିଲେ। ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ପିନାକୀ ମିଶ୍ର କହିଥିଲେ, ବିମୁଦ୍ରୀକରଣ ପରେ ଦେଶରେ ନଗଦ ଅର୍ଥ ପରିମାଣ ଦୁଇଗୁଣ ହୋଇଛି। ସରକାର ତାଙ୍କ ଆର୍ଥିକ ନୀତିର ଆତ୍ମସମୀକ୍ଷା କରିବା ଆବଶ୍ୟକ ବୋଲି ସେ କହିଥିଲେ। କଂଗ୍ରେସ ସରକାର ସମୟରେ କିଣାଯାଇଥିବା ଇନ୍ଧନ ବଣ୍ଡ ପାଇଁ ତେଲ ଦର ବଢ଼ୁଛି ବୋଲି କେନ୍ଦ୍ର କହିଥିବାବେଳେ ପିନାକୀ ଏହାକୁ ଖଣ୍ଡନ କରି ସରକାର ତେଲରୁ ୨୭.୨୭ ଲକ୍ଷ କୋଟି ଟଙ୍କା ଟିକସ ସଂଗ୍ରହ କରୁଥିବା କହିଥିଲେ।

## ଗଣବିଧ୍ୱଂସୀ ଅସ୍ତ୍ର ପାଇଁ ପାଣ୍ଠି ଯୋଗାଣ ନିଷେଧ ହେବ

### ପାର୍ଲାମେଣ୍ଟରେ ବିଲ୍ ଗୃହୀତ

**ନୂଆଦିଲ୍ଲୀ,୧।୮(ପି.ଟି.)**

ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ନିର୍ମାଣରେ ପୁଞ୍ଜିନିବେଶ ବନ୍ଦ କରିବା ଲାଗି ସୋମବାର ପାର୍ଲାମେଣ୍ଟରେ ବିଲ୍ ଗୃହୀତ ହୋଇଛି। ଏଭଳି କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କ ଆର୍ଥିକ ସମ୍ପତ୍ତି ଏବଂ ଆର୍ଥିକ ଉତ୍ସକୁ ଜବତ କରିବା କିମ୍ବା ବାଜ୍ୟାପ୍ତ କରିବା ଲାଗି ବିଲ୍‌ରେ କେନ୍ଦ୍ର ସରକାରଙ୍କୁ କ୍ଷମତା ଦିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗଣବିଧ୍ୱଂସୀ ଅସ୍ତ୍ର ଓ ସେଗୁଡ଼ିକର ଯୋଗାଣ ବ୍ୟବସ୍ଥା (ବେଆଇନ କାର୍ଯ୍ୟକଳାପ ନିରୋଧୀ) ସଂଶୋଧନ ବିଲ୍, ୨୦୨୨ ଉପସ୍ଥାପନ କରିଥିଲେ। ଆତଙ୍କବାଦ ଭଳି ଗଣବିଧ୍ୱଂସୀ ଅସ୍ତ୍ର ଦେଶ ପାଇଁ ବଡ଼ ବିପଦ ଏହା ସବୁ ସଦସ୍ୟ ସ୍ୱୀକାର କରୁଥିବା ଜୟଶଙ୍କର କହିଥିଲେ। ବର୍ତ୍ତମାନର ଆଇନରେ ଅସ୍ତ୍ର ବ୍ୟବସାୟ ଉପରେ କଟକଣା ଥିବାବେଳେ ଏହାର ନିର୍ମାଣରେ ପୁଞ୍ଜିନିବେଶ ଲାଗି କୌଣସି କଟକଣା ନାହିଁ। ତେଣୁ ଏଥିପାଇଁ ଆଇନର ଆବଶ୍ୟକତା ରହିଛି। ମନିଲଣ୍ଡରିଂ ମାମଲାରେ ଶିବସେନା ଏମ୍‌ପି ସଞ୍ଜୟ ରାଉତ ଗିରଫ ହେବା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକର ହୋହଲ୍ଲା ମଧ୍ୟରେ ରାଜ୍ୟ ସଭାରେ ବିଲ୍ ବାଚନିକ ମତରେ ଗୃହୀତ ହୋଇଥିଲା। ଗତ ଏପ୍ରିଲରେ ଉକ୍ତ ବିଲ୍ ଲୋକ ସଭାର ଅନୁମୋଦନ ଲାଭ କରିଥିଲା।

## ବାଇଗଣ କାମୁଡ଼ିଲେ ଏମ୍‌ପି



ଦରଦାମ୍ ବୃଦ୍ଧିକୁ ବିରୋଧ କରି ଟିଏମ୍‌ସି ଏମ୍‌ପି କାକୋଳି ଘୋଷ ଦସ୍ତିଦାର ସୋମବାର ଲୋକସଭାରେ ବକ୍ତବ୍ୟ ରଖୁଥିବାବେଳେ ସେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ବିରୋଧ କରି କଞ୍ଚା ବାଇଗଣ ଚୋବାଇଥିଲେ। ଏମ୍‌ପି କାକୋଳି କହିଥିଲେ, ଗ୍ୟାସ୍ ସିଲିଣ୍ଡର ଦର ଏତେ ମହଙ୍ଗା ହୋଇଛି ଯେ ସାଧାରଣ ଲୋକ ରୋଷେଇ କରି ଖାଇବା ଅବସ୍ଥାରେ ନାହାନ୍ତି। ସିଲିଣ୍ଡର ପିଛା ମୂଲ୍ୟ ୬୦୦ ଟଙ୍କାରୁ ବଢ଼ି ଏବେ ୧,୧୦୦ ଟଙ୍କାରେ ପହଞ୍ଚିଲାଣି। ତେଣୁ ପନିପରିବାକୁ କଞ୍ଚା ଖାଇବାକୁ ପଡୁଛି। ଏହା କହି ସେ ହାତରେ ଧରିଥିବା ଏକ କଞ୍ଚା ବାଇଗଣକୁ କାମୁଡ଼ିଥିଲେ। ଜଣେ ଗରିବ ଏବଂ ଶ୍ରମିକ କିପରି ଏତେ ମହଙ୍ଗାରେ ସିଲିଣ୍ଡର କିଣିପାରିବ ବୋଲି ସେ ପ୍ରଶ୍ନ କରିଥିଲେ। ସରକାର ସେମାନଙ୍କୁ କଞ୍ଚା ପରିବା ଖାଇବା ପାଇଁ ବାଧ କରୁଛନ୍ତ ବୋଲି ସେ କହିଥିଲେ।



ରାଷ୍ଟ୍ରପତି ଭବନରେ ସିଜେଆଇ ଜଷ୍ଟିସ୍ ଏନ୍.ଭି. ରମନା ଓ ତାଙ୍କ ସ୍ତ୍ରୀ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟୁଛନ୍ତି।

## ପଶ୍ଚିମବଙ୍ଗରେ ୭ ନୂଆ ଜିଲା ହେବ

**କୋଲକାତା,୧।୮**

ପଶ୍ଚିମବଙ୍ଗରେ ୭ ନୂତନ ଜିଲା ଗଠନ ହେବାକୁ ଯାଉଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଘୋଷଣା କରିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଜିଲା ସଂଖ୍ୟା ୩୦ରେ ପହଞ୍ଚିବ। ବୁଧବାର ତାଙ୍କ କ୍ୟାବିନେଟର ସମ୍ପ୍ରସାରଣ ହେବାକୁ ଥିବା ମମତା ସୂଚନା ଦେଇଛନ୍ତି। ୪ରୁ ୫ ଜଣ ନୂଆ ମନ୍ତ୍ରୀ କ୍ୟାବିନେଟରେ ସାମିଲ ହୋଇପାରନ୍ତି। ବିଭିନ୍ନ ବିଭାଗରେ ମନ୍ତ୍ରୀ ନାହାନ୍ତି। ଏକୁଟିଆ ସେସବୁ ବିଭାଗର ଦାୟିତ୍ୱ ବୁଝିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ପଞ୍ଚାୟତିରାଜ, ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ, ଖାଉଟି ବ୍ୟାପାର ଓ ସ୍ୱୟଂସହାୟକ ଗୋଷ୍ଠୀ ବିଭାଗ ଏବେ ମମତାଙ୍କ ଅଧୀନରେ ରହିଛି। ଦୁର୍ନୀତି ମାମଲାରେ ପାର୍ଥ ଚାଟାର୍ଜୀ ମନ୍ତ୍ରିମଣ୍ଡଳରୁ ବିଦା ହେବା ପରେ ତାଙ୍କ ଅଧୀନରେ ଥିବା ଶିଳ୍ପ, ସଂସଦୀୟ ବ୍ୟାପାର ଆଦି ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତକୁ ଆସିଛି।

## ଏନ୍‌ଟିଆର୍‌ଙ୍କ ଝିଅଙ୍କ ଆତ୍ମହତ୍ୟା

### ଘରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିଲା

### ମାନସିକ ଚାପରେ ଥିଲେ

**ହାଇଦ୍ରାବାଦ,୧।୮**

ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍‌ଟିଆର୍‌ଙ୍କ ଝିଅ କେ. ଉମା ମାହେଶ୍ୱରୀ ସୋମବାର ଆତ୍ମହତ୍ୟା କରିଛନ୍ତି। ହାଇଦ୍ରାବାଦ ସ୍ଥିତ ତାଙ୍କ ବାସଭବନରେ ସିଲିଂ ଫ୍ୟାନ୍‌ରେ ଲାଗିଥିବା ଏକ ରଶିରେ ଉମାଙ୍କ ମୃତଦେହ ଝୁଲୁଥିବାର ତାଙ୍କ ଝିଅ ପ୍ରଥମେ ଦେଖିଥିଲେ। ଏହାପରେ ସେ ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ପ୍ରକାଶିତ ଖବର ଅନୁସାରେ କିଛିଦିନ ହେବ ଉମାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିଲା। ଅସୁସ୍ଥତା କାରଣରୁ ତାଙ୍କର ଚିକିତ୍ସା ଜାରିଥିଲେ ହେଁ ସେ ମାନସିକ ଚାପରେ ରହୁଥିବା କୁହାଯାଉଛି। ସ୍ଥାନୀୟ ପୋଲିସ ଷ୍ଟେଶନ୍‌ରେ ଏ ନେଇ ଏଫ୍‌ଆଇଆର୍ ହୋଇଛି। ଅଟୋପ୍ସି ପାଇଁ ଉମାଙ୍କ ମୃତଦେହ ଜୁବିଲି ହିଲ୍ସ ସ୍ଥିତ ଓସମାନିଆ ହସ୍ପିଟାଲ ନିଆଯାଇଛି।

ତେଲୁଗୁ ଦେଶମ ପାର୍ଟି (ଟିଡିପି)ର ସଂସ୍ଥାପକ ଏନ୍‌ଟି ରାମା ରାଓଙ୍କ ୪ ଝିଅଙ୍କ ଭିତରୁ ଉମା ସବୁଠାରୁ ସାନ ଥିଲେ। ତେବେ ଉମାଙ୍କ ମୃତ୍ୟୁ ଖବର ମିଳିବା ପରେ ଭାଜପା ନେତା ଦଗ୍ଗୁବତି ପୁରନ୍ଦେଶ୍ୱରୀ, ଟିଡିପି ସଭାପତି ଏନ୍.ଚନ୍ଦ୍ରବାବୁ ନାଇଡୁ, ପୁଅ ନାରା ଲୋକେଶ ଏବଂ ପରିବାରର ଅନ୍ୟ ସଦସ୍ୟ ଉମାଙ୍କ ଶେଷ ଦର୍ଶନ ପାଇଁ ତାଙ୍କ ଘରେ ପହଞ୍ଚିଛନ୍ତି।



## ସିଙ୍ଗାପୁରରେ ନାନ୍ସି ପେଲୋସି

### ଆଜି କରିପାରନ୍ତି ତାଇୱାନ ଗସ୍ତ

**କୁଆଲାଲମ୍ପୁର,୧।୮**

ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ଏସିଆ ଗସ୍ତ ଆରମ୍ଭ ହୋଇଛି। ସୋମବାର ସେ ଏକ ପ୍ରତିନିଧି ମଣ୍ଡଳୀ ସହ ସିଙ୍ଗାପୁରରେ ପହଞ୍ଚିଛନ୍ତି। ତାଙ୍କ ଗସ୍ତର ବିବରଣୀ ରିପୋର୍ଟ କରିବାକୁ କୌଣସି ଗଣମାଧ୍ୟମକୁ ଅନୁମତି ମିଳିନାହିଁ। ନାନ୍ସି ସିଙ୍ଗାପୁର ରାଷ୍ଟ୍ରପତି ହାଲିମାହ ୟାକୋବ, ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୋଙ୍ଗ୍ ଏବଂ କ୍ୟାବିନେଟ ମନ୍ତ୍ରୀଙ୍କୁ ଭେଟିଛନ୍ତି। ସିଙ୍ଗାପୁରରେ ଥିବା ଆମେରିକାନ୍ ଚାମ୍ବର ଅଫ୍ କର୍ମସରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ତାଇୱାନ୍ ଗସ୍ତକୁ ନେଇ ସସ୍‌ପେନ୍ସ ଜାରିରହିଛି। ବିଧିବଦ୍ଧ ଭାବେ ଏ ନେଇ କୌଣସି ଘୋଷଣା ହୋଇ ନ ଥିଲେ ହେଁ ମଙ୍ଗଳବାର ରାତିରେ ନାନ୍ସି ତାଇୱାନରେ ପହଞ୍ଚିପାରନ୍ତି ବୋଲି କୁହାଯାଉଛି। ପୂର୍ବରୁ ନାନ୍ସିଙ୍କ ତାଇୱାନ ଗସ୍ତକୁ ବିରୋଧ କରି ସାମରିକ କାର୍ଯ୍ୟାନୁଷ୍ଠାନ ଧମକ ଦେଇଥିବା ଚାଇନା ଏହା ଉପରେ କଡ଼ା ନଜର ରଖିଛି।



ନାନ୍ସି ପେଲୋସି ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୋଙ୍ଗ୍‌ଙ୍କୁ ଭେଟୁଛନ୍ତି।

## ୪ ଯାଏ ଇଡି ହାଜତକୁ ଗଲେ ସଞ୍ଜୟ ରାଉତ

**ମୁମ୍ବାଇ,୧।୮**

ଜମି ଦୁର୍ନୀତି ମାମଲାରେ ଗିରଫ ଶିବସେନା ଏମ୍‌ପି ସଞ୍ଜୟ ରାଉତଙ୍କୁ ରବିବାର ୪ ଦିନିଆ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇ ଦିଆଯାଇଛି। ଇଡି ୮ ଦିନ ହେପାଜତକୁ ନେବାକୁ ଚାହୁଁଥିବାବେଳେ ସ୍ୱତନ୍ତ୍ର ଅଦାଲତ ୪ ଦିନ ମଞ୍ଜୁର କରିଥିଲେ। ଇଡି ହାଜତରେ ତାଙ୍କୁ ଘରରନ୍ଧା ଖାଦ୍ୟ ଏବଂ ଔଷଧ ମିଳିବ। ସେ ଅସୁସ୍ଥ ଥିବାରୁ ଆବଶ୍ୟକ ଚିକିତ୍ସା କରାଯିବା ସହ ଜେରା ସମୟରେ ଏଥିପ୍ରତି ଯତ୍ନ ନେବାକୁ ଅଦାଲତ କହିଛନ୍ତି। ଇଡି ସଞ୍ଜୟଙ୍କୁ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ) କୋର୍ଟ ଜଜ୍ ଏମ୍.ଜି. ଦେଶପାଣ୍ଡେଙ୍କ ନିକଟରେ ହାଜର କରି ୮ ଦିନ ହେପାଜତକୁ



ନେବାଲାଗି ଆବେଦନ କରିଥିଲା। ଜମି ଦୁର୍ନୀତି ମାମଲାରେ ସଞ୍ଜୟ ଓ ତାଙ୍କ ପରିବାର ପ୍ରତ୍ୟକ୍ଷ ଲାଭ ଉଠାଇଥିବା ଇଡି ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହିତେନ ଭେନେଗାଓଁକର କହିଥିଲେ। ଦୁର୍ନୀତି ମାମଲାରେ ତାଙ୍କୁ ୪ ଥର ସମନ ହୋଇଥିଲେ ହେଁ ସେ ଗୋଟିଏ ଥର ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ ଏବଂ ସେହି ସମୟ ମଧ୍ୟରେ ସେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ସଞ୍ଜୟ ଜଣେ ହୃଦ୍‌ରୋଗୀ ହୋଇଥିବାରୁ ତାଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜେରା କରାଯିବା ଉଚିତ ନୁହେଁ ବୋଲି ତାଙ୍କ ଓକିଲ ଅଶୋକ ମୁଣ୍ଡାର୍ଗି କୋର୍ଟଙ୍କୁ ଜଣାଇଥିଲେ।

ଉତ୍ତର ମୁମ୍ବାଇର ଗୋରେଗାଓଁ ଅଞ୍ଚଳରେ ଅବସ୍ଥିତ 'ପାତ୍ର ଚଲ୍'ର ପୁନଃ ବିକାଶରେ ଆର୍ଥିକ ଅନିୟମିତତା ଏବଂ ସଞ୍ଜୟଙ୍କ ସ୍ତ୍ରୀ ଓ ଅନ୍ୟ ସହଯୋଗୀଙ୍କ ମଧ୍ୟରେ ଆର୍ଥିକ ସମ୍ପତ୍ତି କାରବାର ଅଭିଯୋଗରେ ରବିବାର ରାତିରେ ଇଡି ଶିବସେନା ଏମ୍‌ପିଙ୍କୁ ଗିରଫ କରିଥିଲା। ତାଙ୍କ ରାଜନୈତିକ କ୍ୟାରିୟର ଶେଷ କରିଦେବା ଲାଗି ଏହା ଏକ ଚକ୍ରାନ୍ତ ବୋଲି କୋର୍ଟରୁମ୍‌କୁ ଯିବା ପୂର୍ବରୁ ସଞ୍ଜୟ ଗଣମାଧ୍ୟମକୁ କହିଥିଲେ।

### ସେନାକୁ ଧ୍ୱଂସ ଲାଗି ଷଡ଼ଯନ୍ତ୍ର: ଉଦ୍ଧବ

ମନିଲଣ୍ଡରିଂ ମାମଲାରେ ଏମ୍‌ପି ସଞ୍ଜୟ ରାଉତଙ୍କୁ ଗିରଫ କରି ଶିବସେନାକୁ ଧ୍ୱଂସ କରିଦେବାର ଚକ୍ରାନ୍ତ ହେଉଥିବା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି। ଏବେ ପ୍ରତିଶୋଧ ରାଜନୀତି ମାନସିକତା ଚାଲିଛି ବୋଲି ଶିବସେନା ନେତା କହିଛନ୍ତି। ୧.୦୩୪ କୋଟି ଟଙ୍କାର ପାତ୍ର ଚଲ୍ ଦୁର୍ନୀତି ମାମଲାରେ ସଞ୍ଜୟ ରାଉତଙ୍କୁ ଗିରଫ କରାଯାଇଛି। ସୋମବାର ଉଦ୍ଧବ ତାଙ୍କ ପରିବାରକୁ ଭେଟିବା ପରେ ଗଣମାଧ୍ୟମକୁ କହିଛନ୍ତି, କଂଗ୍ରେସର ୬୦ରୁ ୬୫ ବର୍ଷର ଶାସନରେ ଏଭଳି ହେଉ ନ ଥିଲା। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ରଖାଇ ଦିଆଗଲା ନାହିଁ। ଭାଜପା ସମସ୍ତ ଆଞ୍ଚଳିକ ଶକ୍ତିକୁ ମୂଳପୋଛ କରିଦେବାକୁ ଯୋଜନା କରୁଥିବା ଉଦ୍ଧବ କହିଛନ୍ତି। ଆଞ୍ଚଳିକ ଦଳଗୁଡ଼ିକ ଏକାଠି ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୨୫,୧୫,୫୧୩ | ୬୪,୨୦,୪୮୬ | ୫୫,୨୮,୪୭,୨୨୮ |
| ଭାରତ | ୪,୪୦,୩୬,୨୭୫ | ୫,୨୬,୩୯୬ | ୪,୩୩,୬୫,୮୯୦ |
| ଓଡ଼ିଶା | ୧୩,୧୩,୯୪୨ | ୯୧୪୧(+୫୩) | ୧୨,୯୮,୮୭୨ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନାବାଳିକାଙ୍କୁ ଗଣବଳାତ୍କାର

**ମହିଳାଙ୍କ ସମେତ ୬ ଅଟକ, କାର୍ ଜବତ**

**ସମ୍ବଲପୁର, ୧।୮(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଡ଼ଭଗା ଅଞ୍ଚଳର ଏକ ଢାବା ନିକଟରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ନାବାଳିକା ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ୬ ଜଣଙ୍କୁ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ୪ ଯୁବକ, ଜଣେ ଢାବା ମାଲିକ ଓ ଜଣେ ମହିଳା ଅଛନ୍ତି। ଘଟଣାରେ ବ୍ୟବହୃତ କାର୍‌କୁ ମଧ୍ୟ ପୋଲିସ ଜବତ କରିଛି।

ସୂଚନା ଅନୁସାରେ, ଗତ ୩୦ ତାରିଖ ରାତିରେ ନାବାଳିକାଙ୍କୁ ପୂର୍ବରୁ ପରିଚୟ ଥିବା ବୁର୍ଲା ଅଞ୍ଚଳର ଜଣେ ମହିଳା ଖାଇବାକୁ ଯିବା କହି ଗୋଡଭଗା ନିକଟ ଢାବାକୁ ଡାକି ନେଇଥିଲେ। ସେମାନେ ଖାଇସାରି ବାହାରିବା ସମୟରେ ୪ଜଣ ଯୁବକ କାର୍‌ରେ ସେଠାରେ ପହଞ୍ଚିଥିଲେ। ପରେ ସେମାନେ ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଘଟଣା ପରେ ସମ୍ପୃକ୍ତ ଯୁବକ ଓ ମହିଳା ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ବୁର୍ଲା ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ଘରେ ଛାଡିଥିଲା। ୩୧ ତାରିଖରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଜଣଙ୍କୁ ଅଟକ ରଖିଛି। ହୀରାକୁଦ ଏସ୍‌ଡିପିଓ ଏସ୍.କେ. ଦାଶ କହିଛନ୍ତି, ଅଭିଯୋଗ ପରେ ବୁର୍ଲା ଥାନାରେ ଏକ ମାମଲା (ନଂ.୪୧୧/୨୨) ରୁଜୁ ହୋଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ଏଥିରେ ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।





ଭୁବନେଶ୍ୱରସ୍ଥିତ କଳିଙ୍ଗ ହକି ଷ୍ଟାଡିୟମ୍‌ଠାରେ ସୋମବାର ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନବନିଯୁକ୍ତ ୬,୮୯୧ ହାଇସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଉଛନ୍ତି।

# ଶିକ୍ଷକତାକୁ ଏକ ସଂକଳ୍ପ ଭାବେ ଗ୍ରହଣ କର: ମୁଖ୍ୟମନ୍ତ୍ରୀ

**ନବନିଯୁକ୍ତ ୬,୮୯୧ ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

**ଭୁବନେଶ୍ୱର, ୧।୮(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୬,୮୯୧ଜଣ ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ନବନିଯୁକ୍ତ ଶିକ୍ଷକଙ୍କ ପାଇଁ ସୋମବାର କଳିଙ୍ଗ ହକି ଷ୍ଟାଡିୟମ୍‌ଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଶିକ୍ଷକଙ୍କୁ ଉଦ୍‌ବୋଧନ ଦେଇ କହିଲେ, ଆପଣମାନେ ସମସ୍ତେ ଯୁବ ଓ ବହୁତ ଉତ୍ସାହୀ। ତେଣୁ ଶିକ୍ଷକତାକୁ ଏକ ଚାକିରି ଭାବରେ ଗ୍ରହଣ ନ କରି ଏହାକୁ ଏକ ସଂକଳ୍ପ ଭାବେ ନେଇ କାମ କରନ୍ତୁ। ମୋର ବିଶ୍ୱାସ, ମୋ ଓଡ଼ିଶାର ପିଲାମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବାରେ ଆପଣମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ରାଜ୍ୟରେ ଶିକ୍ଷକ ନିଯୁକ୍ତି କାର୍ଯ୍ୟକ୍ରମ ଜାରି ରହିଛି। ଗତ ୩ ବର୍ଷ ମଧ୍ୟରେ ୧୪ ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଶିକ୍ଷକତା ପରି ଏକ ମହାନ୍ ବୃତ୍ତିରେ ଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ଶିକ୍ଷକମାନେ ହେଉଛନ୍ତି ରାଷ୍ଟ୍ରନିର୍ମାତା। ଜାତିର ଗୌରବ। ଦେଶର ଭବିଷ୍ୟତ ପିଢ଼ିକୁ ଗଢ଼ିବାର ପବିତ୍ର ଦାୟିତ୍ୱ ଆପଣମାନଙ୍କ ଉପରେ। ଶିକ୍ଷା ହିଁ କେବଳ ଗୋଟିଏ ବ୍ୟକ୍ତି ବା ପରିବାର ବା ସମାଜ ନୁହେଁ, ଶିକ୍ଷା ଗୋଟିଏ ଜାତିର ଭାଗ୍ୟ ପରିବର୍ତ୍ତନ କରିଦିଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍କୁଲ ରୂପାନ୍ତର ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଏ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ୪ହଜାର ସ୍କୁଲର ରୂପାନ୍ତର କାମ ସରିଲାଣି। ୨୦୨୩ ଡିସେମ୍ବର ସୁଦ୍ଧା ଆଉ ୪,୮୦୦ ସ୍କୁଲ ରୂପାନ୍ତର କରାଯିବ। ସ୍କୁଲ ରୂପାନ୍ତର ପିଲାଙ୍କ ଭିତରେ ନୂଆ ଉତ୍ସାହ ଆଣିଛି। ସେହି ଉତ୍ସାହକୁ ଜୀବନର ସଫଳତାରେ ରୂପାନ୍ତର କରିବା ଭଳି ଗୁରୁଦାୟିତ୍ୱ ନେବାକୁ ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଏବଂ ଜଳସମ୍ପଦ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଯୋଗଦେଇ କହିଲେ, ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପିଲାଙ୍କ ପାଇଁ ନୂଆ ସୁଯୋଗ ଓ ଶିକ୍ଷା କ୍ଷେତ୍ରରେ ଏହା ଏକ ନୂତନ ପରିଚୟ ସୃଷ୍ଟି କରିଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତର ରୂପାନ୍ତର ପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ଗୁରୁଦାୟିତ୍ୱକୁ ନୂତନ ଶିକ୍ଷୟିତ୍ରୀ ଶିକ୍ଷକମାନେ ତୁଲାଇବେ ବୋଲି ସେମାନେ ଆଶାପ୍ରକାଶ କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରାଜ୍ୟରେ ଶିକ୍ଷକ ନିଯୁକ୍ତି କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରାଯାଇଛି ବୋଲି କହିଥିଲେ। ପିଲାଙ୍କ ସୃଜନଶୀଳ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଧନ୍ୟବାଦ ଅର୍ପଣ କରି କହିଲେ, ସ୍କୁଲ ରୂପାନ୍ତର ଯୋଗୁ ରାଜ୍ୟର ଶିକ୍ଷା ବ୍ୟବସ୍ଥା ବିଶ୍ୱସ୍ତରୀୟ ହୋଇପାରିଛି। କାର୍ଯ୍ୟକ୍ରମରେ ୩ଜଣ ଶିକ୍ଷକ ପବିତ୍ର କର, ପ୍ରମିତା ପଟ୍ଟନାୟକ ଓ ଜୟଶ୍ରୀ ପାଢ଼ୀ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସମ୍ପୂର୍ଣ୍ଣ ଡାଇବେଟିସ ସପ୍ଲିମେଣ୍ଟ
Baidyanath VANSAAR
କଲରା ଜାମୁକୋଳି ରସ
✓ ବ୍ଲଡ୍ ସୁଗାର ସ୍ତରକୁ ନିୟନ୍ତ୍ରିତ କରେ
✓ ଶାରୀରିକ ଶକ୍ତି ବୃଦ୍ଧି କରେ
Karela & Jamun Juice
Manages Blood Sugar
SUGAR BALANCE
* Karela Jamun Juice is a Diabetes Care Supplement to be taken along with any Medically Prescribed Drugs by your doctor.
* To regulate blood sugar as per report published in j Food Sci Technol (September 2017) 54 (10): 3180-3191 DOI 10.1007/s13197-017-2756-8

# ବୈଷୟିକ ସହାୟତା ଦେବ ଏନ୍‌ଆଇଓଟି

**ଗଞ୍ଜାମରେ କୂଳ ଖାଉଛି ସମୁଦ୍ର**

**ଆଦର୍ଶ କଲୋନୀରେ ଥଇଥାନ ଯୋଜନା: ଜିଲାପାଳ**



କୂଳଖାଇ ଜନବସତି ଆଡକୁ ମାଡି ଆସିଛି ସମୁଦ୍ର।

**ଛତ୍ରପୁର/ଗଞ୍ଜାମ, ୧।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଦିନକୁ ଦିନ ସମୁଦ୍ର କୂଳ ଖାଇବାରେ ଲାଗିଛି। ସମୁଦ୍ର ଜଳପତନ ବୃଦ୍ଧି ହେଉଥିବାରୁ ଉଚ୍ଚ ଜୁଆର ମାଡି ଆସୁଛି।

ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ଓ ଗଞ୍ଜାମ ବ୍ଲକର ପୋଡ଼ମପେଟା ଗାଁ ସମୁଦ୍ର କୂଳରେ ଥିଲା। ସମୁଦ୍ର କୂଳ ଲଂଘିବାରୁ ଏକାଧିକ ଗାଁ ଏବେ ବିପଦରେ ରହିଛି। ପୋଡମପେଟାରେ ବହୁତ ଘର ସମୁଦ୍ରରେ ଲୀନ ହୋଇଯାଇଥିବା ବେଳେ ଏବେ ଆଉ ମାତ୍ର ୭ଟି ଘର ରହିଛି। ଆଗାମୀ ଦିନରେ ଏଭଳି ଅନେକ ଗାଁ ସମୁଦ୍ରରେ ଲୀନ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ସୋମବାର ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ପୋଡ଼ମପେଟାରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ରମାଗତ ଉପକୂଳ ଅବକ୍ଷୟ ପାଇଁ ଗ୍ଲୋବାଲ ୱାର୍ମିଂକୁ ପରିବେଶବିତ୍ ଦାୟୀ କରିଛନ୍ତି। ତେଣୁ ରାଜ୍ୟ ସରକାର ଉପକୂଳ ସୁରକ୍ଷା ପାଇଁ ଏକ ଦୀର୍ଘମିଆଦି, ପ୍ରଭାବୀ, ପରିବେଶ ଅନୁକୂଳ ଯୋଜନା ପ୍ରସ୍ତୁତ କରିବାକୁ ଚେନ୍ନାଇସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ ଟେକ୍ନୋଲୋଜି (ଏନ୍‌ଆଇଓଟି) ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ଭୂ-ବିଜ୍ଞାନ ବିଭାଗ ଅଧୀନ ଉକ୍ତ ଉଚ୍ଚ ବୈଷୟିକ ସଂସ୍ଥା ରାଜିନାମା ସ୍ୱାକ୍ଷର ଲାଗି ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିସାରିଛନ୍ତି। ଶୀଘ୍ର ଉଭୟ ପକ୍ଷ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହେବ ଏବଂ ଏହାପରେ ଏନ୍‌ଆଇଓଟି ପକ୍ଷରୁ ବୈଷୟିକ ସହାୟତା ମିଳିବ ବୋଲି ସୂଚନା ଦିଆଯାଇଛି। ସମୁଦ୍ର କୂଳ ଲଂଘୁଥିବା ଏବଂ ଜନବସତି ପ୍ରତି ବିପଦ ଥିବାରୁ ଏକ ଆଦର୍ଶ କଲୋନୀ କରାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ଯୋଜନା କରାଯାଇଛି ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସୋମବାର କହିଛନ୍ତି। ପୂର୍ବରୁ ଓଡିଆରପି ଗୃହ ନିର୍ମାଣ କରାଯାଇ ସମୁଦ୍ର ଓ ଚିଲିକା ଉପକୂଳବର୍ତ୍ତୀ ଲୋକଙ୍କୁ ଦିଆଯାଇଛି। ଏପରିକି ପୋଡମପେଟା ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରି ନୂଆ ପୋଡମପେଟାରେ ଗୃହ ଯୋଗାଇ ଦିଆଯାଇଛି। ପୁଣି ଏବେ ନୂଆ ସ୍ଥାନ ଦେଖି କିପରି ଅଧିକ ଲୋକଙ୍କୁ ଓଡିଆରପି ଗୃହ ଯୋଗାଇ ଦିଆଯିବ ସେହି ବ୍ୟବସ୍ଥା କରାଯାଉଛି।

# ଅଭିଯୁକ୍ତ ବଡ଼ବାପାଙ୍କୁ ଆଜୀବନ କାରାଦଣ୍ଡ

**୨ ଭଉଣୀଙ୍କୁ ବଳାତ୍କାର ମାମଲା**

**କଟକ ଅଫିସ, ୧।୮:** ଦୁଇ ନାବାଳିକା ଭଉଣୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ବଡ଼ବାପାଙ୍କୁ ସୋମବାର କଟକ ପୋକ୍ସୋ ସ୍ୱତନ୍ତ୍ର ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ଅଭିଯୁକ୍ତ ବଡ଼ବାପା ହରିଶ୍ଚନ୍ଦ୍ର ବାରିକଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ବିବରଣୀ ଅନୁଯାୟୀ, ୨୦୨୦ ନଭେମ୍ବର ୧୬ରେ କଟକ ସଦର ଥାନା ଅଧୀନ ଉରାଳି ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଦୁଇ ନାବାଳିକା ଭଉଣୀଙ୍କୁ ନଦୀକୁ ଗାଧୋଇବାକୁ ଡାକି ନେଇ ବଡ଼ବାପା ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ହରିଶ୍ଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ୧୭ଜଣ ସାକ୍ଷୀ ଓ ୧୫ଟି ତଥ୍ୟ ପ୍ରମାଣ ଆଧାରରେ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଦୁଇ ପୀଡ଼ିତାଙ୍କୁ ୩ ଲକ୍ଷ ଲେଖାଏ ମୋଟ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଧରିତ୍ରୀ DHARITRI
GUPTA DISTRIBUTORS
ଅତୁଟ ବନ୍ଧନ
ରାଖୀ ବାର୍ତ୍ତା ପ୍ରତିଯୋଗିତା
Win Big
Loaded with 60 Attractive Prizes
WIN 20 Gold Coins & 40 Silver Coins
Powered by:
KHIMJI Jewellers since 1936
Co-Sponsors:
CHANDI BHANDAR
RUCHI FOODLINE Since 1976 Karlo dosti sehat se
GREEN CHILLYZ Outdoor Catering
durashine TATA BLUESCOPE STEEL ଘରକୁ ଦିଏ VIP ବାଲା ଫିଲିଙ୍ଗ୍
PANDA TRAVEL MART
Cut the Coupon & Send it to: Dharitri, B-15, Industrial Estate Rasulgarh, Bhubaneswar - 751010
or
Click the Photo of the filled Message & send it to: rakhimessagecontest@dharitri.com Whatsapp No.: 9692975378
ଆମର ପ୍ରିୟ ପାଠିକା/ପାଠକ। 'ରାଖୀ ପୂର୍ଣ୍ଣିମା' ଅବସରରେ ଧରିତ୍ରୀ ପକ୍ଷରୁ ଆୟୋଜିତ ହେଉଛି ଏକ ସ୍ୱତନ୍ତ୍ର 'ବାର୍ତ୍ତା ପ୍ରତିଯୋଗିତା'। ସୃଜନଶୀଳ ତଥା ଭାବନାତ୍ମକ ଏବଂ ଚାତୁର୍ଯ୍ୟ ଥିବା ବାର୍ତ୍ତାକୁ ପୁରସ୍କାର ଲାଗି ଅଗ୍ରାଧିକାର ମିଳିବ। ଆପଣଙ୍କ ବାର୍ତ୍ତା ୪୦ଟି ଶବ୍ଦ ଭିତରେ ସୀମିତ ରହିବା ଆବଶ୍ୟକ। ନିଜ ନାମ, ଯୋଗାଯୋଗ ଠିକଣା ଓ ମୋବାଇଲ ନମ୍ବର ସ୍ପଷ୍ଟ ହସ୍ତାକ୍ଷରରେ ଉଲ୍ଲେଖ ରହିବା ଜରୁରୀ। ବାର୍ତ୍ତା ପହଞ୍ଚିବାର ଶେଷ ତାରିଖ ୬ ଅଗଷ୍ଟ ୨୦୨୨। ବିଜେତାଙ୍କ ନାମ ଧରିତ୍ରୀରେ ପ୍ରକାଶ ପାଇବ।
MESSAGE COUPON
ବାର୍ତ୍ତା
ନାମ:................, ବୟସ:........
ଠିକଣା:................
................ ମୋବାଇଲ ନଂ. ................
"BASIC T & Cs": *T & C apply
The Dharitri Management reserves the right to decide on the qualification and basis for winning messages.

# 'ବାୟୁସେନାରେ ସଶକ୍ତ ଯୁବଗୋଷ୍ଠୀଙ୍କ ଆବଶ୍ୟକତା ରହିଛି'

**ୱାର୍ଲ୍ଡ ସ୍କିଲ୍ ସେଣ୍ଟର ପରିଦର୍ଶନରେ ବାୟୁସେନା ପ୍ରତିନିଧି ଦଳ**



ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ଏୟାର ମାର୍ଶଲ ଏସ୍.କେ. ଝା ଓ ଅନ୍ୟମାନେ।

**ଭୁବନେଶ୍ୱର, ୧।୮(ବ୍ୟୁରୋ)**

ବାୟୁସେନା ମୁଖ୍ୟାଳୟ ନୂଆଦିଲ୍ଲୀସ୍ଥିତ ବାୟୁଭବନରୁ ଏୟାର ମାର୍ଶଲ ଏସ୍.କେ. ଝା, ଏଭିଏସ୍‌ଏମ୍, ଏଓପିଙ୍କ ସମେତ ଏକ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସି ସୋମବାର ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ପରିଦର୍ଶନ କରିଥିଲେ। ଭାରତୀୟ ବାୟୁସେନାର ଅଗ୍ନିପଥ ଯୋଜନାରେ କିଭଳି ସ୍କିଲ୍ ବା ଦକ୍ଷତାକୁ ଉପଯୋଗ କରାଯାଇପାରିବ ସେ ନେଇ ଏହି ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। ଏଥିସହ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିଛନ୍ତି। ଏହି ଅବସରରେ ଏୟାର ମାର୍ଶଲ ଝା କହିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ ଦକ୍ଷତା ବିକାଶ ନିମନ୍ତେ ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ତିଆରି କରାଯାଇଥିବା ଭିତ୍ତିଭୂମି, ତାଲିମ ସୁବିଧା, ଅପ୍‌ସ୍କିଲିଂ ବ୍ୟବସ୍ଥା ଅତ୍ୟନ୍ତ ହୃଦୟସ୍ପର୍ଶୀ। ଏହି ଉତ୍କୃଷ୍ଟ ବ୍ୟବସ୍ଥା ସାଧାରଣ ଯୁବଗୋଷ୍ଠୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ଏକ ସଶକ୍ତ ବ୍ୟକ୍ତିଭାବେ ରୂପାନ୍ତରଣ କରୁଛି। ଏଭଳି ବୈଷୟିକ ଜ୍ଞାନକୌଶଳରେ ସଶକ୍ତ ଯୁବଗୋଷ୍ଠୀଙ୍କର ବାୟୁସେନାରେ ଆବଶ୍ୟକତା ରହିଛି। ଏହି ଗସ୍ତ ଆଗାମୀ ଦିନରେ ଓଡ଼ିଶାର ଯୁବଗୋଷ୍ଠୀଙ୍କୁ ଏକ ନୂତନ ସୁଯୋଗ ପ୍ରଦାନ କରିବାରେ ସହାୟକ ହେବ ବୋଲି ଏୟାର ମାର୍ଶଲ ମତବ୍ୟକ୍ତ କରିଛନ୍ତି।

ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ଭିତ୍ତିଭୂମି, ଅତ୍ୟାଧୁନିକ ଦକ୍ଷତା ପ୍ରଶିକ୍ଷଣ ପାଠ୍ୟକ୍ରମ, ଲାଇଫ୍ ସ୍କିଲ ପ୍ରଶିକ୍ଷଣ, ଶିଳ୍ପ ସହଭାଗିତା ଏବଂ ଦକ୍ଷତା ପ୍ରତିଯୋଗିତା ଇତ୍ୟାଦି ବିଷୟରେ ସିଇଓ ରେଘୁ ଜି ସୂଚନା ଦେଇଥିଲେ। ଆଗାମୀ ଦିନରେ ୱାର୍ଲ୍ଡ ସ୍କିଲ୍ ସେଣ୍ଟରକୁ ନେଇ କ'ଣ ସବୁ ଯୋଜନା ରହିଛି ସେସବୁ ବିଷୟରେ ରେଘୁ ଜୀଙ୍କ ସହ ଆଲୋଚନା ହୋଇଥିଲା। ଏୟାର ମାର୍ଶଲ ଏବଂ ସହଯୋଗୀମାନେ ମେକାଟ୍ରନିକ୍ସ, ମେକାନିକାଲ ଏବଂ ଇଲେକ୍ଟ୍ରିକାଲ୍ ସର୍ଭିସେସ ଓ ଏୟାର କଣ୍ଡିଶନିଂ ଏବଂ ରେଫ୍ରିଜରେଶନ ଲାବ୍ ପରିଦର୍ଶନ କରିଥିଲେ। ଏହି ଗସ୍ତରେ ଗ୍ରୁପ୍ କ୍ୟାପଟେନ ଏ. ଏମ୍.କେ. ନାଇଡ୍ଡୁ, ଗ୍ରୁପ୍ କ୍ୟାପଟେନ ଏ ମିଞ୍ଜୁ ଭିଏସ୍‌ଏମ, ଗ୍ରୁପ କ୍ୟାପଟେନ ଜେ. ପରମାର ଏବଂ ୱିଙ୍ଗ କମାଣ୍ଡର ଆର.ଆର.କେ. ସିହ୍ନା ସାମିଲ ଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ, ୱାର୍ଲ୍ଡ ସ୍କିଲ ସେଣ୍ଟର ପ୍ରିନ୍ସିପାଲ ସଙ୍ଗରନ ଗୋପାଲ, ଡେପୁଟି ପ୍ରିନ୍ସିପାଲ ଏସ୍ କେ ଦାସ ଓ ନିର୍ଦ୍ଦେଶକ ଚିୟକ୍ ଏଙ୍ଗ୍ ଚୁନ୍ ଉପସ୍ଥିତ ଥିଲେ।

**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ୨୦୨୪ ସାଧାରଣ ନିର୍ବାଚନ ଲଢ଼ିବ। ଲୋକ ସଭା ନିର୍ବାଚନରେ କ୍ରମାଗତ ତୃତୀୟ ଥର ପାଇଁ ବିଜୟ ହାସଲ ନିମନ୍ତେ ଦଳୀୟ କାର୍ଯ୍ୟକର୍ତ୍ତା ଉଦ୍ୟମ କରନ୍ତୁ।

– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ସ୍ୱୀକୃତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳୀ ମାଇ**
**ଚୂନ ବୋଳିଲେ କି ଗୋରୀ ହୋଇ।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳି ପାରି ନ ଥାଏ। ଶ୍ୟାମଳ ଦେହକୁ ଘଷି ମାଜିଲେ ବି ସେ କେବେ ଗୌରବର୍ଣ୍ଣ ହୋଇ ପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ବୋଲି ପ୍ରମାଣିତ ହୋଇଥାଏ। ଗୋରୀ ହେବା ପାଇଁ ପ୍ରୟାସରତା ମହିଳା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଣାକୁ କାଣି**
**ଭଲା ଖଞ୍ଜିଅଛି ଚକରପାଣି।**

ଦାମ୍ପତ୍ୟ ଯୋଡି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଜୟ ନାୟକଙ୍କୁ ରାଷ୍ଟ୍ରପତିଙ୍କ ଅତିରିକ୍ତ ସଚିବ ଦାୟିତ୍ୱ

ଭୁବନେଶ୍ୱର, ୧୮ (ବ୍ୟୁରୋ)



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅତିରିକ୍ତ ସଚିବ(ପ୍ରେସ୍) ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ବିଜୟ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ବିଜୟ ନାୟକ ବର୍ତ୍ତମାନ ଓଡ଼ିଆ ବିଶ୍ୱବିଦ୍ୟାଳୟର ଓଏସ୍ଡି ଭାବେ କାର୍ଯ୍ୟରତ ଅଛନ୍ତି। ସେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଥିଲେ। ୨୦୦୦ରୁ ୨୦୦୨ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯେତେବେଳେ ବାଣିଜ୍ୟ ଓ ପରିବହନ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଥିଲେ, ବିଜୟ ନାୟକ ସେତେବେଳେ ତାଙ୍କର ବ୍ୟକ୍ତିଗତ ସଚିବ ଥିଲେ। ବିଜୟ ନାୟକ ଜଣେ ଭଲ ପ୍ରଶାସକ ସହ ବିଶିଷ୍ଟ ସାହିତ୍ୟିକ ଅଟନ୍ତି। ସାହିତ୍ୟ ପତ୍ରିକା 'କାହାଣୀ'ର ସେ ଗତ ୨୦ବର୍ଷ ହେଲା ସମ୍ପାଦକ ରହିଆସିଛନ୍ତି। ଭଦ୍ରକ କଲେଜ ଛାତ୍ରସଂଘ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରସଂଘର ସେ ସଭାପତି ଥିଲେ।

# ପିଆଇବି ପ୍ରମୁଖ ମହାନିର୍ଦ୍ଦେଶକ ସତ୍ୟେନ୍ଦ୍ରଙ୍କ ଦାୟିତ୍ୱ ଗ୍ରହଣ

ନୂଆଦିଲ୍ଲୀ, ୧୮ (ପିଆଇବି)

ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ସତ୍ୟେନ୍ଦ୍ର ପ୍ରକାଶ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଭାରତୀୟ ସୂଚନା ସେବା(ଆଇଆଇଏସ୍)ର ୧୯୮୮ ବ୍ୟାଚର ଅଧିକାରୀ। ଏଥିପୂର୍ବରୁ ସେ କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସିବିସି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। କେନ୍ଦ୍ର ସରକାରଙ୍କ ଜନ ସମ୍ପର୍କ, ଗଣମାଧ୍ୟମ ପରିଚାଳନା, ପ୍ରଶାସନ, ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ତାଙ୍କର ବହୁ ଅଭିଜ୍ଞତା ରହିଛି। ସେ ବିଭିନ୍ନ ଜାତୀୟ ଏବଂ ୟୁନେସ୍କୋ, ୟୁନିସେଫ୍, ୟୁଏନ୍ଡିପି ଆଦି ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ସିବିସି ନିମନ୍ତେ ସରକାରୀ ବିଜ୍ଞାପନର ବିଷୟବସ୍ତୁ ସମ୍ପର୍କିତ ମାର୍ଗଦର୍ଶିକା ପ୍ରସ୍ତୁତି, ଇଣ୍ଟରନେଟ ଓ ଡିଜିଟାଲ ଗଣମାଧ୍ୟମ ନୀତି, ଏଫଏମ୍ ରେଡିଓ ନୀତି, ଡିଜିଟାଲ ଚଳଚ୍ଚିତ୍ର ନୀତି ଇତ୍ୟାଦି ପ୍ରସ୍ତୁତି କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୨୦୨୧ ଗଣତନ୍ତ୍ର ଦିବସ ନିମନ୍ତେ ପ୍ରଥମ 'ଭୋକାଲ ଫର୍ ଲୋକାଲ' ପ୍ରଜ୍ଞାପନ ମଣ୍ଡପ ନିର୍ମାଣ ପାଇଁ ତାଙ୍କ ଭୂମିକା ସ୍ୱୀକୃତି ଲାଭ କରିଥିଲା। ଭାରତ ସରକାରଙ୍କର ଅନେକ ପ୍ରମୁଖ ଜନସୂଚନା ଅଭିଯାନର ପରିପାଟୀ ପ୍ରସ୍ତୁତି ସହ କାର୍ଯ୍ୟାନ୍ୱୟନରେ ସତ୍ୟେନ୍ଦ୍ର ମୁଖ୍ୟ ଥିଲେ। ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇଇସି ଅଭିଯାନ ସଂଯୋଜନା କରିଥିଲେ। ୨୦୨୧-୨୨ରେ ମତଦାତା ସଚେତନତା ଓ ଭୋଟଦାନରେ ଅଂଶଗ୍ରହଣ ବୃଦ୍ଧି ପାଇଁ ତାଙ୍କୁ ନିକଟରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ସତ୍ୟେନ୍ଦ୍ର କାର୍ଯ୍ୟଭାର ଗ୍ରହଣ କରିବା ପରେ ପିଆଇବିର ବରିଷ୍ଠ ଅଧିକାରୀଗଣ ତାଙ୍କୁ ସ୍ୱାଗତ ଜଣାଇଛନ୍ତି।



ସତ୍ୟେନ୍ଦ୍ର ପ୍ରକାଶ

# ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝୀଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

- ୬ ଫୁଟ୍ ତଳକୁ ଖସିପଡ଼ିଲା
- ବର୍ତ୍ତିଲେ ପୂର୍ବତନ ବିଧାୟକ ଓ ଡ୍ରାଇଭର

ସୁନ୍ଦରଗଡ଼/ସବ୍‌ଡେଗା, ୧୮ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲ୍ଲା ତଳସରା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସଂପାଦକ ଡା. ପ୍ରଫୁଲ୍ଲ କୁମାର ମାଝିଙ୍କ କାର୍ ସୋମବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରୁ ଡା. ମାଝି ଓ ତାଙ୍କ ଡ୍ରାଇଭର ଦୀପକ ରକ୍ଷା ପାଇ ଯାଇଛନ୍ତି।

ପ୍ରକାଶ ଯେ, ପୂର୍ବତନ ବିଧାୟକ ଡା. ମାଝି ସୁନ୍ଦରଗଡରୁ ତାଙ୍କ କାର ( ନଂ ଓଡି-୦୨ଆର୍ - ୬୨୪୦) ଯୋଗେ ସବୁଦିନ ପରି ତଳସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଦେଖିବା ପାଇଁ ଯାଉଥିଲେ। ତେବେ କରମଡିହି -ସବ୍‌ଡେଗା ରାଜ୍ୟ ରାଜପଥ ୨୪ର ବଡ଼ମାଲ ଛକ ନିକଟବର୍ତ୍ତୀ ବୁଲାଣିଆ ରାସ୍ତାରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାରୁ ପ୍ରାୟ ୬ ଫୁଟ ତଳକୁ ଖସି ପଡିଥିଲା। ଏହି ଦୁର୍ଘଟଣାରେ କାର୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଗାଡିରେ ଥିବା ମାଝି ଓ ଡ୍ରାଇଭରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଭୟେ ସୁସ୍ଥ ଥିବା ଜାଣିବାକୁ ମିଳିଛି। ରାସ୍ତାରେ ଯାଉଥିବା ବେଳେ ସାଇକେଲରେ ଆସୁଥିବା ଜଣେ ମହିଳାଙ୍କୁ ବଞ୍ଚାଇବାକୁ ଯାଇ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିବା ପୂର୍ବତନ ବିଧାୟକ ମାଝି କହିବା ସହ ସେହି ସ୍ଥାନରେ ରାସ୍ତା ଅବସ୍ଥା ଖରାପ ଥିବା ଜଣାଇଛନ୍ତି।



କାର୍‌ଟି ରାସ୍ତା ତଳକୁ ଖସି ପଡ଼ିଛି।


# classifieds Everyday
0674-2580101, 2549302



## SALE

Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452. D-73938

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320. D-73283

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186. D-73946

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272. D-73277

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-73278



6 Nos. of 2BHK Residential Flat (Newly constructed) with all facilities & parking available for rent at Cuttack. Shivajee Nagar, Tulsipur. Contact: 9040029298. D-1047



Newly open SPA Offer @799/-, positively health benefits, Kalpana. 7846814019. D-73627

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Relax, Refresh your body, mind at Saikrupa Spa with best therapies. 8984068077. D-1121

Newly open full body massage 1099 free massage one. Mo: 9583808247. D-1164

Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

Newly open full body massage ladies and gents. 8327740003, 8093860513. D-73947

Newly opened full body massage center by expert therapist. 7381172169. D-73629



ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7978736177. D-68295


## LOST

ମୁଁ ଶ୍ରୀଯୁକ୍ତ ମଧୁସୂଦନ ପ୍ରଧାନ, ପି: ସୁରେନ୍ଦ୍ର ପ୍ରଧାନ, ଗ୍ରାମ: ମଙ୍ଗରାଜପୁର, ପୋ: ଦାଣ୍ଡମୁକୁନ୍ଦପୁର, ପୁରୀ ଗତ ୨୮।୦୭।୨୦୨୨ ତାରିଖରେ ବସ୍‌ରେ ଆସୁଥିବା ବେଳେ ମୋ ବ୍ୟାଗରେ ଥିବା ମୋର ଦଲିଲ ନଂ. ୧୮୬୬, ତା ୦୯।୦୫।୧୯୯୭ ସହ ସାର୍ଟିଫାଏଡ ନକଲ ହଜିଯାଇଛି। ଉକ୍ତ ଦଲିଲ ହଜିବା ସମ୍ପର୍କରେ ମୁଁ ପିପିଲି ଥାନାରେ ୨୯।୦୭।୨୦୨୨ ତାରିଖରେ ଅବଗତ କରାଇଛି। ଯଦି କେହି ଉକ୍ତ ଦଲିଲ ପାଆନ୍ତି ତେବେ ଏହି ୯୯୩୮୧୯୬୯୬୩ରେ ଯୋଗାଯୋଗ କରିବାକୁ ଅନୁରୋଧ। ୪-୧୧୬୮



ଭୁବନେଶ୍ୱରସ୍ଥିତ ନ୍ୟୁ ଏଜି ଅଫିସ୍‌ଠାରେ ସୋମବାର ଆକାଉଣ୍ଟାଣ୍ଟ ଜେନେରାଲ ରାଜ କୁମାର ଓ ଅନ୍ୟ ଅଧିକାରୀମାନେ ୨୦୨୨ ବର୍ଷର ଅଡିଟ୍ ରିପୋର୍ଟକୁ ଉନ୍ମୋଚନ କରୁଛନ୍ତି।

## ଚାରା ରୋପଣରେ...

ପ୍ରଥମ ପୃଷ୍ଠାରୁ...

ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହେଉଥିବା ଚାରା ରୋପଣକୁ ନେଇ ବନଖଣ୍ଡ ଅଧିକାରୀ (ଡିଏଫଓ) ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)ମଧ୍ୟରେ କୌଣସି ସମନ୍ୱୟ ନ ଥିବା ସିଏଜି ଉଲ୍ଲେଖ କରିଛନ୍ତି। ଅନୁପଯୁକ୍ତ ସ୍ଥାନ ଚୟନ ଓ ଡିଏଫଓ ଚାରା ରୋପଣ ପ୍ରକଳ୍ପ ଦେବାରେ ବିଳମ୍ବ କରିବାରୁ ଅଧିକାଂଶ ଗଛ ବଞ୍ଚିପାରିନାହିଁ। ଏକ ସର୍ଭେକୁ ଉଦାହରଣ ଭାବେ ଦେଖାଯାଇଥିଲା, ଯେଉଁଥିରେ ୪୮୫ଟି ଗଛରୁ ମାତ୍ର ୧୯୧ଟି ବଞ୍ଚିଥିଲା। ଏବାବଦ ରାଜ୍ୟ ସାରା ୧୩.୧୭ କୋଟି ଟଙ୍କା ପାଣିରେ ପଡ଼ିଥିଲା। ଆଶ୍ଚର୍ଯ୍ୟର କଥା, ଅଡିଟ୍ ଟିମ୍ ଓ ବନ ଅଧିକାରୀମାନେ ମିଳିତ ଭାବେ ୪୧ଟି ରୋପଣ ଚାରାକୁ ଯାଞ୍ଚ କରିଥିଲେ, ସେଥିରୁ ୨୭ଟି ନଷ୍ଟ ହୋଇଥିବା ଜଣାପଡ଼ିଥିଲା। ଏଭଳି ସମୁଦାୟ ଦେଖିଲେ, ୨.୬୭ କୋଟି ଟଙ୍କା ବରବାଦ ହୋଇଥବା ରିପୋର୍ଟରେ କୁହାଯାଇଛି। ବ୍ଲକ ଓ ସହର ଚାରାରୋପଣ କାର୍ଯ୍ୟ ସମାନ ଥାଏ। କିନ୍ତୁ ସହରରେ ଚାରା ରୋପଣ ପାଇଁ ଅଧିକ ମାନବ ଦିବସ ଦର୍ଶାଇ ୩୯.୮ କୋଟି ଟଙ୍କା ହରିଲୁଟ୍ ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିପରି ୨୦୧୩ରୁ ୨୦୧୮ ମଧ୍ୟରେ ଚାରା ରୋପଣ କାର୍ଯ୍ୟକ୍ରମ ପାଇଁ ୨୫.୮୪ କୋଟି ଟଙ୍କା ଓଡ଼ିଶା ବାଉଁଶ ବିକାଶ ଏଜେନ୍ସିକୁ ଦିଆଯାଇଥିଲା। ସେଥିରୁ ୭.୭ କୋଟି ଖର୍ଚ୍ଚ କରାଯାଇ ନ ଥିଲା। ମାତ୍ର ଏଜେନ୍ସି ପକ୍ଷରୁ ସମସ୍ତ ଅର୍ଥ ବିନିଯୋଗ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଅଡିଟ୍ ବେଳେ ସିଏଜି ଏଭଳି ଚଞ୍ଚକତାକୁ ପର୍ଦ୍ଦାଫାସ କରିଛନ୍ତି।

ସେହିପରି ସୁନ୍ଦରଗଡ଼ ବନଖଣ୍ଡରେ ଶାଗୁଆନ, କରଞ୍ଜ, ଶିଶୁ, ବାଉଁଶ, ସୀମାଗୁଡ଼ା, ଗମ୍ଭାରୀ, ଶିରୀଶ, ନିମ୍ବ ଆଦି ନିମନ୍ତେ ୧୦ ଲକ୍ଷ ୪୯ ହଜାର ୮୨୫ ଟଙ୍କା ବ୍ୟୟରେ ୧୦ ହଜାର ବୃକ୍ଷ ରୋପଣ କରାଯାଇଥିଲା। ସେଥିରୁ ମାତ୍ର ୩.୯% ବୃକ୍ଷ ବଞ୍ଚିଥିବା ସିଏଜି ତାଙ୍କ ଅଡିଟ୍‌ରେ ଦର୍ଶାଇଛନ୍ତି। ସେହିପରି କ୍ଷତିପୂରକ ବନୀକରଣ(କାମ୍ପା)ରେ ମଧ୍ୟ ଜଙ୍ଗଲ ବିଭାଗ ଫେଲ୍ ମାରିଛି। ୨୦୧୩ରୁ ୨୦୧୮ରେ ୨୧, ୯୨୮, ୪୩୨ ହେକ୍ଟର ଜମିରେ ବନୀକରଣ ଧାର୍ଯ୍ୟ କରାଯାଇଥିବାବେଳେ ମାତ୍ର ୧୭,୯୩୧, ୩୯୮ ହେକ୍ଟରରେ ଜମିରେ ବନୀକରଣ କରାଯାଇଛି। ହେନ୍ତାଳ ବନ ସୃଷ୍ଟି କରିବାରେ ମଧ୍ୟ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ରାଜନଗର ସମୁଦ୍ରକୂଳରେ ୨୦୧୪-୧୫ରେ ୩୬.୪୬ କୋଟିବ୍ୟୟରେ ପ୍ରାୟ ୪ ଲକ୍ଷ ହେନ୍ତାଳ ଗଛ ଲଗାଯାଇଥିଲା। ସେଥିରୁ ମାତ୍ର ୩୬.୪% ଗଛ ଥିଲା। ଏହା ଏକ ପ୍ରକାର ବିଫଳ ହୋଇଛି ବୋଲି ସିଏଜି ରିପୋର୍ଟରେ କହିଛନ୍ତି।

## ଜବଲପୁର ହସ୍ପିଟାଲରେ...

ସ୍ଥାନାନ୍ତର କରିବାରେ ଅସୁବିଧା ହୋଇଥିଲା। ଫଳରେ ତ୍ୱରିତ ଭିତ୍ତିରେ ଆହତଙ୍କୁ ଅନ୍ୟ ହସ୍ପିଟାଲକୁ ନିଆଯାଇପାରି ନ ଥିଲା। ପ୍ରାୟ ଘଣ୍ଟାଏ ଧରି ଉଦ୍ୟମ ପରେ ସେଠାରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ସହ ନିଆଁ ଲିଭାଯାଇଥିଲା। ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।



ହସ୍ପିଟାଲରେ ଲାଗିଥିବା ନିଆଁ।

## ଜଳିଗଲେ ୧୦...

ସଂଯୋଗ ହୋଇଥିବା ଜେନେରେଟର ତାରରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ରାତି ପ୍ରାୟ ୧୨ଟାରେ ୩୭ ଜଣଙ୍କୁ ନେଇ ଭ୍ୟାନ୍‌ଟି ଜପଲେସ୍ ଅଭିମୁଖେ ଯାଉଥିଲା। ମେଖଲିଗଞ୍ଜ ଥାନା ଅଧୀନ ଧାରଲା ବ୍ରିଜ ନିକଟରେ ଏଥିରେ ନିଆଁ ଲାଗି ଯାଇଥିଲା ବୋଲି ସ୍ଥାନୀୟ ଏଏସ୍‌ପି ଅମିତ ବର୍ମା କହିଛନ୍ତି। ଆହତମାନଙ୍କୁ ଡାକ୍ତରଖାନାକୁ ଅଣାଯିବାପରେ ଡାକ୍ତର ୧୦ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆଉ ୧୭ ଜଣ ଆହତ ହୋଇଛନ୍ତି। ଭ୍ୟାନ୍‌ରେ ଥିବା ସମସ୍ତ ଯାତ୍ରୀ ସୀତଲକୁଚି ଥାନା ଅଧୀନ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଗାଡ଼ିକୁ ଜବତ କରାଯାଇଛି। ଏହାର ଚାଳକ ଫେରାର ହୋଇଯାଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ଏଏସ୍‌ପି କହିଛନ୍ତି।

## କମର୍ସିଆଲ ଗ୍ୟାସ୍...

ଅନ୍ୟ ପ୍ରମୁଖ ମହାନଗର ମୁମ୍ବାଇରେ ୧୯ କେଜି ସିଲିଣ୍ଡରର ଦର ୧୯୭୨.୫୦ ଟଙ୍କା ବଦଳରେ ୧୯୩୬.୫୦ ଟଙ୍କାରେ ପହଞ୍ଚିଛି। ସେହିଭଳି କୋଲକାତାରେ ଏହି ସିଲିଣ୍ଡର ଦର ୨୧୩୨ ଟଙ୍କା ପରିବର୍ତ୍ତେ ୨୦୯୫.୫୦ ଟଙ୍କାରେ ଏବଂ ଚେନ୍ନାଇରେ ୨୦୪୧ ଟଙ୍କାରେ ବିକ୍ରି କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଏଟିଏଫ୍‌ର ମୂଲ୍ୟ କିଲୋଲିଟର ପିଛା ୧୬,୨୩୨.୩୬ କିମ୍ବା ୧୧.୭୫% ହ୍ରାସ ପାଇ ୧୨୧,୯୧୫.୫୭ ଟଙ୍କାରେ ରହିଛି।

## ୩ ଦିନ ପୂର୍ବରୁ...

୪୩୪ଟି ପେପର ଆଗତ କରାଯାଇଥିଲା। ଅଧିବେଶନରେ ୨୧ଟି ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବ୍ୟୟ ମଞ୍ଜୁରୀ ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିଥିଲା।

ଚଳିତ ଅଧିବେଶନ ସୁରୁଖୁରୁରେ ଚାଲିଥିଲା। ବିରୋଧୀ ଦଳ ଚାଷୀ, ବେକାରି, ରଣଭାର, ଜଳସେଚନ, ଆଇନଶୃଙ୍ଖଳା, ରାୟଗଡ଼ାରେ ହୋଇଥିବା ଝାଡ଼ାବାନ୍ତି ମୃତ୍ୟୁ ଆଦି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଥିଲେ। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଇଡି ଜେରା ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ କଂଗ୍ରେସ ଏମ୍‌ପି ଅଧିର ରଞ୍ଜନ ଚୌଧୁରୀଙ୍କ ବୟାନକୁ ନେଇ ବିଧାନସଭା ଅଚଳ ହୋଇଥିଲା। ବିଧାୟକ ଉନ୍ନୟନ ପାଣ୍ଠି ବଢ଼ାଇବା ସହିତ ଦଳଗତ ନିର୍ବିଶେଷରେ ବିଧାୟକମାନଙ୍କର ଦରମା ଓ ଭତ୍ତା ବଢ଼ାଇବାକୁ ଦାବି କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ଶୁଭଚନ୍ଦ୍ର ଆପଣଙ୍କୁ କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନର ସୁଯୋଗ ସୃଷ୍ଟିକରିବ। କିନ୍ତୁ କୃତ୍ତିକା ନକ୍ଷତ୍ରର ମନଟା ବିଭିନ୍ନ କଥାକୁ ନେଇ ଭଲ ନ ଲାଗିବାରୁ କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିମାନଙ୍କର ସମାଲୋଚନାର ପାତ୍ର ହୋଇପାରନ୍ତି।

**ବୃଷ**



ଚନ୍ଦ୍ର କେନ୍ଦ୍ରରେ ଶୁକ୍ର ଆପଣଙ୍କୁ କଳା, ସାହିତ୍ୟ, ସଂସ୍କୃତିସମ୍ପନ୍ନ କରାଇବ। ଆଜି ଘରର କେତେକ ଅକୁହା କଥା ବିଷୟରେ ଚିନ୍ତାକରି ମାନସିକ ସ୍ଥିତି ଭଲ ରହି ନ ପାରେ। ମୃଗଶିରା ନକ୍ଷତ୍ରର କାମଗୁଡିକ ଠିକ୍ ଭାବେ ସମ୍ପନ୍ନରେ ସାମାନ୍ୟ ବିଳମ୍ବ ଘଟିବ। କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟଧରି ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ।

**ମିଥୁନ**



ତୃତୀୟାଧିପ ଧନସ୍ଥାନରେ ଆପଣଙ୍କୁ ଅର୍ଥପ୍ରାପ୍ତିରେ ସହାୟତା ପ୍ରଦାନ କରିବେ। ବିବାଦୀୟ ସ୍ଥିତି, କଚେରି ମାମଲା ଆଜିର ମୁଖ୍ୟ ସମସ୍ୟା ଯୋଗୁ ବିଶେଷ ଚିନ୍ତିତ ହୋଇପାରନ୍ତି। କିନ୍ତୁ ମୃଗଶିରା ନକ୍ଷତ୍ର ଅନ୍ୟମାନଙ୍କ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ଭଲ ରହିବ।

**କର୍କଟ**



ଚନ୍ଦ୍ର ଓ ବୁଧ ସମସପ୍ତକ ହେତୁ ଆପଣ ଖର୍ଚ୍ଚାନ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଆତ୍ମୀୟମାନେ ଆପଣଙ୍କୁ ସମ୍ମୁଖରେ କିଛି ନ କହିପଶ୍ଚାତେ ସମାଲୋଚନା କରିପାରନ୍ତି। ଆପଣ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ନିଜେହିଁ ନିଜ ସ୍ୱାସ୍ଥ୍ୟପାଇଁ ବାଧକ ସାଜିବେ। ବ୍ୟବସାୟ ଓ ପରିବହନ କିନ୍ତୁ ଭଲରେ ଚାଲିବ। ଘରକୁ ବନ୍ଧୁ ଆସିପାରନ୍ତି।

**ସିଂହ**



ସନ୍ତାନଙ୍କ ସମସ୍ୟା ଆଜିର ମୁଖ୍ୟ ଚିନ୍ତାର ବିଷୟ ହୋଇପାରେ। ଏଣେ ଯାହା ସାଙ୍ଗରେ ଆଲୋଚନା କଲେ ମଧ୍ୟ ସାହାଯ୍ୟ କିମ୍ବା ସହାନୁଭୂତି ମଧ୍ୟ ପାଇବେନାହିଁ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ଅଫିସ୍ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇପାରେ।

**କନ୍ୟା**



ଏକାଦଶାଧିପତି ରାଶିରେ ଥିବାରୁ ଅର୍ଥଲାଭ ସହ ସ୍ଥଗିତ କାର୍ଯ୍ୟ ସହଜରେ ସମ୍ପନ୍ନ ହୋଇଯିବ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଆଜିର ଦିନଟି ମନ୍ଦ ହେବନାହିଁ।

**ତୁଳା**



ଆଜିର ଗ୍ରହସ୍ଥିତି ଆପଣଙ୍କୁ ସୁଖଦୁଃଖ ଓ ଭଲମନ୍ଦର ମିଶ୍ରିତ ଅନୁଭୂତି ପ୍ରଦାନ କରିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିପାରେ। ଜମା ପଡୁ ନ ଥିବା ଲୋକମାନଙ୍କ ଦ୍ୱାରା ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ।

**ବିଛା**



ଅନୁକୂଳ ଗ୍ରହସ୍ଥିତି ଯୋଗୁ ଆପଣଙ୍କ ମନ ମୁତାବକ କାର୍ଯ୍ୟ ସାଧନ କରିପାରିବେ। କୌଣସି ମାଙ୍ଗଳିକ କାମରେ ବନ୍ଧୁଙ୍କୁ ସାହାଯ୍ୟ କଲେ ମଧ୍ୟ ପରକ୍ଷଣରେ ନିନ୍ଦିତ ହୋଇପାରନ୍ତି। ସଂଗଠନ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**



ଷଷ୍ଠାଧିପତି ଶୁକ୍ର ସପ୍ତମରେ ଅବସ୍ଥାନକରି ବ୍ୟବସାୟରେ ବିବାଦ ଏବଂ ପାରିବାରିକ ଅଶାନ୍ତିକୁ ଉଦ୍ରେକ କରିପାରନ୍ତି। ଦୂରଯାତ୍ରାକୁ ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ସାଙ୍ଗରେ ଯିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର**



ଭାଗ୍ୟସ୍ଥାନରେ ଚନ୍ଦ୍ର ସମସ୍ୟା ସମାଧାନ ପୂର୍ବକ ପ୍ରତ୍ୟେକ କାର୍ଯ୍ୟ ବୁଝାମଣା ଓ ସହମତି ଭିତ୍ତିରେ କରିବେ। ମାନସିକ ସ୍ଥିରତା କେତେକାଂଶରେ ଅକ୍ଷୁଣ୍ଣ ରହିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ପିଠିରେ ଯନ୍ତ୍ରଣାଜନିତ କଷ୍ଟ ପାଇବେ। ଅତି ନିଜ ଲୋକମାନେ ବିଶ୍ୱାସଘାତକତା କାମ କରିପାରନ୍ତି।

**କୁମ୍ଭ**



ଦ୍ୱିତୀୟସ୍ଥ ବୃହସ୍ପତିଜନିତ ପାରସ୍ପରିକ ସହମତି ମଧ୍ୟରେ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିମାନଙ୍କ ନିକଟରୁ ଆଜି ଯଥାସମ୍ଭବ ଦୂରେଇ ରହିବା ଭଲ। ଅଯଥା ବିରକ୍ତି ପ୍ରକାଶ ନ କରି ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ। ପୁରାତନ ରୋଗର ପ୍ରାଦୁର୍ଭାବ ମୁଣ୍ଡବ୍ୟଥାର କାରଣ ହୋଇପାରେ।

**ମୀନ**



ମୁଖଭାବରେ ରାହୁ ମଙ୍ଗଳ ଆପଣଙ୍କ ମିଥ୍ୟା ପ୍ରତିଶ୍ରୁତି ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପରିବାରର ଆବଶ୍ୟତା ପୂରଣ କରିବା ସକାଶେ ଧାର କରିବାକୁ ପଡ଼ିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

# ଜମିଜମା ତଥ୍ୟ ଏକାଠି କରୁଛି ଶ୍ରୀମନ୍ଦିର ପ୍ରଶାସନ

- ୧୯ରେ ହାଇକୋର୍ଟରେ ଜବାବ ଦାଖଲ
- ସମ୍ପତ୍ତି ପରିଚାଳନା ସଂକ୍ରାନ୍ତ ଆଇନ ସଂଶୋଧନକୁ ନେଇ ମାମଲା

**ପୁରୀ ଅଫିସ,୧।୮:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିଜମା ସଂକ୍ରାନ୍ତ ତଥ୍ୟ ଏକାଠି କରିବା ପାଇଁ ସବୁ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛି ଶ୍ରୀମନ୍ଦିର ପ୍ରଶାସନ। ଓଡ଼ିଶାର ସମସ୍ତ ଜିଲାରେ ମହାପ୍ରଭୁଙ୍କର ଜମି ରହିଥିବାବେଳେ ସବୁଗୁଡ଼ିକ ରେକର୍ଡଭୁକ୍ତ ହୋଇପାରିନାହିଁ। କେତେ ପରିମାଣର ଜମି ରେକର୍ଡଭୁକ୍ତ ହୋଇଛି, କେତେ ଜମି ଜବରଦଖଲରେ ରହିଛି ଓ ସରକାରୀ କାଗଜପତ୍ରରେ ଜମିର ସାମ୍ପ୍ରତିକ ସ୍ଥିତି କ'ଣ ସେ ନେଇ ରିପୋର୍ଟ ମଗାଯାଇଛି। ମହାପ୍ରଭୁଙ୍କ ଅଧିକାଂଶ ଜମି ଅନ୍ୟ ଜିଲାଗୁଡ଼ିକରେ ଜବରଦଖଲ ହୋଇ ରହିଛି। ଏ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଜୋରସୋରରେ ଉଦ୍ୟମ ଚଳାଇଛି। ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ପରିଚାଳନା କମିଟିକୁ ଶ୍ରୀଜୀଉଙ୍କ ସମ୍ପତ୍ତି ପରିଚାଳନା ପ୍ରସଙ୍ଗରେ ଅଧିକ କ୍ଷମତା ପ୍ରଦାନ ପାଇଁ ହୋଇଥିବା ଆଇନ ସଂଶୋଧନକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏହି ମାମଲାରେ ଜବାବ ରଖିବାକୁ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୧୯ରେ ଏନେଇ ପରବର୍ତ୍ତୀ ଶୁଣାଣି ହେବ। ମହାପ୍ରଭୁଙ୍କ ମାଲିକାନାରେ ଥିବା କେତେ ଜମି କାହା କାହାକୁ ବିକ୍ରି କରାଯାଇଛି ସେନେଇ ରାଜ୍ୟ ସରକାର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ, ପରିଚାଳନା କମିଟି, ଦେବୋତ୍ତର କମିଶନର ଉକ୍ତ ତାରିଖରେ ହାଇକୋର୍ଟରେ ସବିଶେଷ ତଥ୍ୟ ଦାଖଲ କରିବ।

# ଖୋ ଖୋ ଭଳି ସ୍ୱଦେଶୀ ଖେଳକୁ ପ୍ରୋତ୍ସାହନ ଉପରେ ଫୋକସ



କଳିଙ୍ଗ ଷ୍ଟାଡିୟମରେ ସୋମବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଭାଗନେବାକୁ ଯାଉଥିବା ଓଡ଼ିଶା ଜଗରନଟ୍ସ ଦଳର ଜର୍ସି ଉନ୍ମୋଚନ କରୁଛନ୍ତି।

## ଅଲ୍‌ଟିମେଟ ଖୋ ଖୋ ଲିଗ୍
## ଓଡ଼ିଶା ଜଗରନଟ୍ସ ଜର୍ସି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୮ (କ୍ରୀଡ଼ା ପ୍ରତିନିଧି)**

ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଭାଗନେବାକୁ ଯାଉଥିବା ଓଡ଼ିଶା ଜଗରନଟ୍ସର ଜର୍ସି ଉନ୍ମୋଚନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାଭିତ୍ତିକ ଏହି ଫ୍ରାଞ୍ଚାଇଜର ଜର୍ସି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କୋଚ୍ ଏବଂ ଖେଳାଳିଙ୍କ ସହ ପରିଚିତ ହେବା ସହ ଶୁଭେଚ୍ଛା ଜଣାଇଥିଲେ। "ଓଡ଼ିଶା ଜଗରନଟ୍ସର ପ୍ରତି ସଦସ୍ୟଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ଏବଂ ସ୍ୱାଗତ କରୁଛି। ତୁମେମାନେ ଏବେ ଆମ ପରିବାରର ସଦସ୍ୟ ଏବଂ ଭବିଷ୍ୟତ ପାଇଁ ଶୁଭକାମନା ଜଣାଉଛି। ଓଡ଼ିଶା ଦର୍ଶକମାନେ ତୁମକୁ ଉତ୍ସାହିତ କରିବା ସହ ପ୍ରଥମ ସଂସ୍କରଣର ଟ୍ରଫି ଧରି ଫେରିବା ଆଶାରେ ରହିବେ" ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଖୋ ଖୋ ଭଳି ସ୍ୱଦେଶୀ ଖେଳକୁ ପ୍ରୋତ୍ସାହନ ଉପରେ ଓଡ଼ିଶା ଫୋକସ କରୁଛି। ରାଜ୍ୟ ଦଳ ମଧ୍ୟ ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିଆସୁଛି। ଏପରି ପଦକ୍ଷେପ ବିଶେଷକରି ଗ୍ରାମାଞ୍ଚଳ ସ୍ତରରୁ ଅଧିକରୁ ଅଧିକ ଖେଳାଳିଙ୍କୁ ଖୋ ଖୋ ପ୍ରତି ଆକୃଷ୍ଟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅଲ୍‌ଟିମେଟ ଖୋ ଖୋ ଲିଗ୍ ମହାରାଷ୍ଟ୍ରର ପୁଣେଠାରେ ଅଗଷ୍ଟ ୧୪ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ଦଳ ଏହାର ପ୍ରଥମ ମ୍ୟାଚ ୧୫ ତାରିଖରେ ଖେଳିବ। ଓଡ଼ିଶା ସ୍ପୋର୍ଟ୍ସ ଡେଭେଲପ୍‌ମେଣ୍ଟ ଆଣ୍ଡ ପ୍ରମୋଶନ କମ୍ପାନୀ (ଓଏସ୍‌ଡିପିସି) ମାଲିକାନାରେ ଥିବା ଓଡ଼ିଶା ଜଗରନଟ୍ସ ଦଳ ୫ମ ଫ୍ରାଞ୍ଚାଇଜ୍ ଭାବେ ଟୁର୍ଣ୍ଣାମେଣ୍ଟରେ ସାମିଲ ହୋଇଥିଲା। ଅଶ୍ୱିନୀ କୁମାର ଶର୍ମା ଏହାର ମୁଖ୍ୟ କୋଚ୍ ଅଛନ୍ତି। ଓଡ଼ିଶା ଜଗରନଟ୍ସ ଦଳରେ ମୋଟ ୨୫ ଖେଳାଳି ରହିଛନ୍ତି। ରାଜ୍ୟର ୬ ଖେଳାଳି ଏଥିରେ ରହିଥିବାବେଳେ ମୋଟ ୧୦ ଖେଳାଳି ଓଭରଅଲ୍ ଲିଗ୍‌ରେ ପ୍ରତିନିଧିତ୍ୱ କରିବେ। ଓଏସ୍‌ଡିପିସି ଅଗ୍ରଣୀ ଇସ୍ପାତ ନିର୍ମାତା ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ସହିତ ମିଶି ଅଲ୍‌ଟିମେଟ ଖୋ ଖୋ ପାଇଁ କାର୍ଯ୍ୟ କରୁଛି। ଓଡ଼ିଶା ଜଗରନଟ୍ସ ଦଳରେ ସାମିଲ ଥିବା ଖେଳାଳିମାନେ ହେଲେ ଦୀପେଶ ବିଜୟ ମୋରେ, ସୁରେଶ କୁମାର, ମିଲିନ୍ଦ ଡି. ଚଭ୍ରେକର, ମହେଶ ପି., ସୂରଜ ଏସ. ଲାଣ୍ଡେ, ଶୁଭାଶିଷ ସାନ୍ତ୍ରା, ଗୌତମ ଏମ୍. କେ, ଆଦିତ୍ୟ କୁଡାଲେ, ନିଲେଶ୍ ଏ. ଯାଦବ, ଶିବ୍ କେ. ସେନ୍, ବିଶାଲ, ଅର୍ଜୁନ ସିଂ, ଟି. ବିନୋଦ କୁମାର, ଲିପୁନ ମୁଖି, ମନୋଜ ଏନ. ଘୋଟେକର, ଦୀନେଶ ନାଏକ, ମୁକେଶ ପ୍ରଜାପତ, ସତୀଶ ଡି., ଜଗନ୍ନାଥ ମୁର୍ମୁ ଦିଲୀପ ଖାଣ୍ଡଭି, ଅବିନାଶ ଏସ. ଦେଶାଇ, ସ୍ୱୟମ ଏସ. ପରିଜା, ଗୁରଜିନ୍ଦର ସିଂ, ସିଦ୍ଧେଶ୍ୱର ଗୁଡୁ, ସୁକାନ୍ତ ସିଂ, ଲିଲନ କୁମାର ସାହୁ।

ଓଡ଼ିଶା ଫ୍ରାଞ୍ଚାଇଜ୍ ଦଳର ମୁଖ୍ୟ କୋଚ୍ ଏବଂ ମ୍ୟାନେଜର ଦାୟିତ୍ୱ ତୁଲାଇବାକୁ ଯାଉଥିବାରୁ ଅଶ୍ୱିନୀ କୁମାର ଖୁସି ଜାହିର କରିଛନ୍ତି। ଆମ ଦଳ ବେଶ୍ ସନ୍ତୁଳିତ ଏବଂ ଭୁବନେଶ୍ୱରରେ କ୍ୟାମ୍ପ ବହୁତ ଭଲ ରହିଛି। ଆଗାମୀ ଟୁର୍ଣ୍ଣାମେଣ୍ଟରେ ଦଳ ଭଲ ପ୍ରଦର୍ଶନ କରିବା ନେଇ ଆଶା ରହିଛି ବୋଲି ସେ କହିଛନ୍ତି। ଅଧିନାୟକ ତଥା ଦଳର ସବୁଠାରୁ ସିନିୟର ଖେଳାଳି ଦୀପେଶ ବିଜୟ ମୋରେ କହିଛନ୍ତି ଯେ, କୋଚ୍‌ମୋ ଉପରେ ଭରସା କରିବା ବହୁତ ବଡ଼ ସଫଳତା ସଦୃଶ। ନୂଆ ଦଳ ହୋଇଥିଲେ ମଧ୍ୟ ଆମେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଅନ୍ୟପକ୍ଷରେ "ଭାରତର ଟପ୍ ଖେଳାଳି ମିଲିନ୍ଦ ଦିଲୀପ ଚଭ୍ରେକର ଓ ଗୌତମ ଏମ.କେ.ଙ୍କୁ ନେଇ ଆମ ଦଳ ବେଶ୍ ସମୃଦ୍ଧ। ପ୍ରତିଦ୍ୱନ୍ଦ୍ୱିତା କଷ୍ଟସାଧ୍ୟ ହେବାକୁ ଥିଲେ ହେଁ ଆମେ ଶତପ୍ରତିଶତ ପ୍ରଦର୍ଶନ କରିବାକୁ ସର୍ବଦା ଚେଷ୍ଟା କରିବୁ। ପୂର୍ବରୁ ଖୋ ଖୋ ପାଇଁ ବିଶେଷ ସୁବିଧା ସୁଯୋଗ ନ ଥିଲା। ମାତ୍ର ରାଜ୍ୟ ସରକାରଙ୍କ ଆନ୍ତରିକତା କ୍ରମେ ଓଡ଼ିଶାରେ ଏହି ଖେଳର ଲୋକପ୍ରିୟତା ବଢ଼ିଛି। ରାଜ୍ୟ ଖେଳାଳିଙ୍କ ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିଛି। ଆମେ ଟ୍ରଫି ଧରି ଭୁବନେଶ୍ୱରକୁ ଫେରିବାକୁ ଚେଷ୍ଟା କରିବୁ" ବୋଲି ଓଡ଼ିଶାର ଗ୍ରେଡ୍-ଏ ଖେଳାଳି ଜଗନ୍ନାଥ ମୁର୍ମୁ ପ୍ରକାଶ କରିଛନ୍ତି।

# ମୋବାଇଲ ଟର୍ଚ୍ଚରେ ରୋଗୀ ସେବା



ଟର୍ଚ୍ଚ ଲାଇଟ ଦେଖାଇ ଜଣେ ରୋଗୀଙ୍କୁ ଇଞ୍ଜେକ୍ସନ ଦିଆଯାଉଛି।

## ବିଦ୍ୟୁତ୍ କାଟ ଯୋଗୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୭ ଘଣ୍ଟା ଅନ୍ଧାର

**ଚାନ୍ଦବାଲି, ୧।୮(ଡି.ଏନ.ଏ.)**

ଦୀର୍ଘ ୭ ଘଣ୍ଟା ଧରି ଅନ୍ଧାରରେ ରହିଲା ଡାକ୍ତରଖାନା। ଅନ୍ଧାର ସାଙ୍ଗକୁ ଗରମରେ ରୋଗୀମାନେ ଛଟପଟ ହୋଇଥିଲେ। ଏଭଳି ସ୍ଥିତିରେ ଡାକ୍ତରଙ୍କୁ ମୋବାଇଲ ଟର୍ଚ୍ଚରେ ଚିକିତ୍ସା କରିବାକୁ ପଡ଼ିଥିଲା। ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ରାତିରେ ଏଭଳି ଦୟନୀୟ ସ୍ଥିତି ଦେଖିବାକୁ ମିଳିଛି।

ପ୍ରକାଶ ଯେ, ରବିବାର ସନ୍ଧ୍ୟା ୭ଟାରୁ ରାତି ୨ଟା ପର୍ଯ୍ୟନ୍ତ ଏହି ଡାକ୍ତରଖାନାରେ ବିଦ୍ୟୁତ୍ ନ ଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଦ୍ୟୁତ୍ କଟି ଯାଇଥିବା ବେଳେ ଜେନେରେଟର ବ୍ୟବସ୍ଥା ଥାଇ ମଧ୍ୟ ବିଦ୍ୟୁତ୍ ଯୋଗାଣ ହୋଇପାରି ନ ଥିଲା। ରୋଗୀମାନେ ବେଡ୍ ଛାଡ଼ି ବୁଲୁଥିବା ଦେଖାଯାଇଥିଲା। ପ୍ରସୂତି ନବଜାତ ଶିଶୁଙ୍କୁ ଧରି ଗୁଳୁଗୁଳି ସହ ମଶାଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇପଡ଼ିଥିଲେ। ଯନ୍ତ୍ରଣା ଉପଶମ ପାଇଁ ଡାକ୍ତରଖାନାକୁ ଆସିଥିବା ରୋଗୀମାନେ କଳବଳ ହୋଇଥିଲେ। ଡାକ୍ତର ମୋବାଇଲ ଟର୍ଚ୍ଚରେ ରୋଗୀ ଦେଖିବା ସହ ଇଞ୍ଜେକ୍ସନ ମଧ୍ୟ ଦିଆଯାଇଥିଲା। ଅନ୍ଧାର ଭିତରେ ଆସିଥିବା ସର୍ପାଘାତ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦିଆଯାଇ ନ ଥିବା ଯୋଗୁ ଯାନ୍ତ୍ରିକ ତ୍ରୁଟି ସଜାଡ଼ିବାକୁ କେହି ନ ଆସିବାରୁ ଏଭଳି ସ୍ଥିତି ଉପୁଜିଥିଲା। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ସ୍ମୃତି ରଞ୍ଜନ ଦେ କହିଛନ୍ତି, ବିଦ୍ୟୁତ୍ ଆସିବା ନେଇ ଅନିଶ୍ଚିତତା ଥିବାବେଳେ ଜେନେରେଟର ଅପରେଟରଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ଫଳରେ ମୋବାଇଲ ଟର୍ଚ୍ଚ ଲାଇଟ ସାହାଯ୍ୟରେ ଚିକିତ୍ସା କରିବାକୁ ପଡ଼ିଥିଲା।

**Invitation for Quotation**

BAIF Livelihoods invites sealed quotations from reputed vendors for the supply of HDPE vermi bed, shade net and vermi-culture for vermicompost.
Refer to www.baif.org.in for details.
**Last date of submission: 5.8.2022**
L4, Saraswati Enclave, Dhankuada
Sambalpur-768006, Ph. 7894418530

## ଭୋଜି ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ
# ମହିଳା ମୃତ, ୧୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ



ଭୋଗରାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଝାଡାବାନ୍ତି ଆକ୍ରାନ୍ତ।

**ଭୋଗରାଇ, ୧।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଦାରୁହା ଗ୍ରାମରେ ରବିବାର ଆୟୋଜିତ ଭୋଜି ଖାଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ମୃତ ମହିଳା ହେଲେ ରଘୁ ମହାନ୍ତିଙ୍କ ସ୍ତ୍ରୀ ସଞ୍ଜୁରାଣୀ।

ଗ୍ରାମର ସୁଜନ ଦାସ ନାମକ ବ୍ୟକ୍ତିଙ୍କ ଘରେ ଶନିବାର ଅନ୍ନ ମହୋତ୍ସବ ଓ ରବିବାର ବାହାଘର ଭୋଜି ହୋଇଥିଲା। ବନ୍ଧୁବାନ୍ଧବ ଓ ଗ୍ରାମର ଲୋକେ ଭୋଜି ଖାଇବା ପରେ ଅସୁସ୍ଥ ଅନୁଭବ କରିବା ସହ ସେମାନଙ୍କର ମୁଣ୍ଡ ବୁଲାଇଥିଲା। ପରେ ସମସ୍ତେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଆକ୍ରାନ୍ତମାନଙ୍କୁ ଚିକିତ୍ସା ଲାଗି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଘଟଣାସ୍ଥଳକୁ ଯାଇ ଅସୁସ୍ଥ ଥିବା ଲୋକଙ୍କୁ ଚିକିତ୍ସା କରୁଥିବା ସୂଚନା ମିଳିଛି। ଭୋଗରାଇ ଅଞ୍ଚଳରେ ଦୂଷିତ ଜଳ ପିଇ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକ ଔଷଧ, ସାଲାଇନ ଯୋଗାଇ ଦେବା ସହ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହୋଇଛି।

# ଦଶାହ ଭୋଜି ଖାଇ ୧୦୦ରୁ ଊର୍ଦ୍ଧ୍ୱ ଅସୁସ୍ଥ



ଜିଲା ଜନ ସ୍ୱାସ୍ଥ୍ୟାଧିକାରୀ ମଳୟ ତ୍ରିପାଠୀ, ଡାକ୍ତର ଶିଳ୍ପୀ ଦାଶ ବିଷ୍ଣୁରଞ୍ଜନ ମିର୍ଦ୍ଧାଙ୍କଠାରୁ ଦଶାହ ଭୋଜି ତଥ୍ୟ ସଂଗ୍ରହ କରୁଛନ୍ତି।

**ଉମରକୋଟ,୧।୮(ସ୍ୱ.ପ୍ର.)**

ଦଶାହ ଭୋଜି ଖାଇ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଜାମରୁଣ୍ଡା ଓ ପଡ଼ିଗୁଡା ଗ୍ରାମର ଶତାଧିକ ଲୋକ ପେଟ ଯନ୍ତ୍ରଣା ସହ ଝାଡ଼ାରେ ଆକ୍ରାନ୍ତ ହୋଇଛନ୍ତି। ରବିବାର ଏହି ଖବର ଜଣାପଡ଼ିବା ପରେ ପୂଜାରିଗୁଡ଼ା ମେଡିକାଲ ଡାକ୍ତର ଅଭୟ କୁମାର ଦେ ଟିମ୍ ସହ ଉଭୟ ଗାଁକୁ ଯାଇ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ସୋମବାର ଜିଲା ଜନ ସ୍ୱାସ୍ଥ୍ୟାଧିକାରୀ ମଳୟ ତ୍ରିପାଠୀଙ୍କ ନେତୃତ୍ୱରେ ଏପିଡେମିଓଲୋଜିଷ୍ଟ ଡାକ୍ତର ଶିଳ୍ପୀ ଦାଶ, ମାଇକ୍ରୋବାୟୋଲୋଜିଷ୍ଟ ଅର୍ଦ୍ଧେନ୍ଦୁ ଭୂଷଣ ପ୍ରହରାଜ ଉଭୟ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କୁ ଭେଟିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ପିଇଥିବା ପାଣି,ରକ୍ତ ଓ ମଳ ନମୁନା ସଂଗ୍ରହ କରିଛନ୍ତି।

ଶନିବାର ଜାମରୁଣ୍ଡା ଗାଁର ବିଷ୍ଣୁରଞ୍ଜନ ମିର୍ଦ୍ଧାଙ୍କ ମା'ଙ୍କ ଦଶାହ ଭୋଜି ପ୍ରାୟ ୬୦୦ ଲୋକ ଖାଇଥିଲେ। ଏହାପରେ ଜାମରୁଣ୍ଡାର ୭୫ ଓ ପଡ଼େଇଗୁଡ଼ାର ୪୪ ଜଣଙ୍କ ପେଟ କାଟିବା ସହ ଝାଡ଼ା ହୋଇଥିଲା। ସେମାନଙ୍କ ମଧ୍ୟରେ ୩ଜଣ ଛୋଟ ପିଲା ମଧ୍ୟ ଅଛନ୍ତି। ରବିବାର ଜାମରୁଣ୍ଡା ଗ୍ରାମର ୭୫ ଓ ପଡ଼େଇଗୁଡ଼ା ଗ୍ରାମର ୪୨ ଜଣଙ୍କ ପେଟ ବ୍ୟଥା ଓ ଝାଡ଼ା ହୋଇଥିଲା। ରାତିରେ ଉଭୟ ଗ୍ରାମର ଆଶା, ଅଙ୍ଗନୱାଡି କର୍ମୀ ପୂଜାରିଗୁଡ଼ା ମେଡିକାଲର ଡାକ୍ତର ଅଭୟ କୁମାର ଦେଙ୍କୁ ଏ ନେଇ ସୂଚନା ଦେଇଥିଲେ। ଡାକ୍ତର ଅଭୟ ଦେ ତୁରନ୍ତ ଗୋଟିଏ ଟିମ୍ ଧରି ଉଭୟ ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କୁ ଔଷଧ, ଓଆର୍‌ଏସ୍ ପାଉଡର ସେବନ କରିବାକୁ ଦେଇଥିଲେ। ଜାମରୁଣ୍ଡାରେ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର କରି ୨ଗ୍ରାମର ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଓ ଔଷଧ ବାଣ୍ଟିଥିଲେ। ଏ ନେଇ ଜିଲା ଜନ ସ୍ୱାସ୍ଥ୍ୟାଧିକାରୀ ମଳୟ ତ୍ରିପାଠୀଙ୍କୁ ପଚାରିବାରୁ ଉଭୟ ଗ୍ରାମରୁ କେହିମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇନାହାନ୍ତି। ସମସ୍ତେ ନିଜ ନିଜ ଘରେ ରହି ଔଷଧ ଖାଉଛନ୍ତି। ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସଂଗୃହୀତ ନମୁନା ପରୀକ୍ଷା ପରେ ଝାଡ଼ା ଓ ପେଟ ବ୍ୟଥାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

DSPL-117

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୨
**ତା୧୩।୦୮।୨୦୨୨ରିଖ (ଶନିବାର)**

## ବିଶେଷ ସୂଚନା

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।
୩. ତା୧୩।୦୮।୨୦୨୨ରିଖ (ଶନିବାର)ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲାସ୍ତରୀୟ ଏବଂ ରାଷ୍ଟ୍ରସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ, ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଯୋଗାଯୋଗ:
ମୋ: ୯୪୩୮୫୭୮୫୮୬ ଏବଂ ୯୪୩୭୯୫୯୭୩୧
OIPR-18008/13/0008/2223

FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. No.: 485/2021
State Bank of India (SARB), Cuttack .....Applicant
Versus
Mr. Anjan Kumar Rout .....Defendant(s)
To,
(1) **Mr. Anjan Kumar Rout,** S/o- Ramesh Chandra Rout, At: Hinjala, Olanda Saragan, Via: Haldipada, Dist.: Balasore-756027.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 485/2021** in the Court of the Debts of Recovery Tribunal, Cuttack for recovery of **Rs.56,71,522.00** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **06th September, 2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **16th day of July, 2022.**

Sd/- (M.K. Patnaik)
REGISTRAR

**BERHAMPUR UNIVERSITY**
Bhanja Bihar, Berhampur – 760007, Odisha
www.buodisha.edu.in
Ref: BU/BT/2022/296 Date: 01.08.2022

**Notice Inviting Rate Contract Proposal for Supply of Chemicals, Glass wares, Labwares etc.**

Bids for Rate Contract (RC) proposals are invited for the purchase of Chemicals and kits; Labwares and Plastic wares; Glasswares and Lab consumables and also availing Sequencing and other Molecular Biology services from original manufacturers, distributors, authorized dealers or registered service providers for the brand names mentioned in the bid document (category-I to VI) along with price list and maximum discount (percentage) offered to the undersigned on 'FOR' destination basis. **The last date of submission of Rate Contract Proposal is 20th August 2022**. The undersigned reserves the right to cancel any category or the entire Rate Contract without assigning any reason thereof. The interested bidder/supplier/ manufacturer/authorised dealer/service provider should download the bid document from the Website **www.buodisha.edu.in**. Alternatively, bid document can also obtain by sending email request to the Head, PG Department of Biotechnology, Berhampur University through email ID **"jp.bt@buodisha.edu.in"** on or before 17th August 2022.

Coordinator CoE BESO & Head
PG Department of Biotechnology

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍- ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିଗୁଡ଼ିକର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତାମାନଙ୍କୁ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦** ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ସେମାନଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିଗୁଡିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଖର୍ଚ୍ଚ, ଆଇନଗତ ଦେୟ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ଅଭିରାମ ସାହୁ,** ପ୍ଲଟ୍ ନଂ.: ୭୯୭/ବି, ତଳସାହି, ଲକ୍ଷ୍ମୀ ସାଗର, ଭୁବନେଶ୍ୱର-୭୫୧୦୦୬, ଜିଲ୍ଲା: ଖୋର୍ଦ୍ଧା | ଶ୍ରୀ ଅଭିରାମ ସାହୁ | ଶ୍ରୀ ଅଭିରାମ ସାହୁଙ୍କ ନାମରେ "ବୈଷ୍ଣୋଦେବୀ ଏନକ୍ଲେଭ" ନାମକ ଆପାର୍ଟମେଣ୍ଟରେ ବ୍ଲକ-ବିରେ ୬ଷ୍ଠ ମହଲାରେ ଥିବା ଫ୍ଲାଟ୍ ନଂ.: ୬୦୮ର ସମସ୍ତ ଅଂଶବିଶେଷ ଯାହାର କାର୍ପେଟ ଏରିଆ: ୯୨୬ ବର୍ଗଫୁଟ, ବିଲ୍ଟ ଅପ୍ ଏରିଆ: ୧୦୫୬ ବର୍ଗଫୁଟ, ସୁପର ବିଲ୍ଟ ଅପ୍ ଏରିଆ: ୧୩୫୦ ବର୍ଗଫୁଟ, ପ୍ରକାର-୨ବିଆର, ମୌଜା: ପାଞ୍ଚଗାଁ, ତହସିଲ: ଜଟଣୀ, ଥାନା: ଭୁବନେଶ୍ୱର, ହାଲ୍ ଥାନା: ଏୟାରଫିଲ୍ଡ, ଥାନା: ନଂ.:୩୦, ସବ୍ ରେଜିଷ୍ଟ୍ରାର: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୬୯/୪୦୯, ପ୍ଲଟ୍ ନଂ.: ୩୯୦, କ୍ଷେତ୍ର: ଏକର୦.୫୫୫ ଡିସିମିଲି, ଖାତା ନଂ.: ୪୬୯/୪୦୮, ପ୍ଲଟ୍ ନଂ.: ୩୯୨, କ୍ଷେତ୍ର: ଏକର୦.୧୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର୦.୬୭୦ ଡିସିମିଲିରୁ** ଅବିଭକ୍ତ ଆନୁପାତିକ ଅଂଶ ଏକର୦.୦୧୦.୦୪ ଡିସିମିଲି ବା ୪୩୭ ବର୍ଗଫୁଟ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ ନଂ.: ୬୦୯, ଦକ୍ଷିଣ: ଚଲାପଥ, ପୂର୍ବ: ଚଲାପଥ, ପଶ୍ଚିମ: କରିଡ଼ର | ୧୬.୦୪.୨୦୨୨ | ୨୯.୦୭.୨୦୨୨ | ୧୩.୦୪.୨୦୨୨ ସୁଦ୍ଧା ଟ.୩୪,୧୭,୯୭୨/- + ୧୩.୦୪.୨୦୨୨ ଠାରୁ ସେବାବଦ ପରବର୍ତ୍ତୀ ସୁଧ ଏବଂ ଆଇନଗତ ଖର୍ଚ୍ଚ ଇତ୍ୟାଦି |
| **ଋଣଗ୍ରହୀତା: ମହମ୍ମଦ ଗୁଲାମ ମହିଉଦ୍ଦିନ,** ପିତା: ମହମ୍ମଦ ଅଲ୍ଲୀ ରାଜା କ୍ୱାଦ୍ରି, ସା: ରଥିପୁର, ପୋ: କନ୍ତିଆ, ଭାୟା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍- ୭୫୨୦୫୦ | ମହମ୍ମଦ ଗୁଲାମ ମହିଉଦ୍ଦିନ | ମହମ୍ମଦ ଗୁଲାମ ମହିଉଦ୍ଦିନଙ୍କ ନାମରେ "ବୈଷ୍ଣୋଦେବୀ ଏନକ୍ଲେଭ" ନାମକ ଆପାର୍ଟମେଣ୍ଟରେ ବ୍ଲକ-ବିରେ ୬ଷ୍ଠ ମହଲାରେ ଥିବା ଫ୍ଲାଟ୍ ନଂ.: ୬୦୭ର ସମସ୍ତ ଅଂଶବିଶେଷ ଯାହାର କାର୍ପେଟ ଏରିଆ: ୮୩୩ ବର୍ଗଫୁଟ, ବିଲ୍ଟ ଅପ୍ ଏରିଆ: ୯୪୩ ବର୍ଗଫୁଟ, ସୁପର ବିଲ୍ଟ ଅପ୍ ଏରିଆ: ୧୨୨୬ ବର୍ଗଫୁଟ, ପ୍ରକାର-୨ବିଆର, ମୌଜା: ପାଞ୍ଚଗାଁ, ତହସିଲ: ଜଟଣୀ, ଥାନା: ଭୁବନେଶ୍ୱର, ହାଲ୍ ଥାନା: ଏୟାରଫିଲ୍ଡ, ଥାନା: ନଂ.:୩୦, ସବ୍ ରେଜିଷ୍ଟ୍ରାର: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୬୯/୪୦୯, ପ୍ଲଟ୍ ନଂ.: ୩୯୦, କ୍ଷେତ୍ର: ଏକର୦.୫୫୫ ଡିସିମିଲି, ଖାତା ନଂ.: ୪୬୯/୪୦୮, ପ୍ଲଟ୍ ନଂ.: ୩୯୨, କ୍ଷେତ୍ର: ଏକର୦.୧୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର୦.୬୭୦ ଡିସିମିଲିରୁ** ଅବିଭକ୍ତ ଆନୁପାତିକ ଅଂଶ ଏକର୦.୦୦୮.୮୧ ଡିସିମିଲି ବା ୩୮୪ ବର୍ଗଫୁଟ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: କରିଡ଼ର, ଦକ୍ଷିଣ: ଚଲାପଥ, ପୂର୍ବ: ଚଲାପଥ, ପଶ୍ଚିମ: ଚଲାପଥ | ୧୬.୦୪.୨୦୨୨ | ୨୯.୦୭.୨୦୨୨ | ୧୩.୦୪.୨୦୨୨ ସୁଦ୍ଧା ଟ.୩୦,୫୪,୫୯୨/- + ୧୩.୦୪.୨୦୨୨ ଠାରୁ ସେବାବଦ ପରବର୍ତ୍ତୀ ସୁଧ ଏବଂ ଆଇନଗତ ଖର୍ଚ୍ଚ ଇତ୍ୟାଦି |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୦୧.୦୮.୨୦୨୨** — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE EXECUTIVE DIRECTOR, SOUTHERN ZONE, BERHAMPUR
CIN:U40102OR2004SGC007553
Lifeline of Odisha
No./ED/Publication/Gaz/03/2022 Dated:29.07.2022
No. CAD-1309

**NOTIFICATION**

In accordance with Section-164 of Indian Electricity Act,2003 and in exercise of the power conferred upon OPTCL vide Department of Energy, Government of Odisha Order No:2353-R&R-II-10/2006, dated the 9th March 2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution are published for general information. The Tentative estimated amount is Rs.2.5 Crores (Approx). For Development of Solar Power in Ganjam District and electrical energy growth of Odisha State as a whole. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Executive Director, Southern Zone, OPTCL, Berhampur, within two months from the date of publication of this notification. Full Details of the scheme and plan may be seen in the office of the Dy. General Manager(Elect), EHT O&M Division, Bhanjanagar on any working day during office hours.

**Name of the Work:-** Construction of proposed 220 kV LILO Line from 220 kV Bhanjanagar - Nayagarh DC Line between Loc No.58 & 59 to proposed 40 MW Solar PV Power Plant at Landeihill, Jagannath Prasad.

**Name of the Village in which the line will pass:**
**Tehsil:-** Jagannath Prasad, R.I Circle- Pratapur Revenue Village:Landehill; R.I Circle: Jhadabhumi, Revenue Village: Kandhanuapalli; R.I Circle-Jhadabhumi, Revenue Village: Kandhanuapalli; R.I Circle: Jhadabhumi, Revenue Village: Jamagarada.

FIPR-31/2022-23
Sd/- Biswa Ranjan Mishra
Executive Director, Zonal Office Burla
OIPR-04011/11/0068/2223

# ପେନ୍‌ସିଲ ନୁହେଁ ପତାକା

ଉତ୍ତରପ୍ରଦେଶ କନୌଜ ଜିଲା ଛିବ୍ରାମାଉ ସହରର ଜଣେ ୬ ବର୍ଷର ବାଳିକା କ୍ରିତି ଦୁବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ପତ୍ର ଲେଖି ଦରବୃଦ୍ଧି ଯୋଗୁ ସେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବିଷୟ ଜଣାଇଛନ୍ତି। ତାଙ୍କ ପେନ୍‌ସିଲ ଚୋରି ହୋଇଯିବା ପରେ ଆଉ ଗୋଟିଏ କିଣିବା ପାଇଁ ମା'ଙ୍କୁ କହିବାରୁ ସେ ତାଙ୍କଠାରୁ ମାଡ଼ ଖାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହିତ ମ୍ୟାଗି ଦର ବଢ଼ିଯାଇଥିବାରୁ ତାହାକୁ କିଣି ଖାଇବା କଷ୍ଟକର ହୋଇପଡୁଛି। ସେଥିପାଇଁ ସେ କ'ଣ କରିବେ ବୋଲି ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ଦରବୃଦ୍ଧି ଗୋଟେ ସାନ ପିଲାକୁ କିଭଳି ବ୍ୟଥିତ କରିଛି ଏହାକୁ ଉଦାହରଣ ଭାବେ ନିଆଯାଇପାରେ। କ୍ରିତିଙ୍କ ପିତା ଜଣେ ଓକିଲ। ପ୍ରଧାନମନ୍ତ୍ରୀଙ୍କୁ ଏଭଳି ଚିଠି ଲେଖିବା ଉପରେ ମନ୍ତବ୍ୟ ଦେବାକୁ ଯାଇ ସେ କହିଛନ୍ତି, ତାହା ହେଉଛି ତାଙ୍କ ଝିଅର 'ମନ୍ କୀ ବାତ୍'। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩୧ ଜୁଲାଇରେ ତାଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ କହିଥିଲେ, ୨ ଅଗଷ୍ଟରୁ ୧୫ ତାରିଖ ମଧ୍ୟରେ ଦେଶବାସୀ ସେମାନଙ୍କ ସୋସିଆଲ ମିଡିଆ ପ୍ରୋଫାଇଲରେ ଜାତୀୟ ପତାକା ତ୍ରିରଙ୍ଗାକୁ ଡିସ୍‌ପ୍ଲେ ପିକ୍‌ଚର ଭାବେ ବ୍ୟବହାର କରିବା ଲାଗି ଆଗେଇ ଆସନ୍ତୁ। ନିଃସନ୍ଦେହରେ କୁହାଯାଇପାରେ ପ୍ରଧାନମନ୍ତ୍ରୀଙ୍କର ଏହି ବାର୍ତ୍ତା ତାଙ୍କ ନିର୍ବାଚନ ପୂର୍ବର 'ଚୌକିଦାର' ଶବ୍ଦ ନାମ ପୂର୍ବରୁ ଲେଖିବାର ଯେଉଁ ପରୋକ୍ଷ ଆଦେଶ ଥିଲା, ତାହାଠାରୁ କାହିଁ ଅଧିକ ସ୍ୱାଗତଯୋଗ୍ୟ। ଏଥିସହିତ ୧୩ ଅଗଷ୍ଟରୁ ୧୫ ଅଗଷ୍ଟ ଯାଏ ପ୍ରତ୍ୟେକଙ୍କ ଘରେ ତ୍ରିରଙ୍ଗା ଉଡ଼ାଇବା ସକାଶେ ଅଭିଯାନ ହେଉଥିବା ବିଷୟ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କର ସବୁ କାର୍ଯ୍ୟ ଦେଶବାସୀଙ୍କ ମଧ୍ୟରେ କେବଳ ଯେ ପ୍ରତିଯୋଗିତା ସୃଷ୍ଟି କରୁଛି ତାହା ନୁହେଁ, ତାଙ୍କ ନିର୍ଦ୍ଦେଶ ପାଳିବାକୁ ଯାଇ ଆଗ୍ରହୀ ଜନସାଧାରଣ ଭାରତର ଅର୍ଥନୀତିକୁ ଏକପ୍ରକାର ତଳିତଳାନ୍ତ କରିଦେଲେଣି। ଆଧାର ପାଇଁ ଦୌଡ଼ିବାର ନିର୍ଦ୍ଦେଶଠାରୁ ଆରମ୍ଭ କରି ଆଜିର ତ୍ରିରଙ୍ଗା ଉଡ଼ାଇବାର ଆଦେଶ ଦେଶକୁ କାମରେ ବ୍ୟସ୍ତ ରଖିବାର ଏକ ସହଜ ଉପାୟ। କିନ୍ତୁ ଏହା ନିଜ କାର୍ଯ୍ୟର କୁଫଳ ଲୁଚାଇବାର ସହଜ ପନ୍ଥା ହୋଇଯାଉଛି।

**ବିରୋଧୀ ନେତା, ଗବେଷକ, ବିଶେଷଜ୍ଞ ଏବଂ ଭଦ୍ର ସମାଜରୁ ପ୍ରସ୍ତାବ ଓ ପରାମର୍ଶ ନିଆ ନ ଯାଇ ଶାସକ ବର୍ଗ ଏକାକୀ ନିଷ୍ପତ୍ତି ନେଇଯିବା ଯୋଗୁ ସେହି ଦେଶ ତଳିତଳାନ୍ତ ହୋଇଗଲା। ଅନୁରୂପ ଭାବେ ଦେଖିଲେ ଭାରତରେ ମୁଷ୍ଟିମେୟଙ୍କୁ ନେଇ ନିଆଯାଉଥିବା ନିଷ୍ପତ୍ତି ମନୁଷ୍ୟକୃତ ବିପଦ ଆଣିବାର ଆଶଙ୍କା ସୃଷ୍ଟି କରୁଛି।**

ଭାରତ ଏବେ ଦୁଇଟି ବଡ଼ ସମସ୍ୟାର ସମ୍ମୁଖୀନ ହେଉଛି। ଦରବୃଦ୍ଧି ଓ ବେକାରଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ତାହା ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ବିଶେଷକରି ଦରବୃଦ୍ଧି ସମାଜର ସବୁ ବର୍ଗଙ୍କୁ ବହୁମାତ୍ରାରେ ବାଧୁଛି। ପିଲାଟିଏ ପଢ଼ିବା ପାଇଁ ପେନ୍‌ସିଲ ଓ ରବର ଦାମ୍ ବୃଦ୍ଧି ବିଷୟଠାରୁ ପରିବାରର ଦୈନନ୍ଦିନ ଖର୍ଚ୍ଚ ପୂର୍ବାପେକ୍ଷା ବହୁଗୁଣ ବଢ଼ିଯାଇଛି। ହେଲେ ଏଭଳି ପ୍ରଶ୍ନର ଉତ୍ତରରେ ଶାସକ ବର୍ଗ କୋଭିଡ୍ ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପ୍ରଭାବକୁ ଦାୟୀ କରି ବସିଯାଉଛନ୍ତି। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୧୮ରେ ଆରମ୍ଭ ହେବା ପରେ ବିରୋଧୀ ମୁଦ୍ରାସ୍ଫୀତି ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂକ୍ରାନ୍ତରେ ଆଲୋଚନା କରିବା ଲାଗି ବାରମ୍ବାର କହିଆସୁଥିଲେ। ହେଲେ ସେହି ପ୍ରସଙ୍ଗକୁ ଶାସକ ଦଳ ଏଡ଼େଇ ଚାଲିଥିଲା। ୧ ଅଗଷ୍ଟରେ ଲୋକ ସଭାରେ ମୁଦ୍ରାସ୍ଫୀତିକୁ ଆଲୋଚନା କରିବା ଲାଗି ତାଲିକାଭୁକ୍ତ କରାଗଲା। ତେଣୁ ସଂସଦରେ ଏତେଦିନ ନଷ୍ଟ କରିବା ପଛର କାରଣ ଆଜି ମଧ୍ୟ ଦେଶବାସୀ ବୁଝିପାରୁ ନାହାନ୍ତି। ଯଦି ସବୁ ଦୋଷ କୋଭିଡ୍ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ହେଲା, ତେବେ ପାର୍ଲାମେଣ୍ଟରେ ଦରବୃଦ୍ଧି ବିଷୟକୁ ବିରୋଧ କରିବାର କାରଣ କ'ଣ ଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମୁଦ୍ରାସ୍ଫୀତି ଉପରେ ମନ୍ତବ୍ୟ ରଖି କହିଛନ୍ତି, ଭାରତ ସମଗ୍ର ବିଶ୍ୱର ଅଭିବୃଦ୍ଧିକୁ ସର୍ବଦା ପୁନଃସମୀକ୍ଷା, ପୁନଃନିର୍ଦ୍ଧାରଣ ଓ ପୁନଃଆକଳନ କରିଚାଲିଛି। ସବୁଥିରେ ଦେଖାଦେଇଛି ଆମେ ଆଗରେ ଅଛୁ। ତେଣୁ ଭାରତ କଦାପି ମାନ୍ଦାବସ୍ଥାରେ ପଡ଼ିବାର ପ୍ରଶ୍ନ ଉଠୁ ନାହିଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି। ଅବଶ୍ୟ ଏଠାରେ ପ୍ରଶ୍ନ ଉଠିପାରେ ଯଦି ଭାରତ ସବୁ ଦେଶଠାରୁ ଆଗରେ ରହିଛି, ତେବେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦବି ଚାଲିଛି କାହିଁକି।

ଭାରତର ପଡ଼ୋଶୀ ଶ୍ରୀଲଙ୍କା ଓ ପାକିସ୍ତାନକୁ ଦେଖିଲେ ସେମାନେ କିଭଳି ଦୟନୀୟ ସ୍ଥିତିରେ ଅଛନ୍ତି ଜଗତସାରା ଲୋକେ ବୁଝିପାରୁଛନ୍ତି। ବିଶେଷକରି ଶ୍ରୀଲଙ୍କା ଅର୍ଥନୀତି ଧ୍ୱଂସ ହେବା ପଛରେ ରାଜନୈତିକ କାରଣ ମୁଖ୍ୟତଃ ଦାୟୀ ହୋଇଥିବା ବେଳେ ଖରାପ ଅର୍ଥନୈତିକ ନୀତି ସଙ୍କଟକୁ ଅଧିକ ଦୁର୍ବିଷହ କରିଦେଇଛି। ବିରୋଧୀ ନେତା, ଗବେଷକ, ବିଶେଷଜ୍ଞ ଏବଂ ଭଦ୍ର ସମାଜରୁ ପ୍ରସ୍ତାବ ଓ ପରାମର୍ଶ ନିଆ ନ ଯାଇ ଶାସକ ବର୍ଗ ଏକାକୀ ନିଷ୍ପତ୍ତି ନେଇଯିବା ଯୋଗୁ ସେହି ଦେଶ ତଳିତଳାନ୍ତ ହୋଇଗଲା। ଅନୁରୂପ ଭାବେ ଦେଖିଲେ ଭାରତରେ ମୁଷ୍ଟିମେୟଙ୍କୁ ନେଇ ନିଆଯାଉଥିବା ନିଷ୍ପତ୍ତି ମନୁଷ୍ୟକୃତ ବିପଦ ଆଣିବାର ଆଶଙ୍କା ସୃଷ୍ଟି କରୁଛି। ଭୋଟ ପାଇଯାଇ ଶାସନରେ ବସୁଥିବା ବ୍ୟକ୍ତିଙ୍କର ସବୁ ବିଷୟରେ ଯଥେଷ୍ଟ ଜ୍ଞାନ ଓ ଧାରଣା ରହିଛି ବୋଲି ଭାବିବା ଭୁଲ। ବ୍ୟବସ୍ଥା ବାହାରେ ଥିବା ବ୍ୟକ୍ତିମାନେ ଆବଶ୍ୟକ ସମୟରେ ସରକାରଙ୍କୁ ପରାମର୍ଶ ଦେବା କଥା। କିନ୍ତୁ ସେହିଭଳି ଦୃଷ୍ଟାନ୍ତ ସୃଷ୍ଟି କରାଯାଉ ନାହିଁ। ଯେତେବେଳେ ସରକାର କୌଣସି ଅଡୁଆ ପରିସ୍ଥିତିର ସାମ୍ନା କରୁଛନ୍ତି, ସେତେବେଳେ ଅଣପ୍ରସଙ୍ଗକୁ ବଡ଼ ଆକାରରେ ପ୍ରଚାର କରି ମୁଖ୍ୟ ସମସ୍ୟାକୁ ଦାବି ଦେବାକୁ ଚେଷ୍ଟା କରୁଛନ୍ତି। ଏହାଦ୍ୱାରା ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ ରାସ୍ତା ବାହାରିବା ଅପେକ୍ଷା ତାହା ବହୁଗୁଣା ବଢ଼ିଯାଉଛି।

# ଆହାର ଉପରେ ପାହାର



ଡ. ସନ୍ତୋଷ କୁମାର ମହାପାତ୍ର

ମଣିଷ ବଞ୍ଚିବା ପାଇଁ ଆବଶ୍ୟକ ପାଣି ଓ ଖାଦ୍ୟସାମଗ୍ରୀ। କିନ୍ତୁ ଏବେ କୋଟି କୋଟି ଲୋକ ଅର୍ଥ ଅଭାବରୁ ଓଳିଏ ଖାଇଲେ ଓଳିଏ ଖାଇବାକୁ ପାଆନ୍ତି ନାହିଁ ଓ ଭୋକରେ ନିଦ ଯାଆନ୍ତି। ଭାରତରେ ପୁଷ୍ଟିହୀନତାର ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ୨୦୨୧ରେ ୨୨.୪୩ କୋଟି ଥିଲା ବେଳେ ୯୭.୩୩ କୋଟି ବା ୭୦.୫ ପ୍ରତିଶତ ଭାରତୀୟ ସ୍ୱାସ୍ଥ୍ୟକର ଖାଦ୍ୟ ପାଇବାରୁ ବଞ୍ଚିତ। କରୋନା ମହାମାରୀ କ୍ଷୁଧାକୁ ଆହୁରି ବ୍ୟାପକ କରିଛି। କିନ୍ତୁ ଚିନ୍ତାଜନକ ବିଷୟ ହେଉଛି ଏହି ସମୟରେ ସରକାର ଧନିକଶ୍ରେଣୀ ଉପରେ ଟିକସ ଆଦାୟ ନ କରି ଖାଦ୍ୟସାମଗ୍ରୀ ଉପରେ ଜିଏସ୍‌ଟି ଧାର୍ଯ୍ୟ କରିଛନ୍ତି। ଏହା ଗରିବଙ୍କ ଆହାର ଉପରେ ପାହାର ବା ଦାନାରେ ଧୂଳି ଦେବା ସଦୃଶ।

ସୂଚନାଯୋଗ୍ୟ ଯେ, ନିକଟରେ ହୋଇଥିବା ଜିଏସ୍‌ଟି ପରିଷଦର ୪୭ତମ ବୈଠକରେ କିଛି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରେ ୫ ପ୍ରତିଶତ ଜିଏସ୍‌ଟି ଶୁଳ୍କ ଲାଗିବ ବୋଲି ଘୋଷଣା କରାଯାଇଛି। ଏହି ଲିଷ୍ଟରେ ଡାଲି, ଗହମ, ବାଜରା, ଚାଉଳ, ସୁଜି, ଦହି, ଲସି ଭଳି ଅତ୍ୟାବଶ୍ୟକ ଜିନିଷ ରହିଛି। ସେଥିରେ ଡାଲି, ଗହମ, ମକା, ଚାଉଳ, ସୁଜି, ବେସନ, ମୁଢ଼ି, ଲସି, ଓଟ୍‌ସ ଭଳି ସାମଗ୍ରୀ ସାମିଲ ରହିଛି। ତେବେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ବିରୋଧୀ ଦଳ ଏହାକୁ ପ୍ରତିବାଦ କରିବାରୁ ରାଜନୀତି ଜୋର ଧରିଥିଲା। ଅର୍ଥମନ୍ତ୍ରୀ ସଫେଇ ଦେବା ପାଇଁ ଯାଇ ଟୁଇଟରରେ କହିଛନ୍ତି, ଯଦି ବିନା ପ୍ୟାକିଂରେ ଏହି ସାମଗ୍ରୀ ବିକ୍ରି ହେଉଛି ତେବେ ଏହା ଉପରେ ଶୁଳ୍କ ଲାଗିବ ନାହିଁ। ଅର୍ଥମନ୍ତ୍ରୀ ଆଗକୁ କହିଛନ୍ତି, ଏହି ଖାଦ୍ୟସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇବା ନିଷ୍ପତ୍ତି କୌଣସି ଗୋଟିଏ ବ୍ୟକ୍ତି ନୁହେଁ ବରଂ ସମ୍ପୂର୍ଣ୍ଣ ଜିଏସ୍‌ଟି ପରିଷଦ ଓ ସବୁ ରାଜ୍ୟର ସହମତିରେ ନିଷ୍ପତ୍ତି ହୋଇଛି। ପ୍ରଥମତଃ ଗରିବ ଓ ସାଧାରଣ ଜନତା କ'ଣ ସର୍ବଦା ଦୟନୀୟ ଜୀବନଯାପାନ କରିବା ପାଇଁ ଜନ୍ମ ହୋଇଛନ୍ତି। ସେମାନଙ୍କୁ କ'ଣ ପ୍ୟାକିଂ ସାମଗ୍ରୀ ବ୍ୟବହାର କରିବାରୁ ବଞ୍ଚିତ କରିବା ଉଚିତ। ପୁନଶ୍ଚ ଅଣଭାଜପା ରାଜ୍ୟ ସରକାର ବିରୋଧ କଲେ ମଧ୍ୟ ସରକାରଙ୍କ ପ୍ରସ୍ତାବ ବଦଳାଇବା ପାଇଁ ଆବଶ୍ୟକ ଶକ୍ତି ନାହିଁ। ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଅଣଭାଜପା ରାଜ୍ୟ ସରକାର ଯଦି ଜନବିରୋଧୀ ପ୍ରସ୍ତାବ ଦିଅନ୍ତି ବା ଚୁପ ରହନ୍ତି ତେବେ କେନ୍ଦ୍ର ସରକାର କ'ଣ ଜନବିରୋଧୀ ସିଦ୍ଧାନ୍ତ ନେବେ। ତାଙ୍କର ଜନସାଧାରଣଙ୍କ ପ୍ରତି କିଛି ନୈତିକ ଦାୟିତ୍ୱ ନାହିଁ। ପ୍ରଥମତଃ କେନ୍ଦ୍ର ସରକାରଙ୍କ ତରଫରୁ ଏପରି କାହିଁକି ଗରିବ ମାରଣ ନୀତି ପ୍ରସ୍ତାବ ଦିଆଗଲା।




ଉଲ୍ଲେଖଯୋଗ୍ୟ ଯେ ୨୦୧୭ ଜୁଲାଇ ୧ରେ ଜିଏସ୍‌ଟି ଆରମ୍ଭ କରାଯାଇଥିଲା। ୨୦୧୭ ଜୁନ୍ ୩୦ ମଧ୍ୟରାତ୍ରିରେ ସଂସଦର ସେଣ୍ଟ୍ରାଲ ହଲ୍‌ରେ ମହା ଆଡ଼ମ୍ବରରେ ପାଳନ କରାଗଲା। ସେତେବେଳେ ଜିଏସ୍‌ଟିକୁ ଏକ ଶ୍ରେଷ୍ଠ ଟିକସ ସଂସ୍କାର କୁହାଯିବା ସହିତ ଏହା ପରୋକ୍ଷ କର ବ୍ୟବସ୍ଥାକୁ ସରଳ କରିବ ଏବଂ ଏହାଦ୍ୱାରା ଦରଦାମ କମିବ, ଟିକସ ଫାଙ୍କି ରୋକାଯାଇପାରିବ ବୋଲି ପ୍ରଚାର କରାଗଲା। ସେତେବେଳେ ଅନେକ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ ଓ ବୁଦ୍ଧିଜୀବୀ ଏହା ସପକ୍ଷରେ ମତ ଦେଇଥିଲାବେଳେ ଆମେ ବିରୋଧ କରିଥିଲୁ। ଆମେ ଲେଖିଥିଲୁ ଯେ ଜିଏସ୍‌ଟି ଟିକସ ପ୍ରକ୍ରିୟାକୁ ଆହୁରି ଜଟିଳ କରିବ ଏବଂ ଦରଦାମ ବୃଦ୍ଧି ପାଇବ ଓ ଗରିବକୁ ଅଧିକ ଗରିବ କରିବ ଏବଂ ରାଜ୍ୟଗୁଡ଼ିକର ଟିକସ ଆଦାୟ କରିବାର କ୍ଷମତା ସଙ୍କୁଚିତ କରିବ, ଯାହା ଆଜି ସତ୍ୟ ହୋଇଛି।

ପ୍ରଥମତଃ ଆମଦେଶରେ ସର୍ବାଧିକ ଜିଏସ୍‌ଟି ହାର ବିଶ୍ୱରେ ପ୍ରାୟ ସବୁଠୁ ଅଧିକ ଏବଂ ଅଧିକ ସ୍ଲାବ୍ ମଧ୍ୟ । ବିଶେଷକରି ସେବାକ୍ଷେତ୍ରର ଆମ ଜିଡିପିକୁ ଅବଦାନ ୫୪.୨ପ୍ରତିଶତ ଏବଂ ସେଥିରେ ଆଗରୁ ୧୫ ପ୍ରତିଶତ (୧୪ ପ୍ରତିଶତ ସେବା ଟିକସ,୦.୫ ପ୍ରତିଶତ ସ୍ୱଚ୍ଛ ଭାରତ ଟ୍ୟାକ୍ସ ଏବଂ ୦.୫ ପ୍ରତିଶତ କୃଷି କଲ୍ୟାଣ କର) ଟିକସ ଥିଲା ତାହା ୧୮ପ୍ରତିଶତକୁ ବୃଦ୍ଧି ପାଇଲା। ଯେତେବେଳେ ପ୍ରାୟ ୯୦ପ୍ରତିଶତ ସେବା ଉପରେ ସିଧା ୩ ପ୍ରତିଶତ ଅଧିକ ଟ୍ୟାକ୍ସ ଧାର୍ଯ୍ୟ କରାଗଲା, ଏପରିକି ବୀମା ପ୍ରିମିୟମ ଉପରେ, ଏହା ସ୍ୱାଭାବିକ ଭାବେ ବିଭିନ୍ନ ସେବା ମୂଲ୍ୟ ବୃଦ୍ଧି କରିବା ସହିତ ଜୀବନଧାରଣକୁ ଆହୁରି ବ୍ୟୟସାପେକ୍ଷ କଲା। ପୁନଶ୍ଚ ଏପରି ଜନବିରୋଧୀ ପଦକ୍ଷେପ ନେବାର କାରଣ ହେଲା ନୂତନ ପଦ୍ଧତିରେ ଯେଉଁ ଜିଡିପି ଆକଳନ ହେଉଛି ସେଥିରେ ପରୋକ୍ଷ କର ଯୁକ୍ତ ହେଲାବେଳେ ସବ୍‌ସିଡି ହ୍ରାସ କରାଯାଉଛି । ଏଣୁ ଜିଡିପି ଅଧିକ ଦେଖାଇବା ପାଇଁ ସରକାର ପରୋକ୍ଷ କର ଜିଏସ୍‌ଟି ଓ ଅବକାରୀ ଶୁଳ୍କ ବୃଦ୍ଧି କରୁଛନ୍ତି। ସେତେବେଳେ ଆହୁରି ପ୍ରଚାର କରାଯାଉଥିଲା ଯେ ଗରିବ ଓ ସାଧାରଣ ଜନତା ବ୍ୟବହାର କରୁଥିବା ଦ୍ରବ୍ୟ ଓ ସେବା ଉପରେ କୌଣସି ଜିଏସ୍‌ଟି ଲାଗୁହେବ ନାହିଁ। କିନ୍ତୁ ବର୍ତ୍ତମାନ ସରକାର ସବୁ ପ୍ରତିଶ୍ରୁତି ଭଙ୍ଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗରିବ ଓ ସାଧାରଣ ଜନତା ତାଙ୍କ ଆୟର ମୁଖ୍ୟଭାଗ ଖାଦ୍ୟସାମଗ୍ରୀ ପାଇଁ ବ୍ୟୟ କରିଥା'ନ୍ତି। ଏଣୁ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ତାଙ୍କୁ ବେଶି ବାଧିଥାଏ। ବର୍ତ୍ତମାନ ଯେପରି ମୁଦ୍ରାସ୍ଫୀତି ବୃଦ୍ଧିଘଟି ଲୋକଙ୍କ କ୍ରୟଶକ୍ତି ଅହେତୁକ ହ୍ରାସ ପାଇଛି, ଜିଏସ୍‌ଟି ଧାର୍ଯ୍ୟ ଆହୁରି ପରିସ୍ଥିତି ସଙ୍ଗିନ କରିବ।

ଦେଶ ଚଳାଇବା ପାଇଁ ଅର୍ଥ ବା ସମ୍ବଳ ଦରକାର। କିନ୍ତୁ କିଏ ଅର୍ଥ ଦେବ ବା କେଉଁଠୁ ସମ୍ବଳ ଆସିବ? ଯାହାର ଆୟ ବା ସମ୍ପଦ ଅଧିକ ସେ ବେଶି ଟିକସ ଦେବା ଉଚିତ। କିନ୍ତୁ ଉଦାରୀକରଣ ନୀତି କାର୍ଯ୍ୟକାରୀ ହେବା ପରେ, ବିଶେଷକରି ବର୍ତ୍ତମାନର ସରକାର ଅମଳରେ ଆମ ଦେଶରେ ଧନୀ, କର୍ପୋରେଟ୍, ପୁଞ୍ଜିପତିଙ୍କୁ ଅଧିକ ରିହାତି ଦିଆଗଲା ବେଳେ ଗରିବ, ସାଧାରଣ ଜନତାଙ୍କ ଉପରୁ ପରୋକ୍ଷକର ବାବଦରେ ଅଧିକ ରାଜସ୍ୱ ଆଦାୟ କରାଯାଉଛି। ଅର୍ଥାତ୍ ଦେଶ ଚଳାଇବା ପାଇଁ ଯେଉଁ ସମ୍ବଳ ଦରକାର ତାହାର ବୋଝ ଗରିବ, ସାଧାରଣ ଜନତାଙ୍କ ଉପରେ ପଡୁଛି । ଟିକସ ବ୍ୟବସ୍ଥା ପ୍ରତିଗାମୀ ହୋଇଛି। ପରୋକ୍ଷ କର ସର୍ବଦା ରିଗ୍ରେସିଭ୍ ବା ପ୍ରତିଗାମୀ କାରଣ ଧନୀ ଗରିବ ଏପରିକି ଭିକାରିଟିଏ ମଧ୍ୟ କୌଣସି ଦ୍ରବ୍ୟ ଓ ସେବା କ୍ରୟ କଲା ବେଳେ ସମାନ ହାରରେ ଦେଇଥାଏ। ଅନେକେ ଯାହା କହନ୍ତି ଧନୀ ଅଧିକ ଟିକସ ଦେଉଛି, ତାହା ସମ୍ପୂର୍ଣ୍ଣ ଭୁଲ୍। ଗରିବ ବା ଭିକାରିଟିଏ ମଧ୍ୟ ପରୋକ୍ଷ କର ମାଧ୍ୟମରେ ଟିକସ ଦେଉଛି। ଏପରି କି କମ୍ପାନୀଗୁଡ଼ିକ ଯେଉଁ ବିଜ୍ଞାପନ ବାବଦରେ ବ୍ୟୟ କରନ୍ତି, ତାହାକୁ ତାଙ୍କ ଦ୍ରବ୍ୟ ବା ସେବାର ମୂଲ୍ୟ ନିର୍ଦ୍ଧାରଣ ବେଳେ ଯୁକ୍ତ କରିଥା'ନ୍ତି। ଅର୍ଥାତ୍ କମ୍ପାନୀଗୁଡ଼ିକର ବିଜ୍ଞାପନ ବ୍ୟୟ ଗରିବ ବା ଧନୀ ସମସ୍ତ ଉପଭୋକ୍ତା ସମାନ ହାରରେ ବହନ କରିଥା'ନ୍ତି। ଏଣୁ ଯେତେ ଅଧିକ ପ୍ରତ୍ୟକ୍ଷ କର ବାବଦରେ ଆଦାୟ ହେବ ତାହା ସେତେ ଭଲ। କିନ୍ତୁ ପ୍ରତ୍ୟକ୍ଷ କରକୁ ପ୍ରଗତିଶୀଳ ବା ପ୍ରୋଗ୍ରେସିଭ୍ କୁହାଯିବ ଯେତେବେଳେ ଟିକସ ହାର ଆୟ, ସମ୍ପଦ ବା ଲାଭ ଅନୁସାରେ ବୃଦ୍ଧି ପାଉଥିବ।

ମୋ: ୯୪୩୭୨୦୮୭୬୨
skmohapatra67@gmail.com

# ଯଶର ଫାଶ



ଯଦୁମଣି ପାଣିଗ୍ରାହୀ

ଯେଉଁମାନେ ସେମାନଙ୍କ ଜୀବଦ୍ଦଶାରେ ମଣିଷ ସମାଜର ହିତ ପାଇଁ କିଛି ସୁକର୍ମ କରି ଯଶକୀର୍ତ୍ତି ଅର୍ଜନ କରି ଯାଇଥାନ୍ତି, ସେମାନଙ୍କ ମୃତ୍ୟୁ ପରେ ବି ଏ ସମାଜ ସେମାନଙ୍କୁ ମନେ ରଖିଥାଏ। ସେମାନଙ୍କ ଅବର୍ତ୍ତମାନରେ ଏ ଜାତି ସେମାନଙ୍କୁ ସ୍ମରଣ କରିଥାଏ । ମୃତ୍ୟୁ ସିନା ସେମାନଙ୍କ ନଶ୍ୱର ଶରୀରକୁ ଗ୍ରାସ କରିଥାଏ ହେଲେ ସେମାନଙ୍କ ଯଶ କୀର୍ତ୍ତିକୁ ସାମାନ୍ୟତମ ମ୍ଳାନ କରି ପାରେନା। ଏମିତି ଅନେକ ମହାନ୍ ବ୍ୟକ୍ତି ଏ ସଂସାରରେ ଜନ୍ମ ନେଇଥିଲେ ଓ ଏବେ ବି ଅଛନ୍ତି; ଯେଉଁମାନେ ନିଜର ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପାଦରେ ଆଡ଼େଇ ଦେଇ ସମାଜ ପ୍ରତି ସେମାନଙ୍କ କର୍ତ୍ତବ୍ୟକୁ ନିଷ୍ଠାର ସହ ସଂପାଦନ କରିଥିଲେ ଓ ଆଜି ବି ଅନେକେ ନିରନ୍ତର ଓ ନିରବଚ୍ଛିନ୍ନ ଭାବେ କରି ଚାଲିଛନ୍ତି। ଆମ ସମସ୍ତଙ୍କ ହୃଦୟରେ ସେମାନେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥାନ୍ତି; ଯାହା ସର୍ବଦା ଜାଜ୍ୱଲ୍ୟମାନ ହୋଇ ରହିଥାଏ। ଏକଥା ସତ ଯେ, ଯଶ କୀର୍ତ୍ତି ଅର୍ଜନ କରିବା ଲକ୍ଷ୍ୟରେ କେହି କିଛି କରି ନ ଥାନ୍ତି। ବରଂ ସମଗ୍ର ମାନବ ସମାଜ ଲାଗି ସେମାନଙ୍କ ସୁକର୍ମ ସେମାନଙ୍କୁ ଯଶକୀର୍ତ୍ତିର ଅଧିକାରୀ କରାଇଥାଏ। ଯଶ କ୍ରୟବିକ୍ରୟର ସାମଗ୍ରୀ ନୁହେଁ କି ରାତାରାତି ଏହା ଅର୍ଜନ ମଧ୍ୟ କରାଯାଇ ନ ପାରେ। ଇଚ୍ଛା କରି କିମ୍ବା କାହାର ସୁପାରିସ ବଳରେ କେହି ଯଶଖ୍ୟାତିର ଅଧିକାରୀ ହୋଇପାରେନା। ଏଥିପାଇଁ ନିଷ୍ଠାପର ଓ ନିରବଚ୍ଛିନ୍ନ ସାଧନାର ଆବଶ୍ୟକତା ରହିଛି। ଯଶ ଖ୍ୟାତି ଅର୍ଜନ କରିବା ଲୋକେ ଈଶ୍ୱର ପ୍ରେରିତ ଓ ବିଧି ନିର୍ଦ୍ଧାରିତ। ସେହି ଅନୁସାରେ ମଣିଷ ଅତି ଛୋଟ ବେଳୁ ହିଁ ସେଥିପ୍ରତି ଆକୃଷ୍ଟ ହୋଇଥାଏ ଓ ସେହି ମାର୍ଗକୁ ଅନୁସରଣ କରିଥାଏ । ଆଜିକାଲି କିନ୍ତୁ ସମୟ ବଦଳି ଯାଇଛି। ଯଶ କୀର୍ତ୍ତି ଅର୍ଜନ କରିବାକୁ ସମସ୍ତେ ଆଜି ଯେମିତି ବ୍ୟାକୁଳ। ଯିଏ ଯେଉଁ ବାଟରେ ହେଉ ପଛକେ ଯଶ ଗୋଟାଇବା ଲକ୍ଷ୍ୟରେ ଅଛନ୍ତି। ଲେଖାଲେଖି କରୁଥିବା ମୋର ଜଣେ ବନ୍ଧୁଙ୍କ ଘରକୁ ଯିବା ଅବକାଶରେ ଯାହା ମୋତେ ସର୍ବାଧିକ ଦୃଷ୍ଟି ଆକର୍ଷଣ କଲା ଓ ମୋ ମନରେ କୌତୂହଳ ସୃଷ୍ଟି କରିଥିଲା ତାହା ହେଉଛି ତାଙ୍କ ଘର କାନ୍ଥରେ ଶୋଭା ପାଉଥିବା ଶତାଧିକ ମାନପତ୍ର। ସେ ଏସବୁ ବିଭିନ୍ନ ସଙ୍ଗଠନରୁ ପ୍ରାପ୍ତ ହୋଇଛନ୍ତି। ବନ୍ଧୁ ମୋର ଏଥିପାଇଁ ବେଶ୍ ଖୁସି ଓ ଗର୍ବିତ ମଧ୍ୟ ଥିଲେ। କିଛି ନ ହେଲେ ବି ମୃତ୍ୟୁ ପୂର୍ବରୁ ଏତକ ତ ସେ ଛାଡ଼ି ଦେଇ ଯିବେ, ଯାହା ତାଙ୍କୁ ଅନ୍ତତଃ କିଛି କାଳ ବଞ୍ଚାଇ ରଖିପାରିବ ବୋଲି ତାଙ୍କର ବଦ୍ଧମୂଳ ଧାରଣା ଥିଲା।

କେବଳ ମୋ ବନ୍ଧୁ କାହିଁକି ଆଜି ଅଧିକାଂଶ ଲୋକ ତୁଚ୍ଛା ପ୍ରଶଂସାପତ୍ର ତଥା ମାନପତ୍ର ଖଣ୍ଡେ ଯୋଗାଡ଼ କରି ଯଶ ଅର୍ଜନ କରିବାକୁ ନାନା ଭାବେ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଜୀବନର ସକଳ ସୁଖ, ସୁବିଧା ଓ ଭୋଗବିଳାସ ଭିତରେ ବୁଡ଼ି ରହିଥିବା ମଣିଷକୁ ଯଦି ଶୃଙ୍ଖଳାରେ କିଛି ଯଶ ବା ସୁନାମ ମିଳିପାରିଲା ତାହାଲେ କିଏ ବା କାହିଁକି ଏହାକୁ ହାତଛଡ଼ା କରିବ।



ଜୀବନର ସବୁ ଆବଶ୍ୟକତାକୁ ପୂରଣ କରିସାରିବା ପରେ ଶେଷରେ ଯଦି କିଛି ଯଶଖ୍ୟାତି ଅର୍ଜନ କରି ନ ହେଲା ତେବେ ଜୀବନ ଯୁଦ୍ଧରେ ନିଜକୁ ଦିଗ୍‌ବିଜୟୀ ବୋଲି କହିବାକୁ ସଙ୍କୋଚ ଲାଗିବ ଯେ। ଆଜିକାଲି ଯଶ ଅର୍ଜନ କରିବାକୁ ଲୋକଙ୍କ ଭିତରେ ରହିଥିବା ଉତ୍କଣ୍ଠା ତଥା ବ୍ୟାକୁଳତାର ସୁଯୋଗ ନେଇ ଅନେକ ସାହିତ୍ୟ ଓ ସାଂସ୍କୃତିକ ସଂସ୍ଥା ଓ ସଙ୍ଗଠନମାନ ଗଢ଼ି ଉଠୁଛି, ଯେଉଁଗୁଡ଼ିକ ସଦାସର୍ବଦା ଯଶ ପ୍ରଦାନ କରିବାକୁ ଫାଶ ବସାଇ ଶିକାରକୁ ଅପେକ୍ଷା କରିଛନ୍ତି। ଶିକାରିଟିଏ ଯେମିତି ପଶୁପକ୍ଷୀଙ୍କୁ କବଳିତ କରିବାକୁ ଜାଲ ବିଛାଇ ଛକି ବସିଥାଏ ଠିକ୍ ସେମିତି ଉକ୍ତ ସଙ୍ଗଠନଗୁଡ଼ିକ ପୁରସ୍କାର ରଙ୍କୁଣା ମଣିଷ ଗୁଡ଼ାଙ୍କୁ ଫାଶରେ ପକାଇବାକୁ ଟାକି ବସିଛନ୍ତି। ଏହି ସଂସ୍ଥା ଓ ସଙ୍ଗଠନଗୁଡ଼ିକ ବର୍ଷର ବିଭିନ୍ନ ସମୟରେ ଉତ୍ସବ ଅନୁଷ୍ଠାନମାନ ଆୟୋଜନ କରାଇ ବିଭିନ୍ନ ନାମରେ ନାମିତ ପୁରସ୍କାର ପ୍ରଦାନ କରିଥାନ୍ତି। ସଭା, ଭାଷଣ ଓ ଆଲୋଚନା ଏସବୁ କେବଳ ନାମକୁମାତ୍ର। ସମ୍ବର୍ଦ୍ଧନା, ମାନପତ୍ର, ଉପାଧି ଓ ଉପଢୌକନ ପ୍ରଦାନ ହିଁ ମୁଖ୍ୟ ଉଦ୍ଦେଶ୍ୟ। ଗୋଟେ ଗୋଟେ ଜାଗାରେ ତ ମାନପତ୍ର ପାଉଥିବା ଲୋକଙ୍କ ସଂଖ୍ୟା ଏତେ ବେଶି ଯେ, ଏହାକୁ ସଭା କି ଆଲୋଚନାଚକ୍ର ନ କହି ମାନପତ୍ର ମେଳା ବୋଲି କହିଲେ ଅତ୍ୟୁକ୍ତି ହେବନି।

ଆଜିକାଲି କୁଆଡ଼େ ସଭାସମିତିରେ ଲୋକ ହେଉ ନ ଥିବାରୁ ମାନପତ୍ର ଅଭିଳାଷୀମାନେ ହିଁ ଶ୍ରୋତାଙ୍କ ଭୂମିକା ନିର୍ବାହ କରୁଛନ୍ତି। ତେଣୁ ଅପାତ୍ରରେ ହେଉ ପଛକେ ଏମାନଙ୍କ ହାତରେ ମାନପତ୍ର ଖଣ୍ଡେ ଧରାଇ ଦେବାରେ ଅସୁବିଧା କେଉଁଠି? ବିଭିନ୍ନ ସ୍ଥାନରେ ରହିଥିବା ଉକ୍ତ ସଂସ୍ଥା ଓ ସଙ୍ଗଠନର ଏଜେଣ୍ଟମାନେ ନିଜ ନିଜ ଅଞ୍ଚଳରୁ କିଛି କିଛି ଲୋକଙ୍କ ନାଁ ସୁପାରିସ କରିଥାନ୍ତି। ସେହି ଆଧାରରେ ଏମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ। ଗୋଟିଏ ଗୁଳିରେ ଦୁଇଟି ଶିକାର କଲା ଭଳି ଅଯୋଗ୍ୟ ଓ ଅନାମଧେୟଙ୍କୁ ତୁଚ୍ଛା ଯଶର ଅଧିକାରୀ କରାଇବା ସହ ଉକ୍ତ ସଂସ୍ଥା ଓ ସଙ୍ଗଠନଗୁଡ଼ିକ ସାଧାରଣରେ ନିଜର ସୁନାମ ବଢ଼ାଇବାକୁ ସକ୍ଷମ ହେଉଛନ୍ତି। ଏସବୁ ବେସରକାରୀ ସଂସ୍ଥା ଓ ସଙ୍ଗଠନକୁ ବାଦ୍ ଦେଲେ ସରକାରୀ ସ୍ତରରେ କଥାଟା ଟିକେ ଭିନ୍ନ। ଏ କ୍ଷେତ୍ରରେ ପୁରସ୍କାର ଆକାଂକ୍ଷୀମାନେ କୁଆଡ଼େ ପୁରସ୍କାର ହାତେଇବାକୁ ଫାଶ ତିଆରି କରୁଛନ୍ତି। ବିଭିନ୍ନ ଦିଗରୁ ଚାପ ସୃଷ୍ଟି କରାଯାଇ ଚୟନ କମିଟିର କର୍ମକର୍ତ୍ତାଙ୍କୁ ଫାଶରେ ପକାଇବାକୁ ଯୋଜନା କରୁଛନ୍ତି ଓ କେତେକାଂଶରେ ସଫଳ ବି ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବେଳେବେଳେ ସେହି ଫାଶରେ ସେମାନେ ନିଜେ ପଡ଼ି ଅଯଥା ନିନ୍ଦା ଓ ଅପବାଦକୁ ମୁଣ୍ଡରେ ମୁଣ୍ଡାଉଛନ୍ତି। ଶେଷରେ ଏତିକି କୁହାଯାଇପାରେ ଯେ, ତୁଚ୍ଛାଟାରେ ଯଶଖ୍ୟାତି ଅର୍ଜନ କରିବାକୁ ବ୍ୟାକୁଳ ହେଉଥିବା ଲୋକଙ୍କୁ ଏ ସମାଜ କେବେ ବି ମନେରଖିବନି। ସମୟ ଗର୍ଭରେ ଏମାନଙ୍କ ଯଶକୀର୍ତ୍ତି ଯେ ଦିନେ ନିଶ୍ଚିହ୍ନ ହୋଇଯିବ, ଏଥିରେ ସନ୍ଦେହ ନାହିଁ।

ଶଂଖିଡ଼ା, ତିହିଡ଼ି, ଭଦ୍ରକ
ମୋ:୯୯୩୭୫୬୫୫୨୭

## ଏଇ ଭାରତରେ

ବାଉଁଶକଳାର କରିସ୍ମା ଦେଖିବାକୁ ମିଳିଛି ମହାରାଷ୍ଟ୍ରର ମୀନାକ୍ଷୀ ୱାକେଙ୍କ ହସ୍ତକଳାରେ। ତାଙ୍କ ଦ୍ୱାରା ନିର୍ମିତ ବାଉଁଶ ରାଖୀର ଆଦର କାହିଁରେ କ'ଣ। ମୀନାକ୍ଷୀ 'ବାମ୍ବୋ ଲେଡି' ବା 'ବାଉଁଶ ମହିଳା' ଭାବେ ଜଣାଶୁଣା। ତାଙ୍କ ବୟସ ଏବେ ୨୯। ରହନ୍ତି ଚନ୍ଦ୍ରପୁରାରେ। ୪ ବର୍ଷ ପୂର୍ବେ ସେ ତାଙ୍କ ବିଜ୍‌ନେସ 'ଅଭିସାର ଇନୋଭେଟିଭସ୍' ଆରମ୍ଭକରି ତା' ମାଧ୍ୟମରେ ବାଉଁଶର ପାଛିଆ, ଟ୍ରେ, ଗହଣା ଏବଂ ଲ୍ୟାମ୍ପ୍ ତିଆରି କରୁଛନ୍ତି। ଏଗୁଡ଼ିକ ୨୫ ଟଙ୍କାରୁ ଆରମ୍ଭକରି ୨,୫୦୦ ଟଙ୍କାରେ ବିକ୍ରି ହେଉଛି। ବାଉଁଶ ନିର୍ମିତ ଜିନିଷଗୁଡ଼ିକୁ ସେ ଦିଲ୍ଲୀ, ମୁମ୍ବାଇ ଏବଂ ପୁଣେରେ ବିକ୍ରି କରୁଛନ୍ତି। ମୀନାକ୍ଷୀ ବିବାହ ପରେ ବନ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ୭୦ ଦିନିଆ ପ୍ରଶିକ୍ଷଣ ନେବା ପରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୧୮ରେ ସେ ପ୍ରଥମେ ବାଉଁଶ ରାଖୀ ତିଆରି କରିଥିଲେ। କିନ୍ତୁ ସେଗୁଡ଼ିକ ବିକ୍ରିହୋଇ ନ ଥିଲା। ଗତ ବର୍ଷ ୧୦,୦୦୦ ବାଉଁଶ ରାଖୀ ବିକ୍ରିକରି ୩ ଲକ୍ଷ ଟଙ୍କା ଲାଭ ପାଇଥିଲେ। ଚଳିତ ବର୍ଷ ଏବେ ସୁଦ୍ଧା ସେ ୬,୦୦୦ ରାଖୀ ବିକ୍ରି କରିସାରିଲେଣି। ଏହି କାର୍ଯ୍ୟ ପାଇଁ ମୀନାକ୍ଷୀଙ୍କୁ ନାରୀ ଶକ୍ତି ପୁରସ୍କାର ପ୍ରଦାନ କରାଯାଇଛି। ସେ ମଧ୍ୟ ୨୦୦ ମହିଳାଙ୍କୁ ବାଉଁଶ କଳା ସମ୍ପର୍କରେ ପ୍ରଶିକ୍ଷଣ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨ ଅଗଷ୍ଟ ୧୯୯୭**

- ସିବିଆଇ ଦ୍ୱାରା ଗିରଫ ହେବା ଭୟରେ ଫେରାର ହୋଇଯାଇଥିବା ଗୋଖାଦ୍ୟ ଦୁର୍ନୀତି ଅଭିଯୁକ୍ତ ପୂର୍ବତନ ପଶୁପାଳନ ମନ୍ତ୍ରୀ ଭୋଲାରାମ ତୁଫାନୀଙ୍କ ସିବିଆଇର ସ୍ୱତନ୍ତ୍ର ଅଦାଲତରେ ଆତ୍ମସମର୍ପଣ।
- ଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘର ଅନ୍ୟତମ ପ୍ରତିଷ୍ଠିତ ସଦସ୍ୟ ତଥା ପୁରୁଖା କ୍ରୀଡ଼ା ସାମ୍ବାଦିକ ସନ୍ତୋଷ କୁମାର ସିଲଙ୍କ ୫୮ ବର୍ଷ ବୟସରେ ପରଲୋକ।
- ବିଶିଷ୍ଟ ଶ୍ରମିକନେତା ତଥା କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ଯୋଦ୍ଧା ତଥା ବରିଷ୍ଠ ଆଇନଜୀବୀ ପ୍ରବୀର ପାଲିତଙ୍କ ୬୮ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଏ ଦେହ ମୋର
ନିଭିଲା ଏଥି
ଜଣାଇ କା'ରେ ନତି
ନାହିଁ ନା ଲୋଡ଼ା ନ ଜଳୁ ଆଜି ବତୀ!
–(ସନ୍ଧ୍ୟା ପଥେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | 5 | 1 | |
| | 8 | 6 | | | | 3 | | |
| 5 | 7 | | | 3 | | | | |
| 8 | | | | 7 | | 4 | | |
| | | | 1 | | 5 | | | 6 |
| | | 3 | 2 | | | | | |
| | | | | 5 | | | 6 | 2 |
| | 9 | | 8 | | | | | |
| | | 4 | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 8 | 5 | 7 | 2 | 3 | 4 |
| 3 | 2 | 8 | 9 | 1 | 4 | 6 | 7 | 5 |
| 7 | 5 | 4 | 2 | 6 | 3 | 9 | 8 | 1 |
| 9 | 8 | 3 | 5 | 7 | 2 | 1 | 4 | 6 |
| 2 | 4 | 6 | 1 | 3 | 9 | 7 | 5 | 8 |
| 5 | 1 | 7 | 4 | 8 | 6 | 3 | 9 | 2 |
| 4 | 3 | 2 | 6 | 9 | 8 | 5 | 1 | 7 |
| 8 | 7 | 5 | 3 | 2 | 1 | 4 | 6 | 9 |
| 6 | 9 | 1 | 7 | 4 | 5 | 8 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତ ସାମରିକ ଦକ୍ଷତା ବୃଦ୍ଧି କରୁ

ମହାଶୟ,

ଭାରତର ସୁଦୃଢ଼ ଅର୍ଥନୀତିର ବିକାଶରେ ଆତ୍ମନିର୍ଭରଶୀଳତା ସଙ୍ଗେ ଦେଶବାସୀଙ୍କ ଜୀବନଶୈଳୀରେ ସଦ୍ଭାବନା ଓ ଭାଇଚାରା ଏବଂ ଆମ ଶୃଙ୍ଖଳିତ ସୈନ୍ୟବାହିନୀଙ୍କ ଦେଶପ୍ରେମ ଭାବନା ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଏବଂ ଚାଇନାକୁ ଅସହିଷ୍ଣୁ କରିଦେଉଛି। ପାକିସ୍ତାନ ଘୋର୍ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ସତ୍ତ୍ୱେ, ଆତଙ୍କବାଦୀ କାର୍ଯ୍ୟକଳାପରୁ ନିବୃତ୍ତ ନ ରହି ତା'ର ଆତଙ୍କବାଦୀ ସଂଗଠନ ପକ୍ଷରୁ ଭାରତକୁ ଆତଙ୍କବାଦୀମାନଙ୍କୁ ପ୍ରବେଶ କରାଉଛି। ସୀମାର ୧୦ କିଲୋମିଟର 'ନୋ ଫ୍ଲାଇଙ୍ଗ ଜୋନ୍'କୁ ଉଲ୍ଲଂଘନ କରି ଚାଇନା ଏଲ୍‌ଏସି ଭାରତୀୟ ସୀମାର ବାୟୁସୀମା ଇଲାକାରେ ତା'ର ଲଢୁଆ ଫାଇଟର ଜେଟ୍ ଉଡ଼ାଇବା ଏବଂ ଭାରତକୁ ଡରାଇବା ଉଦ୍ଦେଶ୍ୟରେ ନୂତନ ସାମରିକ ବିମାନଘାଟି ନିର୍ମାଣ କରୁଛି। ଦୂରଗାମୀ ରକେଟ ଲଞ୍ଚର୍ ଓ କ୍ଷେପଣାସ୍ତ୍ର ଘାଟି ସ୍ଥାପନ କରି ଏକ ପ୍ରକାର ରଣହୁଙ୍କାର ଦେଇ ଭାରତର ସାମରିକ ବାହିନୀକୁ ଚ୍ୟାଲେଞ୍ଜ ଦେଉଛି। ଏଣୁ ଭାରତକୁ ପରୋକ୍ଷ ଓ ପ୍ରତ୍ୟକ୍ଷରେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହେବା ଉଚିତ । ଦେଶର ପ୍ରତିରକ୍ଷା ଓ ସୁରକ୍ଷା ପାଇଁ ଶତ୍ରୁ ଦେଶର ଅପ୍ରତ୍ୟାଶିତ କ୍ଷେପଣାସ୍ତ୍ର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଭାରତ ଆଧୁନିକ ରାଡ଼ାର୍ ରଖିବା ସହ ବିପୁଳ ସଂଖ୍ୟାରେ ଆକାଶ ସୁରକ୍ଷା କ୍ଷେପଣାସ୍ତ୍ର ମୁତୟନ ଉପରେ ବିଚାର ବିମର୍ଶ କରିବା ଆବଶ୍ୟକ। ରୁଷିଆ ପ୍ରଦତ୍ତ ଗୋଟେ ଯୋଡ଼େ ଶକ୍ତିଶାଳୀ ଏସ-୪୦୦ ମୁତୟନ ଯଥେଷ୍ଟ ନୁହେଁ କାରଣ, ୟୁକ୍ରେନ ଓ ରୁଷିଆ ସାମରିକ ସଂଘର୍ଷକୁ ନେଇ ବର୍ତ୍ତମାନ ବିଶ୍ୱର ବିଭିନ୍ନ ଦେଶ ମଧ୍ୟରେ ସମ୍ଭାବ୍ୟ ତୃତୀୟ ବିଶ୍ୱ ଯୁଦ୍ଧ ହେଲାଭଳି ଭୀଷଣ ଉତ୍ତେଜନା ଦେଖାଦେଇଛି।

–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଦୁର୍ଘଟଣାରେ ତହସିଲ କର୍ମଚାରୀ ମୃତ

**ଖଡ଼ିଆଳ,(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ସହର ଭଣ୍ଡାରୀପଡା ଛକରେ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ନୃପମଣୀ ହରପାଲ। ସେ ଖଡ଼ିଆଳ ତହସିଲ କାର୍ଯ୍ୟାଳୟର ଜଣେ କର୍ମଚାରୀ ବୋଲି ଜଣାପଡ଼ିଛି। ଖଡ଼ିଆଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ସୋମବାର ରାତି ୮.୨୦ ମିନିଟ୍ ରେ ଖଡ଼ିଆଳ ପଟରୁ ସିନାପାଲି ଯାଉଥିବା ଏକ ମାଲ ବୋଝେଇ ଟ୍ରକ୍ (ନଂ. ସିଜି୦୯ଇ ୦୪୭୫) ଏକ ବାଇକ୍ (ନଂ.ଓଡି୦୮ଏଲ୩୧୬୬) ମାଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ହରପାଲଙ୍କ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ମହିଳା ମୃତ

**ଦେଓଗାଁ,୧।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ହାତୀସରା ଗ୍ରାମ ନିକଟ ରେଳ ଧାରଣାରେ ଟ୍ରେନରେ କଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରୁକୁଣି ବକୁଲ (୩୦)। ସୋମବାର ସକାଳ ପ୍ରାୟ ୯ଟାରେ ରୁକୁଣି ଶୌଚ ପାଇଁ ଯାଇଥିଲେ । ରେଳ ଧାରଣା ପାର ହୋଇ ଗାଁ ପଟକୁ ଆସୁଥିବାବେଳେ ତାଙ୍କୁ ଟ୍ରେନ ଧକ୍କା ଦେଇଥିଲା । ମୃତା ଶ୍ରବଣ ବାଧିତ ଥିବାରୁ ରେଳ ଧାରଣା ପର ବେଳେ ହୁଏତ ଟ୍ରେନ ଆସୁଥିବା ଜାଣି ପାରି ନ ଥିବା ଅନୁମାନ କରାଯାଉଛି। ବଲାଙ୍ଗିର ଜିଆରପି ମୃତଦେହ ଜବତ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଗଣେଶ ପୂଜା, ନୂଆଁଖାଇ ଭେଟ୍‌ଘାଟ କମିଟି ଗଠିତ

**ଦେଓଗାଁ,୧।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଡକୁଆ ଯୁବକ ସଂଘ ଆନୁକୂଲ୍ୟରେ ଗଣେଷ ପୂଜା ଓ ନୂଆଁଖାଇ ଭେଟ୍‌ଘାଟ ପାଇଁ କମିଟି ଗଠନ କରାଯାଇଛି। ପୂର୍ବତନ ସଭାପତି ମହେନ୍ଦ୍ର ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ସଭାପତିଭାବେ ଏମ. ଇଶ୍ୱର, ସମ୍ପାଦକ ନେହେରୁ ଦୀପ, କୋଷାଧ୍ୟକ୍ଷ ନିଲେଶ ଦୀପ ଓ ସଂଘ ସଂଯୋଜକଭାବେ ଆଇନଜୀବୀ ମନୋଜ କୁମାର ଦୀପ ମନୋନୀତ କେକହାଇଛନ୍ତି । ବବୁଲୁ ବିଶ୍ୱାଳ ନୂତନ କମିଟି ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଅଶ୍ୱିନୀ ଦୀପ, ଗୌତମ ଦିପ, ନରୋତ୍ତମ ଦୀପ, ପଞ୍ଚା ଦୀପ ପ୍ରମୁଖ ଉପସ୍ଥିତ ଥିଲେ ।

### ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ଦାବି

**ଖଡ଼ିଆଳ,୧।୮(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳରେ ରାତିରେ କେତେକ ଅଜଣା ବ୍ୟକ୍ତି ବୁଲୁଥିବା ସୂଚନା ମିଳିଛି। ବିଶେଷ କରି ୧ ନମ୍ବର ୱାର୍ଡରେ ବୁଲିବା ଦେଖିବାକୁ ମିଳୁଥିବା ବେଳେ ଅନ୍ୟାନ୍ୟ ୱାର୍ଡରେ ମଧ ବୁଲୁଥିବା ଅଭିଯୋଗ ହୋଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ମିତ ଗୋଷ୍ଠି ଗୃହ, ଅଙ୍ଗନୱାଡ଼ି କେନ୍ଦ୍ର ଆଦି ବାରଣ୍ଡାରେ ମଧରାତ୍ର ପର୍ଯ୍ୟନ୍ତ ଅଜଣା ଓ ଅସାମାଜିକ ବ୍ୟକ୍ତି ବସିଥିବା ଅଭିଯୋଗ ସାମ୍ନାକୁ ଆସିଛି। ପୋଲିସ ରାତି ୧୧ଟା ପରେ କଡାକଡ଼ି ପାଟ୍ରୋଲିଂ ହେଲେ ଖଡ଼ିଆଳ ସହର ଚୋର ମୁକ୍ତ ହୋଇ ପାରିବ ବୋଲି ସାଧାରଣରେ ଦାବି ହେଉଛି।

### ଜିଲା କୋଷାଗାର ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭବାନୀପାଟଣା,୧।୮(ସ୍ୱ.ପ୍ର.):** କଳାହାଣ୍ଡି ଜିଲା କୋଷାଗାର ବରିଷ୍ଠ (ଓଏଫଏସ) ଅଧିକାରୀ ମହମ୍ମଦ ବୁରହାନ ସୋମବାର ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ସାଢେ ୩ ବର୍ଷ ଧରି କୋଷାଗାର ଅଧିକାରୀ ଭାବେ କାର୍ଯ୍ୟକରୀ ବୁରହାନ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ଜିଲା କୋଷଗାରରେ ଷ୍ଟ୍ରଙ୍ଗ ରୁମ ନିର୍ମାଣ ସହ ଅନେକ ବ୍ଲକରେ ଉପ କୋଷଗାର ନିର୍ମାଣ, ପେନସନ ଓ ଦରମା ଉପରେ ନିର୍ଭରଶୀଳମାନଙ୍କୁ ତ୍ୱରିତ ପ୍ରାପ୍ୟ ପ୍ରଦାନ ପାଇଁ କାର୍ଯ୍ୟ କରି ଲୋକପ୍ରିୟ ହୋଇପାରିଥିଲେ। ଭବାନୀପାଟଣାର ମୂଳ ବାସିନ୍ଦା ହେଲେ ମଧ ଚାକିରୀ ଜୀବନ ଆରମ୍ଭରୁ ଦୀର୍ଘ ତିରିଶ ବର୍ଷରୁ ଅଧିକ ସମୟ, ସମ୍ବଲପୁର, ବଲାଙ୍ଗୀର, ରାଉରକେଲା, ବ୍ରହ୍ମପୁର, ଭଞ୍ଜନଗର, କଟକ, ଝାରସୁଗୁଡା, ବଡ଼ବିଲ ଆଦି ସ୍ଥାନରେ ନିଷ୍ଠାର ସହ ନିଜ ଦାୟିତ୍ୱ ସମ୍ପାଦନ କରି ଜଣେ ଲୋକପ୍ରିୟ କର୍ତବ୍ୟନିଷ୍ଠ ଅଧିକାରୀ ଭାବେ ପରିଚିତ ଥିଲେ।

### ଏବିଭିପି କଳାହାଣ୍ଡିର ତ୍ରିରଙ୍ଗା ଶୋଭାଯାତ୍ରା

**ନର୍ଲା,୧।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ଟାରେ ନର୍ଲାରେ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ୧୦୦ ଫୁଟର ତ୍ରିରଙ୍ଗାକୁ ସ୍ଥାନୀୟ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଧରି ଭାରତ ମାତାର ଜୟଗାନ କରି ଯାତ୍ରା କରିଥିଲେ। ଏହି ଶୋଭାଯାତ୍ରା କଲେଜ ପଡିଆରୁ ବ୍ଲକ ପର୍ଯ୍ୟନ୍ତ ଯାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ଏଥିରେ ସ୍କୁଲ ଓ କଲେଜର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ, ଅଧାପକ ଅଧାପିକା ଯୋଗଦେଇଥିଲେ। ଏବିଭିପିର ପ୍ରାନ୍ତ ସହକୋଷାଧ୍ୟକ୍ଷ ଅଶୋକ ସିଂହ, ନର୍ଲା ନଗର ସଭାପତି ଅଧାପିକା ବାସନ୍ତୀ ସାହୁ, ନଗର ସମ୍ପାଦିକା ସୁଜାତା ନାଗ, ବିଭାଗ ସଂଯୋଜକ ନୃପମଣି ବାହୁକଙ୍କ ସହ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ସହିତ ପୂର୍ଣ୍ଣ ବନ୍ଦେ ମାତରଂ ଗାନ ପରେ ଯାତ୍ରା ହୋଇଥିଲା। ଏହି ତ୍ରିରଙ୍ଗା ଯାତ୍ରା ନର୍ଲାରେ ଆରମ୍ଭ ହୋଇଥିବା ସହ ପ୍ରତ୍ୟେକ ବ୍ଲକରେ ହେବ ବୋଲି ଜିଲା ସଂଯୋଜକ ତନ୍ମୟ ବିଶି ସୂଚନା ଦେଇଛନ୍ତି।

# ଦୂର ହେବ ଜଳ ଯୋଗାଣରେ ବିଦ୍ୟୁତ୍ ସମସ୍ୟା

**ବଲାଙ୍ଗୀର ଅଫିସ, ୧।୮**

### ୨ଟି ଜେନେରେଟର୍ ପାଇଁ ମିଳିଲା ମଞ୍ଜୁର

ବଲାଙ୍ଗୀର ସହରରେ ପାନୀୟ ଜଳଯୋଗାଣ ସମସ୍ୟାର ସମାଧାନ ପାଇଁ ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ଦିଆଯାଇଥିବା ବିକଳ୍ପ ଜେନେରେଟର ସ୍ଥାପନ ପ୍ରସ୍ତାବକୁ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ଦୁଇଟି ଜେନେରେଟର ଯୋଗାଣ ପାଇଁ ମଞ୍ଜୁରି ମିଳିଛି। ବଲାଙ୍ଗୀର ସହରରେ ପାନୀୟ ଜଳ ସଙ୍କଟ ଏକ ସାଧାରଣ ସମସ୍ୟା ଭାବେ ଜଣାଶୁଣା। ଖରାଦିନରେ ଏହି ସମସ୍ୟା ଉତ୍କଟ ହୋଇପଡେ। ବିଦ୍ୟୁତ୍ ବିଭ୍ରାଟ ପାନୀୟ ଜଳଯୋଗାଣକୁ ଅନିୟମିତ କରିଦିଏ। ପ୍ରତିବର୍ଷ ଖରାଦିନରେ ଏଭଳି ସମସ୍ୟା ଲାଗି ରହିଥିବାରୁ ସହରବାସୀ ଅତିଷ୍ଠ ହୋଇପଡନ୍ତି। ଗତ ଖରାଦିନରେ ମଧ ଏଭଳି ବିଦ୍ୟୁତ ବିଭ୍ରାଟ ଯୋଗୁଁ ପରିସ୍ଥିତି ସାଂଘାତିକ ହୋଇଥିଲା। ଏହାପରେ ଜନସ୍ୱାସ୍ଥ୍ୟ ବିଭାଗ ବିକଳ୍ପ ବିଦ୍ୟୁତ୍ ଯୋଗାଣ ପ୍ରସ୍ତାବ ଦେଇ ପାନୀୟ ଜଳ ଯୋଗାଣ ହେଉଥିବା ସୁବର୍ଣ୍ଣପୁର ତେଲନଦୀ ଖଣ୍ଡିରେ ଥିବା ବୁଦେଲମୁଣ୍ଡା ଇନ୍‌ଟେକୱେଲ ପମ୍ପହାଉସ ଠାରେ ତିନୋଟି ବଡ ଜେନେରେଟର ଲଗାଯିବା ପ୍ରସ୍ତାବ ଦେଇଥିଲେ। ଗତ ଗ୍ରୀଷ୍ମଋତୁରେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ବଲାଙ୍ଗୀର ପୌରାଧିକ୍ଷା ଲିକା ସାହୁ ବୁଦେଲମୁଣ୍ଡା ଯାଇ ପମ୍ପହାଉସ ପରିଦର୍ଶନ କରି ଏଭଳି ବିକଳ୍ପ ପ୍ରସ୍ତାବ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରିଥିଲେ। ପୌରାଧ୍ୟକ୍ଷାଙ୍କ ଏଭଳି ଉଦ୍ୟମକୁ ରାଜ୍ୟ ସରକାର ଗ୍ରହଣ କରି ୨ ଟି ଜେନେରେଟର ବ୍ୟବସ୍ଥା ପାଇଁ ମଞ୍ଜୁର କରିଥିବା ଜଣାପଡିଛି। ଗତ ୨୮ ତାରିଖ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ବୁଦେଲମୁଣ୍ଡା ଠାରେ ୭୫୦ କିଲୋୱାଟ ଓ ଶିବତଲା ବିଶୋଧନାଗାରଠାରେ ୧୦୧୦ କିଲୋୱାଟର ଜେନେରେଟର ଲଗାଇବା ପାଇଁ ବିଭାଗ ତରଫରୁ ଦେଢ଼କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ଅଳ୍ପ ଦିନ ମଧରେ କାର୍ଯ୍ୟକାରୀ ହେବ ବୋଲି ପୌରାଧକ୍ଷ ଲିକା ସାହୁ ଜଣାଇଛନ୍ତି।


ପୌରାଧକ୍ଷ ଲିକା ସାହୁ ଜେନେରେଟର ମଞ୍ଜୁରୀ ଚିଠିକୁ ଜନସ୍ୱାସ୍ଥ୍ୟ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପାର୍ବତୀ ମୋହନ ପରିଡାଙ୍କୁ ପ୍ରଦାନ କରୁଛନ୍ତି।

# ବଲାଙ୍ଗୀର କରାଟେ ସ୍କୁଲର ସଫଳତା



କରାଟେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବଲାଙ୍ଗୀର ଛାତ୍ରୀଛାତ୍ର।

**ବଲାଙ୍ଗୀର ଅଫିସ,୧।୮**

### ଆନ୍ତଃରାଷ୍ଟ୍ରୀୟ କରାଟେ ପ୍ରତିଯୋଗିତା

କୋଲକତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଷଷ୍ଠତମ ଆନ୍ତଃରାଷ୍ଟ୍ରୀୟ କରାଟେ ପ୍ରତିଯୋଗିତା ଅଲ୍‌ଇଣ୍ଡିଆ ସେଇସିନକାଇ କରାଟେ ଫେଡେରେସନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଭାରତ ସମେତ ଇରାନ, ପାକିସ୍ଥାନ, ତୁର୍କୀ, ବଙ୍ଗଳାଦେଶ, ମେକ୍‌ସିକୋ, ନେପାଳ, ଇଟାଲୀ ଓ ଜାପାନ ଭାଗ ନେଇଥିଲେ । ବଲାଙ୍ଗୀର ଜିଲାରୁ ବଲାଙ୍ଗୀର କରାଟେ ସ୍କୁଲର ଆଦିତ୍ୟ ସିଂ ବାରିକ ୧୪ରୁ ୧୫ ବର୍ଷ କାତାରେ ସ୍ୱର୍ଣ୍ଣ, କ୍ରିଷ୍ଣା ନାଏକ ୧୪ରୁ ୧୫ ବର୍ଷ କାତାରେ ସ୍ୱର୍ଣ୍ଣ, ଲୋକେଶ ବାଗ ୧୦ ବର୍ଷ କାତାରେ ସ୍ୱର୍ଣ୍ଣ, ତମନ୍ନା ମେହେର ୧୧ ବର୍ଷ କାତାରେ କାତାରେ ସ୍ୱର୍ଣ୍ଣ ଓ ୩୦ କେଜି କୁମିତିରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ଅଭିପ୍ସା ହୋତା ୧୧ ବର୍ଷ କାତାରେ ସ୍ୱର୍ଣ୍ଣ ଓ ୩୫ କେଜି କୁମିତେରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତା ଜୁଲାଇ ୩୦ ଓ ୩୧ ତାରିଖ ଦୁଇ ଦିନ ଧରି ଚାଲିଥିବା ବେଳେ ବଲାଙ୍ଗୀର କରାଟେ ସ୍କୁଲର ମୁଖ୍ୟ ହୃଦୟ ଶବର, ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ ଓ ଟିମ୍ ମ୍ୟାନେଜର ମନଗୋବିନ୍ଦ ମେହେର କୋଲକତା ଅଭିମୁଖେ ଯାତ୍ରା କରିଥିଲେ । ସମସ୍ତ ଆନ୍ତଃରାଷ୍ଟ୍ରୀୟ ପଦକ ବିଜେତା ମାନଙ୍କୁ ବଲାଙ୍ଗୀର ଜିଲା କରାଟେ ସଂଘ ସଭାପତି ବଳରାମ ସିଂ ଯାଦବ, ଉପସଭାପତି ସୁରେଶ ଚନ୍ଦ୍ର ଜାଲ, ଉମେଶ ନନ୍ଦ, ଜିଲ୍ଲା ମୁଖ୍ୟ ପ୍ରଶିକ୍ଷକ ମାନୁଏଲ ନାଗ ଏବଂ କୋଷାଧ୍ୟକ୍ଷ ସରୋଜକାନ୍ତ ବେହେରା ଅଭିନନ୍ଦନ ଜଣାଇଥିଲେ।

# ଜିଲାସ୍ତରୀୟ କଳା ସଂସ୍କୃତି ସଂଘ କର୍ମକର୍ତ୍ତା ବୈଠକ

**ଖଡ଼ିଆଳ,୧।୮(ଡି.ଏନ.ଏ.)**

ନୂଆପଡା ଜିଲା କଳା ଓ ସଂସ୍କୃତି ସଂଘ ସହ ଜିଲାର ୫ଟି ବ୍ଲକ କଳା ସଂସ୍କୃତି ସଂଘର କର୍ମକର୍ତ୍ତାଙ୍କ ବୈଠକ ଖଡ଼ିଆଳ ବ୍ଲକ ସାନ ମହେଶ୍ୱର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। କୋମନା ବ୍ଲକ କଳା ଓ ସଂସ୍କୃତି ସଂଘ ଉପସଭାପତି ଡଗ୍ରେଶ୍ୱର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା କଳା ଓ ସଂସ୍କୃତି ସଂଘ ଉପସଭାପତି ତ୍ରିମନ ମାଝି ଯୋଗ ଦେଇଥିବା ବେଳେ ବିକେଏସଏସ ଖଡ଼ିଆଳ ଉପସଭାପତି ଜଗତ ରାମ ନାଗ, ବୋଡ଼େନ ଉପସଭାପତି ଉପେନ୍ଦ୍ର ସଲମା, ସିନାପାଲି ଉପସଭାପତି ନବୀନ କୁମାର ନାଗ, ନୂଆପଡା ଉପ ସଭାପତି ବଳରାମ ସୋନି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସାନ ମହେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋଲାପ ସାହୁ ମୁଖ୍ୟ ବକ୍ତା ଓ ଦଶମୁ ବେହେରା ତଥା ପାଲା ଗାୟକ ଅର୍ଜ୍ଜୁନ ଛତ୍ରିଆ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇଥିଲେ। ସରକାର କଳାକାରଙ୍କ ଉନ୍ନତି ପାଇଁ ଜିଲା ଓ ବ୍ଲକସ୍ତରରେ କଳା ଓ ସଂସ୍କୃତି ସଂଘ ଗଠନ କରିଛନ୍ତି। ଗ୍ରାମାଞ୍ଚଳର ଲୁପ୍ତ ପ୍ରାୟ ଲୋକକଳା ପୁନଉଦ୍ଧାର ଓ କଳାକାରମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ସାଧନ କରିବା ଲକ୍ଷ୍ୟ ଅଛି। କିନ୍ତୁ ଏହି ଲକ୍ଷ୍ୟ ହାସଲ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ ସରକାରୀ ଯୋଜନାର ପ୍ରଚାର ପ୍ରସାର ପାଇଁ ଲୋକକଳା ଦଳ ସବୁକୁ ନିୟୋଜିତ କରାଯିବା ନିୟମ ରହିଥିବା ବେଳେ ଏହାକୁ ଅଣଦେଖା କରାଯାଉଛି। ୨ ବର୍ଷ ଧରି କରୋନା ଯୋଗୁ କଳାକାରମାନେ ହାତ ବାନ୍ଧି ବସିଛନ୍ତି। କୌଣସି ସରକାରୀ କିମ୍ବା ଘରୋଇ କାର୍ଯ୍ୟକ୍ରମ ହୋଇପାରୁନି। ଫଳରେ ଆର୍ଥିକ ଅନଟନର ଶିକାର ହେବାକୁ ପଡୁଛି। ଆଗକୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ହାତକୁ ଦୁଇ ପଇସା ନ ଆସିଲେ ତିହାର ମାନିବେ କିପରି। ତେଣୁ ଯଥାଶୀଘ୍ର ବିଭିନ୍ନ ବିଭାଗରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲାପାଳ ନିର୍ଦ୍ଦେଶ ଦିଅନ୍ତୁ ଓ କଳା ଦଳକୁ ନିୟୋଜିତ କରନ୍ତୁ ବୋଲି କଳାକାରମାନେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶତାଧିକ କଳାକା ଅଂଶଗ୍ରହଣ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥିମାନେ।

### ଅପରିଚିତଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

**ବଲାଙ୍ଗୀର ଅଫିସ,୧।୮**

ସାମାଜିକ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ପକ୍ଷରୁ ଜଣେ ଅସହାୟ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ସତ୍କାର କରାଯାଇଛି। ଗତ ଜୁଲାଇ ୯ ତାରିଖରେ ବଲାଙ୍ଗୀର-ସୋନପୁର ରାସ୍ତାରେ ଅଚେତ ଅବସ୍ଥାରେ ପଡିଥିବା ଜଣେ ଅପରିଚିତ ବ୍ୟକ୍ତିଙ୍କୁ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ସଦସ୍ୟମାନେ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଚିକିତ୍ସା ସେବା ଆରମ୍ଭ କରାଯାଇଥିଲା। ଏଥିରେ ଅନୁଷ୍ଠାନ ସଦସ୍ୟମାନେ ଉପସ୍ଥିତ ରହି ସେବା କାର୍ଯ୍ୟରେ ସହଯୋଗ କରିଆସୁଥିଲେ। ୩ ଦିନ ତଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ପରିବାର ଲୋକ ନ ଆସିବାରୁ ଅନୁଷ୍ଠାନ ସଦସ୍ୟମାନେ ସମ୍ପୃକ୍ତ ଅସହାୟ ବ୍ୟକ୍ତିଙ୍କ ଶବ ସତ୍କାର କରିଥିବା ଜଣାପଡିଛି। ଏହି ସତ୍କାର କାର୍ଯ୍ୟରେ ଅନୁଷ୍ଠାନ ପ୍ରତିଷ୍ଠାତା ସୋମନାଥ ମିଶ୍ର, କନ୍ଦର୍ପ ରଣା, ବିଶ୍ୱଜିତ୍ ପଟେଲ, ଶ୍ରୀପତି ପଧାନ, ପ୍ରତୀକ ସାହୁ, ସୁବ୍ରତ ସାହୁ, ରଜତ ପଧାନ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶିକାଛିଡ଼ା ଗ୍ରାମରେ ଚାରାରୋପଣ


ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସ୍କୁଲ ଛାତ୍ରୀଛାତ୍ର।

**ବଲାଙ୍ଗୀର ଅଫିସ,୧।୮**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଶିକାଛିଡା ଗଣପତି କଳା ପରିଷଦ ଆନୁକୂଲ୍ୟରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକାଛିଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଗ୍ରାମରେ ଶୋଭାଯାତ୍ରା କରି ସଚେତନତା ସୃଷ୍ଟି କରିଥିଲେ। ପରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୁଡାସିଂହା ଫରେଷ୍ଟର ଅଶୋକ କୁମାର ନାୟକ, ସମ୍ମାନିତ ଅତିଥି ସନ୍ଦୀପ ବାଗ, ସାମାଜିକ ସଙ୍ଗଠକ ବିନୋଦ କାଲସାଏ ଏବଂ ମୁଖ୍ୟବକ୍ତା ଭାବେ ଶିକାଛିଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବସନ୍ତ ବୁଡେକ ଉପସ୍ଥିତ ରହି ଚାରାରୋପଣ ଏବଂ ଜଙ୍ଗଲ ସୁରକ୍ଷା ଉପରେ ସଚେତନତାଧର୍ମୀ ଅଭିଭାଷଣ ଦେଇଥିଲେ। ଶେଷରେ ସଙ୍ଗଠନ ସମ୍ପାଦକ ରମାକାନ୍ତ ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ । ଗଣପତି କଳା ପରିଷଦ ସଭାପତି ଆଦିକନ୍ଦ ବରଗ୍ରେ, ଅଟଳ ବିହାରୀ ବିଶି, ସନ୍ତୋଷ ଦେହେରୀ, ଭାଗରଥି ସାଏ, କ୍ଷୀରଧର ବାଗ, ସୁନୀଲ ବାରିକ, ଟିଟିକ ପାଣ୍ଡେ, ହେମ ସାଗର ସେଲମା, ଜୟପ୍ରକାଶ ଦେହେରୀ, ପ୍ରଦୀପ ଦେହେରୀ, ଗଙ୍ଗାଧର ବିଶି, ଯୁଗିନ୍ଦ୍ର ଦେହେରୀ ଏବଂ ୱାଚର ବିପିନ ବାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦାୟିତ୍ୱହୀନତାକୁ ନେଇ ଉଠିଲା ପ୍ରଶ୍ନ

**ଦେଓଗାଁ,୧।୮ (ଡି.ଏନ.ଏ)**

### ରୟତ ଜମିରେ ବନ ବିଭାଗ ଲଗାଇଥିବା ଗଛକଟା ଘଟଣା

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଇଁତଳା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ କନ୍ଧକେଲଗାଁ ସେକ୍‌ସନ ଅଧୀନ ସାରସବାହାଲ ଗ୍ରାମ୍ୟ ଜଙ୍ଗଲରେ ୨ଶହରୁ ଅଧିକ ଗଛ କଟାଯିବା ଘଟଣା ଜଙ୍ଗଲ ବିଭାଗକୁ ହରଡଘଣାରେ ପକାଇଛି। ଏ ନେଇ ଖବର ପ୍ରକାଶ ପରେ ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ବଲାଙ୍ଗୀର ଡିଏଫଓ ସଇତଳା ରେଞ୍ଜରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଞ୍ଜର ସଂଘମିତ୍ରା ଭୋଇ ଓ ଫରେଷ୍ଟର ସୁଶୀଲ ପୁଟା ଘଟଣାସ୍ଥଳ ପରିଦର୍ଶନ ପରେ ଗଛ କଟା ଯାଇଥିବା ଘଟଣାକୁ ସ୍ୱୀକାର କରିଛନ୍ତି। ଏପରିକି ରେଞ୍ଜର ଭୋଇ ଜମି ମାଲିକଙ୍କୁ ଘାସ କାଟିବା ପାଇଁ ନିର୍ଦ୍ଦେଶ ଦେଇଥିଲି, ଗଛ କାଟିବା ପାଇଁ ନୁହେଁ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଉକ୍ତ ଜମିରେ ୨ଶହରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ କଟାଯିବାକୁ ନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜମି ମାଲିକ ରେଞ୍ଜରଙ୍କ ବିନା ଅନୁମତିରେ କାହିଁକି ମୂଲ୍ୟବାନ ଗଛ କାଟିଲେ ସେ ନେଇ ଶୀଘ୍ର ଉତ୍ତର ରଖିବାପାଇଁ ନୋଟିସ୍ ଜାରି କରାଯାଇଥିବା ଫରେଷ୍ଟର ପୁଟା ସୂଚନା ଦେଇଛନ୍ତି। ପ୍ରାୟ ୩ଏକର ପରିଧି ଭିତରେ ଥିବା ଗଛଗୁଡିକ କଟା ଯାଇଛି। ସଇଁତଳା ବନ କର୍ମଚାରୀ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ କରିଥିବାକୁ ନେଇ ସାଧାରଣରେ ଅଭିଯୋଗ ହେଉଛି। ଏହି ସ୍ଥିତିରେ ଗତ ୧୯ବର୍ଷ ଧରି ଗଛଗୁଡିକର ରକ୍ଷଣାବେକ୍ଷଣ ପାଇଁ ସରକାର ଖର୍ଚ୍ଚ କରାଯାଇଥିବା ଟଙ୍କା ବରବାଦ ପାଇଁ କାହାକୁ ଦାୟୀ କରାଯିବ ସେ ନେଇ ପ୍ରଶ୍ନ ଉଠିଛି। ବନୀକରଣ ପୂର୍ବରୁ ଉକ୍ତ ଜମିର ସତ୍ତ୍ୱାସତ୍ତ୍ୱ ନ ଜାଣି ବନୀକରଣ କରିବା ବନ ବିଭାଗର ଅପରିଣାମଦର୍ଶିତାକୁ ପଦାରେ ପକାଇଛି। ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଡିଏଫଓ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଆଗାମୀ ଦିନରେ ଜଣାପଡିବ।

# ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କେସିଙ୍ଗା,୧।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବୋରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶେଷଦେବ ମାଝିଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଚତୁର୍ଭୁଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଜିଲା ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ସୁବାସ ଚନ୍ଦ୍ର ପୁରୋହିତ, ସମ୍ମାନିତ ଅତିଥି କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର କୁମାର ଦୋରା, ସମ୍ପାଦକ କୁଶଚନ୍ଦ୍ର ସାହୁ ଓ ସିଆରସିସି ଧୀରେନ୍ଦ୍ର ପ୍ରଧାନ ଯୋଗଦାନ କରିଥିଲେ। ଦୀର୍ଘ ବର୍ଷର ଚାକିରି ଜୀବନର ବିବରଣୀ ମାଝି ବଖାଣିଥିଲେ। ବୋରିଆ କ୍ଲଷ୍ଟର ତଥା କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସବିତା ସେଠୀ, ପ୍ରଜ୍ଞା ପରି ମିତା, ସିନ୍ଧୁସୁତା ବାଗ, ସୁରେନ୍ଦ୍ର ନାୟକ, ଯୁଗଳ ମହଲା, ଭାର୍ଗବୀ ପ୍ରଧାନ, ତପସିନୀ ସାହୁ, କୃଷ୍ଣ ଚନ୍ଦ୍ର ନାୟକ, ଡୋଲାମଣି ମାଝି ଓ ଅନ୍ୟମାନେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଅବନୀ ରଞ୍ଜନ ପ୍ରଧାନ ଓ ଧନ୍ୟବାଦ ଅର୍ପଣ କରିଥିଲେ ଧୀରେନ୍ଦ୍ର ପ୍ରଧାନ।


ଶେଷଦେବ ମାଝିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

# ଚାଷୀଙ୍କୁ ମିଳୁନି ୟୁରିଆ ସାର

**ଲାଠୋର, ୧।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପ୍ରାଥମିକ ସେବା ସମବାୟ ସମିତି ଅଧୀନରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ୟୁରିଆ ସାର ମିଳୁନାହିଁ। ଏହି ସମିତି ଅଧୀନରେ ଲାଠୋର, ବେନ୍ଦେର, କରୁଆଝର, ଟଙ୍କପାଣି ଏବଂ ମାଲପଡ଼ା ପଞ୍ଚାୟତର ୩୦ଖଣ୍ଡ ଗ୍ରାମରେ ୧୩ଶହରୁ ଉର୍ଦ୍ଧ୍ୱ ଚାଷୀ ରହିଛନ୍ତି। ସେଥିରୁ ୭ଶହରୁ ଉର୍ଦ୍ଧ୍ୱ ଋଣୀ ଚାଷୀ ସାର ପାଇଁ ସମିତି ଉପରେ ନିର୍ଭର କରନ୍ତି। ସମିତି ପକ୍ଷରୁ ପତ୍ରସଂଖ୍ୟା ୨୩୧/ତା ୩୧।୩।୨୦୨୨ରିଖରେ ଖରିଫ ଚାଷ ପାଇଁ ସମ୍ପାଦକ ୭ ଶହ କୁଇଣ୍ଟାଲ ୟୁରିଆ ସାର ଯୋଗାଣ କରିବାକୁ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲାଠୋର ଶାଖା ପରିଚାଳକଙ୍କୁ ପତ୍ର ଦେବା ସହ ଖପ୍ରାଖୋଲ ସହ କୃଷି ଅଧିକାରୀଙ୍କୁ ମଧ ଅନୁରୋଧ କରିଥିଲେ। ହେଲେ ଦୁଇଟି ପର୍ଯ୍ୟାୟରେ ବର୍ତ୍ତମାନ ଯାଏ ୩୩୩ କୁଇଣ୍ଟାଲ ୟୁରିଆ ସାର ଯୋଗାଣ କରାଯାଇଛି। ବର୍ତ୍ତମାନ ରୁଆବିହୁଡା ପାଇଁ ୟୁରିଆ ସାର ଆବଶ୍ୟକତା ଥିବା ବେଳେ ଚାଷୀ ପାଇପାରୁନାହାଁନ୍ତି। ଋଣୀ ଚାଷୀମାନେ ସମିତିକୁ ଯାଇ ଋଣ ଆକାରରେ ୟୁରିଆ ସାର ମାଗିଲେ ସମିତି ସେମାନଙ୍କୁ ଦେଇପାରୁ ନାହିଁ। ଫଳରେ ଚାଷୀମାନେ କୌଣସି ଉପାୟ ନ ପାଇ ବାଧ ହୋଇ ୨୬୭ ଟଙ୍କାର ୟୁରିଆ ସାର ପ୍ୟାକେଟକୁ ୬ ଶହ ଟଙ୍କାରେ କିଣିବାକୁ ବାଧ ହେଉଛି। ଏ ନେଇ ସମିତି ସମ୍ପାଦକ ଜଗଦୀଶ ରଣାଙ୍କୁ ପଚାରିବାରୁ ଆମକୁ ଯେତିକି ପରିମାଣରେ ସାରର ଆବଶ୍ୟକତା ରହିଥିଲା ତାର ଅଧା ମଧ ଯୋଗାଣ କରାଯାଇନାହିଁ।

# କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଦାବିପତ୍ର

**ନୂଆପଡ଼ା ଅଫିସ,୧।୮**

ନୂଆପଡା ଜିଲା କୋଶଲ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ସୋମବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ହେମକାନ୍ତ ସାଏଙ୍କ ଜରିଆରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଦାନଙ୍କୁ ପ୍ରଦାନ କରାଯାଇଛି। ନିଯୁକ୍ତି କ୍ଷେତ୍ରରେ ଉଚ୍ଚ ପଦବୀ ପାଇଁ ଓପିଏସସି, ଅନ୍ୟାନ୍ୟ ପଦବୀ ପାଇଁ ଓଏସଏସସି, ଓଏସଏସଏସସି ସରକାରଙ୍କ ଦ୍ୱାରା ଗଠିତ ହୋଇଛି। ଓଡିଶା ସବ-ଅର୍ଡିନେଟ କର୍ମଚାରୀ ଚୟନ ଆୟୋଗ ଜିଲା କ୍ୟାଡର ନିୟମ ୨୦୧୨ରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୧୦୦୬୯ ଅନୁଯାୟୀ ରାଜ୍ୟ ବିଭାଗ ଅଧୀନରେ ଜିଲାସ୍ତରୀୟ ଗ୍ରୁପ-ସି ଓ ଗ୍ରୁପ ଡିସିଭିଲ ପଦବୀ ନିଯୁକ୍ତିକୁ ସରକାର ଗୋଟିଏ ଥରରେ ଜିଲାସ୍ତରରେ ଥିବା କ୍ଷମତାକୁ ଛଡାଇ ନେଲେ। ଫଳରେ ପଶ୍ଚିମାଚଳର ଅଧିକାଂଶ ଆଶାୟୀ ପ୍ରାର୍ଥୀ ଚାକିରୀରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ ଶିକ୍ଷା ସହାୟକ ପଦବୀ ୧୧୦୦୦ ଖାଲି ଥିବାବେଳେ ୬୦୦୦ ପୁରଣ ହୋଇଛି। ଶିକ୍ଷକ ପଦବୀ ପୁରଣରେ ମଧ୍ୟ ପାତରଅନ୍ତର ମନୋଭାବ ରଖି ଉପକୂଳ ତଥା ମୁଖ୍ୟ ଓଡିଶା ଭୂମିର ପ୍ରାର୍ଥୀଙ୍କୁ ନିଯୁକ୍ତି କରି ପଶ୍ଚିମ ଭାଗର ପଦବୀଗୁଡିକୁ ଛଡାଇ ନେଇଛନ୍ତି । ଏହା କହିବା ପ୍ରଯୁଜ୍ୟ ଯେ ବର୍ତ୍ତମାନ ତଥାକଥିତ ପାଶ୍ଚାତ୍ୟ ଅଂଶ ଆଶଙ୍କା ଦୂର କରିବା ପାଇଁ ମଧ୍ୟପ୍ରଦେଶ ଓଡିଶା ସହିତ ଦୁଇଟି ପର୍ଯ୍ୟାୟରେ ମିଶ୍ରିତ ହୋଇଥିଲା। ଉପକୂଳ ଓଡିଶାର ତତ୍କାଳୀନ ନେତାମାନେ ଘୋଷଣା କରିଥିଲେ ଯେ ପଶ୍ଚିମ ଭାଗ ଓଡିଶାରେ ମିଶିଲେ ସ୍ୱତନ୍ତ୍ର ସେବା ସହ ପଦବୀରେ ପୁରଣ ଅଧିକ ଗୁରୁତ୍ୱ ଦିଆଯିବ। ଏହା ସ୍ପଷ୍ଟ ପ୍ରମାଣିତ କରୁଛି ଯେ ପଶ୍ଚିମାଞ୍ଚଳ ଲୋକମାନଙ୍କ ସହିତ ବଡ ଷଡଯନ୍ତ୍ର ଥିଲା । ରାଜ୍ୟରେ ବେକାର ଯୁବତୀଯବକମାନଙ୍କ ମଧ୍ୟରେ ପଶ୍ଚିମ ଭାଗରେ ଅଧିକାଂଶ ଅଛନ୍ତି। ତେଣୁ ନିରପେକ୍ଷ ବିଚାର କରି ପଦବୀ ପୁରଣ ନିମନ୍ତେ ପୂର୍ବ ଭଳି ଲାଗୁ କରାଯାଉ ବୋଲି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ଆବାହକ ଶାହାରୁଖ ଖାନ, ଜୟଦେବ ମାଝି, ନରେନ୍ଦ୍ର ନାଗ, ଉମାଉକାନ୍ତ ବନଛୋର, ନବୀନ ସାହୁ, ବିକାଶ ଦେଓ, ଲାଲ ମୋହନ ବନଛୋର, ଗଣାରାମ ଅଦା ପ୍ରମୁଖ କୋଶଳ ମୁକ୍ତି ମୋର୍ଚ୍ଚା ସଦସ୍ୟ ଉପସ୍ଥିତ ଥିଲେ।


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଦୁର୍ଘଟଣାରେ ତହସିଲ କର୍ମଚାରୀ ମୃତ

**ଖଡ଼ିଆଳ,(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ସହର ଭଣ୍ଡାରୀପଡା ଛକରେ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ଜଣକ ନୃପମଣୀ ହରପାଲ । ସେ ଖଡ଼ିଆଳ ତହସିଲ କାର୍ଯ୍ୟାଳୟର ଜଣେ କର୍ମଚାରୀ ବୋଲି ଜଣାପଡ଼ିଛି । ଖଡ଼ିଆଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି । ସୋମବାର ରାତି ୮.୨୦ ମିନିଟ୍ ରେ ଖଡ଼ିଆଳ ପଟରୁ ସିନାପାଲି ଯାଉଥିବା ଏକ ମାଲ ବୋଝେଇ ଟ୍ରକ୍ (ନଂ. ସିଜି୦୯ଇ ୦୪୭୫) ଏକ ବାଇକ୍ (ନଂ.ଓଡି୦୮ଏଲ୩୧୬୬) ମାଡିଯାଇଥିଲା । ଫଳରେ ଘଟଣାସ୍ଥଳରେ ହରପାଲଙ୍କ ମୃତ୍ୟୁ ଘଟିଥିଲା ।

## ସଂକ୍ଷେପରେ

### ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ବାଉଁଶୁଣୀ,୧।୮(ଡି.ଏନ.ଏ.):** ସୋମବାର ବୌଦ୍ଧ ଜିଲା ମନମୁଣ୍ଡା ଥାନା ଦହ୍ୟା ସରକାରୀ ଉଚ୍ଚ ବିଦ୍ୟାଳୟ ଗେଟରେ ଛାତ୍ରୀଛାତ୍ର ଓ ଅଭିଭାବକ ତାଲା ପକାଇ ଦେବାରୁ ପାଠପଢା ବ୍ୟାହତ ହୋଇଥିଲା । ସ୍କୁଲର ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ପରେ ନୂତନ ଶିକ୍ଷକ ନ ଦେବାରୁ ଏଭଳି ପଦକ୍ଷେପ ନେଇଥିଲେ । ଦୀର୍ଘ ୭ ଘଣ୍ଟା ଧରି ଛାତ୍ରୀଛାତ୍ର ସ୍କୁଲ ଗେଟରେ ତାଲା ପକାଇ ସେଠାରେ ବସିଥିଲେ । ହେଲେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି ।

### ଗଣେଶ ପୂଜା, ନୂଆଁଖାଇ ଭେଟ୍‌ଘାଟ କମିଟି ଗଠିତ

**ଦେଓଗାଁ,୧।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଡକୁଆ ଯୁବକ ସଂଘ ଆନୁକୂଲ୍ୟରେ ଗଣେଷ ପୂଜା ଓ ନୂଆଁଖାଇ ଭେଟ୍‌ଘାଟ ପାଇଁ କମିଟି ଗଠନ କରାଯାଇଛି । ପୂର୍ବତନ ସଭାପତି ମହେନ୍ଦ୍ର ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ସଭାପତିଭାବେ ଏମ. ଇଶ୍ୱର, ସମ୍ପାଦକ ନେହେରୁ ଦୀପ, କୋଷାଧକ୍ଷ ନିଳେଶ ଦୀପ ଓ ସଂଘ ସଂଯୋଜକଭାବେ ଆଇନଜୀବୀ ମନୋଜ କୁମାର ଦୀପ ମନୋନୀତ ହୋଇଛନ୍ତି। ବବୁଲୁ ବିଶ୍ୱାଳ ନୂତନ କମିଟି ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଅଶ୍ୱିନୀ ଦୀପ, ଗୌତମ ଦିପ, ନରୋତ୍ତମ ଦୀପ, ପଞ୍ଚା ଦୀପ ପ୍ରମୁଖ ଉପସ୍ଥିତ ଥିଲେ ।

### ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ଦାବି

**ଖଡ଼ିଆଳ,୧।୮(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳରେ ରାତିରେ କେତେକ ଅଜଣା ବ୍ୟକ୍ତି ବୁଲୁଥିବା ସୂଚନା ମିଳିଛି। ବିଶେଷ କରି ୧ ନମ୍ବର ୱାର୍ଡରେ ବୁଲିବା ଦେଖିବାକୁ ମିଳୁଥିବା ବେଳେ ଅନ୍ୟାନ୍ୟ ୱାର୍ଡରେ ମଧ ବୁଲୁଥିବା ଅଭିଯୋଗ ହୋଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ମିତ ଗୋଷ୍ଠି ଗୃହ, ଅଙ୍ଗନୱାଡି କେନ୍ଦ୍ର ଆଦି ବାରଣ୍ଡାରେ ମଧରାତ୍ର ପର୍ଯ୍ୟନ୍ତ ଅଜଣା ଓ ଅସାମାଜିକ ବ୍ୟକ୍ତି ବସିଥିବା ଅଭିଯୋଗ ସାମ୍ନାକୁ ଆସିଛି।

### ଟ୍ରେନ୍‌ରେ କଟି ମହିଳା ମୃତ

**ଦେଓଗାଁ,୧।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ହାତୀସରା ଗ୍ରାମ ନିକଟ ରେଳ ଧାରଣାରେ ଟ୍ରେନରେ କଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରୁକ୍ମଣି ବକୁଲ (୩୦)। ସୋମବାର ସକାଳ ପ୍ରାୟ ୯ଟାରେ ରୁକୁଣି ଶୌଚ ପାଇଁ ଯାଇଥିଲେ । ରେଳ ଧାରଣା ପାର ହୋଇ ଗାଁ ପଟକୁ ଆସୁଥିବାବେଳେ ତାଙ୍କୁ ଟ୍ରେନ ଧକ୍କା ଦେଇଥିଲା । ମୃତା ଶ୍ରବଣ ବାଧିତ ଥିବାରୁ ରେଲ ଧାରଣା ପର ବେଳେ ହୁଏତ ଟ୍ରେନ ଆସୁଥିବା ଜାଣି ପାରି ନ ଥଇବା ଅନୁମାନ କରାଯାଉଛି। ବଲାଙ୍ଗିର ଜିଆରପି ମୃତଦେହ ଜବତ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଜେଇଇ, ନିଟ୍ ପରୀକ୍ଷା ସଫଳତାର ସହିତ ସମ୍ପନ୍ନ

**ବରଗଡ଼ ଅଫିସ୍,୧।୮:** ବରଗଡ଼ସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜିରେ ଜେଇଇ ମେନ୍ ସେସନ-୨ ପରୀକ୍ଷା ଜୁଲାଇ ୨୭ରୁ ଆରମ୍ଭ ହୋଇ ୩୦ ତାରିଖରେ ସଫଳତାର ସହିତ ସମ୍ପନ୍ନ ହୋଇଛି। ଏଥିରେ ୪୨୧ଜଣ ପରୀକ୍ଷାର୍ଥୀ ସିବିଟି (କମ୍ପ୍ୟୁଟର ବେସ୍‌ଡ୍ ଟେଷ୍ଟ) ମାଧ୍ୟମରେ ପରୀକ୍ଷା ପାଇଁ ଆବେଦନ କରିଥିଲେ। ସେହିପରି ଜେଇଇ ମେନ୍ ସେସନ୍-୧ ପରୀକ୍ଷା ଜୁନ୍ ୨୩ରୁ ଆରମ୍ଭ ହୋଇ ଜୁନ ୨୯ ତାରିଖ ମଧ୍ୟରେ ୬୨୯ଜଣ ଏବଂ ଜୁଲାଇ ୯ରୁ ୧୭ ତାରିଖ ୟୁଜିସି (ନେଟ୍)ରେ ୧୩୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ସାରିଛନ୍ତି। ପ୍ରକାଶଥାଉକି, ଏନ୍‌ଟିଏ (ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି) ଦ୍ୱାରା ପ୍ରଥମଥର ପାଇଁ ବରଗଡ଼ ଜିଲାରେ ଜେଇଇ, ୟୁଜିସି(ନେଟ୍) ଏବଂ ନିଟ୍ (ୟୁଜି)-୨୦୨୨ ପାଇଁ ପରୀକ୍ଷାକେନ୍ଦ୍ର ଆରମ୍ଭ ହେଲା। ସମଗ୍ର ବରଗଡ଼ ତଥା ଆଖପାଖ ଜିଲା ପାଇଁ ବରଗଡ଼ ସହରର ୪ଟି କେନ୍ଦ୍ରରେ ଅର୍ଥାତ୍ ବରାହଗୋଡ଼ା ସ୍ଥିତ ବିକାଶ ରେସିଡେନ୍ସିଆଲ ସ୍କୁଲ, ବିକାଶ ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ରୋଟାରୀ ପବ୍ଲିକ ସ୍କୁଲରେ ଏହି ନିଟ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସମସ୍ତ ୪ଟି ପରୀକ୍ଷାକେନ୍ଦ୍ରରେ ମୋଟ୍ ୧୧୫୩ଜଣ ପରୀକ୍ଷାର୍ଥୀ ନିଟ୍ ପରୀକ୍ଷା ଦେଇଥିଲେ। ପରୀକ୍ଷାର୍ଥୀ ତଥା ଅଭିଭାବକଙ୍କ ପାଇଁ ନିଜ ଜିଲାରେ ନିଟ୍, ୟୁଜିସି(ନେଟ୍), ଜେଇଇ ପରୀକ୍ଷା ଦେବା ବ୍ୟବସ୍ଥା ଏକ ଅପୂର୍ବ ସୁଯୋଗ ବୋଲି ମତପ୍ରକାଶ ପାଇଛି। ପରୀକ୍ଷା ପରିଚାଳନାରେ ଶୃଙ୍ଖଳାରକ୍ଷାରେ ଜିଲା ପୋଲିସ ଓ ପ୍ରଶାସନ ସହଯୋଗ କରିଥିଲା। ଏନ୍‌ଟିଏ ଦ୍ୱାରା ନିଯୁକ୍ତ ସିଟି କୋର୍ଡିନେଟର ତଥା ବିକାଶ ରେସିଡେନ୍ସିଆଲ ସ୍କୁଲ,ବରଗଡ଼ର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳଙ୍କ ତତ୍ତ୍ୱାବଧାନରେ ନିଟ୍, ୟୁଜିସି(ନେଟ୍), ଜେଇଇ ପରୀକ୍ଷା ସଫଳତାର ସହିତ ସମ୍ପନ୍ନ ହୋଇଥିଲା।

# ନିରପେକ୍ଷ ତଦନ୍ତ ପ୍ରତିଶ୍ରୁତି ଦେଲେ ଏସ୍‌ପି

### ଘରୋଇ ସ୍କୁଲ ଛାତ୍ରମୃତ୍ୟୁ ଘଟଣା

**ବରଗଡ଼ ଅଫିସ୍,୧।୮**

ବରଗଡ଼ ସ୍ଥିତ ଏକ ଘରୋଇ ସ୍କୁଲର ପ୍ରଥମ ଶ୍ରେଣୀ ଛାତ୍ର ଆଦିତ୍ୟରାଜ ସାହୁଙ୍କ ମୃତ୍ୟୁ ଏବଂ ଏହି ଘଟଣାକୁ ନେଇ ଅଭିଭାବକମାନେ ସ୍କୁଲକୁ ଯାଇଥିବାବେଳେ ପୋଲିସର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନେଇ ସୋମବାର ସନ୍ଧ୍ୟାରେ ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଓକିଲ ସଂଘ ସଭାପତି ଚନ୍ଦ୍ରଧ୍ୱଜ ଜାଲଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ହରିହର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ସଂଘର କାର୍ଯ୍ୟକାରୀ କମିଟି, ନାଗରିକ କମିଟି, ବରଗଡ଼ ଏସ୍‌ପି ସ୍ମିତ ପି. ପରମାର ଯୋଗଦେଇ ଉକ୍ତ ଘଟଣା ଉପରେ ସକରାତ୍ମକ ଆଲୋଚନା କରିଥିଲେ। ଏସ୍‌ପି ପରମାର ସମସ୍ତଙ୍କ ମନ୍ତବ୍ୟ ଶୁଣିବା ପରେ ଆଦିତ୍ୟରାଜ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଜାରି ରହିଛି ଏବଂ ତଦନ୍ତରେ ଆଦୌ ଅବହେଳା କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ସେହିପରି ଏହି ଘଟଣା ପରେ ସ୍କୁଲକୁ ଯାଇଥିବା ଅଭିଭାବକମାନଙ୍କ ସହିତ ଆଲୋଚନାବେଳେ ସେଠାରେ ପୋଲିସ ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ ଅଭିଭାବକଙ୍କ ପ୍ରତି ଦେଇଥିବା କଟୂ ମନ୍ତବ୍ୟ, ଦୁର୍ବ୍ୟବହାର, ଆକ୍ରୋଶମୂଳକ ମାମଲା ରୁଜୁ ଏବଂ ବରଗଡ଼ ବନ୍ଦ ଭଳି ପରିସ୍ଥିତି ଉପୁଜିବା ଉପରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହା ଅତ୍ୟନ୍ତ ସମ୍ବେଦନଶୀଳ ବିଷୟ ଏବଂ ଏହାକୁ ସେ ଗୁରୁତ୍ୱର ସହିତ ନେଇଥିବା ଏସ୍‌ପି କହିଥିଲେ। ଜିଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା, ନିରାପତ୍ତାକୁ ନେଇ ସେ ବରଗଡ଼ ଜିଲାପାଳଙ୍କ ସହିତ ଆଲୋଚନା କରି ସରକାରୀ ନିୟମାବଳୀ ଅନୁସାରେ ଯାହା ମାର୍ଗଦର୍ଶିକା ରହିଛି, ତାହା ଉପରେ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏହାସହିତ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ସମସ୍ୟା, ନିଶା କାରବାର ଉପରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ ଏବଂ କୌଣସି ସ୍ଥାନରେ କିଛି ଆପରାଧିକ କାର୍ଯ୍ୟର ସୂଚନା ପାଇଲେ କିମ୍ବା ଅସୁବିଧାର ସମ୍ମୁଖୀନ ହେଲେ ତାଙ୍କୁ ବ୍ୟକ୍ତିଗତ ଭାବେ ମଧ୍ୟ ଯୋଗାଯୋଗ କରିବାକୁ ଏସ୍‌ପି କହିଥିଲେ। ବୈଠକରେ ଓକିଲ ସଂଘର ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ କମିଟି ସଦସ୍ୟ ଶିରିଶ ବଲ୍ଲଭ ମିଶ୍ର, ସୁରେଶ ଚନ୍ଦ୍ର ଶତପଥି, ଶଙ୍କର୍ଷଣ ମିଶ୍ର, ସରୋଜ ଷଡ଼ଙ୍ଗୀ, ଅନୂପ ଶତପଥି, ସୁଧୀର ଦେବତା, ଶୁକଦେବ ସାହୁ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର, ବରିଷ୍ଠ ସଭ୍ୟ ପ୍ରସନ୍ନ ମିଶ୍ର, ନାଗରିକ କମିଟିର ବିରେନ୍ଦ୍ର ପ୍ରଧାନ, ମନୋହର ପ୍ରଧାନ, ସଂଗ୍ରାମ ନେପାକ, ମୃତ ଛାତ୍ର ଆଦିତ୍ୟରାଜଙ୍କ ବାପା ଉମେଶ ସାହୁ, ବିଶ୍ୱ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ବୋଲି ଜିଲା ଓକିଲ ସଂଘର ସମ୍ପାଦକ ପ୍ରଧାନ ଜଣାଇଛନ୍ତି।


ବୈଠକରେ ଏସ୍‌ପିଙ୍କ ସମେତ ଓକିଲ, ସାମ୍ବାଦିକ ସଂଘର କର୍ମକର୍ତ୍ତାବୃନ୍ଦ।

# ଅରବିନ୍ଦ ଜାଗରଣ ଯାତ୍ରାକୁ ସ୍ୱାଗତ


ଅମରପାଲି ହାଇସ୍କୁଲରେ ଶ୍ରୀଅରବିନ୍ଦ ଜାଗରଣ ରଥକୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରିବାକୁ ଅପେକ୍ଷା କରିଛନ୍ତି।

**ଅମରପାଲି,୧।୮(ଡି.ଏନ.ଏ.)**

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଅତିମାନସ ଚେତନା ଜାଗରଣ ଯାତ୍ରା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ରାଣୀପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରୁ ବାହାରି ବ୍ଲକ ପରିକ୍ରମା କରିଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ପୂର୍ବତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ ରଥ, ଜୟନ୍ତୀ ସମାରୋହର ବ୍ଲକ ସଭାପତି ନାରାୟଣ ଲୁହା, ବ୍ଲକ ସଂଗଠକ ବିପିନ ଖମାରୀ, ମନୋରଞ୍ଜନ ଦାଶ, ନବୀନ ଭାଇ, ଦିଲ୍ଲୀପ ଭାଇ, ମହାଦେବ ଭାଇ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଚେତନତା ରଥକୁ ବୀରମହାରାଜପୁରର ଅନେକ ମାତୃକର୍ମୀ ନିଜଗୃହ ସମ୍ମୁଖରେ କଳସ ବସାଇ ସ୍ୱାଗତ କରିଥିଲେ। ବାଗବର ପଞ୍ଚାୟତ ସରପଞ୍ଚ ନିରୂପମା ବଗର୍ତି, ସମବାୟ ସମିତି ସଭାପତି ବିପିନ ପଣ୍ଡା ସଚେତନତା ରଥକୁ ସାଗତ କରିଥିଲେ। ପରେ ଗାୟତ୍ରୀ ଆଶ୍ରମରେ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସୋମବାର ଶ୍ରୀଅରବିନ୍ଦ ଜାଗରଣ ରଥ ଉପାନ୍ତ ବହଳପଦର ଓ ଦୁର୍ଜନତୈଳା ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ଶିକ୍ଷାନୁଷ୍ଠାନ ପରିକ୍ରମା କରିଥିଲା। ଅମରପାଲି ହାଇସ୍କୁଲରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ସ୍ୱାଗତ କରିଥିଲେ। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ସମେତ ଶିକ୍ଷକ ପଦ୍ମନାଭ ପ୍ରଧାନ, କହ୍ନେଇ ଚରଣ ପଧାନ, ସମ୍ବିତ ପଧାନ, ଶ୍ୟାମ ସୁନ୍ଦର ସେଠୀ, ନଟବର ରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଉଁଶୁଣୀରେ ସମ୍ବଲପୁରୀ ଦିନ ପାଳିତ



ସଭାରେ ଯୋଗ ଦେଇଥିବା ଅତିଥିମାନେ ।

**ବାଉଁଶୁଣୀ,୧।୮(ଡି.ଏନ.ଏ.)**

ସୋମବାର ଅପରାହ୍ନରେ ବୌଦ୍ଧ ଜିଲା ବାଉଁଶୁଣୀର ଏକ କଲ୍ୟାଣମଣ୍ଡପ ପରିସରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ବାଉଁଶୁଣୀ ସାଂସ୍କୃତିକ ପରିଷଦ ତରଫରୁ ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ ମହିଧର ରଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଚେୟାରମ୍ୟାନ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, କରୁଣାକର ଘଣ୍ଟୁଆଳ, ସରପଞ୍ଚ ଅଜିତ ମେହେର, ଅଇଁଠୁ ମହାଲିକ, ସମିତି ସଭ୍ୟ ପ୍ରମୋଦ କୁମାର ଦେହୁରୀ, ମୁଖ୍ୟବକ୍ତା ଭାବେ ଅଧାପକ ସୌରଭ ଖମାରୀ ଯୋଗଦାନ କରି ସମ୍ବଲପୁରୀ ଦିନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବାଉଁଶୁଣୀ ସାଂସ୍କୃତିକ ପରିଷଦର ସଭାପତି ଡା. ପ୍ରିୟବ୍ରତ ବେହେରା କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚର ଜିଲା ସଂଯୋଜକ ଦେବାଶିଷ ପୁରୋହିତ ସମ୍ବଲପୁରୀ ଦିନ ପାଳନର ଆବଶ୍ୟକତା ସଂପର୍କରେ ପ୍ରକାଶ କରିଥିଲେ। ସଭା ପରେ ସମସ୍ତଙ୍କୁ ଅଞ୍ଚଳର ପ୍ରସିଦ୍ଧ ଚାଉଳ ବରାରେ ଆପାୟିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ କରାଯାଇ ଥିଲା। ଆସନ୍ତା ବର୍ଷଗୁଡିକରେ ଏହି ଦିବସକୁ ବ୍ୟାପକ କରାଯିବ ବୋଲି ଅତିଥି ଓ ଆୟୋଜକମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ମେହେର, ଉମାଶଙ୍କର ପାଢୀ, ଚକ୍ରଧର ମେହେର, ପରମେଶ୍ୱର ମେହେର, ମନୋଜ ଗାଇଗୌରିଆ, ଅକୁର ଗାଇଗୌରିଆ ପରିଚାଳନା କରିଥିଲେ। ଦଶରଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ନିଖୋଜ ଶିକ୍ଷକଙ୍କ ମୃତଦେହ ମିଳିଲା

**ଅମରପାଲି,୧।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ତଥା ଉଲୁଣ୍ଡା ବ୍ଲକ ଜମ୍ବାଲିପାଲି ସରକାରୀ ୟୁପି ସ୍କୁଲର ଶିକ୍ଷକ ଅଶେଷ ଶତପଥୀ(୫୨)ଙ୍କ ମୃତ ଦେହ ସୋମବାର ଉଦ୍ଧାର କରାଯାଇଛି। ଅଶେଷ ଗତ ରବିବାର ସକାଳେ ଚାଷଜମିକୁ ଯାଉଛି କହି ଘରୁ ବାହାରି ଆଉ ଫେରି ନ ଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ନ ପାଇବାରୁ ପରିବାର ଲୋକେ ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ କରିଥିଲେ। ସୋମବାର ସନ୍ଧ୍ୟାରେ ଶିକ୍ଷକଙ୍କ ମୃତଦେହ ଜମ୍ବାଲିପାଲି ଦୁବୁଲିବନ୍ଧ ନିକଟରେ ପଡିଥିବା ଦେଖିବାକୁ ମିଳିଥିଲା। ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି। ଶିକ୍ଷକଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଛି। ତାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇ ପାରିନାହିଁ। ମୃତ ଶିକ୍ଷକଙ୍କ ସ୍ତ୍ରୀ ଓ ନବମ ଶ୍ରେଣୀରେ ପଢୁଥିବା ଏକ ମାତ୍ରପୁତ୍ର ଥିବା ସୂଚନା ମିଳିଛି। ବୀରମହାରାଜପୁର ପୋଲିସ ତଦନ୍ତ ଜାରି ରଖିଛି।

# ସମ୍ବଲପୁରୀ ପୋଷାକ ପିନ୍ଧିଲେ ସରକାରୀ କର୍ମଚାରୀ

**ବରଗଡ଼ ଅଫିସ୍,୧।୮**

ସୋମବାର ସମ୍ବଲପୁରୀ ଦିନ ପାଳନ କରାଯାଇଥିଲା। ଏହି ଅବସରରେ ବରଗଡ଼ ଜିଲାର ସମସ୍ତ ସରକାରୀ କର୍ମଚାରୀ ସମ୍ବଲପୁରୀ ପୋଷାକ ପରିଧାନ କରି କାର୍ଯ୍ୟାଳୟକୁ ଆସିଥିଲେ। ସମ୍ବଲପୁରୀ ଭାଷା, ସଂସ୍କୃତି ଏବଂ ଐତିହ୍ୟର ସ୍ୱତନ୍ତ୍ର ପରିଚୟ ପ୍ରତିପାଦନ ସକାଶେ ଏହି ଦିବସରେ ଏଭଳି ପୋଷାକ ପରିଧାନ ପାଇଁ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଗତ କିଛିଦିନ ତଳେ ନିର୍ଦ୍ଦେଶନାମା ଜାରି କରିଥିଲେ ଏବଂ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା।



ଜିଲାପାଳ ଅଫିସରେ କାର୍ଯ୍ୟରତ କର୍ମଚାରୀମାନେ ସମ୍ବଲପୁରୀ ପୋଷାକ ପରିଧାନ କରିଛନ୍ତି।

# ୪୫ ଅଭିଯୋଗର ତତ୍କାଳ ସମାଧାନ

**ଡୁଙ୍ଗୁରିପାଲି, ୧।୮(ଡି.ଏନ.ଏ. )**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେ, ଏସ୍‌ପି ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ୬୭ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ସେଥିରୁ ୪୫ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୨୨ଟି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡିକୁ ପଠାଯାଇଥିଲା। ବିଡ଼ିଓ ତ୍ରିପୁର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣି କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ନିହାର ରଞ୍ଜନ କହଁର, ସୋନପୁର ଉପଜିଲାପାଳ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଡିଏଲଓ ଦୁଲେଶ୍ୱର ଖାଁଖାଁ, ପରିବହନ ଅଧିକାରୀ ରବୀନ ପଟନାୟକ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଆରଡ଼ବ୍ଲୁଏସଏସ ଯନ୍ତ୍ରୀ ରଞ୍ଜନ କୁମାର ପଟେଲ, ଆରଡି ଯନ୍ତ୍ରୀ ପ୍ରଭାତ ମହନ୍ତ, ସିଡିପିଓ ଜୟନ୍ତୀ ଗଡତିଆ, ଜିପିଓ ବିଜୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ପଥରକ୍ୱାରି, କ୍ରଶର ବନ୍ଦ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

**ବୌଦ୍ଧ,୧।୮(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୁଇଁଠାରେ ବନ୍ଦ ଥିବା କ୍ରଶର ଓ ପଥରକ୍ୱାରି ପୁନଃ ଚାଲୁ ପାଇଁ ପ୍ରଶାସନ ପ୍ରସ୍ତାବ ଦେବା ପରେ ଗ୍ରାମବାସୀ ଏହାର ଘୋର ବିରୋଧ କରିଛନ୍ତି । ଏନେଇ ଗତ ରବିବାର ଗ୍ରାମବାସୀ ଖରଭୁଇଁରେ ଏକ ବୈଠକ କରି କୌଣସି ପରିସ୍ଥିତିରେ କ୍ରଶର ଚାଲୁ ନ କରିବାକୁ ଶପଥ ନେଇଥିଲେ। ପୁଣି ସୋମବାର ଗ୍ରାମବାସୀ ବୌଦ୍ଧ ଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ କ୍ରଶର ଚାଲୁ ନ କରିବାକୁ ଉଲ୍ଲେଖ ରହିଛି ।

ପ୍ରକାଶ ଯେ, ହରଭଙ୍ଗା ବ୍ଲକ ଛତରଙ୍ଗ ଗ୍ରାମ ପଞ୍ଚାୟତର ଖରଭୁଇଁ ଠାରେ ଚାଲିଥିବା ୪ ଗୋଟି କ୍ରଶର ଓ ପଥରକ୍ୱାରି ଯୋଗୁ ଅଞ୍ଚଳରେ ବିଭିନ୍ନ ଅସୁବିଧା ହେଉଛି । ବିଶେଷ କରି ଚାଷ, ପରିବେଶ , ଜଙ୍ଗଲ କ୍ଷୟ ସାଙ୍ଗକୁ ଜୀବନ ଓ ଜୀବିକା ଉପରେ ପ୍ରଭାବ ପଡୁଛି । ଏନେଇ ଗ୍ରାମବାସୀ ବହୁବାର ଆନ୍ଦୋଳନ କରିବା ପରେ ଜିଲା ପ୍ରଶାସନ ପକ୍ଷରୁ କ୍ରଶର ଓ ପଥରକ୍ୱାରି ବନ୍ଦ ରହିଥିଲା । ପୁଣି ଦୀର୍ଘ ୧୦ ମାସ ପରେ ପ୍ରଶାସନ ପକ୍ଷରୁ କ୍ରଶରଗୁଡିକ ଚାଲୁ କରିବାକୁ ପ୍ରସ୍ତାବ ଦେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳିବାରେ ଲାଗିଛି । ଜିଲାପାଳ ଲଲାଟେନ୍ଦୁ ମିଶ୍ର ଗତ ରବିବାର ଦିନ ଅବସର ଗ୍ରହଣ କରି ସାରିଥିବା ବେଳେ ଅବସର ଗ୍ରହଣ ସମୟରେ ପୁଣି କିପରି ଏଭଳି ପ୍ରସ୍ତାବ ଦିଆଗଲା ବୋଲି ପ୍ରଶ୍ନ ଉଠିଛି । ଏହାକୁ ନେଇ ଗ୍ରାମବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ବେଳେ ଜିଲାପାଳଙ୍କ ଜନଶୁଣାଣି ଶିବିରକୁ ଆସି କ୍ରଶର ଯୋଗୁ ଚର୍ମରୋଗ, ଘରଗୁଡିକ ଫାଟି ଆଁ କରିବା , କିଡ୍‌ନୀ ରୋଗ ଓ ଚାଷ ଜମିଗୁଡିକ ନଷ୍ଟ ହେଉଥିବା ଅଭିଯୋଗ କରିଥିଲେ। ଏହି ଅବସରରେ କ୍ରଶରଗୁଡିକ ଚାଲୁ ନ କରିବା ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ସମୟରେ ଗ୍ରାମ୍ୟ କମିଟି ସଭାପତି ଅକ୍ଷୟ ନାଏକ, ସଂପାଦକ ହୃଦାନନ୍ଦ ଦେହୁରୀ, ସଭ୍ୟ ଅନିଲ କୁମାର ପ୍ରଧାନ, ଇଶ୍ୱର ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ୪ମାସର ଶିଶୁକନ୍ୟାକୁ କଚାଡ଼ି ମାରିଲେ ବାପା

**କନ୍ଧମାଳ,୧।୮(ଡି.ଏନ.ଏ.):** ବୌଦ୍ଧ ଜିଲା କନ୍ଧମାଳ ଥାନା ଅଞ୍ଚଳରେ ଏକ ଲୋମଟାଙ୍କୁରା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ସୋମବାର ଅପରାହ୍ନରେ ଜଣେ ବ୍ୟକ୍ତି ନିଜର ୪ ମାସର ଶିଶୁକନ୍ୟାକୁ କଚାଡି ମାରିଥିବା ଜଣାଯାଇଛି । ପ୍ରକାଶ ଯେ, କନ୍ଧମାଳ ଥାନା ଅନ୍ତର୍ଗତ ନାରାୟଣପ୍ରସାଦ ଗ୍ରାମର ଲୋକନାଥ ସାହୁଙ୍କ ସାନ ଝିଅ ଦୀପାଞ୍ଜଳି ବଲାଙ୍ଗୀର ଜିଲା ଚନ୍ଦନଭାଟି ଥାନା ଅନ୍ତର୍ଗତ କୁଶଙ୍ଗ ଗ୍ରାମର ଶ୍ୟାମସୁନ୍ଦର ଖରୁଆଙ୍କୁ ବିବାହ କରିଥିଲେ । କିନ୍ତୁ ଶାଶୁଘରେ ନିର୍ଯାତନା ଦିଆଯିବାରୁ ଲୋକନାଥ ଝିଅକୁ ଘରକୁ ନେଇ ଆସିଥିଲେ। ଏହାର କିଛିଦିନ ପରେ ଶ୍ୟାମସୁନ୍ଦର ମଧ ନାରାୟଣପ୍ରସାଦ ଗ୍ରାମକୁ ଆସି ରହୁଥିଲେ । ୪ମାସ ତଳେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା । କିନ୍ତୁ ସ୍ତ୍ରୀର ଅନୈତିକ ସଂପର୍କ ଥିବା ସନ୍ଦେହ କରି ସୋମବାର ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏହି ସମୟରେ ଉତ୍କ୍ଷିପ୍ତ ହୋଇ ଶ୍ୟାମସୁନ୍ଦର ନିଜର ୪ମାସର ଅବୋଧ ଶିଶୁକନ୍ୟାକୁ କଂକ୍ରିଟ ଉପରେ କଚାଡି ଦେଇଥିଲେ । ପରିବାର ଲୋକେ ଶିଶୁକନ୍ୟାକୁ କନ୍ଧମାଳ ଡାକ୍ତରଖାନାକୁ ନେଇଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା । ଏହି ଖବର ପାଇ ଗ୍ରାମବାସୀ ଶ୍ୟାମସୁନ୍ଦରଙ୍କୁ ବାନ୍ଧି କନ୍ଧମାଳ ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା । ଅପରପକ୍ଷରେ ବ୍ୱାଇଁଙ୍କ ଏପରି କାଣ୍ଡ ବିରୋଧରେ ଲୋକନାଥ କନ୍ଧମାଳ ଥାନାରେ ରାତି ସାଢେ ୯ଟା ସମୟରେ ଅଭିଯୋଗ କରିଛନ୍ତି । ଏନେଇ ଥାନାରେ ନଂ ୯୮ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କ ଠାରୁ ଜାଣିବାକୁ ମିଳିଛି।

# ଶ୍ରାଦ୍ଧବାର୍ଷିକୀରେ ସଦାନନ୍ଦ ଅଗ୍ରୱାଲଙ୍କ ସ୍ମୃତିଚାରଣ

**ତରଭା, ୧।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲ ତରଭା ବ୍ଲକ ମେଣ୍ଡା ମହର୍ଷି ବୁଦ୍ଧରାମ ମହାବିଦ୍ୟାଳୟରେ ବିଶିଷ୍ଟ ଐତିହାସିକ ସ୍ୱର୍ଗତ ଡ଼ ସଦାନନ୍ଦ ଅଗ୍ରୱାଲଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। କଲେଜ ପରିଚାଳନା କମିଟି ସଭାପତି ବାଳ ଗୋପାଳ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାସ ଯୋଗ ଦେଇଥିଲେ। ସାମ୍ମନିତ ଅତିଥିଭାବେ ବଲାଙ୍ଗୀର ରେଡକ୍ରସର ପୃଷ୍ଟପୋଷାକ ବିଷ୍ଣୁ ପ୍ରସାଦ କେଡ଼ିଆ, ଉତ୍କଳ ମାରୱାଡି ସମ୍ମିଳନର ମନୋଜ ଜୈନ, କଲେଜ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ରଥ, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଅରୁଣ କୁମାର ପାଢ଼ୀ, ପାଇକବାହାଲ ସରପଞ୍ଚ ଗଣନାଥ ସାହୁ, ମେଣ୍ଡା ସରପଞ୍ଚ ମୋନାଲିସା ଦଣ୍ଡସେନା ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ପ୍ରଫେସର ଡ଼ ସୁଜିତ ପୃଷେଠ ଯୋଗଦେଇ ସ୍ୱର୍ଗତ ଅଗ୍ରୱାଲ ତାଙ୍କ ଜୀବନ କାଳରେ କରିଥିବା ବିଭିନ୍ନ ସମାଜ ସଂସ୍କାର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଆଗାମୀ ପୀଢ଼ିକୁ ଆହ୍ୱାନ ଦେଇଥିଲେ। ସ୍ୱର୍ଗତ ଡ଼ ସଦାନନ୍ଦ ଅଗ୍ରୱାଲଙ୍କ ସୁପୁତ୍ର ସିଦ୍ଧାର୍ଥ ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ଼ ସଦାନନ୍ଦ ଅଗ୍ରୱାଲା ସ୍ମୃତି କମିଟି ଓ ମହର୍ଷି ବୁଦ୍ଧରାମ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଶିବିରରେ ୩୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅଧାପକ ବିକାଶ ଝାଙ୍କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ସ୍ମୃତିସଭାରେ ଯୋଗଦେଇଥିବା କଲେଜ ଅଧ୍ୟାପିକା, ଅଧ୍ୟାପକ।

# ଭାଷା ସଂସ୍କୃତି ବଞ୍ଚିଲେ ଜାତି ବଞ୍ଚିବ



ସମ୍ବଲପୁର ଜେଲ ଛକଠାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ ଉତ୍ସବରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।


ଉତ୍ସବରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ ।

ସମ୍ବଲପୁର,୧୮(ବ୍ୟୁରୋ)

ସମ୍ବଲପୁରୀ ସଂସ୍କୃତିର ପଟାନ୍ତର ନାହିଁ। ସମ୍ବଲପୁରୀ ପୋଷାକ, ଲୋକଗୀତ, ଲୋକନୃତ୍ୟ, ଲୋକବାଦ୍ୟ ଓ ଭାଷା ବିଶ୍ୱବିଦିତ। ଏକଜୁଟ ହୋଇ ଭାଷା, ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା କରିବା ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ଯୁବପିଢ଼ିଙ୍କୁ ସମୃଦ୍ଧ ସମ୍ବଲପୁରୀ ସଂସ୍କୃତି ବିଷୟରେ ଅଭିଭାବକମାନେ ସୂଚିତ କରିବା ସମୟ ଆସିଛି। ଭାଷା ଓ ସଂସ୍କୃତି ବଞ୍ଚିଲେ ଜାତି ବଞ୍ଚିବ। ସୋମବାର ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତଥା ସମ୍ବଲପୁରୀ ଦିନ୍ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି।

ସମ୍ବଲପୁର ଜେଲ ଛକଠାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ଗଙ୍ଗାଧର ମଣ୍ଡପଠାରେ ସମ୍ବଲପୁରୀ ଏକତା ମଞ୍ଚ ଆୟୋଜନରେ ପୃଥକ୍ ଭାବେ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳ ଅନନ୍ୟା ଦାଶ ମୁଖ୍ୟଅତିଥି ଓ ଏସ୍‌ପି ବାତୁଲା ଗଙ୍ଗାଧର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁରୀ ଲୋକବାଦ୍ୟ, ଲୋକଗୀତ ଓ ଲୋକନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ପାରମ୍ପରିକ ସମ୍ବଲପୁରୀ ପୋଷାକ ଫ୍ୟାଶନ ଶୋ ଦର୍ଶକଙ୍କୁ ବିଭୋର କରିଥିଲା। ଷ୍ଟଲରେ ପାରମ୍ପରିକ ଖାଦ୍ୟ, ପୋଷାକ, ସମ୍ବଲପୁରୀ ଭାଷାର ବହିପତ୍ର ପ୍ରଭୃତି ପ୍ରଦର୍ଶିତ ହୋଇଥିଲା। ଚିତ୍ରାଙ୍କନ, ରଙ୍ଗୋଲି, ଝୋଟି ଓ କୌତୁକ ବେଶ ପ୍ରତିଯୋଗିତାରେ କୃତୀମାନଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ସେହିପରି ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରଚାର ଦିଗରେ କାର୍ଯ୍ୟ କରିଥିବା

**ସମ୍ବଲପୁରୀ ଦିନ୍**

**■ସପ୍ତରଙ୍ଗ ସମ୍ବଲପୁରୀ ପୋଷାକରେ ରଙ୍ଗୀନ ସହର**

ବ୍ୟକ୍ତିବିଶେଷଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସମ୍ବଲପୁରୀ କବିତା ପାଠୋତ୍ସବରେ ବିଭିନ୍ନ ଜିଲାରୁ କବିମାନେ ସାମିଲ ହୋଇ ସ୍ୱରଚିତ କବିତା ପାଠ କରିଥିଲେ। ସରକାରୀ ଓ ବେସରକାରୀ ଅଫିସର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ସହରବାସୀ ସମ୍ବଲପୁର ପୋଷାକ ପରିଧାନ କରି ସମ୍ବଲପୁରୀ ଦିନ ପାଳନ କରିଛନ୍ତି। ସତେଯେମିତି ସପ୍ତରଙ୍ଗ ସମ୍ବଲପୁରୀ ପୋଷାକରେ ସହର ରଙ୍ଗୀନ ହୋଇଥିଲା। ସମସ୍ତେ ପରସ୍ପରକୁ ସମ୍ବଲପୁରୀ ଦିନ୍‌ର ଶୁଭେଚ୍ଛା ଜଣାଇଛନ୍ତି।

**ପଶ୍ଚିମାଞ୍ଚଳ ଏକତା ମଞ୍ଚ**

ସମ୍ବଲପୁରୀ ଦିନ୍ ସଂଯୋଜକ ଡ. ପ୍ରମୋଦ ରଥ, ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀଶଙ୍କର ଭୋଇ ଓ ମୁଖ୍ୟ ସଂଯୋଜକ ମାନସରଞ୍ଜନ ବକ୍ସିଙ୍କ ପରିଚାଳନରେ ଉତ୍ସବ ହୋଇଥିଲା। ବର୍ଷକୁମ୍ଭୀରୀ ଗ୍ରାମର ସମ୍ବଲପୁରୀ ସଂଗଠକ ତଥା ଗୁରୁ ଭାଗବତ ପ୍ରଧାନଙ୍କୁ ଗୁରୁ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଜାତୀୟ ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା। ଏହାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକମ ହୋଇଥିଲା। ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ଜିଲା ସଭାପତି ଇଂ ସିର୍ଦ୍ଧାଥ ଦାସ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ବିକାଶ ଗ୍ରୁପ ଚେୟାରମ୍ୟାନ ଡି. ମୁରଲୀକ୍ରିଷ୍ଣା ସମ୍ମାନିତ ଅତିଥି ଥିଲେ ।

**ସମ୍ବଲପୁରୀ ଏକତା ମଞ୍ଚ**

ସଭାପତି ତଥା ଉତ୍ସବ ଆବାହକ ସମୀର ରଞ୍ଜନ ବାବୁଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। କ୍ରିଷ୍ଣା ପଟେଲ, ଅରୁଣ ପ୍ରସନ୍ନ ସେଠ, ଦିଲୀପ ବାଗ, ପ୍ରତୀକ ନାୟକ ଓ ଅଭିଲିପ୍‌ସା ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା । ହର ହର ଶମ୍ଭୁ ଗାୟିକା ଅଭିଲିପ୍‌ସା ପଣ୍ଡାଙ୍କ ସଂଗୀତ କାର୍ଯ୍ୟକ୍ରମରେ ଦର୍ଶକ ଝୁମି ଉଠିଥିଲେ। ସମ୍ବଲପୁର କଳାପରିଷଦ ଓ ରଙ୍ଗଫରୁଆ କଳାକାରଙ୍କ ସମେତ ସାଇ ଶିକ୍ଷା ପରିଷଦ, ଦୟାନନ୍ଦ ପ୍ଲେସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ବୈଦିକ ସ୍କୁଲ, ବିକାଶ ସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହଆବାହକ ସୂର୍ଯ୍ୟପ୍ରକାଶ ଗୁରୁ ଓ ଦୁର୍ଗା ଦାଶଙ୍କ ସଂଯୋଜନାରେ ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା।

## ସଂକ୍ଷେପରେ

### ‘ସମାଧାନ ନ ହେଲେ ପାଉଁଶ ଗାଡ଼ି ଛଡାଯିବ ନାହିଁ’

**କୋଲାବିରା,୧୮(ଡି.ଏନ.ଏ.):** ଝାରସୁଗୁଡା ବେଦାନ୍ତ କାରଖାନାରୁ ପରିବହନ ହେଉଥିବା ପାଉଁଶ ଗାଡିରୁ ପାଉଁଶ ଉଡି ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏହାର ପ୍ରତିକାର ଦାବିକରି କୋଲାବିରା ଥାନା ସମାସିଂହା ଗ୍ରାମର ଲୋକେ ରବିବାର ସକାଳୁ ଉକ୍ତ ରାସ୍ତାଦେଇ ଯାଉଥିବା ପାଉଁଶ ବୋଝେଇ ଗାଡିଗୁଡିକୁ ଅଟକ ରଖିଥିଲେ। ଗ୍ରାମର ପ୍ରଗତୀ ଯୁବକ ସଂଘ ସଭାପତି ମନୋଜ କୁମାର କାଲୋ, ସମ୍ପାଦକ ପ୍ରକାଶ ସାହୁ, ସରପଞ୍ଚ କରୁଣାକର ସେଠ, ପୂର୍ବତନ ସରପଞ୍ଚ ତୁଲାରାମ ସେନାପତି, ସ୍ୱେଚ୍ଛାସେବୀ ରୀତେସ କୁମାର ସାହୁ, ଅଜୟ କୁମାର ସାହୁ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଜଣାଇଥିଲେ ଯେ, ପାଉଁଶ ପରିବହନ ନିୟମ ପାଳନ ହେଉ ନ ଥିବାରୁ ନାନା ସମସ୍ୟା ଉପୁଜୁଛି। ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ରାସ୍ତାରେ ପାଉଁଶ ଗାଡି ଛଡାଯିବ ନାହିଁ। ଫଳରେ ଗ୍ରାମଦେଇ ଯାଇଥିବା ରାସ୍ତାରେ ବହୁ ସଂଖ୍ୟକ ଗାଡି ଅଟକି ରହିଥିଲା। ଗ୍ରାମବାସୀ କୋଲାବିରା ପୋଲିସ ଓ ପରିବହନ ବିଭାଗକୁ ଏନେଇ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ ଗ୍ରାମବାସୀ ଜିଦ୍‌ରେ ଅଟଳ ଥିଲେ। ସେମାନେ ଦାବି କରିଥିଲେ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦିନବେଳା ଓଭରଲୋଡ୍ ପାଉଁଶ ବୋଝେଇ ଭାରିଯାନ ଚଳାଚଳ ବନ୍ଦ କରାଯାଇ ରାତି ସମୟରେ ଯାତାୟାତ କରିବା ଆବଶ୍ୟକ।

### ୧୦୫ ବୋତଲ କଫ୍ ସିରପ ଜବତ, ୨ଗିରଫ



**ରେଢ଼ାଖୋଲ,୧୮(ଡି.ଏନ.ଏ.):** ବୌଦ୍ଧରୁ ଏକ ବାଇକ୍ ଯୋଗେ କଫ୍‌ସିରପ ଚାଲାଣ ହେଉଥିବା ବେଳେ ରବିବାର ରାତିରେ ରେଢ଼ାଖୋଲ ପୋଲିସ ଚଢାଉ କରି ପଣ୍ଡକିମାଳଠାରୁ ଜବତ କରିଛି। ଘଟଣାରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବୌଦ୍ଧ ସହର ବଗିଚାସାହିର ସୀତାଂଶୁ ଶେଖର ପୁରୋହିତ ଓ ସମ୍ବଲପୁର ସହର ଅଇଁଠାପାଲି ଥାନା ବୁଢାରଜା ପଧାନପଡାର ଡବ୍ଲୁ ଦାସ। ସେମାନଙ୍କଠାରୁ ୧୦୫ ବୋତଲ କଫ୍‌ସିରଫ, ନଗଦ ୧୨୦୦ଟଙ୍କା ଜବତ କରାଯାଇଛି। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା (୧୬୨/୨୨)ରୁଜୁ କରାଯାଇ ସୋମବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନା ମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### କୁଚିଣ୍ଡା ବ୍ଲକରେ ଅଭିଯୋଗ ଶୁଣାଣି



**କୁଚିଣ୍ଡା, ୧୮(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଆଦିତ୍ୟ ଗୋଏଲଙ୍କ ଅଧକ୍ଷତାରେ ହୋଇଥିବା ଶିବିରରେ ମୋଟ ୭୮ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ୭୦ଟି ବ୍ୟକ୍ତିଗତ ଓ ୮ଗୋଟି ସାମୂହିକ ଅଭିଯୋଗ ରହିଥିଲା। ତନ୍ମଧରୁ ୪୫ ଗୋଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରତିମା ପିଙ୍ଗ, ସ୍ୱାସ୍ଥ୍ୟ, ବିଦ୍ୟୁତ, ପାନୀୟ ଜଳ, କୃଷି ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ୩ ଗୋଟି ହୁଇଲ ଚେୟାର, ୧ଟି ଟ୍ରାଇସାଇକେଲ, ୫ଟି ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା, ଗୋଟିଏ ପରିବାର ମଙ୍ଗଳ ଯୋଜନା, ୧୨ଜଣଙ୍କୁ ପଲଟ୍ରି ଘର ପାଇଁ କାର୍ଯ୍ୟାଦେଶ, ୧୦ଟି ବସୁନ୍ଧରା ଯୋଜନାରେ ଜମି ପଟ୍ଟା, ୬ଟି ସ୍କୁଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଏଥିରେ ୧୭ଟି ପଞ୍ଚାୟତର ଜନସାଧାରଣ ଅଂଶଗ୍ରହଣ କରିଥିଲେ।

## ରେଢ଼ାଖୋଲରେ ସମ୍ବଲପୁରୀ ଦିନ୍

ରେଢାଖୋଲ,୧୮(ଡି.ଏନ.ଏ.)

ସମ୍ବଲପୁରୀ ସଂସ୍କୃତି, ଲୋକକଳା, ଭାଷା ଓ ସାହିତ୍ୟର ସ୍ରଷ୍ଟା ତଥା କବି ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀକୁ ପ୍ରତିବର୍ଷ ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ୍ ଭାବେ ପାଳନ କରାଯାଇଆସୁଛି। ରେଢାଖୋଲରେ ଜନକଲ୍ୟାଣ ସମିତି ପକ୍ଷରୁ ଏହି ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏ ଅବସରରେ ସମସ୍ତ ଜନସାଧାରଣ ସମ୍ବଲପୁରୀ ବସ୍ତ୍ର ପିନ୍ଧି ଡାକ୍ତରଖାନା ଛକରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଆୟୋଜକ ସମିତି ଆବାହକ ଗୋବିନ୍ଦ ଅଗ୍ରୱାଲ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, କାଉନସିଲର କଳ୍ପନା ନାଏକ, ରଶ୍ମିରଞ୍ଜନ ଭଞ୍ଜ, ରାମାନୁଜ ମହାପାତ୍ର, ଅନୀଲ ପୃଷ୍ଟି, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପବ୍ଲିକ ସ୍କୁଲରେ ସମ୍ବଲପୁରୀ ଦିନ୍

ପଡ଼ିଆବାହାଲ,୧୮(ଡି.ଏନ୍.ଏ.)

ଯୁଯୁମୁରାସ୍ଥିତ ଲିଟିଲ ଫ୍ଲାୱାର ପବ୍ଲିକ ସ୍କୁଲରେ ସୋମବାର ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ପ୍ରାରମ୍ଭରେ କବି ସତ୍ୟନାରାୟଣ ବହିଦାରଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ସମୂହ ପ୍ରାର୍ଥନା କରିଥିଲେ। ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରପ୍ରସାର ଉତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ସ୍କୁଲର ସମସ୍ତ କର୍ମଚାରୀ, ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ର ସମ୍ବଲପୁରୀ ବସ୍ତ୍ର ପରିଧାନକରି ଏହି ଉତ୍ସବକୁ ବେଶ୍ ଉତ୍ସାହର ସହ ପାଳନ କରିଛନ୍ତି।

## ସମ୍ବଲପୁରୀ ଭାଷା, ସଂସ୍କୃତି, ପରମ୍ପରା ବଞ୍ଚାଇବାକୁ ପ୍ରୟାସ

ଝାରସୁଗୁଡ଼ା ଅଫିସ,୧୮



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ପଶ୍ଚିମ ଓଡ଼ିଶାରେ ଗୁରୁ ସ୍ୱର୍ଗତ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧ତାରିଖକୁ ସମ୍ବଲପୁରୀ ଦିନ୍ ଭାବେ ପାଳନ କରାଯାଇଆସୁଛି। ଝାରସୁଗୁଡ଼ା ବନ୍ଧବାହାଲ ସମଲେଇ ପରିବାର ତରଫରୁ ସୋମବାର ସ୍ଥାନୀୟ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଏହି ଉତ୍ସବ ପାଳନ କରାଯାଇଛି।

ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ମନ୍ଦିର କମିଟି ସଭାପତି ସାମଲ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକ ସଞ୍ଜୟ କୁମାର ଝା ମୁଖ୍ୟ ଅତିଥି, ଅଧ୍ୟାପିକା ସଞ୍ଜୁକ୍ତା ହୋତା ମୁଖ୍ୟବକ୍ତା ଓ ଜିଲା ପରିଷଦ ସଦସ୍ୟା ପୁଷ୍ପଲତା ସେଠ୍, ବନ୍ଧବାହାଲ ସରପଞ୍ଚ ଭାରତୀ ବେହେରା, ସମିତିସଭ୍ୟା ପଦ୍ମିନୀ ସିଂହ, ସରଣ୍ଡାମାଲ ସରପଞ୍ଚ ଝରଣା ସେଠ୍, ସମିତିସଭ୍ୟ ରାଜେଶ୍ୱର ସିଂହ, ବନହରପାଲି ଥାନା ଆଇଆଇସି ଅନ୍ନା ମିଞ୍ଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମନ୍ଦିର କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ କରାଳି ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ସୁବ୍ରତ ପ୍ରଧାନ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ, ଓଡ଼ିଶା ପ୍ରଦେଶରେ ପଶ୍ଚିମ ଓଡ଼ିଶାର ଭାଷା, କଳା, ସଂସ୍କୃତି, ଐତିହ୍ୟର ସ୍ୱତନ୍ତ୍ରତା ରହିଛି । ଫଳରେ ବାହାରର ଲୋକେ ଏହାକୁ ଆଦରରେ ଗ୍ରହଣକରି ଆଗକୁ ନେବାରେ ସହାୟକ ହେଉଛନ୍ତି। ମୁଖ୍ୟବକ୍ତା ତାଙ୍କ ବକ୍ତବ୍ୟରେ କହିଥିଲେ, ବର୍ଷକେ ଗୋଟିଏ ଦିନ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ସମ୍ବଲପୁରୀ ଦିନ୍ ପାଳନ କରିଦେଲେ ହେବ ନାହିଁ। ଏହାକୁ ବର୍ଷର ୩୬୫ଦିନ ପାଳନ କରିବା । ଫଳରେ ସମ୍ବଲପୁରୀ ଭାଷା, କଳା, ସଂସ୍କୃତି, ପରମ୍ପରା ବଞ୍ଚିରହିବ। କାର୍ଯ୍ୟକ୍ରମରେ ମହିମା ସାଂସ୍କୃତିକ ପରିଷଦ ଖଡାମ ତରଫରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ପ୍ରଦୀପ ସେନାପତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନେ ମନ୍ଦିର ପରିସରରେ ବୃକ୍ଷରୋପଣ କରିଥିଲେ। ମନ୍ଦିରରେ ଆଗାମୀ ନବରାତ୍ର ପାଇଁ ଏକ ପୂଜା କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଶୁଭେନ୍ଦୁ ମହାପାତ୍ର, ସମ୍ପାଦକ ସାଲେଗ୍ରାମ ନାୟକ, କୋଷାଧ୍ୟକ୍ଷ ରମେଶ ପାଢ଼ୀ ମନୋନୀତ ହୋଇଛନ୍ତି। ସମଲେଇ ପରିବାର ସଦସ୍ୟ ପ୍ରଫୁଲ୍ଲ ରାୟ, ଦେବାନନ୍ଦ ପ୍ରଧାନ, ଦ୍ରୋଣାଚାର୍ଯ୍ୟ ପାଢ଼ୀ, ଅଖିଳ ସ୍ୱାଇଁ, ସଞ୍ଜୟ ପ୍ରଧାନ, ଘନଶ୍ୟାମ ସିଂହ, କିଶୋର ସିଂହ, କ୍ଷୀରୋଦ ଦୁବେ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## କୁଚିଣ୍ଡାରେ ସମ୍ବଲପୁରୀ ଦିନ୍

କୁଚିଣ୍ଡା,୧୮(ଡି.ଏନ.ଏ.)

କୁଚିଣ୍ଡା ଉପଖଣ୍ଡରେ ଆଡମ୍ବର ସହକାରେ ସୋମବାର ସମ୍ବଲପୁରୀ ଦିନ୍ ପାଳନ କରାଯାଇଛି। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ଅବସରରେ ଉତ୍ସବ ପାଳନ କରାଯାଇଥିବାବେଳେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନର କର୍ମଚାରୀ ସମ୍ବଲପୁରୀ ପୋଷାକ ପରିଧାନ କରିଥିଲେ। କୁଚିଣ୍ଡା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାଜକିଶୋର ମିଶ୍ର, କଲେଜ ଅଧକ୍ଷ ଶ୍ରୀକାନ୍ତ ପଟେଲ, କଳାକାର ସୁରଥ ଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମ୍ବଲପୁରୀ ଦିନ୍ ଉପରେ ଆଲୋଚନା କରିଥିଲେ। କଳାକାର ମଳୟ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବାମରା ବ୍ଲକ ଜରାବଗା ପଞ୍ଚାୟତ ରଙ୍ଗବତୀ ବିଲୁଙ୍ଗ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଗ୍ରାମ

**ସମ୍ବଲପୁରୀ ପୋଷାକ ପିନ୍ଧିଲେ କର୍ମଚାରୀ**

ପରିକ୍ରମା କରି ଏହି ଦିନର ବାର୍ତ୍ତା ପ୍ରେରଣ କରିଥିଲେ। ଏଥିରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟଅତିଥି, ଅନୁଷ୍ଠାନର ସଭାପତି ଅନନ୍ତ ପଟେଲ, ସମ୍ପାଦକ ବିହାରୀ ଲାଲ ଚୌହାନ, କୋଷାଧକ୍ଷ ମନୋଜ ନାଏକ ପ୍ରମୁଖ ଯୋଗଦେଇ ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ସମ୍ବଲପୁରୀ ଦିନ ପାଳନ କରାଯାଉଥିବା କହିଥିଲେ। କୁଚିଣ୍ଡା ବ୍ଲକର କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ଅଧକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ, ରାଜେନ୍ଦ୍ର ମହାପାତ୍ର, ଅଧାପକ ସତ୍ୟନାରାୟଣ ପଟେଲ, ଅଧାପିକା ଭାବନା ପାଣ୍ଡେ ପ୍ରମୁଖ ଯୋଗଦେଇ ସମ୍ବଲପୁରୀ ଦିନ୍‌ର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। ସେହିପରି କୁଚିଣ୍ଡା ଅରୁଣୋଦୟ ସ୍କୁଲରେ ଚାଇଲ୍ଡଲାଇନ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ରୋପ ସମ୍ପାଦକ ପ୍ରଦୀପ ମହାକୁଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା।

## କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି

ନାକଟିଦେଉଳ,୧୮(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ନାକଟିଦେଉଳ, ସାହେବ, ସରାପାଲି ଓ ବଳମ ପଞ୍ଚାୟତର ଜନସାଧାରଣଙ୍କ ପାଇଁ କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି ଆୟୋଜିତ ହୋଇଯାଇଛି। ମୋଟ ୫୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ୫୮ଟି ବ୍ୟକ୍ତିଗତ ଓ ଗୋଟିଏ ଅଭିଯୋଗ ସାମୂହିକ ଥିଲା। ବ୍ୟକ୍ତିଗତ ଅଭିଯୋଗ ଭିତରେ ଆବାସ ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ଼ ସମସ୍ୟା ରହିଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଡ଼ିଓ ବିବେକାନନ୍ଦ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ପ୍ରଶାସନ ପକ୍ଷରୁ ମୃତ୍ତିକା କୃଷକ ସ୍ୱାସ୍ଥ୍ୟ ବୀମା କାର୍ଡ଼ ୧୩ଜଣଙ୍କୁ, ୫ଟି ଗ୍ରୁପକୁ ବଳରାମ ଯୋଜନାରେ ସହାୟତା ପ୍ରଦାନ କରାଯାଇଥିବା ବେଳେ ଉଦ୍ୟାନ ବିଭାଗ ପକ୍ଷରୁ ୮ଜଣ ଚାଷୀଙ୍କୁ ପିଆଜ ମଞ୍ଜି ବିହନ ପ୍ୟାକେଟ ବଣ୍ଟନ କରାଯାଇଥିଲା। ୪ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଶିବିରରେ ବିଡ଼ିଓ ସାହୁଙ୍କ ସମେତ ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ତହସିଲଦାର ସୁକାନ୍ତ କୁମାର ନାଏକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞା ପାରମିତା, ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ।


ଶିବିରରେ ଉପସ୍ଥିତ ଅଧିକାରୀ ଓ ହିତାଧିକାରୀ।

## ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ନାକଟିଦେଉଳ,୧୮(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରଠାରେ ସୋମବାର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଏଥିରେ ୩ ବର୍ଗରେ ସମୁଦାୟ ୭୨ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବାଳବର୍ଗରେ ୧୧, ଶିଶୁ ବର୍ଗରେ ୩୦ ଓ ପ୍ରାଥମିକ ବର୍ଗରେ ୩୧ ଛାତ୍ରଛାତ୍ରୀ ଭାଗନେଇଥିଲେ। ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ, ସଂକ୍ରାମକ ରୋଗ ଓ ନିରାକରଣ, ଖାଦ୍ୟଶୃଙ୍ଖଳ ଏବଂ ଆଲୋକ ଓ ଏହାର ବ୍ୟବହାର ସମ୍ପର୍କରେ ପ୍ରତିଯୋଗିତା ହୋଇଥିଲା। ବାଳବର୍ଗରେ ଶିଖର ଭଞ୍ଜନ ବିଶ୍ୱାଳ ପ୍ରଥମ, ଶିଶୁ ବର୍ଗରେ ୪ଟି ବିଭାଗରେ ଅଭିପ୍ରିତ ସାହୁ, ସେବକ ପ୍ରଧାନ, ସୁନୀତା ଦାସ, ସ୍ମାରକ ବିଶ୍ୱାଳ ପ୍ରଥମ ହୋଇଥିବା ବେଳେ ପ୍ରାଥମିକ ବର୍ଗର ୪ଟି ବିଭାଗରେ ସାଇପ୍ରକାଶ ସାହୁ, ଗୁଲସନ ବେହେରା, ମୌସମ ଅଗ୍ରୱାଲା ଓ ରାଜଲକ୍ଷ୍ମୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପବିତ୍ର ମୋହନ ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋଜ ପ୍ରଧାନ, ନାକଟିଦେଉଳ ରାଦାଦେବୀ ହେତମ ପୁରିଆ ବାଳିକା ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶରତ ଚନ୍ଦ୍ର ମାଝି, ଶିଶୁ ମନ୍ଦିରର ପୁରାତନ ଛାତ୍ର ବିଶ୍ୱଜିତ ପ୍ରଧାନ ଏବଂ ଲଲାଟେନ୍ଦୁ ପ୍ରଧାନ ବିଚାରକ ବାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ନାକଟିଦେଉଳ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁ ଓ ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।


ମେଳାରେ ଭାଗନେଇଥିବା ପ୍ରତିଯୋଗୀ।

## ଭିଏସ୍‌ଏସ୍ ବିମାନବନ୍ଦରରେ ବୃକ୍ଷରୋପଣ

ଝାରସୁଗୁଡ଼ା ଅଫିସ,୧୮

ଏଇତ ଜୀବନ ଭି ଫାଉଣ୍ଡେଶନ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର କଲୋନୀ ପରିସରରେ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିମାନବନ୍ଦର ନିର୍ଦ୍ଦେଶକ ପବନ କୁମାର ଜୁତଶୋ ଯୋଗଦେଇଥିଲେ। ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା ଲକ୍ଷ୍ୟ ନେଇ ସଙ୍ଗଠନ ପକ୍ଷରୁ କଲୋନୀ ପରିସରରେ ବିଭିନ୍ନ ପ୍ରକାର ଶତାଧିକ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଆୟୋଜକ ସଙ୍ଗଠନର ମାନସୀ ପଣ୍ଡା, ପୁନମ ପଟେଲ, ମୀନ ସୋନି, ମଞ୍ଜୁଳା ବେହେରା, ପଙ୍କଜିନୀ ପାଣିଗ୍ରାହୀ, ଅଞ୍ଜଳିପ୍ରଭା ପଟ୍ଟନାୟକ, ସୁଦୀପ୍ତ ପଟେଲ, ଗଙ୍ଗାଧର ମେହେର, ପବିତ୍ର ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ଯୋଗ କରିଥିଲେ।

## ନାବାଳିକା ଅପହରଣ ଅଭିଯୋଗ

ବରପାଲି,(ଡି.ଏନ.ଏ.): ବରପାଲି ଥାନା ବରମକେଲା ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ବରମକେଲା ଗ୍ରାମର ଉକ୍ତ ନାବାଳିକା ଗତ ୩୦ ତାରିଖ ଭୋର ୪ଟାରେ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ କେହି ଏକ ବାଇକ୍‌ରେ ଆସି ତାଙ୍କୁ ଅପହରଣ କରି ନେଇଥିବା ଝିଅର ବାପା ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ (ରାତି ସାଢେ ୯ଟା) ଉକ୍ତ ନାବାଳିକାଙ୍କ ପତ୍ତା ମିଳିନାହିଁ।

## ସଂକ୍ଷେପରେ

### ପାକ୍ସ ସଭାପତି ଦାୟିତ୍ୱ ନେଲେ କୁନାଲ ସିଂ ବରିହା

ପାଇକମାଲ, ୧।୮(ଡି.ଏନ.ଏ.): ବରଗଡ଼ ଜିଲା ପାଇକମାଲ ବ୍ଲକ ପଲସଦା ପ୍ରାଥମିକ କୃଷି ସମବାୟ ସମିତିର ନବ ନିର୍ବାଚିତ ସଭାପତି ଭାବେ କୁନାଲ ସିଂ ବରିହା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମୟରେ ସମିତିର ଉପସଭାପତି ପଙ୍କଜିନୀ ପାଣିଗ୍ରାହୀ, ମୁରଲୀଧର ସାହୁ, ହରିଚରଣ ସାହୁ, ନନ୍ଦଲାଲ ବରିହା, ଭୀଷ୍ମଦେବ ସାହୁ, ଧବଳେଶ୍ୱର ସାହୁ, ମୁଗବତୀ ବରିହା, ଅରୁପାନନ୍ଦ ପଟେଲ, ଲଳିତ ପଟେଲ, ହୁତାଶନ ପାଣ୍ଡେ, ଝାଙ୍କରୁ ବରିହା, ରାଜେଶ୍ୱର ମାଝୀ, ମନୋରଞ୍ଜନ ଡନସନା, ମିଳନ ସିଂ ବରିହା, ସରପଞ୍ଚ ପଙ୍କଜ କୁମାର ସାହୁ ଏବଂ ସମିତି ସଭ୍ୟ ମହେନ୍ଦ୍ର କୁମାର ବରିହା ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ହେମନ୍ତ ସାହୁ ସଭାପତିଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ।

### ୧୦ ଯାଏ ଚାଲିବ ବାନ୍ଧକଳା ତାଲିମ

ବରପାଲି,୧।୮: ଭାରତ ସରକାରଙ୍କ ବରଗଡ଼ ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ୍ ଟେକ୍ନୋଲୋଜିର ତୃତୀୟ ସେମିଷ୍ଟରର ୯ଜଣ ଛାତ୍ରୀ ବରପାଲିରେ ତାଲିମ ନେଉଛନ୍ତି। ବରପାଲିର ଜାତୀୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ବାନ୍ଧ ଶିଳ୍ପୀ ସୁକାନ୍ତି ମେହେରଙ୍କ ଅନୁଷ୍ଠାନରେ ଜୁଲାଇ ୨୭ରୁ ଏହି ତାଲିମ ଆରମ୍ଭ ହୋଇଛି। ଏହା ଅଗଷ୍ଟ ୧୦ ତାରିଖ ଯାଏ ଚାଲିବ। ଏହି ଦୁଇ ସପ୍ତାହ ମଧ୍ୟରେ ସେମାନେ ବାନ୍ଧକଳା ଉପରେ ଶିକ୍ଷା ସହ ମେଶିନ ଦ୍ୱାରା କିପରି ବାନ୍ଧ କରାଯାଏ ସେ ନେଇ ତାଲିମ ପ୍ରଦାନ କରାଯିବ ବୋଲି ବାନ୍ଧ ଶିଳ୍ପୀ ସୁକାନ୍ତି ମେହେର ପ୍ରକାଶ କରିଛନ୍ତି। ଅତି କମ୍ ଦିନ ମଧ୍ୟରେ ଆମେ ବାନ୍ଧକଳା ଓ ରଙ୍ଗ ଉପରେ ବହୁତ କିଛି ଶିକ୍ଷା ଲାଭ କରିବୁ ବୋଲି ତାଲିମ ନେଉଥିବା ଜଣେ ଛାତ୍ରୀ ଅଲିଶା ରାଣୀ ମେହେର ପ୍ରକାଶ କରିଛନ୍ତି। ଏହି ଶିବିରରେ ବିନତି ପ୍ରଧାନ, ଦିପା ଚୌହାନ, ଦିଲୀପ ମେହେର, ଇସା ସ୍ୱାଇଁ, ନୀହାରିକା ସାହୁ, ନିକିତା ମେହେର, ଶାନ୍ତି ମାଝୀ, ସୁପ୍ରିୟା କିସାନ ପ୍ରମୁଖ ରହିଛନ୍ତି ।

### ଶ୍ରାବଣ ସୋମବାରରେ ଚମ୍ପେଶ୍ୱର ମନ୍ଦିରରେ ଭିଡ଼

ଅମରପାଲି,୧।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟସ୍ଥ ପ୍ରସିଦ୍ଧ ଶୈବପୀଠ ଚମ୍ପାମାଳସ୍ଥିତ ଚମ୍ପେଶ୍ୱର ମହାଦେବଙ୍କ ପୀଠରେ ଜଳାଭିଷେକ ପାଇଁ ସୋମବାର କାଉଡିଆଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏଥିପାଇଁ ବିଭିନ୍ନ ସଂଗଠନ ତରଫରୁ ଭକ୍ତଙ୍କ ପାଇଁ ମାଗଣାରେ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ବୀରମହାରାଜପୁର ହାଇସ୍କୁଲ ୨୦୦୪ ବ୍ୟାଚର ୫୦ ଜଣ ପୂର୍ବତନ ଛାତ୍ର ମହାଦେବଙ୍କ ଠାରେ ଜଳ ଲାଗି କରିଥିଲେ। ପରେ ପ୍ରାୟ ୧୫୦୦ ସହରୁ ଅଧିକ ଭକ୍ତଙ୍କ ପାଇଁ ମାଗଣାରେ ପ୍ରସାଦ ବଣ୍ଟନ କରିବା ସହିତ ବୋଲବମ ଭକ୍ତଙ୍କ ପାଇଁ ଅନ୍ୟାନ୍ୟ ସେବା ଯୋଗାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଚାନ୍ଦ, ରଞ୍ଜିତ ମେହେର, ମନୋଜ ସାହୁ, ଶୁକ୍ରୁ ଭୋଇ, ଯୁଧିଷ୍ଠିର ଖମାରି, ଜ୍ଞାନରଞ୍ଜନ ପଣ୍ଡା, ପ୍ରମୋଦ ପୁରୋହିତ, ପୃଥିରାଜ ସିଂ, ମୁକେଶ ସାହ ପ୍ରମୁଖ ଏହି ସେବା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

ଉଲୁଣ୍ଡା,୧।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ହେମସାଗର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଇଆଇସି ଚନ୍ଦ୍ରମୋହନ ସିଂ ଉପସ୍ଥିତ ଥିଲେ। ଚଳିତ ବର୍ଷ ପରେଡକୁ ବାରଣ କରାଯାଇଥିବା ବେଳେ ଆସନ୍ତା ୧୦ ତାରିଖ ବିଭିନ୍ନ ସ୍କୁଲର ପିଲାଙ୍କୁ ନେଇ ୬ ଟି ସ୍ଥାନରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯିବ। ସେଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଧୀନତା ଦିବସ ଅବସରରେ ପୁରସ୍କାର ପ୍ରଦାନ କରାଯିବା ନେଇ ସ୍ଥିର ହୋଇଛି। ଶାନ୍ତିଶୃଙ୍ଖଳାର ସହ ଜାତୀୟ ଦିବସ କିପରି ପାଳନ ହେବ ସେଥିପାଇଁ ବିଡିଓ ହେମସାଗର ଭୋଇ ସମସ୍ତଙ୍କ ସହାୟତା ପାଇଁ କାମନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତିବାସ ମିଶ୍ର, ଉଲୁଣ୍ଡା ଯୁବ ମହାସଂଘର କର୍ମକର୍ତ୍ତା ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

# ସମ୍ବଲପୁରୀ ସଂସ୍କୃତିର ପ୍ରସାରକୁ ଗୁରୁତ୍ୱ

## ଅତାବିରାରେ ସମ୍ବଲପୁରୀ ଦିନ୍ ପାଳିତ

ସରଣ୍ଡା/ଜାମଟିକ୍ରା, ୧।୮(ଡି.ଏନ.ଏ.)

ପଶ୍ଚିମ ଓଡିଶାର ପରବ ସମ୍ବଲପୁରୀ ଦିନ। ଦିନକୁ ଦିନ ଏସବୁ ଲୁକ୍କାୟିତ ହୋଇଯାଉଛି। ଲୁକ୍କାୟିତ ସଂସ୍କୃତିକୁ ଉଜ୍ଜୀବିତ କରିବାର ଖୋରାକ ଯୋଗାଇଛି ଏହି ସମ୍ବଲପୁରୀ ଦିନ ବୋଲି ବରଗଡ଼ ଜିଲା ଅତାବିରା ବ୍ଲକ ଲାଦେରପାଲି ସ୍ଥିତ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ଜନକଲ୍ୟାଣ କୁଳିତା ସମାଜ ପକ୍ଷରୁ ସୋମବାର ଅନୁଷ୍ଠିତ ସମ୍ବଲପୁରୀ ଦିନ ମହୋତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସମ୍ବଲପୁରୀ ଭାଷା ସାହିତ୍ୟର ଉଚ୍ଚକୋଟୀର ପ୍ରଚାର ପ୍ରସାର କରିଥିବାରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧ତାରିଖକୁ ସମ୍ବଲପୁରୀ ଦିନ୍ ଭାବେ ପଶ୍ଚିମ ଓଡ଼ିଶାରେ ପାଳିତ ହୋଇଆସୁଛି। ଏହି ଅବସରରେ ସକାଳେ ଅତାବିରା ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସମ୍ବଲପୁରୀ ଦିନ୍ ଉତ୍ସବରେ ଜନକଲ୍ୟାଣ କୁଲତା ସମାଜ ସଭାପତି ଦିବାକର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଅଭିନେତ୍ରୀ ତପସ୍ୱିନୀ ଗୁରୁ ମୁଖ୍ୟଅତିଥି, ବ୍ୟଙ୍ଗ କବି ଦେବେନ୍ଦ୍ର ସାହୁ, ସତ୍ୟବାନ ଖମାରୀ, କେତନ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦଖିଲ ପ୍ରଧାନ ଓ ସୁମନ୍ତ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁରୀ ବ୍ୟଙ୍ଗକବି ମନୋରଞ୍ଜନ ଲୁହା, କିଶୋର ଚନ୍ଦ୍ର ପାତ୍ର ପ୍ରମୁଖ ପ୍ରମୁଖ ସମ୍ବଲପୁରୀ କାବ୍ୟ କବିତା ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ତଥା ତୁନ୍ (ଏକପ୍ରକାର ଖଟା ତରକାରୀ) ପ୍ରଦର୍ଶନୀରେ ୫୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ସେହିପରି ଅପରାହ୍ନ ୪ଟା ସମୟରେ ଅତାବିରାର ଆମ ପରିବାର ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ପରିବାରର ସଭାପତି ନବୀନ ଦାଶଙ୍କ ସଭାପତିତ୍ୱ ତଥା ଲରମ୍ଭା ଓଡ଼ିଆ ଅଧ୍ୟାପକ ଅଜିତ କୁମାର ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ମିସେସ ଓଡିଶା-୨୦୨୨ର ବିଜେତା ମାମି ଦାଶ, ବ୍ୟଙ୍ଗକବି ଦେବେନ୍ଦ୍ର ସାହୁ, ଆକାଶବାଣୀର କଣ୍ଠଶିଳ୍ପୀ ଶିବଶଙ୍କର ପ୍ରଧାନ ଓ ବରଗଡ଼ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ଅତିଥି ଭାବେ ଯୋଗ ଦେଇ ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏସ୍ଏଚ୍‌ଜି ମହିଳାମାନେ ବିଭିନ୍ନ ପ୍ରକାର ପିଠାପଣା ପ୍ରଦର୍ଶନ କରିଥିଲେ।



ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ମହିଳା କଲେଜରେ ସମ୍ବଲପୁରୀ ଦିନ୍

ବରପାଲି,୧।୮(ଡି.ଏନ.ଏ.)

ବରଗଡ଼ ଜିଲା ବରପାଲି ସ୍ଥିତ ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟରେ ସୋମବାର ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କବୟିତ୍ରୀ ସୁଲୋଚନା ରାଉତ ମୁଖ୍ୟ ଅତିଥି, ସାମ୍ବାଦିକ ରକ୍ଷାକାରୀ ବିଶି, ସମ୍ବଲପୁରୀ ସାହିତ୍ୟିକ ମନୋରଞ୍ଜନ ମେହେର, କୋଶଳ ଟାଇମ୍ସର ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର, ଅନ୍ତର୍ଯ୍ୟାମୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋଶଳୀ ସାହିତ୍ୟର ଉନ୍ନତି ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଉଚିତ ବୋଲି ମତପ୍ରକାଶ କରିଥିଲେ। ଏହି ସଭାରେ ଅଧ୍ୟାପିକା ନୀଳିମା ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପିଙ୍କି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ସଭା ପରିଚାଳନା କରିଥିଲେ। ସେହିପରି ଏହି ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ବିଭାଗରେ ମଧ୍ୟ ଛାତ୍ରୀମାନଙ୍କ ମଧ୍ୟରେ ସମ୍ବଲପୁରୀ ର୍‍ୟାମ୍ପ ଶୋ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଜ୍ଞା ଦାଶ ପ୍ରଥମ, ସୋନାଲି ଗୁଇଁ ଦ୍ୱିତୀୟ ଓ ଯଶି ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୀପାଞ୍ଜଳି ମେହେର, କୋଶଳୀ କବି ନିର୍ମଳ ନାୟକ ଉପସ୍ଥିତ ଥିଲେ। ର୍‍ୟାମ୍ପ ଶୋକୁ ଅଧ୍ୟାପିକା ବନ୍ଦିତା ପ୍ରଧାନ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ ପ୍ରଦୀପ ମେହେର ଓ ଅଧ୍ୟାପକ ସୁଧାଂଶୁ ଦାଶ ମଞ୍ଚାସୀନ ଥିଲେ।


ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସତ୍ୟନାରାୟଣଙ୍କ ଜନ୍ମମାଟିରେ ସମ୍ବଲପୁରୀ ଦିନ୍


ଉଦ୍‌ଘାଟନୀ ଉତ୍ସବରେ ଅତିଥି ବୃନ୍ଦ ।

ସୋନପୁର,୧।୮(ନି.ପ୍ର.)

କୋସଲି/ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିର ପରିଚୟ ତଥା ମାଟିର ବରପୁତ୍ର ଗୁରୁଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନକୁ ସୋମବାର ସମ୍ବଲପୁରୀ ଦିନ ଭାବେ ପାଳନ କରାଯାଇଛି। ପଶ୍ଚିମ ଓଡିଶା ଯୁବାମଞ୍ଚ ଓ ଜିଲାର କଳାକାରଙ୍କ ମିଳିତ ଉଦ୍ୟମରେ ପ୍ରଥମ ଥର ପାଇଁ ସତ୍ୟନାରାୟଣଙ୍କ ଜନ୍ମମାଟି ସୋନପୁରରେ ଏହି ଦିବସ ପାଳନ ହୋଇଥିଲା। ରୟାଲ ପଡିଆଠାରେ ସକାଳେ ଶତାଧିକ ଲୋକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଏକାଠି ହୋଇଥିଲେ। ନୃତ୍ୟଗୀତ ଗାଇ ସମସ୍ତେ ବେଶ ମଜା ଉଠାଇଥିଲେ। ଝୁମୁକୁଝୁମାନା ଅନୁଷ୍ଠାନର କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। କଳାକାର ସୁଶିଲ କୁମାର ମେହେର, ଗୋପାଳ ପଣ୍ଡା, କଣ୍ଠଶିଳ୍ପୀ ବୀରେନ୍ଦ୍ର ଜଗଦଲା, ମୁସ୍କାନ ମଲ୍ଲିକ, ରୁଚିସ୍ମିତା ଗୁରୁ ଓ ଦେବେନ୍ଦ୍ର ଦାଶ ପ୍ରମୁଖ କଳା ପ୍ରଦର୍ଶନ କରିଥିଲେ।

ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର, ସମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ଅରବିନ୍ଦ ବାରିକ୍ ଓ ଶ୍ରଦ୍ଧାଞ୍ଜଳି ମିଶ୍ର ଯୋଗଦାନ କରି ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନକୁ ସମ୍ବଲପୁରୀ ଦିନ ଭାବେ ପାଳନ କରାଯାଉଥିବା ଯୋଗୁଁ ଆୟୋଜକଙ୍କ ପ୍ରଶଂସା କରିଥିଲେ। ପଶ୍ଚିମାଞ୍ଚଳବାସୀ ସଚେତନ ରହି ଭାଷାର ପ୍ରଚାର ପ୍ରସାର ସହ ଭାଷାର ଉତ୍କର୍ଷତା ଓ ଅସ୍ମିତାକୁ ବଜାୟ ରଖିପାରିଲେ ତାହା ହିଁ ଗୁରୁଙ୍କ ପାଇଁ ଉଚିତ ସମ୍ବର୍ଦ୍ଧନା ହେବ ବୋଲି ଅତିଥି ବୃନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ଗୁରୁ ବହିଦାରଙ୍କ ନାତି ତରୁଣ ବହିଦାରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବାଘାର ଓ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଅତିଥିଭାବେ ଯୋଗ ଦେଇଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଭ୍ୟ ଶାଶ୍ୱତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିମାଂଶୁ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବାଶିଷ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସନ୍ତୋଷ କୁମାର ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ସନ୍ତୋଷ ମିଶ୍ର, ପ୍ରଭାକର ଦାନୀ ଓ ଭାଗିରଥୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଦିବସ ଅବସରରେ ଆୟୋଜକଙ୍କ ପକ୍ଷରୁ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଦ୍ୟାଳୟ ନ ଥାଇ ଶିକ୍ଷକ ବଦଳି

ବୌଦ୍ଧ,୧।୮ (ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଶିକ୍ଷକ ବଦଳି ନାମରେ ବ୍ୟାପକ ଅନିୟମିତତା ହୋଇଛି। ଏପରି କି ଜିଲାରେ ବିଦ୍ୟାଳୟ ନ ଥାଇ ଶିକ୍ଷକ ବଦଳି ହୋଇଥିବାର ଜଣାପଡିଛି । ପ୍ରକାଶ ଯେ, ଗତ ୨୮ ତାରିଖରେ ଜିଲା ଶିକ୍ଷା ଅଧିକାରୀଙ୍କ ପତ୍ର ସଂଖ୍ୟା ୩୦୬୫ ଅନୁଯାୟୀ ୧୦ ଜଣ ଶିକ୍ଷକଙ୍କୁ ବଦଳି ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବଦଳି ନିର୍ଦ୍ଦେଶରେ କନ୍ଧମାଳ ବ୍ଲକ ମହୀବିଲା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସପ୍ତେଶ୍ୱର ପରିଡାଙ୍କୁ ଉକ୍ତ ବ୍ଲକର ବରଗୋଛା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଶିକ୍ଷକ ପରିଡା ବରଗୋଛା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଯୋଗ ଦେବାକୁ ଯାଇଥିଲେ। କିନ୍ତୁ ବରଗୋଛା ଠାରେ ଏମିତି କୌଣସି ବିଦ୍ୟାଳୟ ନ ଥିବାରୁ ସେ ଚିନ୍ତାରେ ପଡିଯାଇଥିଲେ। ଏହି ଘଟଣା ବର୍ତ୍ତମାନ ଜିଲାରେ ଚର୍ଚ୍ଚାର ବିଷୟ ହୋଇପଡିଛି। ବିଦ୍ୟାଳୟ ନ ଥାଇ କିପରି ଶିକ୍ଷକଙ୍କୁ ବଦଳି କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପଟେ ଜିଲା ଭାଜପା ପକ୍ଷରୁ ସୋମବାର ଦିନ ଏକ ଖବରଦାତା ସମ୍ମିଳନୀରେ ଜିଲାରେ ଶିକ୍ଷକ ବଦଳିରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଅଭିଯୋଗ କରାଯାଇଥିଲା । ଏନେଇ ଜିଲା ଶିକ୍ଷା ଅଧିକାରୀ ଉଦୟନାଥ ମାଝୀଙ୍କୁ ପଚାରିବାରେ ଭୁଲ ସଂଶୋଧନ କରାଯିବ ବୋଲି ପ୍ରକାଶ କରିଥିଲେ ।

## ସମ୍ବଲପୁରୀ ଦିନ୍ ପାଳିଲେ କଂସ ଅଭିନେତା

ବରଗଡ଼ ଅଫିସ୍,୧।୮

ସୋମବାର ଥିଲା ସମ୍ବଲପୁରୀ ଦିନ୍। ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜୟନ୍ତୀରେ ଏହି ଦିବସ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି। ତେବେ ଏଥିରୁ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ବାଦ୍ ପଡ଼ି ନ ଥିଲେ। ସେ ଘରେ ସପରିବାର ସମ୍ବଲପୁରୀ ଦିନ୍ ପାଳିଥିଲେ ।

ସକାଳେ କଂସ ଅଭିନେତାଙ୍କ ପରିବାରର ୧୦ଜଣ ସଭ୍ୟ ସମ୍ବଲପୁରୀ ପୋଷାକ ପରିଧାନ ସହିତ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାସହିତ ମଣ୍ଡା, କାକରା, ସୁଆଲି, ବରା ପ୍ରସ୍ତୁତ କରି ସମସ୍ତେ ଜଳଖିଆ କରିଥିଲେ। ସେହିପରି ମଧ୍ୟାହ୍ନ, ରାତ୍ରି ଭୋଜନରେ ପଖାଳ, ଶାଗ ଆଦି ପାରମ୍ପରିକ ଖାଦ୍ୟ ଖାଇଥିଲେ ବୋଲି କଂସ ଅଭିନେତା ଭୁବନେଶ୍ୱର କହିଛନ୍ତି। ସେହିପରି କମଗାଁ କଲେଜରେ ଅନୁଷ୍ଠିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମକୁ ଅତିଥି ଭାବେ ଯୋଗ ଦେଇଥିଲେ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଆମର ଇଷ୍ଟଦେବୀ ମାଁ ସମଲେଶ୍ୱରୀ। ସବୁ ଚାଲିଚଳଣୀ ସମ୍ବଲପୁରୀ। ସମ୍ବଲପୁରୀ ସଂସ୍କୃତି ସାରା ଦେଶରେ ଅନନ୍ୟ। ଫଳରେ ପରିବାର ସହିତ ଏହି ଦିବସକୁ ନାଚଗୀତରେ ପାଳନ କରିବାର ଅନୁଭୂତି ଅଭୁଲା। ସାରା ପଶ୍ଚିମ ଓଡ଼ିଶାରେ ଯେଭଳି ଧୂମ୍‌ଧାମ୍‌ରେ ଏହା ପାଳିତ ହୋଇଛି, ତାହା ସମ୍ବଲପୁରୀ ସଂସ୍କୃତିର ଶୋଭାବର୍ଦ୍ଧନ କରିଥିବା ସେ କହିଛନ୍ତି ।


ସମ୍ବଲପୁରୀ ଦିନ୍‌ରେ କଂସ ଅଭିନେତାଙ୍କ ପରିବାର ।

## ସମ୍ବଲପୁରୀ ନାଚଗୀତରେ ଦୁଲୁକିଲା ମଞ୍ଚ

ପାଇକମାଲ,୧।୮(ଡି.ଏନ.ଏ.)

ପଦ୍ମପୁର ସିରଜିନା ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ମିଳିତ ଆନୁକୂଲ୍ୟରେ ବରଗଡ ଜିଲା ନୃସିଂହନାଥର ଆଇଓସିଏଲ ଗେଷ୍ଟ ହାଉସରେ ରାଜୁ ଘିବେଲାଙ୍କ ସଭାପତିତ୍ୱରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡ. ପ୍ରମୋଦ କୁମାର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବଲପୁରୀ ଭାଷାର ମହତ୍ତ୍ୱକୁ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ସନ୍ତୋଷ ସିଂହ ଠାକୁର ସମ୍ବଲପୁରୀ ଭାଷାର ମାଧୁର୍ଯ୍ୟକୁ ପ୍ରତିପାଦନ କରିଥିଲେ। ପାଇକମାଳ ବିଡିଓ ଦେବାଶିଷ ସିହ୍ନା, ଯୋଗାଣ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ସାମାଜିକ କର୍ମୀ ବଡ ଶତପଥିଙ୍କ ସମେତ ୨୦୦ ଜଣ କବି, କଳାକାର ଓ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦୈତାରୀ ବିଶ୍ୱାଳ, ଲଳିତ ଜଗତ, ଯୋଗେନ୍ଦ୍ର ଭୋଇ, ଡ. ଅବନୀ କାନ୍ତ ସାହୁ, ପୌଲସ୍ତ୍ୟ ସାହା, ଭୀଷ୍ମଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରେ ସମ୍ବଲପୁରୀ ନାଚଗୀତ, ଦୁଲଦୁଲି ବାଜାରେ ମଞ୍ଚ ଦୁଲୁକି ଉଠିଥିଲା। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟା ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

## ସମ୍ବଲପୁରୀ ଦେଢ଼ କୋଟି ଜନତାଙ୍କ ପ୍ରାଣସ୍ପନ୍ଦନ

ବରଗଡ଼ ଅଫିସ୍,୧।୮

ବରଗଡ଼ ଜିଲା ଦଶମାଇଲରେ ସୋମବାର ଜିଲାସ୍ତରୀୟ ସମ୍ବଲପୁରୀ ଦିନ୍ ପାଳିତ ହୋଇଛି। ଗୁରୁ ସତ୍ୟନାରାୟଣ ବହିଦାର ଏବଂ କବି ଶ୍ରୀଧର ପ୍ରଧାନଙ୍କ ଜୟନ୍ତୀ ଅବସରରେ ଏହା ପାଳିତ ହୋଇଥିଲା। ସମ୍ବଲପୁରୀ କେବଳ ଭାଷା, ସାହିତ୍ୟ, ସଂସ୍କୃତି କିମ୍ବା ପରମ୍ପରାର ପରିଧି ମଧ୍ୟରେ ସୀମିତ ନୁହେଁ, ଏହା ପଶ୍ଚିମ ଓଡ଼ିଶାର ଦେଢ଼ କୋଟି ଲୋକଙ୍କ ପ୍ରାଣସ୍ପନ୍ଦନ। ସମ୍ବଲପୁରୀ ସାହିତ୍ୟ ପରିଷଦ ଆହ୍ୱାନ କ୍ରମେ ଏବଂ ଦଶମାଇଲ ବିକାଶ ପରିଷଦ ଛାଏଁଛଏଁରା କୁଟୁମ, ଶ୍ରୀଧର ସାହିତ୍ୟ ସଂସଦର ମିଳିତ ଆୟୋଜନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଏହା ମତପ୍ରକାଶ ପାଇଥିଲା।

ସମ୍ବଲପୁରୀ ସାହିତ୍ୟ ପରିଷଦ, ବରଗଡ଼ର ସାଧାରଣ ସମ୍ପାଦକ ଉତ୍ପନ୍ନ କୁମାର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଗବେଷକ ଡଃ ଗୌରିଦାସ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ପରମ୍ପରାର ବ୍ୟାପକତା ଓ ମହନୀୟତା ଉପରେ ଆଲୋକପାତ କରିଥିଲେ। ଚଳିତବର୍ଷ କବି ଶ୍ରୀଧର ପ୍ରଧାନଙ୍କ ଜନ୍ମ ଶତବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଶ୍ରୀଧରୀୟ ଚେତନାର ଅନୁଗାମୀ ୫ଜଣ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା ।

### ଜିଲାସ୍ତରୀୟ ସମ୍ବଲପୁରୀ ଦିନ୍ ପାଳନରେ ମତପ୍ରକାଶ

ପଦ୍ମଶ୍ରୀ ଡଃ ହଳଧର ନାଗଙ୍କୁ ଶ୍ରୀଧର କାବ୍ୟ ସମ୍ମାନ, ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କୁ ଶ୍ରୀଧର ନାଟ୍ୟ ଗୌରବ ସମ୍ମାନ, ସରୋଜ କୁମାର ଭୋଇଙ୍କୁ ଶ୍ରୀଧର ଆଦର୍ଶ ଶିକ୍ଷକ ସମ୍ମାନ, ସୌରାଜ ପ୍ରଧାନଙ୍କୁ ଶ୍ରୀଧର ଗୀତିକବି ସମ୍ମାନ ଏବଂ ଅମୂଲ୍ୟ ଭୋଇଙ୍କୁ ଶ୍ରୀଧର ଚିତ୍ରଶିଳ୍ପୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ଏହି ସଭାକୁ ବିପ୍ଳବୀ କବି ନୀତିଶ ଆଚାର୍ଯ୍ୟ, କବିପୁତ୍ର ଗୌରଚରଣ ପ୍ରଧାନ, ସଙ୍ଗଠକ ରଞ୍ଜନ ପଣ୍ଡା, ଶିଶୁ ସାହିତ୍ୟିକ ବିକାଶ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ରବିଶଙ୍କର ପ୍ରଧାନ ପରିଚାଳନା କରିଥିଲେ। ଏହି ଅବସରରେ ବିକାଶ ଚନ୍ଦ୍ର ସାହୁଙ୍କ ଦ୍ୱାରା ସମ୍ପାଦିତ ଶିଶୁ ସାହିତ୍ୟ ପତ୍ରିକା ଚନ୍ଦରଉଦିଆଁ, ନାଟ୍ୟକାର ମନୋରଞ୍ଜନ ମିଶ୍ରଙ୍କ ନାଟ୍ୟ ପୁସ୍ତକ ମୌସୁମୀ, ଅଧ୍ୟାପକ ସୁକୁମାର ଭୋଇଙ୍କ ନାଟ୍ୟ ପୁସ୍ତକ 'ଚେତ୍‌ବାର୍ ବେଲ୍' ଆଦିକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

ଦ୍ୱିତୀୟ ପର୍ଯ୍ୟାୟରେ ଯୁବନେତା ସୁବ୍ରତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ କବି ତେଜରୁ ବାରିକଙ୍କ ପରିଚାଳନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଅଧ୍ୟାପକ ସୁକୁମାର ଭୋଇ, କବୟିତ୍ରୀ ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ, ଅଧ୍ୟାପକ ନାରାୟଣ ଭୋଇ, କବି କେଦାରନାଥ ସାହୁ କବିତା ସଂଯୋଜନା କରିଥିଲେ। ପଶ୍ଚିମ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ର ଶତାଧିକ କବି କବିତାପାଠରେ ଅଂଶଗ୍ରହଣ କରିଥିଲେ। ସମାବେଶରେ ଉପସ୍ଥିତ ସଙ୍ଗଠକ ଅଶୋକ କୁମାର ପୂଜାହାରୀ, ଦିଲୀପ କୁମାର ଦେବତା, ଧନପତି ମହାପାତ୍ର, ଡଃ ସୁବାସ ମେହେର ସମ୍ବଲପୁରୀ ଦିନ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କଣ୍ଠଶିଳ୍ପୀ ଅଜିତ ପାଣିଗ୍ରାହୀ, ସୌଭାଗ୍ୟଲକ୍ଷ୍ମୀ ଦାଶ, ମଞ୍ଜୁଲତା ଶତପଥି, ରଞ୍ଜିତ ପ୍ରଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଜିଲା ସଂସ୍କୃତି ବିଭାଗର ପ୍ରଯୋଜନାରେ ତୋରା ସ୍ଥିତ ବୋଧନ କଳା ପରିଷଦ ପକ୍ଷରୁ ଗଣ୍ଡାବାଜା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାସ୍ତରୀୟ ସମ୍ବଲପୁରୀ ଦିନ୍ ପାଳନ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ଘୋଘର ଧାମରେ କାଉଡ଼ିଆଙ୍କ ମୃତ୍ୟୁ

ରାଜଗାଙ୍ଗପୁର,୧।୮(ଡି.ଏନ.ଏ.): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ପ୍ରସିଦ୍ଧ ଶୈବପୀଠ ଘୋଘରଧାମଠାରେ ଜଣେ କାଉଡିଆଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଛତିଶଗଡ ରାଜ୍ୟ ଲକ୍ଷ୍ମଣପୁର ଚାପା ଅଞ୍ଚଳର ଡିଲେଶ୍ୱର ପ୍ରସାଦ ସାହୁ (୨୮) ସାଙ୍ଗମାନଙ୍କ ସହ ରାଉରକେଲାର ବେଦବ୍ୟାସ ପୀଠ ତ୍ରିବେଣୀ ସଙ୍ଗମରୁ ଜଳ ଧରି ଘୋଘର ଧାମ ଆସିଥିଲେ । ସେ ସୋମବାର ସକାଳେ ଘୋଘର ଧାମରେ ପହଞ୍ଚିଥିଲେ। ପ୍ରବଳ ଭିଡ ଯୋଗୁ ଲାଇନରେ ଛିଡା ହୋଇ ବଡ କଷ୍ଟରେ ମନ୍ଦିର ଭିତରେ ପଶି ଜଳାଭିଷେକ କରି ବାହାରକୁ ଆସି ଏକ ଟେଣ୍ଟ ପାଖରେ ତଳେ ବସି ଯାଇଥିଲେ । ଦୀର୍ଘ ସମୟ ଧରି ନ ଉଠିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଠାଇଥିଲେ । କିନ୍ତୁ ସେ ଆଉ ଉଠି ନ ଥିଲେ। ତାଙ୍କୁ ତୁରନ୍ତ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦ୍‌ଘାତରୁ ତାଙ୍କର ମୃତ୍ୟୁ ଘଟିଥିବା ଜାଣିବାକୁ ମିଳିଛି । ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଡିଲେଶ୍ୱର ଏକମାତ୍ର ପୁଅ ଥିଲେ । ଶୈବପୀଠରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

### ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ

ସୁନ୍ଦରଗଡ,୧।୮(ଡି.ଏନ.ଏ.): ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଭବନଠାରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲି ଏବଂ ଏସ୍‌ପି ସାଗରିକା ନାଥ ଉପସ୍ଥିତ ରହି ବିଭିନ୍ନ ବ୍ଲକରୁ ଆସିଥିବା ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ମୋଟ ୧୨୦ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୦୭ଟି ସାମୁହିକ ଏବଂ ୧୩ଟି ବ୍ୟକ୍ତିଗତ ସମସ୍ୟା ରହିଥିଲା। ସେଥିରୁ ୬୫ଟି ଅଭିଯୋଗର ସମାଧାନ ଜନଶୁଣାଣି ବେଳେ ହିଁ କରାଯାଇଥିଲା। ଅନ୍ୟ ଅଭିଯୋଗଗୁ ବିଚାର କରାଯାଇ ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଚିକିତ୍ସା ସହାୟତା ପାଇଁ ପୂର୍ବରୁ ଆବେଦନ କରିଥିବା ୩୦ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ରେଡକ୍ରସ ପାଣ୍ଠିରୁ ଆସିଥିବା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜନଶୁଣାଣି କାର୍ଯ୍ୟକ୍ରମକୁ ଜିଲାର ବିଭିନ୍ନ ବ୍ଲକରୁ ଲୋକମାନେ ଆସିଥିଲେ। ରାସ୍ତାଘାଟ, ଡ୍ରେନ, ରାଶନ କାର୍ଡ, ଜମିଜମା, ବିଦ୍ୟୁତ୍ ଯୋଗାଣ, ଆବାସ ଯୋଜନା ସମ୍ପର୍କିତ ସମସ୍ୟା ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଡିଏଫଓ ପ୍ରଦୀପ ମିରାସେ,ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିବଶଙ୍କର ଟପ୍ପୋ,ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଡେପୁଟି କଲେକ୍ଟର (ଆପାତକାଳୀନ) କୁନ୍ତୀ ରାଣୀ ନାଏକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ୧୦୩ ଅଭିଯୋଗ ଉପରେ ପଦକ୍ଷେପ ନିର୍ଦ୍ଦେଶ

**ଦେବଗଡ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**

ଦେବଗଡ଼,୧।୮(ଡି.ଏନ.ଏ): ଦେବଗଡ଼ ଜିଲା ବାରକୋଟ ବ୍ଲକ କେଲଡ଼ା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସମେଶ କୁମାର ଉପାଧ୍ୟାୟ ଯୋଗଦେଇ ୧୦୩ଟି ଅଭିଯୋଗର ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବ୍ୟକ୍ତିଗତ ୮୭ ଓ ୧୬ ଟି ସମୂହିକ ସମସ୍ୟା ରହିଥିଲା। କଳାକାର ଭତ୍ତା, ପାନୀୟଜଳ, ରାସ୍ତାଘାଟ ଓ ଘରବାଡ଼ି ପଟ୍ଟା, ଭାଗବତ ଟୁଙ୍ଗୀ ପାଇଁ ଅନୁଦାନ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଉପରେ ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବନଖଣ୍ଡ ଅଧିକାରୀ. ମଗଜ ଧନାଜି ରାଓ, ଅତିରିକ୍ତ ଏସ୍‌ପି ଅଙ୍କୁର ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଭୋଟର ତାଲିକାରେ ସାମିଲ ହେବାକୁ ବର୍ଷକୁ ମିଳିବ ୪ ଥର ସୁଯୋଗ

ସୁନ୍ଦରଗଡ଼,୧।୮(ଡି.ଏନ.ଏ.)

ଭାରତୀୟ ନିର୍ବାଚନ ଆୟୋଗ ପକ୍ଷରୁ ନୂତନ ସଂଶୋଧିତ ଭୋଟର ଆଇନ ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଭୋଟର ତାଲିକାରେ ସାମିଲ ହେବା ପାଇଁ ଏବେ ଯୁବପୀଢ଼ିଙ୍କୁ ବର୍ଷକୁ ୪ ଥର ସୁଯୋଗ ମିଳିବ। ସେହିପରି ନୂତନ ଭୋଟର ପଞ୍ଜୀକରଣ, ଭୋଟର ତାଲିକାରେ ସଂଶୋଧନ, ତାଲିକାରୁ ନାମ ବାଦ ଦେବା ଏବଂ ଆଧାର ସହିତ ନିଜ ଭୋଟର ଆଇଡି ଲିଙ୍କ୍ କରିବା ଲାଗି ସୋମବାରଠାରୁ ନୂତନ ପରିବର୍ତ୍ତିତ ଫର୍ମ ଲାଗୁ କରାଯାଇଛି। ଏ ସମ୍ପର୍କରେ ସୁନ୍ଦରଗଡ ଜିଲାର ଜନସାଧାରଣଙ୍କୁ ସଚେତନ କରିବା ଲାଗି ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ସୋମବାର ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲି ଅଧ୍ୟକ୍ଷତା କରି କହିଥିଲେ ଯେ, ନୂତନ ସଂଶୋଧିତ ଭୋଟର ଆଇନ ଯୋଗୁ ଅଧିକରୁ ଅଧିକ ଯୁବବର୍ଗ ଭୋଟର ତାଲିକାରେ ସାମିଲ ହୋଇପାରିବେ। ସେମାନଙ୍କ ଭାଗିଦାରୀ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଆହୁରି ମଜଭୁତ କରିପାରିବ। ଭାରତୀୟ ନିର୍ବାଚନ ଆୟୋଗଙ୍କ ସୁପାରିଶ କ୍ରମେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଲୋକ ପ୍ରତିନିଧି ଆଇନରେ ପରିବର୍ତ୍ତନ କରାଯାଇ ସଂଶୋଧିତ ଆଇନ ୧ ଅଗଷ୍ଟ ୨୦୨୨ଠାରୁ କାର୍ଯ୍ୟକାରୀ ହୋଇଛି। ଏଥିରେ ପଞ୍ଜୀକରଣ ଫର୍ମକୁ ଆହୁରି ସରଳ ଓ ପ୍ରଭାବୀ କରାଯାଇଛି। ପୂର୍ବରୁ ନୂତନ ଭୋଟର ପଞ୍ଜୀକରଣ ଏବଂ ଗୋଟିଏ ନିର୍ବାଚନ ମଣ୍ଡଳୀରୁ ଅନ୍ୟ ଗୋଟିଏ ନିର୍ବାଚନମଣ୍ଡଳୀକୁ ସ୍ଥାନାନ୍ତର ପାଇଁ ଫର୍ମ-୬ ବ୍ୟବହାର କରାଯାଉଥିଲା। ବର୍ତ୍ତମାନ ଏହି ଫର୍ମ କେବଳ ନୂତନ ଭୋଟର ପଞ୍ଜୀକରଣ ପାଇଁ ହିଁ ବ୍ୟବହୃତ ହେବ । ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଯୋଗ୍ୟ ବ୍ୟକ୍ତିମାନେ ନିର୍ବାଚନ ଆୟୋଗଙ୍କ ସ୍ୱତନ୍ତ୍ର ଆପ୍ କିମ୍ବା ୱେବସାଇଟକୁ ଯାଇ କିମ୍ବା ବୁଥସ୍ତରୀୟ ଅଧିକାରୀଙ୍କ ଜରିଆରେ ଭୋଟର ପରିଚୟପତ୍ର ପାଇଁ ଆବେଦନ କରିପାରିବେ। ପୂର୍ବରୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଲାଗି ବର୍ଷର ଗୋଟିଏ ମାତ୍ର ଦିନ ଭାବେ ଜାନୁୟାରୀ ୧ ତାରିଖକୁ ନିଆଯାଉଥିଲା। ଜାନୁୟାରୀ ୧ ପରେ ୧୮ ବର୍ଷ ପୂରଣ କରୁଥିବା ବହୁ ସଂଖ୍ୟାରେ ଯୁବପୀଢ଼ି ଆଗାମୀ ବର୍ଷର ଭୋଟର ସଂଶୋଧନ ପ୍ରକ୍ରିୟାକୁ ଅପେକ୍ଷା କରୁଥିଲେ। ଏହି ସମୟ ମଧ୍ୟରେ ସେମାନେ କୌଣସି ନିର୍ବାଚନରେ ଭାଗ ନେଇପାରୁ ନ ଥିଲେ। କିନ୍ତୁ ବର୍ତ୍ତମାନ ଜଣେ ଜାନୁୟାରୀ, ଏପ୍ରିଲ, ଜୁଲାଇ ଏବଂ ଅକ୍ଟୋବର ମାସର ୧ ତାରିଖରେ ଭୋଟର ତାଲିକାରେ ନିଜକୁ ସାମିଲ କରିବା ଲାଗି ଆବେଦନ କରିପାରିବ। ସେହିପରି ଆଧାର ସହ ଭୋଟର କାର୍ଡର ସଂଯୋଗୀକରଣ ପାଇଁ ନୂତନ ସଂଶୋଧିତ ଫର୍ମ ୬(ଖ)ର ପ୍ରଚଳନ କରାଯାଇଛି। ତେବେ ଏହା ବାଧ୍ୟତାମୂଳକ ନୁହେଁ। ଭୋଟର ତାଲିକାରେ ସାମିଲ ଥିବା ଭୋଟର ଏବଂ ନୂତନ ଭାବେ ନାମ ପଞ୍ଜୀକୃତ କରିବାକୁ ଥିବା ଭୋଟର ସ୍ୱେଚ୍ଛାକୃତ ଭାବେ ଅନ୍‌ଲାଇନ କିମ୍ବା ଅଫ୍‌ଲାଇନ ଯୋଗେ ନିଜର ଆଧାର ବିବରଣୀ ପ୍ରଦାନ କରିପାରିବେ। ସେହିପରି ବୁଥସ୍ତରୀୟ ଅଧିକାରୀମାନେ ମଧ୍ୟ ଘରକୁ ଘର ବୁଲି ଆଧାର ନମ୍ବର ସଂଗ୍ରହ କରି ଏହାକୁ ଭୋଟର କାର୍ଡ ସହ ସଂଯୋଗ କରିବେ। ଏହି ପ୍ରକ୍ରିୟା ଫଳରେ ଭୋଟର ତାଲିକାରେ ଗୋଟିଏ ନାମ ଏକାଧିକ ବାର ରହିପାରିବ ନାହିଁ। ପୂର୍ବରୁ ଭୋଟର ତାଲିକାରୁ ନାମ ବାଦ ଦେବା ପାଇଁ ଫର୍ମ-୭ ବ୍ୟବହାର କରାଯାଉଥିବା ବେଳେ ଏଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମୃତବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା ପାଇଁ ସେମାନଙ୍କ ପରିବାରବର୍ଗଙ୍କଠାରୁ ମୃତ୍ୟୁ


ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟ ଅଧିକାରୀବୃନ୍ଦ ।

**ଅଗଷ୍ଟ ୧ରୁ ନୂତନ ସଂଶୋଧିତ ଭୋଟର ଆଇନ ଲାଗୁ**

ପ୍ରମାଣପତ୍ର ସଂଗ୍ରହ କରି ବୁଥସ୍ତରୀୟ ଅଧିକାରୀମାନେ ଫର୍ମ-୭ରେ ଏହାକୁ ସଂଲଗ୍ନ କରିବେ। ଭୋଟର ତାଲିକାରେ ତ୍ରୁଟି ଥିବା ବିବରଣୀର ସଂଶୋଧନ ପାଇଁ ଫର୍ମ-୮ ବ୍ୟବହାର ହେଉଥିଲା। କିନ୍ତୁ ବର୍ତ୍ତମାନ ସିର୍ବାଚନମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତର ପାଇଁ ଏହାକୁ ବ୍ୟବହାର କରାଯିବ। ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ, ଭୋଟର ପରିଚୟ ପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ପାଇଁ ମଧ୍ୟ ଏହି ଫର୍ମ ବ୍ୟବହାର ହେବ। ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଓ ଉପ ଜିଲାପାଳ ଅଭିମନ୍ୟୁ ବେହେରା ଏହି ସମ୍ମିଳନୀରେ ବିସ୍ତୃତ ବିବରଣୀ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିବଶଙ୍କର ଟପ୍ପୋ, ସହକାରୀ ଜିଲାପାନ ତଥା ନିର୍ବାଚନ ଉପ ବିଭାଗ ଅଧିକାରୀ ସୁନିଲ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।

### ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

ଦେବଗଡ଼,୧।୮(ଡି.ଏନ.ଏ.)

ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ନେଇ ଦେବଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଟର ତାଲିକାରେ ନାମ ପଞ୍ଜୀକରଣ, ସଂଶୋଧନ ପାଇଁ ବର୍ଷର ଜାନୁୟାରୀ, ଏପ୍ରିଲ, ଜୁଲାଇ ଏବଂ ଅକ୍ଟୋବର ପହିଲାକୁ ଧାର୍ଯ୍ୟ କରାଯାଇଛି। ଏହା ଅଗଷ୍ଟ ୧ତାରିଖରୁ ଲାଗୁ କରାଯାଉଛି। ଏଥିପାଇଁ ଅନ୍‌ଲାଇନ, ବୁଥସ୍ତରୀୟ ଅଧିକାରୀ କିମ୍ବା ଭୋଟର ସହାୟତା କେନ୍ଦ୍ରର ସହାୟତା ନେବାକୁ ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ ବିଭାଗୀୟ ଅଧିକାରୀଙ୍କ ସମେତ କଂଗ୍ରେସର ଉମାଶଙ୍କର ସାହୁ, ବିଜେଡିର ପ୍ରତାପ କୁମାର ଦେବ, ଭାଜପାର ମୀନକେତନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଆଧାର ସଂଯୋଗୀକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ

ସମ୍ବଲପୁର,୧।୮(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକପ୍ରତିନିଧି ଆଇନ ୧୯୫୦/୧୯୫୧ର ପରିବର୍ତ୍ତନ କରାଯାଇ ଭୋଟର ତାଲିକାରେ କେତେଗୁଡ଼ିଏ ସଂଶୋଧନ କରାଯାଇଛି। ଫର୍ମ ନଂ୬ରେ ବର୍ତ୍ତମାନ କେବଳ ନୂତନ ଭୋଟରଙ୍କ ପଞ୍ଜୀକରଣ କରାଯାଇପାରିବ। ଫର୍ମ ନଂ୬ (କ)ରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଫର୍ମ ୭ରେ ସାମାନ୍ୟ ପରିବର୍ତ୍ତନ ସହ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯିବ। ନିର୍ବାଚନ ମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତରଣ, ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ, ଭୋଟର ପରିଚୟ ପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ନିମନ୍ତେ ଫର୍ମ ୮ ପୂରଣ କରିବାକୁ ପଡିବ। ନିର୍ବାଚନ ପଞ୍ଜୀକରଣ ଆଇନ ୧୯୬୦ର ସଂଶୋଧନ କରାଯାଇ ସ୍ୱେଚ୍ଛାକୃତ ଭାବେ ଭୋଟରଙ୍କଠାରୁ ଆଧାର ବିବରଣୀ ସଂଗ୍ରହ କରାଯିବ। ଲୋକପ୍ରତିନିଧି ଆଇନ- ୧୯୫୦ର ଧାରା ୨୩ରେ ସଂଶୋଧନ କରାଯାଇ ପ୍ରଚଳିତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଭୋଟର ଏବଂ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିବାକୁ ଥିବା ଭୋଟରମାନେ ସେମାନଙ୍କ ଆଧାର ବିବରଣୀ ପ୍ରଦାନ କରିବେ। ସୋମବାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରଯାଇଛି। ୧ ଏପ୍ରିଲ ୨୦୨୩ ସୁଦ୍ଧା ତାଲିକାଭୁକ୍ତ ହୋଇଥିବା ଭୋଟରମାନେ ସେମାନଙ୍କ ଆଧାର ନମ୍ବର ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବାକୁ ପଡିବ। ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖ ଧାର୍ଯ୍ୟ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ସହକାରୀ ଜିଲାପାଳ ବ୍ରଜକିଶୋର ସାହୁଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ, ଖବରଦାତା, ଏନଜିଓ, ମୁଖ୍ୟ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଷ ମିଶ୍ରିତ ଚୁଡା ଖାଇ ୧୦ଛେଳିଙ୍କ ଜୀବନ ଗଲା

ଦେବଗଡ,୧।୮(ଡି.ଏନ.ଏ)

**ଥାନାରେ ଏତଲା ପରେ ପୋଲିସ ତଦନ୍ତ ଆରମ୍ଭ**

ବିଷ ମିଶ୍ରିତ ଚୂଡା ଖାଇ ଜୀବନ ହାରିଲେ ୧୦ଟି ଛେଳି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ଜିଲା ବାରକୋଟ ଥାନା ବମ୍ପରଡା ଗ୍ରାମପଞ୍ଚାୟତର ବିଦେଇ ବଡକୁଦର ଗ୍ରାମରେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ଗୋଟିଏ ଛେଳିର ମୃତଦେହ ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ସୋମବାର ବିଦେଇ ବଡକୁଦର ଗ୍ରାମର କିଛି ଲୋକ ନିକଟସ୍ଥ ଦେବତାଗୁଡା ଗ୍ରାମ୍ୟ ଜଙ୍ଗଲକୁ ଛେଳି ଚରାଇବାକୁ ନେଇଥିଲେ। ଚରିବା ସମୟରେ ସମ୍ପୃକ୍ତ ଜଙ୍ଗଲକୁ ଲାଗି ରହିଥିବା କଲା ଗ୍ରାମପଞ୍ଚାୟତର ସମିତି ସଭ୍ୟ ମଦନ ମୋହନ କିସାନଙ୍କ ବଗିଚାରେ କେତେକ ଛେଳି ପଶିଯାଇଥିଲେ। ଉକ୍ତ ବଗିଚାରେ ନୂତନ ଭାବେ ଲଗାଯାଇଥିବା ଲିଚୁ ଗଛର ମୂଳରେ ଚଉପତିରେ ଚୂଡା ରହିଥିବା ଦେଖି ଛେଳି ଉକ୍ତ ଚୂଡାକୁ ଖାଇଦେଇଥିଲେ। ଚୂଡାକୁ ଖାଇବା ପରେ ଛେଳିମାନେ ଚିତ୍କାର କରିବା ସହ ଛଟପଟ ହୋଇଥିଲେ। କିଛି ସମୟ ପରେ ଗୋଟିଏ ପରେ ଗୋଟିଏ ୧୦ଟି ଛେଳିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୋଟିଏ ଛେଳିକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମୃତ ୧୦ଟି ଛେଳି ମଧ୍ୟରୁ ବିଦେଇ ବଡକୁଦର ଗ୍ରାମର ଯୁଗେ କିସାନଙ୍କ ୪ଟି, ଗଙ୍ଗା କିସାନଙ୍କ ୩ଟି, ଧନୁର୍ଜୟ କିସାନଙ୍କ ଗୋଟିଏ, ପ୍ରତାପ କମିନୋଙ୍କ ଗୋଟିଏ ଏବଂ ଦେବ କିସାନଙ୍କର ଗୋଟିଏ ବୋଲି ଜଣାପଡିଛି । ଛେଳିଙ୍କ ମୃତ୍ୟୁ ପରେ ଯାଞ୍ଚ କରିବାରୁ ନୂତନ ଭାବେ ଲଗାଯାଇଥିବା ଲିଚୁ ଗଛଗୁଡିକର ମୂଳରେ ଚଉତିରେ ଚୂଡା ରଖାଯାଇଥିବା ଏବଂ ସେଥିରୁ ବିଷ ଭଳି ଏକ ପ୍ରକାର ରାସାୟନିକ ପଦାର୍ଥର ବାସ୍ନା ବାହାରୁଥିବା ଜଣାପଡିଥିଲା। ଏ ନେଇ ଚରାଳିମାନେ ଛେଳିଗୁଡିକର ମାଲିକ ଏବଂ ଗ୍ରାମବାସୀଙ୍କୁ ଜଣାଇବାରୁ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ ବାରକୋଟ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ କ୍ଷତିଗ୍ରସ୍ତମାନଙ୍କ ସହ ବୁଝାମଣା ମାଧ୍ୟମରେ ଘଟଣାର ଆପୋସ ସମାଧାନ ପାଇଁ ବଗିଚା ମାଲିକଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବଗିଚା ମାଲିକ ତଥା ସମିତି ସଦସ୍ୟ କିସାନଙ୍କୁ ପଚାରିବାରୁ ଚୂଡାରେ ବିଷ ମିଶାଯାଇଥିବା କଥାକୁ ସେ ଅସ୍ୱୀକାର କରିଥିଲେ। ଏଥିସହ ରାଜନୈତିକ ଆକ୍ରୋଶ ରଖି ତାଙ୍କୁ ବଦନାମ କରିବାକୁ ଏଭଳି ହୀନ ଉଦ୍ୟମ କରାଯାଉଥିବା ଏବଂ ପୂର୍ବରୁ ତାଙ୍କ ବଗିଚା ନଷ୍ଟ କରିବା ପାଇଁ ସେଠାରେ କେହି ନିଆଁ ଲଗାଇ ଦେଇଥିବା ସେ କହିଛନ୍ତି।

# ନିଃଶୁଳ୍କ ସ୍ୱାସ୍ଥ୍ୟସେବା ପାଇଁ ମେଡିକାଲ ୟୁନିଟ୍ ଭ୍ୟାନ ଶୁଭାରମ୍ଭ



ମୋବାଇଲ ମେଡିକାଲ୍ ୟୁନିଟ୍ ଭ୍ୟାନ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

ରାଉରକେଲା ଅଫିସ,୧।୮

ଜନସାଧାରଣଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର ବିଭାଗ ପକ୍ଷରୁ ନିୟୁ ଲାଇଫ୍ ସଂସ୍ଥାକୁ ସୋମବାର ଏକ ମୋବାଇଲ ମେଡିକାଲ୍ ୟୁନିଟ୍ ଭ୍ୟାନ୍ ପ୍ରଦାନ କରାଯାଇଛି। ଏହି ଅବସରରେ ଆରଏସ୍‌ପିର ସିଏସ୍‌ଆର ବିଭାଗର ସିଜିଏମ୍ ଅଜୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଏହି ଭ୍ୟାନକୁ ଉଦ୍‌ଘାଟନ କରିଥିଲେ। ସିଏସ୍‌ଆର ବିଭାଗର ଜିଏମ୍ ମୁନ୍‌ମୁନ୍ ମିତ୍ରା, ଡିଜିଏମ୍ ଡି. ପ୍ରଧାନ, ଏନ୍. ପତି ଏବଂ ନିୟୁ ଲାଇଫ୍‌ର ମୁଖ୍ୟ ପରିଚାଳକ ଫକୀର କର୍ଣ୍ଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ମୋବାଇଲ ମେଡିକାଲ ୟୁନିଟ୍ ଭ୍ୟାନ ରାଉରକେଲା ସହରର ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳରେ ବୁଲି ଗରିବ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବ। ଏହି ଭ୍ୟାନରେ ସମସ୍ତ ପ୍ରକାର ଔଷଧ, ରୋଗ ସମ୍ବନ୍ଧୀୟ ପରୀକ୍ଷଣ, ଏକ୍ସ-ରେ କରାଯିବ। ଏହି ମେଡିକାଲ ୟୁନିଟ୍ ଭ୍ୟାନ ସପ୍ତାହକୁ ୬ ଦିନ ବିଭିନ୍ନ ସ୍ଥାନରେ ସକାଳ ୯ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରିବ। ଡାକ୍ତର ଜେ. ସଏ, ଫାର୍ମାସିଷ୍ଟ ଅମରେନ୍ଦ୍ର ପାଢ଼ୀ, ଲାବୋରେଟୋରି ଟେକ୍ନିସିଆନ ଶ୍ୱେତା ଶର୍ମା ଓ ସୁଜାତା ତିଗା, ଏକ୍ସ-ରେ ପରିଚାଳକ ଲକ୍ଷ୍ମୀପ୍ରିୟା ମଲ୍ଲିକ, ଭ୍ୟାନ୍ ପରିଚାଳକ ଉମେଶ ସାହୁ ଓ ଅଜୟ ତନ୍ତୀଙ୍କ ସମେତ ସିଏସ୍‌ଆର ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବଡ଼ଗାଁ ଅଞ୍ଚଳରେ ବର୍ଷା ଅଭାବ: ଇନ୍ଦ୍ର ଦେବତାଙ୍କୁ ପୂଜିଲେ ଗ୍ରାମବାସୀ

**ବଡ଼ଗାଁ,୧।୮(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ବଡ଼ଗାଁ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟି ଯୋଗୁ ଚାଷୀମାନେ ଚାଷ କାମ ଆଗେଇ ନ ପାରି ହାତ ବାନ୍ଧି ବସି ରହିଛନ୍ତି। ଶ୍ରାବଣରେ ବର୍ଷା ବଦଳରେ ଖରା ଓ ଗୁଳୁଗୁଳିର ପ୍ରକୋପ ଚାଷୀଙ୍କୁ ହତାଶ କରିଛି। ଏଭଳି ପରିସ୍ଥିତି ଯୋଗୁ ବିଭିନ୍ନ ସ୍ଥାନରେ ଚାଷୀମାନେ ବର୍ଷା ପାଇଁ ଇନ୍ଦ୍ର ଦେବତାଙ୍କୁ ପୂଜା କରୁଥିବା ଦେଖାଯାଇଛି। ସୋମବାର ବଡ଼ଗାଁ ବ୍ଲକ, ବରଙ୍ଗାକଛାର ପଞ୍ଚାୟତର ପଟୁଆବେଡା ଗ୍ରାମବାସୀ ବର୍ଷା ପାଇଁ ଇନ୍ଦ୍ର ଦେବତାଙ୍କ ପୂଜା କରିଛନ୍ତି। ଗ୍ରାମର ଗଣେଶ ପୂଜା ମଣ୍ଡପଠାରେ ଆୟୋଜିତ ଏହି କାର୍ଯକ୍ରମରେ କୁଲଗା ଗ୍ରାମର ସହଦେବ ପୂଜାରୀ ପୂଜା କାର୍ଯ୍ୟ କରିଥିବା ବେଳେ



ଭଗବାନ ପୃଷେଟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱର ପୃଷେଟ, କୃପାନିଧି ପୁଷେଟ, ଦୋଳଗୋବିନ୍ଦ ବେହେରା, ମନୋଜ ପ୍ରଧାନ, କିଶୋର ମାଝି, ଘନଶ୍ୟାମ ସା ପ୍ରମୁଖ ସହଯୋଗ କରିଥିଲେ।

# ଅଭିଯୋଗ ଶୁଣାଣି, ସେବା ବିତରଣ ଶିବିର

ଜମନକିରା,୧।୮(ଡି.ଏନ.ଏ.)

ଜମନକିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଓ ସେବା ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ଟୁନୁ ମେହେର ଅଧ୍ୟକ୍ଷତା କରିଥିବା ବେଳେ ତହସିଲଦାର ଡ. ସୌମ୍ୟାରୁପା ରଥ ଶିବିର ପରିଚାଳନା କରିଥିଲେ। ବ୍ୟକ୍ତିଗତ ୧୫ ଓ ସାମୂହିକ ଗୋଟିଏ ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଅବସରରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଡ୍ରେସ୍ ବଣ୍ଟନ, ଦୁଇଟି ସ୍କୁଲକୁ ଜମି ପଟ୍ଟା ପ୍ରଦାନ, ବସୁନ୍ଧରା ଯୋଜନାରେ ଜମି ପଟ୍ଟା ସହ ବିବିଧ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପନିପରିବା ଚାଷ ପାଇଁ ବିହନ ଏବଂ ମମତା ଯୋଜନାର ପ୍ରଥମ ଓ ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଥିଲା। କୃଷି ବିଭାଗ ପକ୍ଷରୁ ମୁଗ, ବିରି ଆଦି ବିହନ ଯୋଗାଣ ହୋଇଥିଲା। ଶିବିରରେ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଡିଓ ମେହେର ଧନ୍ୟବାଦ ଦେଇଥିଲେ।


ଶିବିରରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀ।

# ବିଭିନ୍ନ ଦାବି ନେଇ ସିଆଇଟିୟୁର ବିକ୍ଷୋଭ, ଧାରଣା

ଟେନସା,୧।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୋଇଡ଼ା ମାଇନିଂ ସେକ୍ଟରର ପାଟମୁଣ୍ଡା ଗ୍ରାମ ପଞ୍ଚାୟତର କଦଳିଆଠାରେ ଥିବା ନୀଳାଞ୍ଚଳ ଇସ୍ପାତ ନିଗମ ଲିମିଟେଡ ଖଣି ସମ୍ମୁଖରେ ଟାଟା କମ୍ପାନୀ ମ୍ୟାନେଜମେଣ୍ଟ ବିରୋଧରେ ସିଆଇଟିୟୁ ତରଫରୁ ବିଭିନ୍ନ ଦାବି ନେଇ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା । ଟାଟା କମ୍ପାନୀ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରି ଖଣି ଉତ୍ତୋଳନ କରୁଥିବାରୁ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିଆଇଟିୟୁ ଜିଲା ସମ୍ପାଦକ ପ୍ରମୋଦ ସାମଲ, ରାଜ୍ୟ କମିଟି ସଭ୍ୟ ପ୍ରଭାତ କୁମାର ପଣ୍ଡା , ଅଶୋକ ସାମଲ, ଜନ ଡୁଙ୍ଗଡୁଙ୍ଗ, ବାଦଲ ବାରିକ , ଜିଲା ପରିଷଦ ସଭ୍ୟା ଶୁଶିଳା ମୁଣ୍ଡା, ଦିବାକର ନାୟକ, ମଧୁସୂଦନ ମହାକୁଡ଼ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ । ବିଭିନ୍ନ ଦାବି ମଧ୍ୟରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା, ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି, ସ୍ଥାନୀୟ ଲୋକଙ୍କୁ ପରିବହନ କ୍ଷେତ୍ରରେ ସୁବିଧା, ନିର୍ଦ୍ଧାରିତ ଧାର୍ଯ୍ୟ ପରିପବନ ମୂଲ୍ୟ ଦେବା ଆଦି ଦାବି ରହିଛି । ବିକ୍ଷୋଭରେ ସିଆଇଟିୟୁ ରାଜ୍ୟ ସଭ୍ୟ ପ୍ରଭାତ କୁମାର ପଣ୍ଡା, ବଣାଇ ଟ୍ରକ ଆଣ୍ଡ ଟିପ୍ପର ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାମଲ, ଲକ୍ଷ୍ମଣ ମହାକୁଡ଼, ଶ୍ରୀରାମ ମୁଣ୍ଡା,ଚନ୍ଦ୍ରମଣି ନାଏକ, କେ.ସି. ବାରିକ, ବିଜୁ ବାରିକ , କାଙ୍ଗାଲୁ ବାରିକ,ଘନ ବାରିକଙ୍କ ସମେତ କଦଳିଆ, କ୍ରିୟାକୁଦର, ମିଥିଡା ତଥା ପାରିପାର୍ଶ୍ୱିକ ଗ୍ରାମର ୨ ହଜାରରୁ ଉର୍ଦ୍ଧ୍ୱ ସିଆଇଟିୟୁ କର୍ମୀ ଯୋଗ ଦେଇଥିଲେ। ସନ୍ଧ୍ୟାରେ ନୀଳାଞ୍ଚଳ ଇସ୍ପାତ ନିଗମ ଲିମିଟେଡ଼ର ମୁଖ୍ୟ ରାଜେଶ କୁମାର, ପ୍ରଶାସନ ବିଭାଗର ମୁଖ୍ୟ ତନ୍ମୟ କୁମାର ମାଝୀ ବିକ୍ଷୋଭ ସ୍ଥଳରେ ପହଞ୍ଚି ଦାବି ପୂରଣ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ଓ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

ସୂଚନାଯୋଗ୍ୟ, ସିଆଇଟିୟୁ ତରଫରୁ ବିଭିନ୍ନ ଦାବି ନେଇ ଧାରଣା ଚାଲିଥିବା ବେଳେ ମିଥିଡା, କଦଳିଆ, କ୍ରିୟାକୁଦର ଆଦି ଗ୍ରାମର ୪ ଶହରୁ ଉର୍ଦ୍ଧ୍ୱ ଲୋକ ଆସି ନୀଳାଞ୍ଚଳ ଇସ୍ପାତ ନିଗମ ଲିମିଟେଡ଼ ଖଣି ଭିତରେ କୌଣସି ରାଜନୀତି ନ ପଶୁ ବୋଲି ଦାବି କରିଥିଲେ । ସେମାନେ ଗାଁ କମିଟି ମାଧ୍ୟମରେ କମ୍ପାନୀ ଚାଲିବ ବୋଲି ପୂର୍ବରୁ ନୀଳାଞ୍ଚଳ ଇସ୍ପାତ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ହୋଇଥିବା କହିଥିଲେ। ଉପରୋକ୍ତ ଗ୍ରାମବାସୀ ବିକ୍ଷୋଭକୁ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । କୋଇଡା ଥାନା ଅଧିକାରୀ ଲୋକେଶ୍ୱର ସାହୁ ସଦଳବଳ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।



ବିଭିନ୍ନ ଦାବି ନେଇ କଦଳିଆ ଠାରେ ବିକ୍ଷୋଭ କରାଯାଉଛି ।

## ଲଙ୍କେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚିଁଗୁଡା ଗ୍ରାମରେ ସୋମବାର ନୂତନ ଲଙ୍କେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର ଶୁଭାରମ୍ଭ କରିଥିଲେ। କନିଷ୍ଠ ଯନ୍ତ୍ରୀ ସି.ଏଚ୍.ନାରାୟଣ ପାତ୍ର, ଜିପିଓ ରାଜେନ୍ଦ୍ର ଭୋଇ, ସରପଞ୍ଚ ପରମେଶ୍ୱର ମେହେର, ପିଇଓ ହେମଲତା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଉଦ୍ୟମକ୍ରମେ ମନ୍ଦିର ନିର୍ମାଣ ହେଉଥିବାରୁ ଗ୍ରାମବାସୀ ମିଶ୍ରଙ୍କୁ ସାଧୁବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଭବାନୀପାଟଣା,୧।୮(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଧର୍ମଗଡ ଅତିରିକ୍ତ ଜିଲା ଦୌରାଜଜ୍ ସୋମବାର ଏକ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସୋମବାର ଧର୍ମଗଡ ଅତିରିକ୍ତ ଜିଲା ଦୌରାଜଜ ବନ୍ଦନା କର ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୧ ବର୍ଷ ଅଧିକ ସଶ୍ରମ ଦଣ୍ଡାଦେଶ ଦେଇଛନ୍ତି। କୋର୍ଟର ଆଦେଶ ପରେ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଯାଇଛି। ଘଟଣା ଅନୁଯାୟୀ, ଜୟପାଟଣା ଥାନା ଅଞ୍ଚଳର ଜଣେ ଯୁବତୀ ୧୪।୧।୧୦ରେ ଘରଠାରୁ ୧ କି.ମି. ଦୂର ନିଜ କ୍ଷେତକୁ ପନିପରିବା ତୋଳିବାକୁ ଯାଇଥିଲେ। ସେହି ସମୟରେ ବୈଷ୍ଣବ ମାଝି ନାମକ ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପରିବାର ଲୋକେ ଜୟପାଟଣା ଥାନାରେ ଏତଲା ଦେବା ପରେ ଜୟପାଟଣା ପୋଲିସ ଏକ ମାମଲା ରୁଜୁ କରି ବୈଷ୍ଣବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ବୋଲେରୋ ସହ ବିଦେଶୀ ମଦ ଜବତ, ଚାଳକ ଗିରଫ

ଲାଞ୍ଜିଗଡ଼,୧।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଭବାନୀପାଟଣା ପଟୁ ଲାଞ୍ଜିଗଡ ଦେଇ ଏକ ବୋଲେରୋରେ ମୁନିଗୁଡା ଯାଉଥିବାବେଳେ ଲାଞ୍ଜିଗଡ ପୋଲିସ ପାଟ୍ରୋଲିଂ ଟିମ ଦ୍ୱାରା ବିପୁଳ ପରିମାଣର ବିଦେଶୀ ମଦ ଜବତ ହୋଇଛି। ତେବେ ଏହାର କୌଣସି ଠିକ ପ୍ରମାଣ ନ ମିଳିବା ଓ ଗାଡି ମାଲିକ ଅସହଯୋଗ ହେତୁ ଏହା ଚୋରାଚାଲାଣ ହେଉଥିବା ନେଇ ଲାଞ୍ଜିଗଡ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ବିଶ୍ୱନାଥପୁର ଥାନାଧିକାରୀ ରୁନୁକୁମାରୀ ମାଝିଙ୍କ ତତ୍ତ୍ୱାବଧାନରେ ଏସଆଇ ଭବାନୀଶଙ୍କର ବାଦୀଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂ ଟିମ ଗାଡି ସହିତ ମଦ ଜବତ କରିବା ସହିତ ବୋଲେରୋ ଚାଳକ କୋକସରା ଥାନା ବେହେରା ଛତଗୋଇରା ଗାଁର କୃଷ୍ଣଚନ୍ଦ୍ର ଦୁର୍ଗାଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାନୁଯାୟୀ, ରବିବାର ରାତିରେ ଲାଞ୍ଜିଗଡ ପୋଲିସ ପାଟ୍ରୋଲିଂ ଟିମ ଭାଟଗୁଡା ନିକଟରେ ଏକ ବୋଲେରୋକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ପେଟି ପେଟି ବିଦେଶୀ ମଦ ଥିବା ଦେଖିବାକୁ ପାଇଥିଲେ। ଚାଳକଙ୍କୁ ପଚରାଉଚୁରା କରିବାବେଳେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଥାନାକୁ ନେଇ ଆସିଥିଲେ। ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ପୋଲିସ ଚାଳକ କୃଷ୍ଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ପରକୀୟା ପ୍ରୀତି ମାମଲା: ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା

ଭବାନୀପାଟଣା,୧।୮(ସ୍ୱ.ପ୍ର.): ପରକୀୟା ପ୍ରୀତି ମାମଲାରେ ଅଦାଲତ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ୫ ହଜାର ଜରିମାନା ଅନାଦେୟ ୩୦ ଦିନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ୩।୫।୨୦୧୬ରେ ଲୁହାଗାଁର ଲୋଚନ ନାଏକ ନିଜ ସ୍ତ୍ରୀଙ୍କୁ ଅନ୍ୟ ପୁରୁଷ ସହ ଅସଜ୍ଞତ ଅବସ୍ଥାରେ ଦେଖି ଧର୍ମଗଡ ଥାନାରେ ଏକ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ତଦନ୍ତ କରି ପୋଲିସ ଅଭିଯୁକ୍ତ ଅବନୀ ଗୋପାଳଙ୍କୁ ଦଫା ୨୯୪/୫୦୬ ଓ ୪୯୭ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ କୋର୍ଟ ଏହାର ବିଚାର କରି ସୋମବାର ଅବନୀଙ୍କୁ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଦିନେଶ ଶର୍ମା ମାମଲା ପରିଚାଳନା କରିଥିବାବେଳେ ମୋଟ ୧୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

### ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ବୈଠକ

ଖଡ଼ିଆଳ,୧।୮(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ କୌଶଲ୍ୟା ମଣ୍ଡପଠାରେ ସମ୍ବିଧାନିକ ବୈଠକ ତଥା ଖଡ଼ିଆଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ ଓ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷକ ସଂଘ ସଭାପତି ଯଶୋବନ୍ତ ନାରାୟଣ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଜିଲା ସାଧାରଣ ସମ୍ପାଦକ ଧନୁ ବାଗ ସଭାର ଉଦ୍ଦେଶ୍ୟ ଜଣାଇଥିଲେ। ସଭାରେ ଅଶନି ପ୍ରଧାନ, ନିରଞ୍ଜନ ଦାସ, ନିରୂପଣ ନନ୍ଦ ଏବଂ ମମତା ପାଢ଼ୀ ମଞ୍ଚାସୀନ ଥଲେ। ଦୀପିକା ମହାନ୍ତି ବାଇ-ଲ ପାଠ କରି କର୍ମକର୍ତ୍ତାଙ୍କ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ସଭାପତି ଚନ୍ଦ୍ର କୈବର୍ତ୍ତ, ଉପସଭାପତି ଜଞ୍ଜେସ ପ୍ରସାଦ ମହାଉତି, ମମତା ପାଢି, ସମ୍ପାଦକ ଅରୁଣ କୁମାର ନାଗ, ଯୁଗ୍ମ ସମ୍ପାଦକ ନିରୂପଣ ନନ୍ଦ, ତିରୁପତି ମେହେର, ଧର୍ମବୀର ରାଉତ, କୋଷାଧ୍ୟକ୍ଷ ରୁପା ବାଗ, ସଙ୍ଗଠକ ଜଗଦୀପ କୁମାର ଦାସ ମନୋନୀତ ହୋଇଛନ୍ତି। ଜଗତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ତଦନ୍ତ କଲେ ଏଡିଏମ୍ଓ

**ଧରିତ୍ରୀ ପ୍ରଭାବ**

### ଗଛମୂଳେ କୋଭିଡ ଟିକାକରଣ ଘଟଣା

ଲୋଇସିଂହା,୧।୮(ଡି.ଏନ.ଏ)


ଏଡିଏମଓ ସୁଧା ବାର୍ଲା ବ୍ରାହ୍ମଣୀଡୁଙ୍ଗରୀ ଗାଁରେ ତଦନ୍ତ କରୁଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତ ବ୍ରାହ୍ମଣୀଡୁଙ୍ଗରୀ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନ ଖୋଲିବାରୁ ବାହାରେ ଥିବା ଏକ ଗଛମୂଳେ ରବିବାର କୋଭିଡ ଟିକାକରଣ କରାଯାଇଥିଲା । ୭୮ଜଣ ଟିକା ନେଇଥିଲେ ବି ଏଯାଏ କାହାର ପାର୍ଶ୍ୱ ପ୍ରତିକ୍ରିୟା ହୋଇନାହିଁ। ତେବେ ବାହାରେ ଟିକାକରଣ ବିପଜ୍ଜନକ ଥିବାରୁ ଏହାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଗୁରୁତରଭାବେ ନେଇଛି । ସୋମବାର ଏଡିଏମଓ ସୁଧା ବାର୍ଲା ବ୍ରାହ୍ମଣୀଡୁଙ୍ଗରୀ ଗାଁକୁ ଯାଇ କେଉଁ ପରିସ୍ଥିତିରେ ଏପରି ଅଭାବନୀୟ ଘଟଣା ଘଟିଲା ତାହାର ସରଜମିନ ତଦନ୍ତ କରିଛନ୍ତି। ସ୍ଥାନୀୟ ଆଶାକର୍ମୀ ସନ୍ତୋଷିନୀ ଖଣ୍ଡଗିରୀ ଓ ଗ୍ରାମର କେତେକ ବ୍ୟକ୍ତିଙ୍କୁ ପଚରାଉଚରା କରି ଏଡିଏମ ବାର୍ଲା ଫେରିଛନ୍ତି। ତଦନ୍ତ ବେଳେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶେଖର ପଧାନ ଉପସ୍ଥିତ ଥିଲେ। ବ୍ରାହ୍ମଣୀଡୁଙ୍ଗରୀ ଗ୍ରାମରେ କୋଭିଡ ବୁଷ୍ଟର ଟିକାରଣ ପାଇଁ ଲୋଇସିଂହା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରବିବାର ଶିବର ରହିଥିଲା । ଟିକା ସଂରକ୍ଷଣ, ଟିକା ନେବାକୁ ଆସୁଥିବା ବ୍ୟକ୍ତି ଲାଇନରେ ରହିବା ଏବଂ ଟିକା ନେଲା ପରେ ବିଶ୍ରାମ ନେବା ପାଇଁ ୩ଟି ଗୃହ ଆବଶ୍ୟକ । ଏଥିପାଇଁ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରେ ଟିକା କେନ୍ଦ୍ର ପାଇଁ ନିଷ୍ପତ୍ତି ହୋଇଥିଲା । ସ୍ୱାସ୍ଥ୍ୟକର୍ମୀଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଆଶାକର୍ମୀ ଓ ଗ୍ରାମର କେତେକ ବ୍ୟକ୍ତି ଅଙ୍ଗନୱାଡିକର୍ମୀଙ୍କୁ କେନ୍ଦ୍ର ଖୋଲିବାକୁ ଅନୁରୋଧ କରିଥିଲେ । ହେଲେ କେନ୍ଦ୍ରରେ ଛତୁଆ ଓ ଅଣ୍ଡା ଥିବାରୁ କେନ୍ଦ୍ର ଖୋଲିବାକୁ କର୍ମୀ ମନା କରି ଦେଇଥିଲେ । ବାଧ୍ୟ ହୋଇ ସ୍ୱାସ୍ଥ୍ୟକର୍ମୀ ବାହାରେ ଥିବା ଏକ ଗଛମୂଳେ ଟିକାକରଣ କରିଥିଲେ । ଏହାକୁ ନେଇ ସୋମବାର ଧରିତ୍ରୀରେ ଖବର ପ୍ରକାଶ ପାଇଲା ପରେ ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଥିବା ସ୍ଥାନୀୟ ସମିତି ସଭ୍ୟ ଦେବାଶିଷ ମିଶ୍ର ଓ ଗ୍ରାମବାସୀ କହିଛନ୍ତି।

# ଘରଡିହ ଆଦେଶପତ୍ର ଦିଅ

### ଜିଲାପାଳଙ୍କୁ ଭେଟିଲେ ବଡତେଲେନପାଲି ଗ୍ରାମବାସୀ

ବଲାଙ୍ଗୀର ଅଫିସ,୧।୮

ଲୋୟର ସୁକ୍ତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ବଡତେଲେନପାଲି ଗ୍ରାମର ଚିହ୍ନଟ ପରିବାରମାନେ ଶୀଘ୍ର ବିସ୍ଥାପିତ ହେବାକୁ ଇଚ୍ଛା କରଛନ୍ତି। ହେଲେ ଘରଡିହ ଆଦେଶପତ୍ର ଦିଆଯିବାରେ ପ୍ରଶାସନିକ ଅବହେଳା ଯୋଗୁଁ ସେମାନେ ବିସ୍ଥାପିତ ହୋଇପାରୁ ନ ଥିବା ଅଭିଯୋଗ ନେଇ ସୋମବାର ଗ୍ରାମର କେତେକ ଅଧିବାସୀ ଜିଲାପାଳଙ୍କୁ ଭେଟିଥିଲେ। ଅଭିଯୋଗ ପ୍ରକୋଷ୍ଠରେ ସେମାନେ ଲିଖିତ ଜଣାଇଥିଲେ ଯେ, ସେମାନଙ୍କୁ ଯେଉଁ ଘରଡିହ ପ୍ଲଟ୍ ପ୍ରଦାନ କରାଯାଇଛି ବୋଲି କୁହାଯାଇଛି ତାର ଆଦେଶପତ୍ର ଏବଂ ନକ୍ସା ଏଯାଏ ଦିଆଯାଇନାହିଁ। ଏହି କାରଣ ଯୋଗୁଁ ସେମାନେ ଚିହ୍ନଟ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରିପାରୁ ନାହାନ୍ତି। ଏଭଳିକି ଘରଡିହ ଆଦେଶପତ୍ର ନଥିବାରୁ ସେମାନେ ଏବେ ବିଭିନ୍ନ ସମ୍ପର୍କିତ କାର୍ଯ୍ୟକ୍ରମରେ ଅସୁବିଧା ଅନୁଭବ କରୁଛନ୍ତି। ଜିଲାପାଳ ଚଞ୍ଚଳ ରାଣା ସେମାନଙ୍କ ଅଭିଯୋଗ ଶୁଣିବା ପରେ ତୁରନ୍ତ ସେମାନଙ୍କ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିବା ଗ୍ରାମର ନିରାକର ଧରୁଆ, ଘନ ବାରିକ, ସଞ୍ଜୀବ ରାଉତ, ପ୍ରେମରାଜ ଦଣ୍ଡିଆ, ସୁଦାମ ଧରୁଆ, ମଣିଚନ୍ଦ୍ର ମାଝି, ତ୍ରିଲୋଚନ ଭୁଏ ଜଣାଇଛନ୍ତି।


ବଡତେଲେନପାଲି ଗ୍ରାମବାସୀ ଜିଲାପାଳ କାର୍ଯ୍ୟାଳୟକୁ ଅଭିଯୋଗ ପାଇଁ ଆସିଛନ୍ତି।

# ହକ୍ ଲାଗି ଲଢ଼ଇ ଜାରି ରହିବ

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୋଶଲ ସେନାର ସ୍ମାରକ ପତ୍ର

ଲୋଇସିଂହା,୧।୮(ଡି.ଏନ.ଏ)


କୋଶଲ ସେନା ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ପଶ୍ଚିମ ଓଡିଶା ପ୍ରତି ବୈମାତୃକ ମନପୋଷଣ ପ୍ରତିବାଦରେ ବଲାଙ୍ଗୀର ଜିଲା କୋଶଲ ସେନା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସୋମବାର ଲୋଇସିଂହା ବିଡିଓ ବିଜୟ କୁମାର ହୋତାଙ୍କ ଜରିଆରେ ପ୍ରଦାନ କରାଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ଜିପିଓ କିଶୋର ମାନସିଂ ସ୍ମାରକ ପତ୍ର ଗ୍ରହଣ କରିଥିଲେ। କୋଶଲ ସେନା ଜିଲା ସଭାପତି କୌସ୍ତୁବ ସାହୁଙ୍କ ନେତୃତ୍ୱରେ ନୟୁ ଖାନ, ଅଜିତ ବେହେରା, ଦେବ ପଣ୍ଡା, ଜିତୁ ସାହୁ ପ୍ରମୁଖ ବ୍ଲକ କାର୍ଯ୍ୟାଳୟ ଯାଇ ସ୍ମାରକ ପତ୍ର ଦେଇଥିଲେ । ସଭାପତି ଶ୍ରୀ ସାହୁ କହିଛନ୍ତି ନିକଟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୬୮୯୧ ମାଧ୍ୟମିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଯୁକ୍ତି ଦେଇଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ସୋମବାର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଛି। ହେଲେ ପରିତାପର ବିଷୟ ଯେ ପଶ୍ଚିମ ଓଡିଶାରେ ମାତ୍ର ୫୨୦ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି । ଶିକ୍ଷକ ନିଯୁକ୍ତି ହେଉକି ବିକାଶ କ୍ଷେତ୍ରରେ ପଶ୍ଚିମ ଓଡିଶା ପ୍ରତି ରାଜ୍ୟ ସରକାର ବୈମାତୃକ ମନପୋଷଣ କରୁଛନ୍ତି। ଏହାକୁ କୋଶଲ ସେନା ନିନ୍ଦା କରୁଛି । ପଶ୍ଚିମ ଓଡିଶା ପ୍ରତି ଆଉ ପାତରଅନ୍ତର ଚଳିବ ନାହିଁ । ପଶ୍ଚିମ ଓଡିଶାର ହକ ଲାଗି ଲଢାଇ ଜାରି ରହିବ ବୋଲି କୋଶଲ ସେନା ପକ୍ଷରୁ କୁହାଯାଇଛି ।

### ଭୋଟର ତାଲିକା ପଞ୍ଜୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ବଲାଙ୍ଗୀର ଅଫିସ,୧।୮

ବଲାଙ୍ଗୀର ଜିଲାରେ ଭୋଟର ତାଲିକାରେ ସଂଶୋଧିତ ରୂପାନ୍ତରିତ ପଞ୍ଜୀକରଣ ସୋମବାରଠାରୁ ଆରମ୍ଭ ହୋଇଛି। ଜିଲାପାଳ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ମହେନ୍ଦ୍ର କୁମାର ମହାପାତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟର ବିଜ୍ଞପ୍ତି ଦ୍ୱାରା ଲୋକ ପ୍ରତିନିଧି ଆଇନ ୧୯୫୦ ଧାର ୨୮ ଅନୁସାରେ ଭୋଟର ପଞ୍ଜୀକରଣ (ସଂଶୋଧନ) ଆଇନ ୨୦୨୨ରେ ପଞ୍ଜୀକରଣ କରାହେବ। ପଞ୍ଜୀକରଣ ଫର୍ମରେ କେତେକ ସଂଶୋଧନ କରାଯାଇଛି। ରୂପାନ୍ତରିତ ପଞ୍ଜୀକରଣ ଫର୍ମ ୨୦୨୨ ମସିହା ଅଗଷ୍ଟ ୧ରୁ କାର୍ଯ୍ୟକାରୀ ହେବ। ନୂଆ ଭୋଟରମାନେ କିଭଳି ସେମାନଙ୍କ ନାମ ପଞ୍ଜୀକୃତ କରିପାରିବେ, ଗୋଟିଏ ନିର୍ବାଚନ ମଣ୍ଡଳୀରୁ ଅନ୍ୟ ନିର୍ବାଚନ ମଣ୍ଡଳୀକୁ ସ୍ଥାନାନ୍ତରଣ କେଉଁ ଫର୍ମ ମାଧ୍ୟମରେ କରି ପାରିବେ ସେନେଇ ଏଡିଏମ୍ ମହାପାତ୍ର ସୂଚନା ଦେଇଥିଲେ। କେଉଁ ଫର୍ମରେ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ ହେବ ତା ଉପରେ କହିଥିଲେ। ବର୍ତ୍ତମାନ ଗୋଟିଏ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସକାଶେ ଗୋଟିଏ ଯୋଗ୍ୟତାସୂଚକ ତାରିଖ ପରିବର୍ତ୍ତେ ୪ଟି ଯୋଗ୍ୟତା ସୂଚକ ତାରିଖ ଯଥା ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ନିର୍ବାଚନ ଭାରପ୍ରାପ୍ତ ଅଧିକାରୀ ଫାଲଗୁନୀ ଶବର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ବିଡିଓଙ୍କୁ ୫ଦଫା ଦାବିପତ୍ର

ଜୁନାଗଡ,୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଓଡିଶା ସରକାରୀ ହାଇସ୍କୁଲ ଇନିସିଆଲ ଆପୋଇଣ୍ଟି ଶିକ୍ଷକ ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ହାଇସ୍କୁଲ ଇନିସିଆଲ ଆପୋଇଣ୍ଟି ଶିକ୍ଷକମାନଙ୍କୁ ସରକାର ୨୫ ହଜାର ୩ ଶହ ଟଙ୍କା ଦରମା ଦେଉଥିବାରୁ ତାହାକୁ ଓଆରଏସ୍‌ପି ୨୦୧୭ ନିୟମ ଅନୁଯାୟୀ ୩୫ ହଜାରକୁ ବର୍ଦ୍ଧିତ କରାଯାଉ, ନିୟମିତ ସରକାରୀ ଶିକ୍ଷକମାନେ ଯେଉଁ ସବୁ କାମ କରୁଛନ୍ତି ସେ ସବୁ ସମାନ କାମ ଇନିସିଆଲ ଆପୋଇଣ୍ଟି ଶିକ୍ଷକ କାମ କରୁଛନ୍ତି, ତେଣୁ ନିୟମିତ ଶିକ୍ଷକଙ୍କୁ ଯେମିତି ସରକାର ସୁବିଧା ଯୋଗାଉଛନ୍ତି। ସେହିପରି ଇନିସିଆଲ ଆପୋଇଣ୍ଟି ଶିକ୍ଷକ ମଧ୍ୟ ପ୍ରଦାନ କରାଯାଉ। ୬ ବର୍ଷ ଠିକା ସମୟକୁ ମୂଳ ଚାକିରିରେ ଯୋଗ କରାଯାଉ ଆଦି ପ୍ରମୁଖ ଦାବି ରହିଛି। ଜିଲା ସଭାପତି ଅକ୍ଷୟ କୁମାର ସତନାମିଙ୍କ ନେତୃତ୍ୱରେ ଏହିଦାବିପତ୍ର ପ୍ରଦାନ ସମୟରେ ଉପସଭାପତି ସଞ୍ଜୀବ ନାଏକ, ମାନସ ରଞ୍ଜନ ବେମାଲ, ବିବେକାନନ୍ଦ ସୁନାନୀ, ଜୁନାଗଡ ବ୍ଲକ ସଭାପତି ପ୍ରଦ୍ୟୁମ୍ନ ରଣା ଉପସ୍ଥିତ ଥିଲେ।


ବିଡିଓଙ୍କୁ ହାଇସ୍କୁଲ ଇନିସିଆଲ ଆପୋଇଣ୍ଟି ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଚିକିତ୍ସାଧୀନ ଡ୍ରାଇଭରଙ୍କ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଲା

ନୂଆପଡ଼ା ଅଫିସ,୧।୮

ନୂଆପଡ଼ା ଜିଲା କୋମନା ଥାନା ତରବୋଡ କେନ୍ଦୁପତ୍ର ଗୋଦାମ ପାଖରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଶନିବାର ବିଳମ୍ବିତ ରାତିରେ ୨ ଟ୍ରକ୍ ମୁହାମୁହିଁ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଅନ୍ୟ ଜଣେ ଡ୍ରାଇଭାରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ମଧ୍ୟପ୍ରଦେଶ କଠୋଲି ଗ୍ରାମର ରାଜୁ ରାୱାୟ (୨୮) ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ହେଲପର ଜିତେନ୍ଦ୍ର ରାୱଲ (୨୦)ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି। ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ଦୁର୍ଘଟଣା ଦିନ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ସର୍ଗିଗୁଡାର ଅଭିଷେକ ପ୍ରଧାନ (୨୯) ଓ କଳାହାଣ୍ଡି ଜିଲା ଛେଲିଆମାଲ ଗାଁର ଧର୍ମେନ୍ଦ୍ର ମହରା (୩୩) ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଶନିବାର ରାତ୍ରିରେ ଟ୍ରକ୍ (ନଂ. ଓଡି ୧୮ଏଫ୍ ୩୫୧୪) କୋମନା ପଟୁ ନୂଆପଡ଼ା ପଟେ ଆସୁଥିବାବେଳେ ଅନ୍ୟ ଏକ ଟ୍ରକ୍ (ନଂ. ସିଜି ୦୪ଏନଏଚ ୧୩୯୭) ନୂଆପଡ଼ା ପଟୁ କୋମନା ପଟେ ଯାଉଥିଲା। ମୁହାଁମୁହିଁ ଧକ୍କା ହେବାରୁ କୋମନା ପଟୁ ଆସୁଥିବା ଟ୍ରକର ଡ୍ରାଇଭର, ହେଲପରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ନୂଆପଡ଼ା ପଟୁ ଯାଉଥିବା ଟ୍ରକ୍ ଡ୍ରାଇଭର, ହେଲପର ଗୁରୁତର ଆହତ ହୋଇଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେଲପଡା, ୧।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ସୁଲେକେଲା ଧରମସିଂ ହାଇସ୍କୁଲ ଖେଳ ଶିକ୍ଷକ ଅଭୟ କୁମାର ସିଂ ବୁଡେକଙ୍କୁ ସ୍କୁଲ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସୋମବାର ପ୍ରଧାନଶିକ୍ଷକ ପଦ୍ମମୁଖ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳୀନ ସଭାରେ ଶିକ୍ଷକ କାଳାଚାନ୍ଦ ପଧାନ, ତପନ ବାଗ, ଆଲୋକ ମେହେର, ବର୍ଷାରାଣି ଭଟାଗୁରିଆ, ସୌମ୍ୟାମୟୀ ପଧାନ ପ୍ରମୁଖ ଯୋଗଦେଇ ବୁଡେକଙ୍କ ଶିକ୍ଷକତା ଜୀବନର ସ୍ମୃତିଚାରଣ କରିଥିଲେ। ଶିକ୍ଷକ ବୁଡେକ ଏହି ବିଦ୍ୟାଳୟରେ ୧୯୮୩ ମସିହାରେ ଯୋଗଦାନ କରି ୨୦୨୨ଜୁଲାଇ ୩୧ ତାରିଖରେ ଅବସର ନେଇଛନ୍ତି। ଖେଳ ସହ ସେ ଇଂଲିଶ, ସାମାଜିକ ବିଜ୍ଞାନ, ସାହିତ୍ୟ ବିଷୟରେ ଉଚ୍ଚକୋଟୀର ଶିକ୍ଷାଦାନ କରି ସେ ପ୍ରସିଦ୍ଧି ଲାଭ କରିଥିଲେ। ପରେ ବୁଡେକଙ୍କୁ ବିଦ୍ୟାଳୟ ତରଫରୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

# ମୃତକଙ୍କ ପରିବାର ଜିଲାପାଳଙ୍କ ଦ୍ୱାରସ୍ଥ


ଜିଲାପାଳ କାର୍ଯ୍ୟାଳୟକୁ ସହାୟତା ଦାବି କରିବାକୁ ଆସିଥିବା ପଧାନ ପରିବାର।

ବଲାଙ୍ଗୀର ଅଫିସ,୧।୮

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ସୋନପୁର ଜିଲା ଖାରୀ ନିକଟବର୍ତ୍ତୀ ବଡବାହାଲି ଛକରେ ଗତ ଜୁଲାଇ ୧୨ ତାରିଖରେ ଜଣେ ମହିଳା ପୋଲିସ ଇନ୍ସପେକ୍ଟରଙ୍କ କାର ଧକ୍କାରେ ଅଟୋରିକ୍ସାରେ ବସିଥିବା ୩ ଜଣ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣାରେ ବଲାଙ୍ଗୀର ଜିଲା ପୁଇଁତଲା ଥାନା ରାଘବପାଲି ଗ୍ରାମର ସତ୍ୟ ପଧାନଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି। ସ୍ତ୍ରୀ ସୁଲୋଚନା ପଧାନ, ଦଶମ ଶ୍ରେଣୀରେ ପଢୁଥିବା ଝିଅ ପୂଜା ଏବଂ ସପ୍ତମ ଶ୍ରେଣୀରେ ପଢୁଥିବା ପୁଅ ଶୁଭମ୍ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ସହାୟତା ମାଗିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ଚଳାଇବା ତାଙ୍କ ପକ୍ଷରେ କଷ୍ଟକର ହୋଇପଡିଥିବାବେଳେ ଦୁଇ ଝିଅପୁଅଙ୍କୁ କିଭଳି ପାଠ ପଢ଼ାଇ ମଣିଷ କରିବେ ବୋଲି ପ୍ରଶ୍ନ କରିଥିଲେ। ସରକାର ଦୁଇ ଝିଅପୁଅଙ୍କ ସମ୍ପୂର୍ଣ୍ଣ ଶିକ୍ଷାଖର୍ଚ୍ଚ ବହନ କରିବା ସହ ତାଙ୍କୁ କିଛି ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ।

# ଥଇଥାନ ଦାବିରେ ଉଠା ଦୋକାନୀଙ୍କ ବିକ୍ଷୋଭ

ଟିଟିଲାଗଡ଼, ୧।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ସହର ରାସ୍ତାକଡରେ ଦୀର୍ଘ ପ୍ରାୟ ୨୦ ବର୍ଷରୁ ଅଧିକ କାଳ ଧରି ଦୋକାନ କରିଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ ବିରୋଧରେ ଉଠା ଦୋକାନୀ ସଂଘ ସୋମବାର ରାସ୍ତାକୁ ଓହ୍ଲାଇଛି। ଗତ ତିନି ବର୍ଷ ଧରି ଏପରିକି କରୋନା ମହାମାରି ସମୟରେ ପୌର ପ୍ରଶାସନ ପକ୍ଷରୁ ବୁଲଡୋଜର ସହାୟତାରେ ଉଠା ଦୋକାନ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ତେବେ ଅନ୍ୟ କୌଣସି ବିକଳ୍ପ ନପାଇ ପୁଣି ରାସ୍ତାକୁ ଚାଲିଥିବା ଦୋକାନୀଙ୍କୁ ଗତ ଦୁଇ ଦିନ ତଳେ ପୁଣି ପୌର ପରିଷଦ ପକ୍ଷରୁ ବୁଲଡୋଜର ମାଡ ହୋଇଛି। ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାଠାରୁ ବାଳକ ହାଇସ୍କୁଲ ପଡିଆ ପର୍ଯ୍ୟନ୍ତ ରାସ୍ତାକଡ ଉଚ୍ଛେଦ ଯୋଗୁଁ ୬୩ ଦୋକାନୀ ପରିବାର ରୋଜଗାରହରା ହୋଇଛନ୍ତି। ବାରମ୍ବାର ପୌର ପ୍ରଶାସନ ଉଚ୍ଛେଦ କରୁଥିବା ବେଳେ ସେମାନଙ୍କୁ ଥଇଥାନ କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ କରି ଉଠା ଦୋକାନୀ ବିଭିନ୍ନ ବ୍ୟାନର, ପ୍ଲାକାର୍ଡ ସହ ସୋମବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରୁ ପ୍ରତିବାଦ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ସେମାନଙ୍କ ପ୍ରତି ଅନ୍ୟାୟ ନେଇ ନାରାବାଜି କରିଥିଲେ। ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଦସ୍ୟ ନରସିଂ, ଭାଜପା ନେତା ଆଶିଷ ସାହୁ, ପବିତ୍ର ସାହୁ, କୋଶଲ ଯୁବ ମୋର୍ଚ୍ଚା ସଂଗ୍ରାମୀ ଆଲୋକ ସାହୁ, ଦୋକାନୀ ଧନଞ୍ଜୟ ବେହେରା ପ୍ରମୁଖ ସହରରେ ବିତ୍ତଶାଳି ଲୋକେ ରାସ୍ତାକୁ ଆବୋରି ସ୍ଥାୟୀ ଦୋକାନ ନିର୍ମାଣ କରିଥିବା ବେଳେ କେବଳ ଗରିବଙ୍କୁ ଟ୍ରାଫିକ ସମସ୍ୟା ନାମରେ ଉଚ୍ଛେଦ କରିବା ଅନ୍ୟାୟ ବୋଲି କହିଥିଲେ। ପରେ ପୌର ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ଏନେଇ ଏକ ଦାବି ପତ୍ର ପ୍ରଦାନ ସହ ପୌରାଧ୍ୟକ୍ଷା ମମତା ଜୈନ, ଭାଜପା ଜିଲା କାର୍ଯ୍ୟକାରିଣୀ କମିଟି ସଦସ୍ୟ ନବିନ ଜୈନ, ବଜରଙ୍ଗ ଗୋୟଲ, ଦୋକାନୀ ହିମାଂଶୁ ସାହୁ, ସୁଶାନ୍ତ ମିଶ୍ର, ଲଳିତ ସାହୁ, ନିଲ ସାହୁ, ପ୍ରଶାନ୍ତ ମେହେର, ବଳଦେବ ଜାଲ ପ୍ରମୁଖଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ମୁଖ୍ୟରାସ୍ତାକୁ ବାଦ ଦେଇ ଅନ୍ୟ ଗଳି ରାସ୍ତାରେ ଅସ୍ଥାୟୀ ଭାବରେ ଦୋକାନ ଲଗାଇଲେ ତାଙ୍କର କୌଣସି ଆପତ୍ତି ନାହିଁ ବୋଲି ନିର୍ବାହି ଅଧିକାରୀ କହିଛନ୍ତି।



ଉଠା ଦେକାନୀ ସଂଘ ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା।

**୫.୮୩ କୋଟି ଆଇଟିଆର୍ ଦାଖଲ**

**ନୂଆଦିଲ୍ଲୀ:** ଗତ ଆର୍ଥିକ ବର୍ଷ (୨୦୨୧-୨୨)ର ଆୟକର ରିଟର୍ନ (ଆଇଟିଆର୍) ଦାଖଲର ଶେଷ ତାରିଖ ୨୦୨୨ ଜୁଲାଇ ୩୧ ରହିଥିଲା। ଏହି ସମୟ ସୀମା ମଧରେ ଦେଶର ୫.୮୩ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀ ଆୟକର ରିଟର୍ନ ଦାଖଲ କରିଥିବା ନେଇ ସୋମବାର ଆୟକର ବିଭାଗର ବିଭାଗୀୟ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିଭଳି ଜୁଲାଇ ୩୧ ରବିବାର ସତ୍ତ୍ୱେ ମଧ ୭୨ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ଆୟକର ଦାଖଲର ଶେଷ ସମୟ ସୀମା ସୁଦ୍ଧା ଦାଖଲ କରିଥିବା ବିଭାଗୀୟ ୱେବସାଇଟରେ ଉଲ୍ଲେଖ କରାଯାଇଛି। ସେହିପରି ରିଟର୍ନ ଦାଖଲ ତାରିଖ ବୃଦ୍ଧି ନେଇ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ସୂଚନା ଦିଆଯାଇନାହିଁ।

**ସଂକ୍ଷେପରେ**

## ଏମ୍ଏସ୍ଆଇଏଲ୍ର ୮.୨୮% ବିକ୍ରି

**ନୂଆଦିଲ୍ଲୀ,୧।୮:** ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକୀ ଇଣ୍ଡିଆ ଲିମିଟେଡ୍ (ଏମ୍ଏସ୍ଏଲ୍ଆଇ) ପକ୍ଷରୁ ସୋମବାର ଘୋଷଣା କରାଯାଇଛି ଯେ ଚଳିତ ବର୍ଷ ଜୁଲାଇରେ ମୋଟ ବିକ୍ରିରେ ୮.୨୮ ପ୍ରତିଶତ ବୃଦ୍ଧି ହୋଇ ୧,୭୫,୯୧୬ ୟୁନିଟ୍ ହୋଇଛି। ସେହିଭଳି ଗତ ବର୍ଷ ସମାନ ଅବଧି ମଧରେ କମ୍ପାନୀ ମୋଟ ୧,୬୨,୪୬୨ ୟୁନିଟ୍ ଯାନ ବିକ୍ରି କରିଥିଲା ବୋଲି ଜଣାପଡିଛି। ଅପରପକ୍ଷରେ କମ୍ପାନୀର ଘରୋଇ ଯାତ୍ରୀବାହୀ ଯାନ ବିକ୍ରି ଗତ ମାସରେ ୬.୮୨% ବୃଦ୍ଧି ପାଇ ୧,୪୨,୮୫୦ ୟୁନିଟ୍ରେ ପହଞ୍ଚିଛି। ୨୦୨୧ ଜୁଲାଇରେ କମ୍ପାନୀ ୧,୩୩,୭୩୨ ୟୁନିଟ୍ ଯାନ ବିକ୍ରି କରିଥିଲା। ସେହିଭଳି ଇଲେକ୍ଟ୍ରୋନିକ୍ ଉପାଦାନଗୁଡ଼ିକର ଅଭାବ ମୁଖ୍ୟତଃ ଘରୋଇ ବଜାର ଯାନ ଉତ୍ପାଦନ ଉପରେ ସାମାନ୍ୟ ପ୍ରଭାବ ପକାଇଥିଲା ବୋଲି କମ୍ପାନୀ ମତବ୍ୟକ୍ତ କରିଛି।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୧।୮:** ଲଗାତର ୪ର୍ଥ ଦିନ ପାଇଁ ଷ୍ଟକ୍ ବଜାର ଶେୟାର ବୃଦ୍ଧି ପାଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ଦଲାଲ ଷ୍ଟ୍ରିଟ୍ର ନିବେଶକଙ୍କ ମଧରେ ଉତ୍ସାହ ପରିଲକ୍ଷିତ ହୋଇଛି। ଅନ୍ତର୍ଜାତୀୟ ତୈଳ ବଜାରରେ କ୍ରମାଗତ ଦର ହ୍ରାସ ଏବଂ ଭାରତୀୟ ମୁଦ୍ରାର ସୁଧାର ଯୋଗୁ ଷ୍ଟକ୍ ମାର୍କେଟର ୧ମ କାର୍ଯ୍ୟ ଦିବସରେ ମଧ କାରବାର ଭଲ ରହିଛି। ସୋମବାର ଉଭୟ ସେନ୍ସେକ୍ସ ଓ ନିଫ୍ଟିରେ ୧% ରୁ ଉର୍ଦ୍ଧ୍ୱ ଶେୟାର ବୃଦ୍ଧି ଘଟିଛି। ଫଳରେ ସେନ୍ସେକ୍ସ ୫୪୫ (୫୪୫.୨୫) ପଏଣ୍ଟ ବୃଦ୍ଧି ଘଟି ୫୮,୧୧୫ (୫୮,୧୧୫.୫୦) ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୧୮୨ (୧୮୧.୮୦) ପଏଣ୍ଟ ବଢ଼ି ୧୭,୩୪୦ (୧୭,୩୪୦.୦୫) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଷ୍ଟକ୍ ବଜାରର ୧ମ କାର୍ଯ୍ୟ ଦିବସରେ ବିଶେଷ କରି ବ୍ୟାଙ୍କ, ଆଇଟି ଓ ମେଟାଲ ଏପରିକି ସେକ୍ଟୋରିଆଲ କ୍ଷେତ୍ରରେ ମଧ ଉନ୍ନତି ପରିଲକ୍ଷିତ ହୋଇଛି।

# ଜୁଲାଇରେ ଜିଏସ୍ଟି ସଂଗ୍ରହ ୨୮% ବୃଦ୍ଧି

**ନୂଆଦିଲ୍ଲୀ,୧।୮**




### ୨ୟ ସର୍ବାଧିକ ଟିକସ ୧.୪୯ ଟ୍ରିଲିୟନରେ ରହିଛି

ଭାରତୀୟ ଅର୍ଥନୀତିକୁ ମଜଭୁତ କରିବା ସହ ଦେଶର ବିକାଶ ପାଇଁ ଆବଶ୍ୟକ ପାଣ୍ଠି ସରକାର ଦେଶବାସୀଙ୍କ ଟିକସଦାତାଙ୍କଠାରୁ ଟିକସ ଆକାରରେ ଆଦାୟ କରିଥାନ୍ତି। ଏପରିକି ଦେଶବାସୀଙ୍କୁ ଉତ୍ତମ ସେବା ଓ ବିଭିନ୍ନ କର ପ୍ରଦାନରୁ ମୁକ୍ତ କରି ସାରା ଦେଶରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍ଟି) ନାମରେ ଏକକ ଟିକସ ପ୍ରଣୟନ କରିଥିଲେ। ଦେଶରେ ଜିଏସ୍ଟି ବ୍ୟବସ୍ଥା ଲାଗୁ ହେବା ପରଠାରୁ ପ୍ରତି ବର୍ଷ ଏବଂ ମାସରେ ମଧ ଟିକସ ସଂଗ୍ରହ ପୂର୍ବାପେକ୍ଷା ଭଲ ରହୁଛି। ବିଶେଷକରି ପ୍ରତି ମାସ ଜିଏସ୍ଟି ଟିକସ ସଂଗ୍ରହ ବୃଦ୍ଧି ପାଉଛି। ଫଳରେ ଚଳିତବର୍ଷ ଜୁଲାଇରେ ଜିଏସ୍ଟି ସଂଗ୍ରହ ପ୍ରାୟ ୧.୪୯ ଟ୍ରିଲିୟନ ଟଙ୍କା ହୋଇଛି। ଗତବର୍ଷ ଜୁଲାଇ ତୁଳନାରେ ଚଳିତବର୍ଷ ଏହା ୨୮% ବୃଦ୍ଧି ଘଟିଛି।

ସେହିଭଳି ଜୁଲାଇରେ ସଂଗୃହୀତ ଟିକସ ଦେଶର ୨ୟ ସର୍ବାଧିକ ଟିକସ ସଂଗ୍ରହ ବୋଲି କୁହାଯାଉଛି। ଗତ ଏପ୍ରିଲରେ ସର୍ବାଧିକ ଜିଏସ୍ଟି ସଂଗ୍ରହ ୧.୬୮ ଟ୍ରିଲିୟନ ଟଙ୍କା ରେକର୍ଡ ହୋଇଛି। ସେହିପରି ଲଗାତର ୫ମାସ ପାଇଁ ଜିଏସ୍ଟିର ମାସିକ ସଂଗ୍ରହ ୧.୪ ଟ୍ରିଲିୟନରୁ ଅଧିକ ହୋଇଛି ବୋଲି ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷରେ ସରକାରଙ୍କ ସୂଚନା ଅନୁଯାୟୀ ଚଳିତବର୍ଷ ଜୁଲାଇ ପର୍ଯ୍ୟନ୍ତ ଜିଏସ୍ଟି ରାଜସ୍ୱ ବର୍ଷ ତୁଳନାରେ ୩୫% ବୃଦ୍ଧି ପାଇଛି। ନିକଟ ଅତୀତରେ ଜିଏସ୍ଟି ପରିଷଦ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକର ଏହା ଏକ ସ୍ପଷ୍ଟ ପ୍ରଭାବ, ଅର୍ଥନୈତିକ ପୁନରୁଦ୍ଧାର ସହ ଉତ୍ତମ ରିପୋର୍ଟ ଜିଏସ୍ଟି ରାଜସ୍ୱ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଉଛି ବୋଲି ମନ୍ତ୍ରଣାଳୟ ମତବ୍ୟକ୍ତ କରିଛି।

ସରକାରୀ ତଥ୍ୟ ଅନୁଯାୟୀ ଚଳିତବର୍ଷ ଜୁନ୍ରେ ୭୪.୫ ନିୟୁତ ଇ-ୱେ ବିଲ୍ ସୃଷ୍ଟି ହୋଇଥିଲା। ମେ' ମାସରେ ୭୩.୬ ମିଲିୟନ ତୁଳନାରେ ସାମାନ୍ୟ ଅଧିକ ରହିଛି ବୋଲି କୁହାଯାଇଛି।

ଚଳିତ ମାସର ମୋଟ ରାଜସ୍ୱ ସଂଗ୍ରହ ମଧ୍ୟରୁ କେନ୍ଦ୍ରୀୟ ଜିଏସ୍ଟି ୨୫,୭୫୧ କୋଟି ଟଙ୍କା ଥିବାବେଳେ ରାଜ୍ୟ ଜିଏସ୍ଟି ୩୨,୮୦୭ କୋଟି, ଇଣ୍ଟିଗ୍ରେଟେଡ୍ ଜିଏସ୍ଟି ୭୯,୫୧୮ କୋଟି ଟଙ୍କା ଏବଂ ସେସ୍ ସଂଗ୍ରହ ୧୦,୯୨୦ କୋଟି ଟଙ୍କା ରହିଛି। ସେହିପରି ମନ୍ତ୍ରଣାଳୟ କହିବା ଅନୁସାରେ ସରକାର ସିଜିଏସ୍ଟିକୁ ୩୨,୩୬୫ କୋଟି ଏବଂ ଏସ୍ଜିଏସ୍ଟିକୁ ୨୬,୭୭୪ କୋଟି ଟଙ୍କା ଆଇଜିଏସ୍ଟିରୁ ପ୍ରଦାନ କରାଯିବ। ସେହିଭଳି ନିୟମିତ ସମାଧାନ ପରେ ଜୁଲାଇରେ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ମୋଟ ରାଜସ୍ୱ ସିଜିଏସ୍ଟି ପାଇଁ ୫୮,୧୧୬ କୋଟି ଏବଂ ଏସ୍ଜିଏସ୍ଟି ପାଇଁ ୫୯,୫୮୧ କୋଟି ଟଙ୍କା ହେଉଛି। ଜୁଲାଇରେ ସାମଗ୍ରୀ ଆମଦାନୀରୁ ଆୟ ୪୮%ରୁ ଉର୍ଦ୍ଧ୍ୱ ଥିବାବେଳେ ଘରୋଇ କାରବାରରୁ ଆୟ (ସେବା ଆମଦାନୀକୁ ଅନ୍ତର୍ଭୁକ୍ତ କରି) ଗତବର୍ଷ ସମାନ ଅବଧିର ଏହି ଉତ୍ସରୁ ଆୟଠାରୁ ୨୨% ଅଧିକ ଥିଲା ବୋଲି କୁହାଯାଇଛି।

# ଆପୋଲୋରେ ଅଭିନବ ପରୀକ୍ଷା ବ୍ୟବସ୍ଥା




**ଭୁବନେଶ୍ୱର,୧।୮**

ରକ୍ତ ପରୀକ୍ଷାରୁ ହିଁ ଚିହ୍ନଟ ହୋଇପାରିବ ସ୍ତନ କର୍କଟ ରୋଗ। ରକ୍ତ ପରୀକ୍ଷା କ୍ଷେତ୍ରରେ ଏହି ବୈପ୍ଳବିକ ପରିବର୍ତ୍ତନ ସହ କର୍କଟ ରୋଗରୁ ମହିଳାମାନଙ୍କର ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍ପିଟାଲ ପକ୍ଷରୁ ଆରମ୍ଭ ହୋଇଛି 'ଇଜି ଚେକ୍ ବ୍ରେଷ୍ଟ କ୍ୟାନସର୍' ଭଳି ଏକ ଅଭିନବ ପରୀକ୍ଷା ବ୍ୟବସ୍ଥା। ଏହା କର୍କଟ ରୋଗ ଚିହ୍ନଟ କ୍ଷେତ୍ରରେ ସର୍ବବୃହତ ବୈଷୟିକ ସଫଳତା ବୋଲି କୁହାଯାଉଛି। ଭାରତରେ ଅତ୍ୟାଧୁନିକ ପଦ୍ଧତିରେ କ୍ୟାନସର ଚିକିତ୍ସା ପ୍ରଦାନ କରୁଥିବା ଅଗ୍ରଣୀ ଘରୋଇ ଡାକ୍ତରଖାନା ଆପୋଲୋ ହସ୍ପିଟାଲ ଓ ଡାଟା କ୍ୟାନସର ଜେନେଟିକ୍ସର ସହଭାଗିତାରେ ଏହି ବୈପ୍ଳବିକ ରକ୍ତ ପରୀକ୍ଷା ପଦ୍ଧତି ଆରମ୍ଭ ହୋଇଛି। ଏହି ପଦ୍ଧତିରେ ଲକ୍ଷଣବିହୀନ ମହିଳାଙ୍କଠାରେ ପ୍ରାଥମିକ ଅବସ୍ଥାରୁ ହିଁ ସ୍ତନ କର୍କଟ ହୋଇଛି କି ନାହିଁ ସ୍ପଷ୍ଟ ଜଣାପଡୁଛି। ଏ ସମ୍ପର୍କରେ ଆପୋଲୋ ଭୁବନେଶ୍ୱରର ସିଓଓ ଆଣ୍ଡ ଡିଏମ୍ଏସ୍ ଡା. ଆଲୋକ ଶ୍ରୀବାସ୍ତବ କହିଛନ୍ତି, ଆମ ସମାଜରେ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ପ୍ରବେଶ କରି କାର୍ଯ୍ୟ କରୁଛନ୍ତି। ତେଣୁ ସେମାନଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ଉପଲବ୍ଧ ହେବା ନିଶ୍ଚିତ ଜରୁରୀ। ଏହାଦ୍ୱାରା ଅନେକ ମହିଳାଙ୍କଠାରେ କର୍କଟର ଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ତଥା ପ୍ରତିରୋଧ ଦ୍ୱାରା ସ୍ତନ କର୍କଟର ଭୟାବହତାଠାରୁ ମୂଲ୍ୟବାନ ଜୀବନ ରକ୍ଷା କରିହେବ। ଆପୋଲୋ ହସ୍ପିଟାଲ୍ ସମସ୍ତ ଆପୋଲୋ ଡାକ୍ତରଖାନାଗୁଡ଼ିକରେ ଏହି ସେବା ଉପଲବ୍ଧ କରାଇବା ପାଇଁ ଡାଟାର ଜେନେଟିକ୍ସ ସଂସ୍ଥା ସହ ମିଳିତ ଭାବେ କାର୍ଯ୍ୟ କରୁଛିବୋଲିଶ୍ରୀବାସ୍ତବମତବ୍ୟକ୍ତକରିଛନ୍ତି।



ହାଇ ଲାଇଫ୍ ଏକ୍ଜିବିଶନ ପକ୍ଷରୁ ଆୟୋଜିତ ୨ ଦିନିଆ ଫ୍ୟାଶନ ଆଣ୍ଡ୍ ଲାଇଭ ଷ୍ଟାଇଲ ପ୍ରଦର୍ଶନୀର ଶେଷ ଦିନରେ ଜାତୀୟସ୍ତରର ଡିଜାଇନରଙ୍କ ଦ୍ୱାରା ପ୍ରସ୍ତୁତ ଭିନ୍ନ ଭିନ୍ନ ଅଳଙ୍କାରକୁ ମହିଳା ଡିଜାଇନରମାନେ ପ୍ରଦର୍ଶନ କରୁଛନ୍ତି।

## ଟଙ୍କା ମୂଲ୍ୟରେ ୨୨ ପଇସା ଉନ୍ନତି

**ନୂଆଦିଲ୍ଲୀ,୧।୮**

ଗତ କିଛି ମାସ ହେବ ବିଭିନ୍ନ କାରଣ ଯୋଗୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରି ରହିଛି। ସେହିଭଳି ସୋମବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୨୨ ପଇସା ବୃଦ୍ଧି ଘଟି ୭୯.୦୨ ଟଙ୍କାରେ ରହିଛି। ଉଲ୍ଲେଖଯୋଗ୍ୟ ଯେ ଅନ୍ତର୍ଜାତୀୟ ତୈଳ ବଜାରରେ କ୍ରମାଗତ ଭାବେ ଦର ହ୍ରାସ ହେବା ସହ ଆନ୍ତଃବ୍ୟାଙ୍କ ବୈଦେଶିକ ମୁଦ୍ରା ବଜାର କାରବାରରେ ମଧ ଭାରତୀୟ ମୁଦ୍ରା ତୁଳନାରେ ଡଲାରର ମୂଲ୍ୟ ହ୍ରାସ ଘଟିଥିଲା।

## ୭ ଦିନରେ ୧.୫ଲକ୍ଷ କୋଟି ରାଜସ୍ୱ ଆଦାୟ

**ନୂଆଦିଲ୍ଲୀ,୧।୮**

ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୫-ଜି ସ୍ପେକ୍ଟ୍ରମ ନିଲାମି ସପ୍ତମ ଦିନରେ ପହଞ୍ଚିଛି। ସୋମବାର ମୋଟ ୯ ରାଉଣ୍ଡ ନିଲାମି ପ୍ରକ୍ରିୟା ହୋଇଥିବାବେଳେ ପ୍ରାୟ ୪୩ କୋଟି ଟଙ୍କାର ବିଡିଂ ଆଦାୟ ହୋଇଥିଲା। ଫଳରେ ସ୍ପେକ୍ଟ୍ରମ ବିକ୍ରିରୁ ସରକାର ମୋଟ ଆକାରରେ ୭ ଦିନ ମଧ୍ୟରେ ୧,୫୦,୧୭୩ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛନ୍ତି। ଉକ୍ତ ନିଲାମିରୁ ସରକାର ୮୦,୦୦୦ କୋଟି ଟଙ୍କା ଆୟ କରିବା ନେଇ ଅନୁମାନ କରିଥିଲେ। ସେହିଭଳି ନିଲାମି ପ୍ରକ୍ରିୟାରେ ସାମିଲ କମ୍ପାନୀଗୁଡିକ ୭୫୦୦ କୋଟି ଟଙ୍କା ଦେବାର ଅଛି। ଏହା ପରେ ସରକାର କମ୍ପାନୀଗୁଡିକୁ ଅଗଷ୍ଟ ୧୫ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ସ୍ପେକ୍ଟ୍ରମ ଆବଣ୍ଟନ କରିବେ ବୋଲି ଜଣାପଡ଼ିଛି। ସେହିପରି କମ୍ପାନୀଗୁଡ଼ିକ ସେପ୍ଟେମ୍ବରରୁ ଅକ୍ଟୋବର ଶେଷ ସୁଦ୍ଧା ୫-ଜି ସେବା ଦେଶର ପ୍ରମୁଖ ସହରଗୁଡ଼ିକରେ ଆରମ୍ଭ କରିପାରନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି। ୫ଜି ସ୍ପେକ୍ଟ୍ରମ ନିଲାମିରେ ରିଲାଏନ୍ସ ଜିଓ ଓ ଭାରତୀୟ ଏୟାରଟେଲ ମଧରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ଭୋଡାଫୋନ-ଆଇଡିଆ ଏବଂ ଆଦାନୀ ଗ୍ରୁପର ମଧ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ବିଡିଂ କରିଥିଲେ। ଜୁଲାଇ ୨୬ରୁ ଆରମ୍ଭ ହୋଇଥିବା ୫-ଜି ସ୍ପେକ୍ଟ୍ରମ ନିଲାମରେ ମୋଟ ୭୨ ଗିଗାହଜ୍ ସ୍ପେକ୍ଟ୍ରମ ନିଲାମ ହୋଇଛି। ଆସନ୍ତା ୨୦ ବର୍ଷ ପାଇଁ ଏସବୁ ସ୍ପେକ୍ଟ୍ରମ ନିଲାମ ହୋଇଛି।

**ଫୁରସତ୍**

# ଚର୍ଚ୍ଚାରେ ମାନବ ଚାଲାଣ ପୀଡ଼ିତା



■ ଦେଢ଼ ଲକ୍ଷରେ ବିକିଥିଲେ ପ୍ରେମିକ

■ ନର୍କ ଯନ୍ତ୍ରଣାରୁ ମୁକ୍ତି ପରେ ଜୀବନ ଗଢ଼ୁଛନ୍ତି ଯୁବତୀ

**କୋଲକାତା:** ପଶ୍ଚିମବଙ୍ଗର ୨୨ ବର୍ଷୀୟା ଯୁବତୀ ଖୁବ୍ କମ୍ ବୟସରେ ବହୁ ଦୁଃଖ ଓ କଷ୍ଟର ମୁହୂର୍ତ୍ତ ଦେଇ ଗତି କରିଛନ୍ତି। ବର୍ତ୍ତମାନ ଯୁବତୀ ଜଣଙ୍କ ନୂଆ କରି ନିଜ ଜୀବନ ଆରମ୍ଭ କରିଥିବାବେଳେ ଉଚ୍ଚଶିକ୍ଷା ପାଇଁ ମନବଳାଇଛନ୍ତି। ବହୁ ଘାତ ପ୍ରତିଘାତ ପରେ ଚଳିତବର୍ଷ ସେ ଯୁକ୍ତ ଦୁଇ ପାସ୍ କରିଛନ୍ତି। ଏବେ ସ୍ନାତକ ଡିଗ୍ରୀ ପଢ଼ିବା ଆଗ୍ରହ ପ୍ରକାଶ କରିଛନ୍ତି। ୨୨ ବର୍ଷ ବୟସରେ ଯେଉଁଠି +୩ ପାଠପଢ଼ା ସରିବା କଥା ସେ ବୟସରେ ଡିଗ୍ରୀ ପାଠ ପଢ଼ା ଆରମ୍ଭ କରିବା କଥା ଅଜବ ଲାଗୁଥାଇପାରେ। କିନ୍ତୁ ଯେଉଁ ବୟସରେ ସ୍କୁଲ ଓ କଲେଜ ପଢ଼ିବା କଥା ସେ ବୟସରେ ଯୁବତୀ ଜଣଙ୍କ ତାଙ୍କ ଜୀବନର ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରିଥିଲେ। ମାନବଚାଲାଣ ଜରିଆରେ ଯୁବତୀ ଜଣଙ୍କୁ ୩ ଥର ବିକ୍ରି କରାଯାଇଥିବାବେଳେ ଏକାଧିକ ଥର ତାଙ୍କୁ ବଳାତ୍କାର କରାଯାଇଛି। ଖାଲି ସେତିକି ନୁହେଁ ନିଜ ବୟସର ତିନିଗୁଣା ବୟସର ବ୍ୟକ୍ତିଙ୍କ ସହ ତାଙ୍କ ବାହାଘର ମଧ ହୋଇଥିଲା। ସୋସିଆଲ ମିଡିଆ ଜରିଆରେ ଜଣେ ଯୁବକଙ୍କ ସହ ପ୍ରେମରେ ପଡ଼ିବା ପରେ ୨୦୧୫ ଜାନୁୟାରୀ ୭ରେ କୋଲକାତା ସାଇନ୍ସ ସିଟି ନିକଟରେ ତାଙ୍କୁ ଭେଟିଥିଲେ। ସେଠାରୁ ଦୁହେଁ ବସରେ ୧୦ କି.ମି. ଦୂର ବାବୁଘାଟ ଯାଇଥିଲେ। ସେ ସମୟରେ ଯୁବତୀଙ୍କୁ ମାତ୍ର ୧୫ ବର୍ଷ। ପ୍ରେମିକ ରାହୁଲ ତାଙ୍କୁ ବସ୍ରେ ଛାଡ଼ିଦେଇ ସଙ୍ଗେ ସଙ୍ଗେ ଆସୁଛି କହି କେଉଁଆଡେ ଚାଲିଯାଇଥିଲେ। କିଛି ସମୟ ପରେ ଆଉ ଜଣେ ଯୁବକ ସେଠାକୁ ଆସି ରାହୁଲଙ୍କ ସାଙ୍ଗର ପରିଚୟ ଦେଇ ଯୁବତୀଙ୍କୁ ଟ୍ରେନ୍ରେ ବସେଇ ବିହାର ନେଇଯାଇଥିଲେ। ଉକ୍ତ ଯୁବକଙ୍କୁ ରାହୁଲ ୧.୫ ଲକ୍ଷ ଟଙ୍କାରେ ଯୁବତୀଙ୍କୁ ବିକ୍ରି କରିଦେଇଥିଲେ। ବିହାରରେ ପହଞ୍ଚି ଉକ୍ତ ଯୁବତୀଙ୍କୁ ରାହୁଲଙ୍କ ସାଙ୍ଗ ବୋଲି ପରିଚୟ ଦେଇଥିବା ବ୍ୟକ୍ତି କମଲ ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଲେ। ଏହାପରେ କମଲ ଉତ୍ତର ପ୍ରଦେଶ ବିଜନୋରର ଚିତ୍ରା ନାମ୍ନୀ ମହିଳାଙ୍କୁ ନାବାଳିକାଙ୍କୁ ବିକ୍ରି କରିଦେଲେ। ଚିତ୍ରା ତାଙ୍କ ୪୫ ବର୍ଷୀୟ ଭାଇଙ୍କ ସହ ନାବାଳିକାଙ୍କୁ ବାହା କରିଦେଲେ। ବିବାହର ଗୋଟିଏ ମାସ ପରେ ତାଙ୍କ ସ୍ୱାମୀ ଯୁବତୀଙ୍କୁ ଛାଡ଼ି ଚାଲିଗଲେ। ଏହାପରେ ଚିତ୍ରାଙ୍କ ପୁଅ ବାରମ୍ବାର ନାବାଳିକାଙ୍କୁ ବଳାତ୍କାର କରିଥିଲେ। ବହୁ ନିର୍ଯାତନା ପାଇବା ପରେ ଦିନେ ଯୁବତୀ ଜଣଙ୍କ ଚିତ୍ରାଙ୍କ ମୋବାଇଲରୁ ପଶ୍ଚିମବଙ୍ଗରେ ରହୁଥିବା ତାଙ୍କ ମା'ଙ୍କୁ ଫୋନ୍ କରି ସବୁ କଥା କହିଥିଲେ। ପୋଲିସକୁ ଘଟଣା ସମ୍ପର୍କରେ ସୂଚନା ଦେବା ପରେ ପୀଡ଼ିତାଙ୍କ ମୋବାଇଲ ତଦନ୍ତକାରୀ ଅଧିକାରୀ ଟ୍ରେସ୍ କରିଥିଲେ। ତାଙ୍କ ଫୋନ୍ର ଲାଷ୍ଟ ଲୋକେଶନ୍ ବିହାର ଦେଖାଇଥିବାବେଳେ ପୋଲିସ ସେଠାରୁ ପ୍ରଥମେ ଯୁବତୀଙ୍କ ପ୍ରେମିକ ରାହୁଲଙ୍କୁ ଗିରଫ କଲେ। ଏଥିରେ ଡରିଯାଇ ଚିତ୍ରା କମଲ ସାହାଯ୍ୟରେ ନାବାଳିକାଙ୍କୁ ଅନ୍ୟ ସ୍ଥାନକୁ ପଠାଇବାର ବନ୍ଦୋବସ୍ତ କଲେ। କମଲ ତାଙ୍କର ଜଣେ ସହଯୋଗୀ ବିଶମ ସହ ମିଶି ପୀଡ଼ିତାଙ୍କୁ ଉତ୍ତରାଖଣ୍ଡ କାଶିପୁରର ରେଳ ଜଙ୍କଶନ୍ରେ ନେଇ ଛାଡ଼ିଦେଇଥିଲେ। ଠିକ୍ ସମୟରେ ସିଆଇଡିର ଏକ ଟିମ୍ ସେଠାରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ପଶ୍ଚିମବଙ୍ଗ ନେଇ ଆସିଥିଲେ । ଘଟଣାରେ ମୋଟ ୬ ଜଣଙ୍କୁ ଗିରଫ କରିଛି ସିଆଇଡି। ରାହୁଲ ଓ କମଲଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ମିଳିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ୨୦ ବର୍ଷ ଦଣ୍ଡାଦେଶ ମିଳିଛି। ପ୍ରବଳ ମାନସିକ ଆଘାତ ପାଇବା କାରଣରୁ ପାଖାପାଖି ୧ ମାସ କାଳ ଯୁବତୀ ଜଣଙ୍କ କାହାରି ସହ କଥା ହୋଇ ନ ଥିଲେ କି କହିବାର କ୍ଷମତା ତାଙ୍କ ପାଖରେ ନ ଥିଲା। ଏହାପରେ ଏକ ସରକାରୀ ଆବାସରେ ରହି ଯୁବତୀ ଜଣକ ପାଠପଢ଼ା ଆରମ୍ଭ କରିଥିଲେ।

## 'ଲାଲ୍ ସିଂ ଚଢ୍ଢା': ରିଲିଜ୍ ପୂର୍ବରୁ ବିବାଦ




**ମୁମ୍ବାଇ:** ବଲିଉଡ୍ ଅଭିନେତା ଆମିର ଖାନ୍ଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଲାଲ୍ ସିଂ ଚଢ୍ଢା' ରିଲିଜ୍ ହେବା ପୂର୍ବରୁ ବିବାଦରେ ଛନ୍ଦି ହୋଇପଡ଼ିଛି। ଟୁଇଟର ହାଣ୍ଡେଲରେ ଫିଲ୍ମ ଓ ଅଭିନେତା ଆମିର ଖାନ୍ଙ୍କୁ ବଏକଟ୍ କରିବା ପାଇଁ ଏକ ଟ୍ରେଣ୍ଡ ଆରମ୍ଭ ହୋଇଛି। ତେବେ ଏ ନେଇ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଆମିର ଖାନ୍। ସେ କହିଛନ୍ତି, ମୋ ଫିଲ୍ମକୁ କିମ୍ବା ମୋତେ ବୟକଟ କରା ନ ଯାଉ। କେତେଜଣ ଦେଶବାସୀ ଭାବୁଛନ୍ତି ଯେ, ମୁଁ ଭାରତକୁ ପସନ୍ଦ କରେ ନାହିଁ। ସେହି ବ୍ୟକ୍ତି ବିଶେଷଙ୍କ ଏ ପ୍ରକାର ମନୋବୃତ୍ତି ପାଇଁ ମୁଁ ଦୁଃଖିତ। ସେମାନଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ମିଥ୍ୟା। ମୋତେ ଓ ମୋ ଫିଲ୍ମକୁ ଗୋଟିଏ ସୁଯୋଗ ଦିଆଯାଉ ବୋଲି ଦର୍ଶକଙ୍କ ସମ୍ମୁଖରେ ଆମିର ଗୁହାରି କରିଛନ୍ତି। ୨୦୧୫ରେ ଆମିର ନିଜର ଏକ ସାକ୍ଷାତ୍କାରରେ ଦେଇଥିବା ମନ୍ତବ୍ୟକୁ ଆଧାର କରି ବର୍ତ୍ତମାନ ଟୁଇଟରରେ ବଏକଟ ଟ୍ରେଣ୍ଡ ଆରମ୍ଭ ହୋଇଛି। ଇଣ୍ଟରଭ୍ୟୁରେ ଆମିର କହିଥିଲେ ଦେଶରେ ଅସହିଷ୍ଣୁତା ବଢ଼ିବାରେ ଲାଗିଛି ସେଥିପାଇଁ ଦେଶ ଛାଡ଼ି ଅନ୍ୟ ଦେଶକୁ ସ୍ଥାନାନ୍ତର ହେବା ପାଇଁ ମୋ ସ୍ତ୍ରୀ କିରଣ ରାୟ ମୋତେ କହିଥିଲେ। କିଛିଦିନ ତଳେ ଏହାର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିବାଦ ଆରମ୍ଭ ହୋଇଛି। ଫିଲ୍ମରେ ଆମିର ଖାନ୍ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ କରୀନା କପୁର ଖାନ୍ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ସାଉଥ୍ ଫିଲ୍ମ ଅଭିନେତା ନାଗା ଚୈତନ୍ୟଙ୍କର ଏହା ବଲିଉଡ୍ ଡେବ୍ୟୁ। ଫିଲ୍ମରେ ଅଭିନୟ ସାଙ୍ଗକୁ ଏହାର ସହ ପ୍ରଯୋଜକ ମଧ ଆମିର। ହଲିଉଡ୍ ଫିଲ୍ମ 'ଫୋରେଷ୍ଟ ଗମ୍ପ'ର ରିମେକ୍ ହେଉଛି ଲାଲ୍ ସିଂ ଚଢ୍ଢା।

## ସଂଗ୍ରହାଳୟରେ ପରିଣତ ହେବ ପୁଷ୍ପାବନ୍ତ ରାଜପ୍ରାସାଦ



**ଅଗରତାଲା:** ପ୍ରତିଷ୍ଠିତ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ପାଇଁ ରାଜପ୍ରାସାଦର ଦରବାର ସବୁବେଳେ ଖୋଲା। କିନ୍ତୁ ତ୍ରିପୁରାର ଶତାଧିକ ବର୍ଷ ପୁରୁଣା ପୁଷ୍ପାବନ୍ତ ରାଜପ୍ରାସାଦ ଏବେ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। କାରଣ ଏହି ପ୍ୟାଲେସ୍କୁ ଜାତୀୟ ସ୍ତରୀୟ ସଂଗ୍ରହାଳୟରେ ପରିଣତ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ତେବେ ଏହି ରାଜପ୍ରାସାଦ ସହିତ ପ୍ରସିଦ୍ଧ ଲେଖକ ରବୀନ୍ଦ୍ରନାଥ ଟାଗୋରଙ୍କ ସମ୍ପର୍କ ଖୁବ୍ ମଧୁର ଓ ପୁରୁଣା। ନିଜ ଜୀବନ କାଳ ମଧରେ ରବିନ୍ଦ୍ର ନାଥ ପାଖାପାଖି ୭ ଥର ଏହି ରାଜପ୍ରାସାଦକୁ ଯାଇଛନ୍ତି। ଶହେ ବର୍ଷର ପୁରୁଣା ଏହି ରାଜପ୍ରାସାଦକୁ ୧୯୧୭ରେ ମହାରାଜା ବୀରେନ୍ଦ୍ର କିଶୋର ମାନିକ୍ୟଙ୍କ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିବାବେଳେ ଏହାର ଡିଜାଇନ୍ ମଧ ସେ ନିଜେ ତିଆରି କରିଥିଲେ। ମହାରାଜା ବୀରେନ୍ଦ୍ର ଜଣେ ଉତ୍ତମ ଚିତ୍ରକର। ପ୍ରାସାଦର ପ୍ରତ୍ୟେକ ପ୍ରକୋଷ୍ଠରେ ତାଙ୍କ ଦ୍ୱାରା ଚିତ୍ରିତ ପେଣ୍ଟିଂ ସଜାଇ ହୋଇ ରଖାଯାଇଛି। ୧୯୨୬ରେ ରବୀନ୍ଦ୍ରନାଥ ଶେଷ ଥର ପାଇଁ ତ୍ରିପୁରା ଯାଇଥିବାବେଳେ ପୁଷ୍ପାବନ୍ତ ରାଜପ୍ରାସାଦରେ ସେ ରହିଥିଲେ। ୧୯୪୧ରେ ମହାରାଜା ବୀର ବୀକ୍ରମ କିଶୋର ମାନିକ୍ୟ ପ୍ୟାଲେସ୍ରେ ରବୀନ୍ଦ୍ରନାଥ ଟାଗୋରଙ୍କର ୮୦ ତମ ଜନ୍ମ ବାର୍ଷିକ ପାଳନ କରାଯାଇଥିଲା। ୧୯୪୯ରେ ରାଜାଙ୍କ ଦ୍ୱାରା ଶାସିତ ପ୍ରଦେଶ ସବୁ ଭାରତ ସହ ମିଶିଥିଲା। ପୁଷ୍ପାବନ୍ତ ରାଜ ପ୍ରାସାଦର ପ୍ରାୟ ୪.୩୧ ଏକର ପରିମିତ ସ୍ଥାନ ମଧ ଏଥିରେ ସାମିଲ ହୋଇଥିଲା। ଏହାପରେ ରାଜପ୍ରାସାଦକୁ ମୁଖ୍ୟ କମିଶନରଙ୍କ ବଙ୍ଗଳା ଭାବେ କାର୍ଯ୍ୟକାରୀ କରାଗଲା।




କ୍ଷେତ ମୁଲିଆଙ୍କ ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ ସକାଶେ ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିକ୍ଷୋଭ କରାଯାଉଛି।

# ଦ୍ରୌପଦୀ ମୁର୍ମୁଙ୍କୁ ସମ୍ବର୍ଦ୍ଧନା

## ଆଜି ଦିଲ୍ଲୀ ଗସ୍ତ କରିବ ୨୬ ଜଣିଆ ବିଧାୟକ ଟିମ୍

ଭୁବନେଶ୍ୱର,୧।୮(ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ମଙ୍ଗଳବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ବିଧାନସଭାର ୨୬ ଜଣିଆ ବିଧାୟକ ଟିମ୍ ନୂଆଦିଲ୍ଲୀ ଗସ୍ତ କରି ରାଷ୍ଟ୍ରପତିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ୧୫ ଜଣ, ଭାଜପାର ୬, କଂଗ୍ରେସର ୩ ଏବଂ ଜଣେ ସିପିଏମ୍ ସଦସ୍ୟ ଯିବେ ବୋଲି ଚୂଡ଼ାନ୍ତ ହୋଇଛି। ଏହି ଟିମ୍‌ରେ ଉପବାଚସ୍ପତି ରଜନୀକାନ୍ତ ସିଂ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଧାୟକ ସୁଦାମ ମାର୍ଣ୍ଡି, ଦେବୀ ପ୍ରସାଦ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ପଦ୍ମିନୀ ଦିଆନ, ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ମୋହନ ଚରଣ ମାଝୀ, କୁସୁମ ଟେଟେ, ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଦିଲ୍ଲୀ ଯିବେ। ଅଗଷ୍ଟ ୩ ଅର୍ଥାତ୍ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଧାୟକ ଦଳ ଭେଟି ସମ୍ବର୍ଦ୍ଧନା ଜଣାଇବ। ଦେଶର ସର୍ବୋଚ୍ଚ ଆସନରେ ଅଭିଷିକ୍ତା ଦ୍ରୌପଦୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ନିମନ୍ତେ ଜୁଲାଇ ୨୫ରେ ସର୍ବସମ୍ମତିକ୍ରମେ ବିଧାନସଭାରେ ଆଗତ ସଙ୍କଳ୍ପ ଗୃହୀତ ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏ ସମ୍ପର୍କିତ ସଙ୍କଳ୍ପକୁ ଗୃହରେ ଆଗତ କରିଥିଲେ। ରାଷ୍ଟ୍ରପତିଙ୍କୁ ଭେଟିବା ପୂର୍ବରୁ ସମସ୍ତ ବିଧାୟକଙ୍କ କୋଭିଡ୍ ପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି।

ସପ୍ତଦଶ ଜନ୍ମଦିନ ଶୁଭେଚ୍ଛା



ସ୍ୱୀକୃତି ପଟ୍ଟନାୟକ
ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର
ତୋର ସପ୍ତଦଶ ଜନ୍ମଦିବସ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡି ବାବାଙ୍କ ନିକଟରେ ପ୍ରାର୍ଥନା ସେ ତୋର ଚଲାପଥ ସର୍ବଦା କୁସୁମିତ କରିବା ସହ ତୋତେ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: ବୋଉମା, ମାମି, ପାପା, ମାମା, ମଣ୍ଟୁକାକୁ, ସାନମା, ଟଣ୍ଟୁକାକୁ, କାକୀ, ଚିଣ୍ଟୁକାକୁ, ସାନକାକୀ, ବୁଲୁ ଭାଇନା, ଅପା, ଗୁଡୁ ଭାଇ, ପ୍ରେମ୍, ରାଜ୍, ଶ୍ୱେତା, ସିଦ୍ଧେଶ, ଅଜା, ଆଇ, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୬୭

# ରାଜ୍ୟପାଳଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

## ନଦୀ ପାଇଁ ଚିନ୍ତା ନାହିଁ

ଭୁବନେଶ୍ୱର, ୧।୮(ବ୍ୟୁରୋ)

ନଦୀଗୁଡ଼ିକ ଉପରେ ମାନବ ସଭ୍ୟତା ସର୍ବଦା ନିର୍ଭରଶୀଳ। ଓଡ଼ିଶାର ପ୍ରାୟ ସାଢ଼େ ୪ କୋଟି ଲୋକ ତାଙ୍କ ଦୈନନ୍ଦିନ ଜୀବନରେ ନଦୀ ଉପରେ ନିର୍ଭର କରିବା ସହ କୃଷି, ପଶୁପାଳନ ପାଇଁ ମଧ୍ୟ ସର୍ବଦା ନିର୍ଭର କରିଥାଆନ୍ତି। ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଇନ୍ଦ୍ରାବତୀ, ନାଗାବଳୀ ଓ ତେଲ୍ ନଦୀ ଓଡ଼ିଶାରେ ପ୍ରବାହିତ ହେଉଛି। କିନ୍ତୁ ଅପାରଗ ରାଜ୍ୟ ସରକାରଙ୍କ ଲାଗି ଓଡ଼ିଶାର ନଦୀ ଶୁଷ୍କ ଓ ପ୍ରଦୂଷିତ ହୋଇଗଲାଣି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପାର ଏକ ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି ଯେ, ବିଭିନ୍ନ କଳ କାରଖାନା ଓ ଶିଳ୍ପଗୁଡ଼ିକ ନଦୀରୁ ମାତ୍ରାଧିକ ଜଳ ଶୋଷି ନେଉଛନ୍ତି। ହେଲେ ରାଜ୍ୟ ସରକାର ଜାଣିଶୁଣି ଏ ଦିଗରେ ଚୁପ୍ ରହୁଛନ୍ତି। ନଦୀକୁ ସୁରକ୍ଷା ଦେବା ଲାଗି ଭାଜପାର ନଦୀ ସୁରକ୍ଷା ସମିତିର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଶିଳ୍ପ କାରଖାନା ନଦୀଜଳ ବ୍ୟବହାର ପରେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଯୋଗେ ପରିଷ୍କାର କରି ପୁନର୍ବାର ବ୍ୟବହାର କରିବା କଥା, ମାତ୍ର କମ୍ପାନୀଗୁଡ଼ିକ ମଇଳା ଜଳକୁ ସଫା ନ କରି ସିଧାସଳଖ ନଦୀକୁ ଛାଡୁଛନ୍ତି। ଫଳରେ ନଦୀଜଳ ପ୍ରଦୂଷିତ ହେଉଛି। ଫଳରେ ବିଭିନ୍ନ ଚର୍ମରୋଗ, ହଇଜା, କଲେରା ଓ ଅନ୍ୟାନ୍ୟ ରୋଗ ବ୍ୟାପୁଥିଲେ ମଧ୍ୟ ସରକାର ଏନେଇ କୌଣସି ପଦକ୍ଷେପ ନେଉନାହାନ୍ତି।

# ୪ କଂଗ୍ରେସ ଏମ୍‌ପିଙ୍କ ଉପରୁ ନିଲମ୍ବନ ଉଠିଲା

ନୂଆଦିଲ୍ଲୀ,୧।୮

ଲୋକ ସଭାରୁ ନିଲମ୍ବିତ ହୋଇଥିବା ୪ କଂଗ୍ରେସ ସଦସ୍ୟଙ୍କ ଉପରୁ ବାଚସ୍ପତି ଓମ୍ ବିର୍ଲା ସୋମବାର ନିଲମ୍ବନ ହଟାଇ ଦେଇଛନ୍ତି। ଗୃହରେ ବିଶୃଙ୍ଖଳିତ ଆଚରଣ ନ କରିବା ଏବଂ ପ୍ଲାକାର୍ଡ ନ ଆଣିବା ପାଇଁ ସେମାନଙ୍କୁ ଚେତାବନୀ ଦିଆଯାଇଛି। ଗୃହରେ ପ୍ଲାକାର୍ଡ ଦେଖାଇଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଚସ୍ପତି କହିଛନ୍ତି।

ଗୃହରେ ପ୍ରତିବାଦ କରିବା ସହ ସ୍ଲୋଗାନ ଦେବା ଏବଂ ପ୍ଲାକାର୍ଡ ଓ ପୋଷ୍ଟର ଦେଖାଇଥିବା କଂଗ୍ରେସ ଏମପି ମାଣିକମ ଟାଗୋର, ରମ୍ୟା ହରିଦାସ, ଜୋଥିମାନି ଏବଂ ଟି.ଏନ୍. ପ୍ରଥାପନଙ୍କୁ ଜୁଲାଇ ୨୫ରୁ ମୌସୁମୀ ଅଧିବେଶନ ଶେଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଥିଲା। ସୋମବାର ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବାଚସ୍ପତିଙ୍କ ଅନୁରୋଧ କ୍ରମେ ୪ ଏମ୍‌ପିଙ୍କ ଉପରୁ ନିଲମ୍ବନ ଉଠାଇବା ପାଇଁ ସରକାର ପ୍ରସ୍ତାବ ଆଣିଥିଲେ। ଗୃହରେ ସେମାନଙ୍କ ଆଚରଣ ସମସ୍ତଙ୍କୁ ଆଘାତ ଦେଇଥିଲା। ଗୃହର ମର୍ଯ୍ୟାଦା ଓ ଶିଷ୍ଟତା ରକ୍ଷା କରିବା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ ବୋଲି ବାଚସ୍ପତି ବିର୍ଲା କହିଥିଲେ।

# ଆରମ୍ଭ ହେଲା ଭୋଟର ତାଲିକା ସଂଶୋଧନ

ଭୁବନେଶ୍ୱର, ୧।୮(ବ୍ୟୁରୋ)

- ୧୭ରୁ ଉର୍ଦ୍ଧ୍ୱ ବର୍ଷ ଯୁବକଙ୍କ ଲାଗି ଆଗୁଆ ଆବେଦନ ସୁବିଧା
- ଭୋଟର ତାଲିକାରେ ଆଧାର ସଂଯୋଗୀକରଣ ପ୍ରକ୍ରିୟା ଆରମ୍ଭ
- ପ୍ରତି ୩ ମାସରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ହେବ: ମୁଖ୍ୟ ନିର୍ବାଚନ ଅଧିକାରୀ

କେନ୍ଦ୍ର ସରକାରଙ୍କ ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକପ୍ରତିନିଧି ଆଇନ ୧୯୫୦/୧୯୫୧ର ପରିବର୍ତ୍ତନ କରାଯାଇ ଭୋଟର ତାଲିକାରେ କେତେଗୁଡ଼ିଏ ସଂଶୋଧନ କରାଯାଇଛି। ଏହା ସୋମବାରଠାରୁ କାର୍ଯ୍ୟକାରୀ ହୋଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କହିବାନୁଯାୟୀ, ଭୋଟର ତାଲିକାରେ ନାମ ପଞ୍ଜୀକରଣ ଲାଗି କେବଳ ଫର୍ମ ନମ୍ବର-୬ରେ ଆବେଦନ କରାଯିବ। ପ୍ରବାସୀ ଭାରତୀୟ ନାଗରିକମାନେ ନାମ ପଞ୍ଜୀକରଣ ପାଇଁ ଫର୍ମ ନମ୍ବର-୬(କ)ରେ ଆବେଦନ କରିପାରିବେ। ଫର୍ମ ନମ୍ବର-୭ ଦ୍ୱାରା ଭୋଟର ତାଲିକାରୁ ନାମ ବାଦ୍‌ଦେବା ସହିତ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯାଇପାରିବ। ସେହିପରି ଫର୍ମ ନମ୍ବର-୮ରେ ନିର୍ବାଚନମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତର ନିମନ୍ତେ ଆବେଦନ କରିବା, ଭୋଟର ତାଲିକାରେ ଥିବା ବିବରଣୀଗୁଡ଼ିକର ସଂଶୋଧନ, ପରିଚୟପତ୍ର ବଦଳ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ନିମନ୍ତେ ଆବେଦନ କରିହେବ।

ସେହିପରି ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ ନମ୍ବର-୬(ଖ)ରେ ଆବେଦନ କରାଯିବ। ବୁଥ୍‌ସ୍ତରୀୟ ଅଧିକାରୀ ଭୋଟରଙ୍କଠାରୁ ଆଧାର ତଥ୍ୟ ଫର୍ମ ନମ୍ବର-୬(ଖ)ରେ ସଂଗ୍ରହ କରିବେ। ୨୦୨୩ ଏପ୍ରିଲ ୧ ସୁଦ୍ଧା ତାଲିକାଭୁକ୍ତ ଭୋଟରମାନେ ସେମାନଙ୍କ ଆଧାର ବିବରଣୀ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଛି। ଭୋଟର ତାଲିକାରେ ନାମ ପଞ୍ଜୀକରଣ ଲାଗି ୪ଟି ଯୋଗ୍ୟତାସୂଚକ ତାରିଖ ତଥା ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ତାରିଖ ରହିବ। ପୂର୍ବରୁ କେବଳ ଜାନୁୟାରୀ ୧କୁ ଯୋଗ୍ୟତାସୂଚକ ତାରିଖ ଧରାଯାଉଥିଲା। ୧୭ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଯୁବବର୍ଗ ବର୍ତ୍ତମାନ ସେମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିବା ପାଇଁ ଆଗୁଆ ଆବେଦନ କରିପାରିବେ। ଯେଉଁ ନୂତନ ଭୋଟରଙ୍କ ବୟସ ଉପରୋକ୍ତ ୪ଟି ତାରିଖ ସୁଦ୍ଧା ୧୮ ବର୍ଷ ପୂରଣ ହେଉଥିବ ସେମାନେ ନିଜ ନାମ ପଞ୍ଜୀକରଣ କରିପାରିବେ। ବର୍ତ୍ତମାନଠାରୁ ପ୍ରତି ୩ ମାସରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ହୋଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ବିଧାନସଭା ସମାଚାର

# ରାଜ୍ୟରେ ମୁଣ୍ଡ ପିଛା ଋଣ ୨୨,୦୪୨ଟଙ୍କା

ଭୁବନେଶ୍ୱର, ୧।୮(ବ୍ୟୁରୋ)

ଓଡିଶାର ଏ.ଜି(ମହାଲେଖାକାର)ଙ୍କ ତଥ୍ୟ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟ ସରକାରଙ୍କ ମୋଟ ଋଣ ଭାର୯୭,୭୦୨.୦୩ କୋଟି ଟଙ୍କା ରହିଛି। ଚଳିତ ବର୍ଷ ଅର୍ଥାତ୍ ୨୦୨୨-୨୩ରେ ରାଜ୍ୟ ସରକାର ୨୫,୫୮୯ କୋଟି ଟଙ୍କାର ଋଣ ଆହରଣ କରିବାକୁ ଯୋଜନା ରଖିଛନ୍ତି। ସେହିପରି ୧୪,୦୦୧.୩୧ କୋଟି ଟଙ୍କା ଋଣ ପରିଶୋଧ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ତେବେ ସରକାରଙ୍କ ଏଭଳି ୨୫ ହଜାର କୋଟିରୁ ଅଧିକ ଋଣ ଆଣି ୧୪ ହଜାର କୋଟି ଶୁଝିବାର ଅର୍ଥ କ'ଣ ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ବିଧାନସଭା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ମହାଲେଖାକାରଙ୍କ ତଥ୍ୟ ମୁତାବକ, ୨୦୨୧-୨୨ ଆର୍ଥିକ ବର୍ଷ ଶେଷସୁଦ୍ଧା ରାଜ୍ୟରେ ମୁଣ୍ଡପିଛା ଋଣ ଭାର ପରିମାଣ ୨୨,୦୪୨ ଟଙ୍କା ଅଟେ। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାର ରାଜ୍ୟରେ ମୋଟ୍ ରାଜସ୍ୱ ବାବଦରେ ୧,୬୩,୯୬୬ କୋଟି ୫୨ ଲକ୍ଷ ଟଙ୍କା ସଂଗ୍ରହର ଲକ୍ଷ୍ୟ ରଖିଛନ୍ତି। ସେଥିରୁ ନିଜସ୍ୱ ରାଜସ୍ୱ ଟିକସ ରାଜସ୍ୱ ବାବଦରେ ମୋଟ୍ ୪୬ ହଜାର କୋଟି ଏବଂ ନିଜସ୍ୱ ଅଣରାଜସ୍ୱ ବାବଦକୁ ମୋଟ ୪୮,୨୦୦ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

ମନ୍ତ୍ରୀ ତାଙ୍କ ଉତ୍ତରରେ ଆହୁରି କହିଛନ୍ତି ଯେ, ୧୦୧ ତମ ସମ୍ବିଧାନ ସଂଶୋଧନ ଅଧିନିୟମ ୨୦୧୬ ଅନୁସାରେ ଜିଏସ୍‌ଟି ପ୍ରଚଳନ ଫଳରେ ରାଜସ୍ୱ ଆଦାୟରେ କ୍ଷତଚି ଘଟିଲେ ୫ ବର୍ଷ ପାଇଁ କ୍ଷତି ପୂରଣ ଦିଆଯିବାର ବ୍ୟବସ୍ଥା ରହିଛି। ଏଥିଲାଗି ଜିଏସ୍‌ଟି ଆକ୍ଟ ୨୦୧୭ର ପରିବର୍ତ୍ତନ ହୋଇଛି। କ୍ଷତିପୂରଣ ବାବଦକୁ ୨୦୧୫-୧୬ ଆର୍ଥିକ ବର୍ଷର ସଂଗୃହିତ କର ପରିମାଣକୁ ମୂଳବର୍ଷ ରୂପେ ଗ୍ରହଣ କରାଯାଇଥିଲା। ୧୪ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ହାର ନିଆଯାଇଛି। ୨୦୧୫-୧୬ ବର୍ଷରାଜ୍ୟ ସରକାର ଜିଏସ୍‌ଟିରେ ମିଶ୍ରଣ ଘଟିଥିବା ଟିକସ ବାବଦକୁ ୧୧,୦୪୯.୩୪ କୋଟି ଟଙ୍କା ପାଇଥିଲେ। କ୍ଷତିଭରଣା ପ୍ରତି ୨ ମାସରେ ମିଳୁଛି। ୨୦୧୫-୧୬ ଆର୍ଥିକ ବର୍ଷରେ ସଂଗୃହିତ ରାଜସ୍ୱରେ ବାର୍ଷିକ ୧୪ ପ୍ରତିଶତ ଅଭିବୃଦ୍ଧି ହାର ପ୍ରୟୋଗ କରି ୨୦୧୭-୧୮ ଆର୍ଥିକ ବର୍ଷର ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୧୮ ପାଇଁ ୧୦,୭୬୯.୭୯ କୋଟି ଟଙ୍କା ସୁନିଶ୍ଚିତ ରାଜସ୍ୱ ଆକଳନ କରାଯାଇଥିଲା। ରାଜ୍ୟ ସରକାର ଉକ୍ତ ବର୍ଷ ପାଇଁ ୮୪୨୧.୭୧ କୋଟି ଟଙ୍କା ରାଜସ୍ୱ ପାଇଥିଲେ।



ବିଧାନସଭାରେ ସୋମବାର ମରୁଡ଼ି, ଚିଟ୍‌ଫଣ୍ଡ ପ୍ରସଙ୍ଗରେ ବିରୋଧୀ ଭାଜପା ଓ କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ।

# ବିରୋଧୀଙ୍କ ହଟ୍ଟଗୋଳ

## ଚିଟ୍‌ଫଣ୍ଡ, ଫସଲବୀମା, ମରୁଡ଼ି ପ୍ରସଙ୍ଗ

**ଭୁବନେଶ୍ୱର,୧।୮(ବ୍ୟୁରୋ)**ଫସଲ ବୀମା, ବର୍ଷା ଅଭାବରୁ ରାଜ୍ୟର କେତେକ ସ୍ଥାନରେ ମରୁଡ଼ି ପରିସ୍ଥିତି ଏବଂ ଚିଟ୍‌ଫଣ୍ଡ ପ୍ରସଙ୍ଗରେ ମୁଲତବୀ ଆଲୋଚନା ଅଗ୍ରାହ୍ୟକୁ ନେଇ ବିରୋଧୀ ଦଳ ବିଧାନସଭାକୁ ଅଚଳ କରିଦେଇଥିଲେ। ପ୍ରଶ୍ନକାଳ ବାତିଲ କରି ଚାଷୀ ପ୍ରସଙ୍ଗ ଆଲୋଚନା କରିବାକୁ କଂଗ୍ରେସ ଦାବି କରିଥିବା ବେଳେ ଚିଟ୍‌ଫଣ୍ଡ ମୁଲତବୀ ପ୍ରସ୍ତାବକୁ କାହିଁକି ଅଗ୍ରାହ୍ୟ କରାଗଲା ବୋଲି ଅଭିଯୋଗ ଆଣି ଭାଜପା ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିଲା। ବିରୋଧୀଙ୍କ ନାରାବାଜି ଯୋଗୁ ପ୍ରଶ୍ନୋତ୍ତର, ମୁଲତବୀ, ଶୂନ୍ୟକାଳ ମିଳେଇ ଯାଇଥିଲା। ବାଚସ୍ପତି ବିକ୍ରମ କେଶରୀ ଆରୁଖ ବାଧ୍ୟହୋଇ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ସୋମବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ କଂଗ୍ରେସ ଓ ଭାଜପା ସଦସ୍ୟମାନେ ନିଜ ନିଜର ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ୧୦ଟା ୩୩ ମିନିଟ୍‌ରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପୁଣି ୧୧ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ଭାଜପା ସଦସ୍ୟମାନେ ଚିଟ୍‌ଫଣ୍ଡ ଦୁର୍ନୀତିକୁ ନେଇ ସରକାର ବିରୋଧୀ ନାରାବାଜି କରିଥିଲେ। ବାଚସ୍ପତି କହିଥିଲେ, ୨୦୧୪ ନଭେମ୍ବର ୧୧ରେ ତତ୍କାଳୀନ ବାଚସ୍ପତି ଚିଟ୍‌ଫଣ୍ଡ ପ୍ରସଙ୍ଗ ହାଇକୋର୍ଟରେ ବିଚାରାଧୀନ ଥିବାରୁ ଗୃହରେ ଏହାକୁ ଆଲୋଚନା ନ କରିବାକୁ ରୁଲିଂ ଦେଇଥିଲେ। ସେହି ରୁଲିଂ ଏବେ ବଳବତ୍ତର ରହିଛି। ମାମଲା କୋର୍ଟରେ ଥିବାରୁ ବିଧାନସଭାର କାର୍ଯ୍ୟବିଧି ଧାରା ୧୦ (iii) ଏବଂ (iv) ଅନୁଯାୟୀ ଏହାକୁ ଆଲୋଚନା ଲାଗି ଗ୍ରହଣ କରାଯାଇପାରିବ ନାହିଁ। ଗୃହରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ସେ ବିଷୟରେ ଆଲୋଚନା ହେବ। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ଭାଜପା ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ପୁଣି ହଟ୍ଟଗୋଳ ହେବାରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ପରେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ଅପରାହ୍ନରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ବଢୁଛି କର୍କଟ ରୋଗୀ, ମୃତକଙ୍କ ସଂଖ୍ୟା

ଭୁବନେଶ୍ୱର, ୧।୮(ବ୍ୟୁରୋ):

- ୩ ବର୍ଷରେ ମୋଟ ୯୧,୬୯୯ ରୋଗୀ ଚିହ୍ନଟ, ମରିଛନ୍ତି ୩୧,୬୯୨ ଜଣ
- ଗତବର୍ଷ ତୁଳନାରେ ୧୮୪୬ ଅଧିକ ରୋଗୀ ମୃତ
- ୭୫୮୨ରୁ ଅଧିକ ରୋଗୀ ଚିହ୍ନଟ

କର୍କଟ ରୋଗ ଏବେ ରାଜ୍ୟରେ ବଢ଼ିଚାଲିଛି। ଗତ ୩ ବର୍ଷର ସରକାରୀ ରିପୋର୍ଟ ଉପରେ ନଜର ପକାଇଲେ ଏକଥା ସ୍ପଷ୍ଟ ହୋଇଛି। ତେବେ କର୍କଟ ଭଳି ରୋଗକୁ ହ୍ରାସ କରିବା ପାଇଁ ସରକାର ରାଜ୍ୟରେ ପଦକ୍ଷେପ ନେବାରେ ବିଫଳ ହେଉଥିବା ସୋମବାର ବିଧାନସଭରେ ବିରୋଧୀ ଯୁକ୍ତି ରଖିଛନ୍ତି। ରାଜ୍ୟରେ ଗତ ୩ ବର୍ଷ ମଧ୍ୟରେ ୩୧,୬୯୨ ଜଣ କର୍କଟ ଭଳି ଭୟାବହ ରୋଗରେ ମୃତ୍ୟୁବରଣ କରିସାରିଲେଣି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ତେବେ ସେହି ୩ ବର୍ଷରେ ରାଜ୍ୟରେ ମୋଟ କର୍କଟ ରୋଗୀଙ୍କ ସଂଖ୍ୟା ୯୧,୬୯୯ରେ ପହଞ୍ଚିଛି ବୋଲି ସେ କହିଛନ୍ତି।

ବିଧାୟକ ପ୍ରଶାନ୍ତ ବେହେରା ବିଧାନସଭାରେ ରାଜ୍ୟରେ ଗତ ୩ ବର୍ଷରେ କେତେ ବ୍ୟକ୍ତି କର୍କଟ ରୋଗାକ୍ରାନ୍ତ ହୋଇଛନ୍ତି ଏବଂ ସେଥିରୁ କେତେଜଣ ମୃତ୍ୟୁବରଣ କରିଛନ୍ତି ବୋଲି ପଚାରିଥିଲେ। ବିଧାୟକ ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦାସ କହିଛନ୍ତି, ୨୦୧୯-୨୦ରେ ରାଜ୍ୟରେ ୧୦,୯୮୪ ଜଣ କର୍କଟରେ ମୃତ୍ୟୁବରଣ କରିଥିବା ବେଳେ୨୦୨୧-୨୨ରେ ମୋଟ ୧୧,୨୭୭ ଜଣ କର୍କଟରେ ମୃତ୍ୟୁବରଣ କରିଛନ୍ତି। ଅର୍ଥାତ୍ ୨୦୧୯-୨୦ ବର୍ଷ ଅପେକ୍ଷା ୨୦୨୧-୨୨ରେ ଅଧିକ ୨୯୩ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ସରକାର କର୍କଟ ରୋଗ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା କଥା କହୁଥିବା ବେଳେ ବର୍ଷକୁ ବର୍ଷ ଅଧିକ ରୋଗୀ ମୃତ୍ୟୁବରଣ କରିବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ସରକାର କର୍କଟ ରୋଗୀଙ୍କ ସହିତ ସେଥିରୁ ମୃତ୍ୟୁବରଣ କରୁଥିବା ପ୍ରକୃତ ସଂଖ୍ୟା ଲୁଚାଉଛନ୍ତି। ବାସ୍ତବରେ କର୍କଟ ରୋଗୀ ଏବଂ ସେଥିରୁ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ସରକାର ଦେଉଥିବା ତଥ୍ୟ ତୁଳନାରେ ଯଥେଷ୍ଟ ଅଧିକ ହେବ ବୋଲି ସେ କହିଛନ୍ତି।

ଅନ୍ୟପଟେ ମନ୍ତ୍ରୀ କହିଛନ୍ତି, ୨୦୨୦-୨୧ ବର୍ଷରେ ମୋଟ ୨୬,୧୭୫ ଜଣ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ସେଥିରୁ ୯୪୩୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୨୧-୨୨ରେ ମୋଟ ୩୩,୭୫୭ ଜଣ କର୍କଟ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୧୧,୨୭୭ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ଗତ ବର୍ଷ ତୁଳନାରେ ୭୫୮୨ ଜଣ ଅଧିକ କର୍କଟ ରୋଗୀ ଚିହ୍ନଟ ହୋଇଥିବା ବେଳେ ୧୮୪୬ ଅଧିକ ରୋଗୀଙ୍କ ମୃତ୍ୟୁ ଘଟିଛି। ତେବେ ୨୦୧୯-୨୦ ବର୍ଷ ତୁଳନାରେ ୨୦୨୦-୨୧ ବର୍ଷ କର୍କଟ ରୋଗୀ ଏବଂ ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ରୋଗୀଙ୍କ ସଂଖ୍ୟାରେ ସାମାନ୍ୟ ହ୍ରାସ ପାଇଥିବା ବେଳେ ୨୦୨୧-୨୨ରେ ଏହାର ସଂଖ୍ୟା ଗତ ଦୁଇ ବର୍ଷ ତୁଳନାରେ ବଢ଼ିଯିବା ସାଧାରଣ ଲୋକଙ୍କ ମନରେ ଚିନ୍ତା ବଢାଇବା ସାଙ୍ଗକୁ ସରକାରୀ ବ୍ୟବସ୍ଥା ଆଡକୁ ମଧ୍ୟ ଅଙ୍ଗୁଳି ଉଠିଛି।

ତେବେ ମନ୍ତ୍ରୀ ଦାସ ଆହୁରି କହିଛନ୍ତି, ରାଜ୍ୟରେ କର୍କଟ ରୋଗର ଉନ୍ନତମାନର ଚିକିତ୍ସା ପାଇଁ ଏଏଚ୍‌ପିଜିଆଇସି, କଟକ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ଅନ୍ତେବାସୀ ରୋଗୀଙ୍କ ପାଇଁ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି। ଏହାସହ କର୍କଟ ଶଲ୍ୟ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରାଯାଇଛି। ଏତଦ ବ୍ୟତୀତ ଓଡ଼ିଶା କମ୍ପ୍ରେହେନସିଭ କ୍ୟାନସର୍ କେୟାର ପ୍ରୋଗ୍ରାମ ଦ୍ୱାରା ରାଜ୍ୟରେ ୧୧ଟି ଉନ୍ନତମାନର କର୍କଟ ରୋଗ ନିରୂପଣ ଓ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯିବାର କାର୍ଯ୍ୟ ଆରମ୍ଭ ହୋଇସାରିଛି। ଝାରସୁଗୁଡାଠାରେ ମଧ୍ୟ ୧୨୦ ଶଯ୍ୟା ବିଶିଷ୍ଟ କର୍କଟ ରୋଗ ଚିକିତ୍ସା କେନ୍ଦ୍ର(ପିପିପି ମୋଡ୍)ରେ ପ୍ରତିଷ୍ଠା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜିଲା ସଦର ମହକୁମା ଚିକିତ୍ସାଳୟଗୁଡିକରେ ୩୨ଟି ସ୍ଥାନରେ ତାଲିମପ୍ରାପ୍ତ ଡାକ୍ତର ଓ ନର୍ସଙ୍କ ଦ୍ୱାରା ଡେ କେୟାର କେମୋଥେରାପି ସେଣ୍ଟରରେ କର୍କଟ ରୋଗୀଙ୍କୁ କେମୋଥେରାପି ଚିକିତ୍ସା ପ୍ରଦାନ କରାଯାଉଥିବା ସେ ଉଲ୍ଲେଖ କରିଛନ୍ତି।

CLASSIFIED DISPLAY
ALL EDITION - BW (Everyday)
MORE SPACE ' SAME PRICE

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭତ୍ତା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403044

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ପ୍ରଭାତୀ ସେଠୀ
ଗ୍ରାମ: ସିଉଳା, ପିପିଲି, ପୁରୀ
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ: କୁଞ୍ଜବିହାରୀ, ପୁତ୍ର: ସିଦ୍ଧାର୍ଥ, ଝିଅ: ଦେବୀଶ୍ରୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୧୬୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ଗିରି
ଶାକୁଆ, ବଡ଼ସାହି, ମୟୂରଭଞ୍ଜ
ଆବିର୍ଭାବ: ୧୩।୦୩।୧୯୩୨
ତିରୋଧାନ: ୧୩।୦୮।୨୦୨୧
ପ୍ରଭୁ ମହିମା ଅଲେଖଙ୍କ ନିକଟରେ ଅଶେଷ ଭକ୍ତି ରଖିଥିବା ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛି। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ମତତ୍ପରତା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ।
ଶୋକସନ୍ତପ୍ତ: ପୁତ୍ର: ସନ୍ତୋଷ, ଦିଲ୍ଲୀପ, ବୋହୂ: ସୁସ୍ମିତା, ସୀମା, ଝିଅ: ମଞ୍ଜୁ, ଜ୍ୱାଇଁ: ବିଜୟ, ନାତି: ସିବାଶିଷ, ଅରିନ, ସ୍ୱରାଜ, ପୁତୁରା: ବୀର, ବାବୁଲି ଓ ମଙ୍ଗୁଲୁ, ସାନଭାଇ: ରତିକାନ୍ତ ଓ ଆତ୍ମୀୟସ୍ୱଜନ।
ଧ-୧୧୭୦

ଦ୍ୱାଦଶାହ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି



୰ନିରୁପମା ମିଶ୍ର
୧୨୧, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୧।୦୪।୧୯୪୧
ତିରୋଧାନ: ୨୨।୦୭।୨୦୨୨
ଶ୍ରାବଣ ମାସ କୃଷ୍ଣପକ୍ଷ ନବମୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ମିଶ୍ର ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୧୧୬୫



ବିଶ୍ୱ ସ୍ତନ୍ୟପାନ ସପ୍ତାହ (ଅଗଷ୍ଟ ୧-୭) ଅବସରରେ ବିଶେଷ ଉପସ୍ଥାପନା...

# ଅମୃତ ଧାରା

ପ୍ରତ୍ୟେକ ମା' ନିଜ ଜନ୍ମିତ ଶିଶୁ ଉପରେ ଯେଉଁ ଅନାବିଳ ସ୍ନେହ ଅଜାଡ଼ିଦିଏ ତାହା ହେଲା–ମାତୃସ୍ତନ୍ୟ। ଏହା ହିଁ ଶିଶୁକୁ ମା'ର ପ୍ରଥମ ଆଶୀର୍ବାଦ। ଏହି ଅମୃତଧାରାକୁ ପ୍ରଦାନ କରିବାରେ ମା' ଯେଉଁ ଆନନ୍ଦ ଅନୁଭବ କରେ ତାହା ଅବର୍ଣ୍ଣନୀୟ ଓ ଯେଉଁ ଶିଶୁଟି ଜୀବନର ପ୍ରଥମ ୬ ମାସ ମାତୃସ୍ତନ୍ୟ ପାନ କରିବାର ସୁଯୋଗ ପାଏ ସେ ହିଁ ପ୍ରକୃତରେ ଭାଗ୍ୟବାନ୍ ...  –ପୌର୍ଣ୍ଣମାସୀ



## ମା' କ୍ଷୀର -ଶିଶୁ ସୁରକ୍ଷା କବଚ

ଜନ୍ମପରେ ପ୍ରଥମେ ମା'ର ଛାତି ଉପରେ ଶିଶୁକୁ ପ୍ରସବ କକ୍ଷରେ ଶୁଆଇ ଦିଆଯାଏ ଓ ସ୍ତନ୍ୟପାନ ଏହିଠାରୁ ହିଁ ଆରମ୍ଭ ହୋଇଥାଏ। ଶିଶୁ ଆପଣାଛାଏଁ ମାତୃସ୍ତନ୍ୟରୁ କ୍ଷୀର ଖାଇବା ଆରମ୍ଭ କରେ। ଏହାକୁ ବେବିକ୍ରଲ୍ କୁହାଯାଏ। ପ୍ରଥମ ୬ମାସ କେବଳ ମା'କ୍ଷୀର, ପାଣି କିମ୍ବା ଅନ୍ୟ କୌଣସି ଖାଦ୍ୟ ଏପରିକି ପାଣି ମଧ୍ୟ ଦିଆଯାଏ ନାହିଁ।

କେବଳ ଦରକାରୀ ଔଷଧ ଡାକ୍ତରଙ୍କ ପରାମର୍ଶକ୍ରମେ ଦିଆଯାଏ। ଏହାକୁ ଏକ୍ସକ୍ଲୁସିଭ୍ ବ୍ରେଷ୍ଟ ଫିଡିଂ କୁହାଯାଏ। ଏହା ଶିଶୁ ପାଇଁ ଅତ୍ୟନ୍ତ ଉପକାରୀ। ଏହା ଜାଣି ସୁଦ୍ଧା ସ୍ତନ୍ୟପାନ କରାଇବାରେ ଅନେକ ମନୁଷ୍ୟକୃତ ସମସ୍ୟା ରହିଛି ଯାହା ମା'ର ମନକୁ ଆନ୍ଦୋଳିତ କରି ସନ୍ଦେହ ଘେରକୁ ନେଇଯାଇଥାଏ। ତା'ର ଏହି ନୟନ ପିତୁଳା ଜୀବନ ସଙ୍ଖାଳି ପାଇଁ କେଉଁଟି ଠିକ୍ ସେ ବୁଝିପାରେ ନାହିଁ। ସ୍ତନ୍ୟପାନ ଦ୍ୱାରା ନିଜର ଉପକାର ଓ ଶିଶୁର ଉପକାର ଗୁଡ଼ିକ ବିଷୟରେ ଅଜ୍ଞ ରହିବା ଫଳରେ ତା' ଜୀବନର ପ୍ରଥମ ଦିନରୁ ହିଁ ବିଭିନ୍ନ ଡବା କ୍ଷୀର ଦେଇ ନ୍ୟାଯ୍ୟ ଅଧିକାରରୁ ଶିଶୁକୁ ବଞ୍ଚିତ କରିଥାଏ।

ଏଥିରେ ଅବଶ୍ୟ ମା'ର କୌଣସି ଦୋଷ ନାହିଁ, କାରଣ ସ୍ତନ୍ୟପାନ ଉପକାରିତା ବିଷୟରେ ଅବଗତ କରାଇବା ବ୍ୟକ୍ତି କିମ୍ବା ସଂସ୍ଥାର ଉପଦେଶ ତାକୁ ମାନସିକ ଦୃଢ଼ତା ଦେବା ସହିତ ମାତା ଓ ଶିଶୁର ଭବିଷ୍ୟତକୁ ମଧୁମୟ କରିଥାନ୍ତି । ତେଣୁ ପ୍ରତ୍ୟେକ ଡାକ୍ତର, ନର୍ସ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କର ଦାୟିତ୍ୱ ରହିଛି ମା'ଙ୍କୁ ଉପଦେଶ ଦେବା ଜନ୍ମର ପ୍ରଥମ ଏକ ଘଣ୍ଟା ମଧ୍ୟରେ । ଏହି ଉଷ୍ମତାର ଶିକୁଳି ଉପରେ ନିର୍ଭର କରୁଛି ମା' ଓ ଶିଶୁର ଭବିଷ୍ୟତ । ଆମେ ସମସ୍ତେ ଜାଣିଛେ ଶିଶୁର ମୁଖଟି ମାତୃ ସ୍ତନ୍ୟାଗ୍ର ସ୍ପର୍ଶ କଲାପରେ ଦୁଗ୍ଧ ପ୍ରସ୍ତୁତିର ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ସ୍ତନରୁ ଶିହରଣ ଯାଇ ମସ୍ତିଷ୍କର ପିଟ୍ୟୁଟାରି ଗ୍ରନ୍ଥିରୁ ପ୍ରୋଲାକ୍ଟିନ୍ ହର୍ମୋନ କ୍ଷରଣ ହୋଇଥାଏ। ତେଣୁ କ୍ଷୀର ବଢ଼ାଇବାର ଉପାୟ ହେଲା ବାରମ୍ବାର ଶିଶୁକୁ କ୍ଷୀର ପିଆଇବା। ମା' ଅଧିକ ଜଳପାନ କରିବା ଆବଶ୍ୟକ ପ୍ରାୟ ଦିନକୁ ୨ ଲିଟର । ପାଣି ପିଇବା ସହିତ ଅଧିକ ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ।

ବର୍ତ୍ତମାନ କର୍ମଜୀବୀ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେମାନେ ସ୍ତନ୍ୟପାନ କରାଇବାରେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେଜଣ ମା'ଙ୍କୁ ୩ମାସ କିମ୍ବା ୬ମାସ ପ୍ରସବୋତ୍ତର ଛୁଟି ମିଳୁଛି। ୬ମାସ ଛୁଟି ମିଳୁଥିବା ମାଆମାନେ ଏହାପରେ ନିଜ ସମୟକୁ ଆଡଜଷ୍ଟ କରି ମାତୃସ୍ତନ୍ୟ ଓ ବହଳ ଖାଦ୍ୟ ଦେଇପାରିବେ। ଯେପରି ୧୦ଟା ପର୍ଯ୍ୟନ୍ତ ମାଆ କ୍ଷୀର ପାନକରାଇ ୧୨ଟା ସମୟରେ ଭାତଡାଲି ଖୁଆଇପାରିବେ। ୩ମାସ ଛୁଟି ପାଉଥିବା ମାଆ ନିଜ ଘରକୁ ଆସି କିମ୍ବା ଶିଶୁକୁ ନିଜ ପାଖକୁ ନେଇ ସ୍ତନ୍ୟପାନ କରାଇପାରିବେ କିମ୍ବା ନିଜ କ୍ଷୀରକୁ ବାହାରକରି କାଚପାତ୍ରରେ ବାହାରେ ୪ଘଣ୍ଟାରୁ ୮ଘଣ୍ଟା ମଧ୍ୟରେ କିମ୍ବା ବରଫ ବାକ୍ସରେ ୨୪ଘଣ୍ଟା ପର୍ଯ୍ୟନ୍ତ ଓ ଫ୍ରିଜ୍‌ରେ ୩ଦିନ ପର୍ଯ୍ୟନ୍ତ ରଖି ବ୍ୟବହାର କରାଯାଇପାରିବେ ଏବଂ ଏହାକୁ କାଢ଼ି ଉଷ୍ମଜଳରେ ରଖିଦେଲେ ତାହା ସାଧାରଣ ଉତ୍ତାପକୁ ଆସି ଶିଶୁକୁ ଦିଆଯାଇପାରିବ।

**ମା' କ୍ଷୀରକୁ ୫ ଭାଗରେ ବିଭକ୍ତ କରାଯାଇଛି: ୧. କଷ କ୍ଷୀର** (୩ ଦିନରୁ ୪ଦିନ): ଏହା ଜନ୍ମ ପରେ ବାହାରିଥାଏ, ବହଳିଆ ଓ ଈଷତ୍ ହଳଦିଆ ରଙ୍ଗର ହୋଇଥାଏ। ୨୪ଘଣ୍ଟାରେ ୧୫ରୁ ୨୦ମି.ଲି. ବାହାରିଥାଏ। ଏଥିରେ ରୋଗ ପ୍ରତିରୋଧକ ଶକ୍ତି ଭରପୂର ଥାଏ। ତେଣୁ ରୋଗରୁ ରକ୍ଷା କରିବା ପାଇଁ ଏହା ଶିଶୁର ପ୍ରଥମ ଟିକା। ଏଥିରେ ଶରୀର ବୃଦ୍ଧି ପାଇଁ ସମସ୍ତ ଉପାଦାନ ଥାଏ।

**୨. ଟ୍ରାଞ୍ଜିସନ୍ ମିଲ୍କ:** ଏହା ୩ ଦିନରୁ ସପ୍ତାହେ ପର୍ଯ୍ୟନ୍ତ କ୍ଷରିତ ହୋଇଥାଏ। ଏଥିରେ ଲାକ୍ଟୋଜ,ଚର୍ବି ଓ ବି କମ୍ପ୍ଲେକ୍ସ ଭିଟାମିନ୍ ଅଧିକ ଥାଏ।

**୩.ପରିପକ୍ୱ କ୍ଷୀର ବା ମାଚ୍ୟୁଅର ମିଲ୍କ:** ଏହା ପ୍ରଚୁର ପରିମାଣରେ ବାହାରେ। ଏଥିରେ ପ୍ରତି ୧୦୦ମି.ଲି. କ୍ଷୀରରେ ପୁଷ୍ଟିସାର ୧.୨ଗ୍ରାମ, ଲାକ୍ଟୋଜ ୬.୫ଗ୍ରାମ, ସ୍ନେହସାର ୩.୫ଗ୍ରାମ, କ୍ୟାଲସିୟମ୍ ୩୪ମିଲି ଗ୍ରାମ, ଫସ୍‌ଫେଟ୍ ୧୫ମିଲି ଗ୍ରାମ, ୬୦–୭୫ କିଲୋ କ୍ୟାଲୋରି ଥାଏ। ଏହାଛଡ଼ା ଭିଟାମିନ୍ ଏ, ଡି, ଇ, ସି ମଧ୍ୟ ଥାଏ ଏବଂ ଜଳୀୟ ଅଂଶ ୮୭.୫% ଥାଏ।

**୪. ଫୋର ମିଲ୍କ:** ସ୍ତନ୍ୟପାନ ସମୟରେ ପ୍ରଥମେ ଆସୁଥିବା କ୍ଷୀରର ରଙ୍ଗ ଈଷତ୍ ନୀଳ। ଏହା ଅଧିକ ପରିମାଣରେ ବାହାରିଥାଏ ଓ ଅଧିକ ଜଳୀୟ ଅଂଶ, ପୁଷ୍ଟିସାର, ଲାକ୍ଟୋଜ ଥାଏ, ଯାହାକି ଶିଶୁର କ୍ଷୁଧା ମେଣ୍ଟାଇବା ସହିତ ତୃଷା ମଧ୍ୟ ମେଣ୍ଟାଇଥାଏ।

**୫.ହାଇଣ୍ଡ ମିଲ୍କ:** ଏଥିରେ ଅଧିକ ପରିମାଣର ଚର୍ବି ଥାଏ ଓ ଦେଖିବାକୁ ଧଳା ରଙ୍ଗର । ତେଣୁ ଏହି ଦୁଇ ପ୍ରକାର କ୍ଷୀର ଶିଶୁ ପାନକରିବା ଆବଶ୍ୟକ।

**ମା' କ୍ଷୀରର ଉପକାରିତା:** ମା' କ୍ଷୀର ଶିଶୁର ସନ୍ତୁଳିତ ଆହାର। ଏଥିରେ ଥିବା ସମସ୍ତ ଉପାଦାନ ବୟସ ତଥା ଆବଶ୍ୟକତା ଅନୁସାରେ ଶିଶୁକୁ ପ୍ରାପ୍ତ ହୋଇଥାଏ। ଏହା ସମ୍ପୂର୍ଣ୍ଣ ଶୁଦ୍ଧ, ଜୀବାଣୁ ଶୂନ୍ୟ ଏବଂ ଦେୟମୁକ୍ତ। ମା'କ୍ଷୀରେ ଥିବା ପୋଷକ ତତ୍ତ୍ୱ ଶିଶୁକୁ ତରଳଝାଡ଼ା ଓ ନିମୋନିଆ ରୋଗରୁ ରକ୍ଷାକରେ। ସ୍ତନ୍ୟପାନ ମା'ଓ ଶିଶୁର ବନ୍ଧନକୁ ନିବିଡ଼ କରେ ଓ ଶିଶୁ ମନରେ ସୁରକ୍ଷା ଭାବନା ଜାଗ୍ରତକରେ । ମା'କ୍ଷୀର ପିଉଥିବା ଶିଶୁଙ୍କଠାରେ ଡାଇବେଟିସ୍, ହୃଦ୍‌ରୋଗ, ଏକ୍‌ଜିମା, ଆଜ୍‌ମା, ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍ ଓ ଆଲର୍ଜି ରୋଗ ହୁଏ ନାହିଁ। ମା' କ୍ଷୀରରେ ଥିବା ପ୍ୟୁରିନ୍ ଓ ସିଷ୍ଟିନ୍ ଆମିନୋଏସିଡ୍ ହେତୁ ପିଲାର ମସ୍ତିଷ୍କ ଠିକ୍ ଭାବେ ବିକଶିତ ହୋଇଥାଏ ଓ ପିଲା ବୁଦ୍ଧିଆ ହୁଏ। ଏହାଦ୍ୱାରା ପିଲା ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଦେଖାଇ ଅର୍ଥନୈତିକ ଓ ସାମାଜିକ ପ୍ରତିଷ୍ଠା ଲାଭ କରିଥାଏ।

ସେହିପରି ସ୍ତନ୍ୟପାନ କରାଇବା ଦ୍ୱାରା ମା'ର ମେଦବହୁଳତା, ରକ୍ତହୀନତା ରୋଗ, ସ୍ତନ କର୍କଟ, ଜରାୟୁ କର୍କଟ ରୋଗର ଆଶଙ୍କା ହ୍ରାସ ପାଇଥାଏ।

ଏହି ସମସ୍ତ ଉପକାରକୁ ଅନୁଧ୍ୟାନକଲେ ସ୍ତନ୍ୟପାନ ଶିଶୁ ପାଇଁ ବରଦାନ। ତେଣୁ ସମସ୍ତେ ସ୍ତନ୍ୟପାନ ପ୍ରଚାରରେ ସମର୍ଥନ କରିବା।

*– ଡା. ନରେଶ ଆଚାର୍ଯ୍ୟ*
*ଶିଶୁରୋଗ ବିଶେଷଜ୍ଞ,*
*ଜାତୀୟ ସ୍ୱାସ୍ଥ୍ୟ ମିଶନ, ଭୁବନେଶ୍ୱର*



## ଯାଆଁଳା ଶିଶୁ ଓ ସ୍ତନ୍ୟପାନ

ମା' କ୍ଷୀର ଶିଶୁ ପାଇଁ ଈଶ୍ୱରଙ୍କ ବରଦାନ । କାରଣ ଏହା ଶିଶୁ ନିମନ୍ତେ ସର୍ବୋତ୍ତମ ଖାଦ୍ୟ। ଏହା ଶିଶୁ ମୃତ୍ୟୁହାର କମାଇବା ସହ ମା' ଓ ଶିଶୁକୁ ଅନେକ ରୋଗରୁ ରକ୍ଷା କରିଥାଏ । ସ୍ତନ୍ୟପାନ ଲାଗି ସଚେତନତା ସୃଷ୍ଟି କରିବା ତଥା ଶିଶୁ ମୃତ୍ୟୁହାର କମାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୟୁନିସେଫ୍ ଓ ଗ୍ଲୋବାଲ ବ୍ରେଷ୍ଟ ଫିଡିଂର ମିଳିତ ଆନୁକୂଲ୍ୟରେ ସାରା ବିଶ୍ୱରେ ଅଗଷ୍ଟ ୧ରୁ ୭ ତାରିଖ ଯାଏଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ୨୦୨୨ର ବାର୍ତ୍ତା ହେଉଛି 'ଷ୍ଟେପ୍ ଅପ୍ ଫର୍ ବ୍ରେଷ୍ଟ ଫିଡିଂ, ଏଜୁକେଟ ଆଣ୍ଡ ସପୋର୍ଟ' ସ୍ତନ୍ୟପାନ ପାଇଁ ସଚେତନତାର ମାତ୍ରାକୁ ଆହୁରି ବଢ଼ାଇ ଅନେକ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଅନ୍ତର୍ଭୁକ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ଦରକାର।

ସମସ୍ତେ ଜାଣନ୍ତି ମା' କ୍ଷୀର ଶିଶୁମାନଙ୍କୁ ଉପଯୁକ୍ତ ମାତ୍ରାରେ ଆବଶ୍ୟକ ପୋଷକ ଯଥା ପୁଷ୍ଟିସାର, ସ୍ନେହସାର ଓ ଶ୍ୱେତସାର, ଭିଟାମିନ୍ ଏ, ଡି ତଥା ଇମ୍ୟୁନୋଗ୍ଲୋବୁଲିନ ଓ ରୋଗ ପ୍ରତିରୋଧକ ଶକ୍ତି ଯୋଗାଇଥାଏ ଏବଂ ଅନ୍ୟାନ୍ୟ ସଂକ୍ରମଣ ଦୂରକରିଥାଏ । ବଡ ହେଲେ ଏଇ ଶିଶୁମାନେ ବିଭିନ୍ନ ରୋଗରୁ ରକ୍ଷା ପାଇଥାନ୍ତି । ସ୍ତନ୍ୟପାନ କରାଇ ଥିବା ମା' ମାନେ ମଧ୍ୟ ଅନେକ ମାରାତ୍ମକ ରୋଗରୁ ରକ୍ଷା ପାଇଥାନ୍ତି ।

ତେବେ ଆଜିକାଲି ଅନେକ କର୍ମଜୀବୀ ମହିଳା ନିଜ ଶିକ୍ଷା ଶେଷକରି, ନିଜ କ୍ୟାରିୟର ପାଇଁ ବିଶେଷ ଧ୍ୟାନଦେଉଥିବାରୁ ବିଳମ୍ବରେ



ବିବାହ କରୁଛନ୍ତି ଏବଂ ପରେ ପରେ ବନ୍ଧ୍ୟାଦୋଷ ମଧ୍ୟ ଭୋଗୁଛନ୍ତି । ତେଣୁ ବନ୍ଧ୍ୟାରୋଗର ଚିକିତ୍ସା ପାଇଁ ଔଷଧ ସେବନ ତଥା ବେଶି ବୟସରେ ଗର୍ଭଧାରଣ କରିବା ଦ୍ୱାରା ସେମାନେ ଯମଜ ସନ୍ତାନ ଜନ୍ମ ଦେଇଥାନ୍ତି । ଫଳରେ ଯାଆଁଳା ଶିଶୁମାନଙ୍କର ଜନ୍ମ ହାର ବଢ଼ିଯାଉଛି ଏବଂ ପ୍ରସବ ପରେ ପରେ ଦୁଇ ଦୁଇଟି ପିଲାଙ୍କୁ ସ୍ତନ୍ୟପାନ କରାଇବା ଏକ ସମସ୍ୟା ହୋଇ ପଡୁଛି। ଯାଆଁଳା ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ମା'ର ଦୃଢ଼ ଇଚ୍ଛାଶକ୍ତି ଦରକାର । ଜନ୍ମର ବହୁ ପୂର୍ବରୁ ଏହା ଚିହ୍ନଟ ହେବା ଦ୍ୱାରା ମା' ମଧ୍ୟ ଶାରୀରିକ ଓ ମାନସିକ ସ୍ତରରେ ଦୁହିଁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ପ୍ରସ୍ତୁତ ହୋଇଥାଏ । ଏହା ମା' ପାଇଁ ଖୁବ୍ ଚ୍ୟାଲେଞ୍ଜିଂ ହୋଇଥାଏ । କାରଣ ଗୋଟିଏ ଶିଶୁକୁ ଭଲ କରି ଖୁଆଇ ସାରିଲା ପରେ ଆଉ ଶିଶୁକୁ ଖୁଆଇବାକୁ ପଡ଼ିଥାଏ ଏବଂ ଦ୍ୱିତୀୟ ଶିଶୁକୁ ଖୁଆଇବାର ମାତ୍ର ଅଳ୍ପ ସମୟ ପରେ ପ୍ରଥମ ଶିଶୁଟି ଦ୍ୱିତୀୟ ଫିଡିଂ ପାଇଁ କାନ୍ଦ ଆରମ୍ଭ କରି ଦେଇଥାଏ । ତେଣୁ ସାରା ଦିନ ଓ ରାତି ମା'ଟି କେବଳ ଦୁଇଟି ଶିଶୁଙ୍କୁ ଖୁଆଉ ଖୁଆଉ ସରିଯାଇଥାଏ ଏବଂ ଏହାଦ୍ୱାରା ମା' ମଧ୍ୟ କ୍ଳାନ୍ତ ହୋଇଯାଏ । ତେଣୁ ଯାଆଁଳା ଶିଶୁ ଜନ୍ମହେବା ଆଗରୁ ଘରେ ଜଣେ ଦୁଇଜଣ ଆତ୍ମୀୟ ସ୍ୱଜନ ବା ପରିଚାରିକାଙ୍କୁ ପ୍ରସ୍ତୁତ ରଖିବା ଦରକାର।

ମା'ମାନେ ଯାଆଁଳା ଶିଶୁଙ୍କର ଠିକ୍ ପୋଜିସନ ସହ ସପ୍ଲାଇ ଆଣ୍ଡ ଡିମାଣ୍ଡ ଭିତ୍ତିରେ ଖୁଆଇବା ଦରକାର। ସେଥିପାଇଁ ମା' ମନରେ ସାହସ ଓ ଦମ୍ଭ ସହିତ ଏନର୍ଜି ବା ଶକ୍ତିରେ ନିଜକୁ ଭରପୂର କରି ଖୁଆଇବା ଦରକାର। ଏଥିପାଇଁ ରାତି ରାତି ଅନିଦ୍ରା ରହିବାକୁ ମଧ୍ୟ ପ୍ରସ୍ତୁତ ହେବା ଦରକାର । ଜନ୍ମ ହେବା ପରେ (ଅବଶ୍ୟ ନର୍ମାଲ ଡେଲିଭରି ହୋଇଥିଲେ) ମା' ନିଜେ ଦୁଇ ଶିଶୁଙ୍କୁ ଦୁଇପଟେ ଖୁଆଇ ପାରିବ । ଯଦି ସିଜରିଆନ ହୋଇଥାଏ ତେବେ ଜଣେ ନର୍ସ ତାଙ୍କୁ ଏଥିରେ ସାହାଯ୍ୟ କରିବେ । ଏଥିରେ ଶିଶୁମାନେ ଉଷୁମ ରହିବା ସହ ମା' ଓ ଶିଶୁ ଦୁହିଁଙ୍କର ଏକ ଅତୁଟ ବନ୍ଧନ ସୃଷ୍ଟି ହୋଇଥାଏ । ଫିଡିଂରେ ନିଜ ସ୍ୱାମୀମାନେ ମଧ୍ୟ ମା'କୁ ସାହାଯ୍ୟ କରିବା ଆବଶ୍ୟକ।

ତେବେ ମା' ସାଷ୍ଟାମ ହେଲା ପରେ ଦୁଇ ହାତରେ ଦୁଇଟି ଶିଶୁଙ୍କୁ ଧରି ଖୁଆଇବ, ଏହାକୁ 'ଟାଣ୍ଡେମ ବ୍ରେଷ୍ଟ ଫିଡିଂ' କହିଥାନ୍ତି। ଦୁଇଜଣଙ୍କୁ ଏକାଠି ଦୁଇପଟ ଖୁଆଇଲେ ଏହାକୁ (ଡବଲ ରଗ୍‌ବିବଲ) ପୋଜିସନ କହନ୍ତି। ପାରାଲାଲ ପୋଜିସନ ମା' ନିଜର ଦୁଇ ଶିଶୁଙ୍କ ଶରୀରର ସମାନ୍ତରାଳ ପୋଜିସନରେ ଖୁଆଇ ପାରିବେ ବା ଲେଡ୍ ବ୍ୟାକ୍ ପୋଜିସନ ଦୁଇ ଶିଶୁଙ୍କୁ ପେଟ ଉପରେ ପକାଇ ଖୁଆଇ ପାରିବେ। ଯଦି ନିହାତି ଅସୁବିଧା ହେବ, ତେବେ ଗୋଟିଏ ଶିଶୁକୁ ଗୋଟିଏ ସ୍ତନରୁ ସମ୍ପୂର୍ଣ୍ଣ ଭାବେ ଖୁଆଇ ଆଉ ସ୍ତନରୁ ଦ୍ୱିତୀୟ ଶିଶୁକୁ ଖୁଆଇବା ଦରକାର । ଖୁଆଇବା ସମୟରେ ମା' ଖଟକୁ ଆଉଜି କି ତକେ ଆରାମଦାୟକ ପୋଜିସନରେ ବସି ପ୍ରଚୁର ପାଣି ପିଇବ ବା କ୍ଷୀର ପିଇ ଶିଶୁକୁ ଖୁଆଇବା ଦରକାର । ଆଜିକାଲି ଏଥିପାଇଁ ସ୍ୱତନ୍ତ୍ର ତକିଆ ମଧ୍ୟ ମିଳିଲାଣି। ତେବେ ଯାଆଁଳା ଶିଶୁ ହେଲେ ମଧ୍ୟ ସେମାନଙ୍କର ଶରୀରର ଚାହିଦା ଏକା ହୋଇ ନ ଥାଏ । ଗୋଟିଏ ଶିଶୁ ଖୁବ୍ ଶୀଘ୍ର ଖାଇଲେ ମଧ୍ୟ ଆଉ ଶିଶୁଟି ଖାଇପାରି ନ ଥାଏ । ତେଣୁ ପ୍ରଥମ ଶିଶୁର ଓଜନ ବଢ଼ିଗଲା ବେଳେ ଅନ୍ୟ ଶିଶୁଟିର ଓଜନ ବଢ଼ିପାରି ନ ଥାଏ । ଭୋକ ହେଲେ ପ୍ରଥମ ଶିଶୁଟି କାନ୍ଦିଥାଏ ବା ଏପଟ ସେପଟ ହୋଇଥାଏ ବାରମ୍ବାର ଜିଭ ବାହାର କରିଥାଏ ବା ହାତ ଚୁଚୁମିଥାଏ, କିନ୍ତୁ ଅନ୍ୟ ଶିଶୁଟି ଶୋଇ ରହିଥାଏ । ଏପରି ସ୍ଥଳରେ ମା'ଟି ଚେଷ୍ଟାକରି ଦୁଇ ଶିଶୁଙ୍କୁ ଖୁଆଇବା ଜରୁରୀ ।

**ସ୍ତନ୍ୟଦାତ୍ରୀଙ୍କ ଖାଦ୍ୟ**–ଜଣେ ଗର୍ଭବତୀ ମହିଳାଙ୍କର ଯେତିକି କ୍ୟାଲୋରି ଦରକାର ତା'ଠାରୁ ଆହୁରି ବେଶି କ୍ୟାଲୋରି ସ୍ତନ୍ୟପାନ ପାଇଁ ଦରକାର ହୋଇଥାଏ । ଯାଆଁଳା ଶିଶୁ ପାଇଁ ଆହୁରି ବେଶି କ୍ୟାଲୋରି ଦରକାର ହୋଇଥାଏ । ତେଣୁ ମା' ସୁଷମ ଓ ସୁପାଚ୍ୟ ଖାଦ୍ୟ ଯଥା ପୁଷ୍ଟିସାର, ଶ୍ୱେତସାର, ସ୍ନେହସାର ଓ ଭିଟାମିନ୍ ଯୁକ୍ତ ଖାଦ୍ୟ ଖାଇବା ଦରକାର। ସାଧାରଣତଃ ମା' ଲାଉ, ସନ୍ତୁଳା, ଶାଗ ଆଦି ଖାଇଲେ ଓ ସ୍ତନ୍ୟପାନ ପୂର୍ବରୁ କ୍ଷୀର ଓ ପାଣି ପିଇଲେ କ୍ଷୀର ପରିମାଣ ବଢ଼ିଥାଏ ।

ବେଳେବେଳେ ଗୋଟିଏ ଶିଶୁ ସୁସ୍ଥ ହୋଇଥିଲା ବେଳେ ଅନ୍ୟ ଯାଆଁଳା ଶିଶୁଟି ଅସୁସ୍ଥ ଓ ଅଳ୍ପ ଓଜନର ହୋଇଥାଏ, ସେକ୍ଷେତ୍ରରେ ସ୍ତନରୁ କ୍ଷୀର କାଢ଼ି ପିଆଇବାକୁ ପଡ଼ିଥାଏ। ବେଳେ ବେଳେ ଦୁଇଟି ଶିଶୁଙ୍କୁ ମଧ୍ୟ କ୍ଷୀର କାଢ଼ି ଖୁଆଇବାକୁ ପଡ଼ିଥାଏ । ଅପରିଣତ ଶିଶୁଙ୍କୁ ଏହି ମା ' କ୍ଷୀର ନେକ୍ରୋଟାଇଜିଂ କୋଲାଇଟିସରୁ ରକ୍ଷା କରିଥାଏ । ତେବେ ଦୁଇଟି ଯାଆଁଳା ପିଲାଙ୍କୁ ମା' ନିୟମିତ ଭାବରେ ସ୍ତନକ୍ଷୀର ଖୁଆଇ ହୃଷ୍ଟପୁଷ୍ଟ କରି ରଖିବା ଖୁବ୍ କଷ୍ଟକର ପାଠ । ମା'ର ଅସୀମ ଧୈର୍ଯ୍ୟ, ଦୃଢ଼ ଇଚ୍ଛାଶକ୍ତି , ତ୍ୟାଗ ଓ ପରିବାରର ସହଯୋଗ ହିଁ ତାକୁ ଦୁଇ ଯାଆଁଳା ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ସକ୍ଷମ କରିଥାଏ ।

**– ଡା. ସରୋଜିନୀ ଷଡ଼ଙ୍ଗୀ**
ଲିଙ୍କ୍‌ରୋଡ୍, କଟକ–୧୨
ମୋ–୯୪୩୭୦୫୫୦୦୭



## ସ୍ତନ୍ୟଦାତ୍ରୀ ମା' ଲାଗି ...

- ମା' ସ୍ତନରୁ ଝରୁଥିବା କଷକ୍ଷୀରକୁ ଅପରିଷ୍କାର ଭାବି ନ ଫିଙ୍ଗି ଶିଶୁକୁ ଖୁଆନ୍ତୁ। ଏଥିରେ ଶିଶୁ ପାଇଁ ଆବଶ୍ୟକ ପୋଷକ ତତ୍ତ୍ୱ ଏବଂ ରୋଗ ପ୍ରତିରୋଧକ ଶକ୍ତି ଭରପୂର ଥାଏ।
- ନୂଆ ନୂଆ ସ୍ତନ୍ୟପାନ କରାଉଥିବା ଅଧିକାଂଶ ମା' ଶିଶୁଙ୍କୁ କିଛି କିଛି ସମୟ ଅନ୍ତରାଳରେ କ୍ଷୀର ପିଆଇଥାନ୍ତି, ଯାହାଦ୍ୱାରା ଶିଶୁଠାରେ ଅରୁଚି, ବାନ୍ତି ଆଦି ଦେଖାଦେଇଥାଏ। ତେଣୁ ଶିଶୁକୁ ଭୋକ କଲେ ଅର୍ଥାତ୍ ସେ କାନ୍ଦିଲେ ଅବା ଦେଢ଼ରୁ ଦୁଇ ଘଣ୍ଟା ବ୍ୟବଧାନରେ କ୍ଷୀର ପିଆନ୍ତୁ। । ଏହାଦ୍ୱାରା ଶିଶୁର ଖାଦ୍ୟ ହଜମ କରିବା ସହଜ ହୋଇଥାଏ।
- ଶୋଇବା ଅବସ୍ଥାରେ ଶିଶୁକୁ ସ୍ତନ୍ୟପାନ କରାଇବା ଅନୁଚିତ। କାରଣ ଏହାଦ୍ୱାରା ଶିଶୁର ନାକରେ ଚାପ ପଡ଼ି ଶ୍ୱାସରୁଦ୍ଧ ହେବା ଆଶଙ୍କା ଥାଏ। ତେଣୁ ସର୍ବଦା ବସିରହି ସ୍ତନ୍ୟପାନ କରାଇବା ନିରାପଦ।
- କ୍ଷୀର ପିଇବା ପରେ ଶିଶୁକୁ ନିଜ କାନ୍ଧରେ ପକାଇ( ଯେପରି ଶିଶୁର ପେଟ ଚାପିହେବ) ତା' ପିଠିକୁ କିଛି ସମୟ ଥାପୁଡ଼ାନ୍ତୁ। ଏହାଦ୍ୱାରା ଶିଶୁ ପେଟରୁ ହାକୁଟି ଆକାରରେ ଗ୍ୟାସ୍ ବାହାରି ଆସିବ ଏବଂ ସେ ବାନ୍ତି କରିବ ନାହିଁ। ଏହାପରେ ଶିଶୁକୁ ଚିତ୍ କରି ନ ଶୁଆଇ କଡ଼ମାଡ଼ି ଶୁଆଇବାକୁ ଚେଷ୍ଟା କରନ୍ତୁ। କାରଣ ଚିତ୍ ହୋଇ ଶୋଇବା ଦ୍ୱାରା ଶିଶୁ ବାନ୍ତିକରିବା ସମୟରେ ଏହା ନାକ ଦେଇ ଭିତରକୁ ଯାଇ ନିଃଶ୍ୱାସ ବନ୍ଦ ହୋଇଯିବା ଆଶଙ୍କା ଥାଏ।
- ଶିଶୁକୁ ସର୍ବଦା ଦୁଇସ୍ତନରୁ ସମାନ ପରିମାଣରେ କ୍ଷୀର ପିଆଇବାକୁ ଚେଷ୍ଟା କରନ୍ତୁ। ନଚେତ୍ ଗୋଟିଏ ସ୍ତନରେ ଅଧିକ କ୍ଷୀର ଜମାହୋଇ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ତା'ଛଡ଼ା ଶିଶୁ ଯଦି ଠିକ୍ ଭାବେ କ୍ଷୀର ନ ପିଉଛି କିମ୍ବା ମା'ର ଅଧିକ କ୍ଷୀର ହେଉଛି ତେବେ ତାହା ଯେପରି ରହି ନ ଯାଏ ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ। କାରଣ ଏହା ରହିଯିବା ଫଳରେ ସ୍ତନରେ ଗୋଟାଳି ହୋଇ ବିନ୍ଧିବା, ପୂଜ ହେବା ଏବଂ କେବେ କେବେ ଏହା ଅଧିକ କ୍ଷତିକାରକ ମଧ୍ୟ ହୋଇଥାଏ।
- ମା' ଅତି ଦୁର୍ବଳ, ପୁଷ୍ଟିହୀନତାର ଶିକାର କିମ୍ବା ରୁଗ୍‌ଣ ହୋଇଥିଲେ ସ୍ତନ୍ୟପାନ କରାଇବା ଅନୁଚିତ।
- ସେହିପରି ମାନସିକ ରୋଗଗ୍ରସ୍ତ, କୁଷ୍ଠ, ଏଚ୍‌ଆଇଭି, ଯକ୍ଷ୍ମା, ହାଡ଼ଫୁଟି, ମିଳିମିଳା, ଜଣ୍ଡିସ୍ ଆଦି ରୋଗ ଥିଲେ କିମ୍ବା ମା' ସ୍ତନରେ ଘା' ହୋଇଥିଲେ ସ୍ତନ୍ୟପାନ କରାଇବା ଶିଶୁ ପ୍ରତି ବିପଜ୍ଜନକ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୨/୨୦୨୨ Sambalpur, Tuesday, August 2/ 2022



ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମହିଳା ସ୍କ୍ୱାଶ୍ ସିଙ୍ଗଲ୍ସ ପ୍ଲେଟ କ୍ୱାର୍ଟର ଫାଇନାଲ ଅବସରରେ ଭାରତର ସୁନୟନା କୁରୁଭିଲା।


ମହିଳା ଲନ୍‌ବୋଲ୍ସ ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଥିବା ଭାରତୀୟ ଦଳ।

# ଜୁଡୋ: ସୁଶୀଳାଙ୍କୁ ରୌପ୍ୟ, ବିଜୟଙ୍କୁ ବ୍ରୋଞ୍ଜ

ବର୍ମିଂହାମ,୧।୮(ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଜୁଡୋ ଇଭେଣ୍ଟରୁ ଭାରତକୁ ସୋମବାର ୨ଟି ପଦକ ମିଳିଛି। ଜୁଡୋକା ଏଲ୍. ସୁଶୀଳା ଦେବୀ ମହିଳା ୪୮ କେଜି ବର୍ଗରେ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ୬୦ କେଜି ବିଭାଗରେ ବିଜୟ କୁମାର ଯାଦବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ମରିସସ୍‌ର ପ୍ରିସିଲା ମେରୋଣ୍ଡାଙ୍କୁ ପରାସ୍ତ କରିଥିବା ମଣିପୁରର ୨୭ ବର୍ଷୀୟା ସୁଶୀଳା ସ୍ୱର୍ଣ୍ଣ ପଦକ ମୁକାବିଲାରେ ଦକ୍ଷିଣ ଆଫ୍ରିକାର ମିଚେଲା ହ୍ୱାଇଟ୍‌ବୁଇଙ୍କଠାରୁ ହାରି ଯାଇଛନ୍ତି। ମଣିପୁର ପୋଲିସରେ ଜଣେ ସବ୍‌ଇନ୍‌ସ୍ପେକ୍ଟର ଭାବେ କାର୍ଯ୍ୟ କରୁଥିବା ସୁଶୀଳା ମଲାୱିର ହାରିଟ୍ ବୋନ୍‌ଫେସ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ପୁରୁଷ ୬୦ କେଜି ରିପିଚେଜ୍‌ରେ ବିଜୟ କୁମାର ଯାଦବ ଚମତ୍କାର ପ୍ରଦର୍ଶନ ସହ ସ୍କଟ୍‌ଲାଣ୍ଡର ଡିଲନ ମୁନ୍‌ରୋଙ୍କୁ ପରାସ୍ତ କରି ବ୍ରୋଞ୍ଜ ପଦକ ମ୍ୟାଚ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ୨୦୧୮ ଓ ୨୦୧୯ରେ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ଜିତିଥିବା ୨୬ ବର୍ଷୀୟ ଯାଦବ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆର ଜୋଶୁଆ କାଜ୍‌ଙ୍କଠାରୁ ପରାଜିତ ହୋଇଥିଲେ ମଧ୍ୟ ରିପିଚେଜ୍‌ରେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣିଥିଲେ। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ସେ ସାଇପ୍ରସ୍‌ର ପେଟ୍ରୋସ୍ ଖ୍ରିଷ୍ଟୋଡୋଲିଡ୍ସଙ୍କୁ ହରାଇ ଦେଇଥିଲେ। ଯଶଲିନ୍ ସିଂ ସଇନି ପୁରୁଷ ୬୬ କେଜି ସେମିଫାଇନାଲରେ ସ୍କଟ୍‌ଲାଣ୍ଡର ଫିନ୍‌ଲେ ଆଲାନ୍‌ଙ୍କଠାରୁ ହାରିଯାଇଛନ୍ତି। ୨୪ ବର୍ଷୀୟ ସଇନି ବର୍ତ୍ତମାନ ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଅଷ୍ଟ୍ରେଲିଆର ନାଥାନ କାଜ୍‌ଙ୍କ ସହ ମୁକାବିଲା କରିବେ। ସୂଚିକା ଟାରିୟାଲ ମହିଳା ୫୭ କେଜି ରିପିଚେଜ୍‌ରେ ଦକ୍ଷିଣ ଆଫ୍ରିକାର ଡୋନି ବ୍ରେଟିନ୍‌ବ୍ୟାଚ୍‌ଙ୍କୁ ପରାସ୍ତ କରି ବ୍ରୋଞ୍ଜ ପଦକ ରାଉଣ୍ଡରେ ପ୍ରବେଶ କରିସାରିଛନ୍ତି।

**ଫାଇନାଲରେ ମହିଳା ଦଳ**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ମହିଳା ଲନ୍‌ବୋଲ୍ସ ଇଭେଣ୍ଟରୁ ପ୍ରଥମଥର ଏକ ପଦକ ଜିତିବାକୁ ଯାଉଛି। ସୋମବାର ମହିଳା ଫୋର୍ ଇଭେଣ୍ଟର ସେମିଫାଇନାଲରେ ୧୬-୧୩ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାର ମହିଳା ଫୋର୍ ଫର୍ମାଟ୍‌ରେ ଭାରତ ପ୍ରଥମଥର ଫାଇନାଲକୁ ଉନ୍ନୀତ ହୋଇଛି। ଲଭ୍‌ଲି ଚୌବେ (ଲିଡ୍), ପିଙ୍କି (ସେକେଣ୍ଡ), ନୟନମୋନି ସାଇକିଆ (ଥାର୍ଡ) ଓ ରୂପାରାଣୀ ତିର୍କୀ (ସ୍କିପ୍)ଙ୍କୁ ନେଇ ମହିଳା ଫୋର୍ ଟିମ୍ ମଙ୍ଗଳବାର ସ୍ୱର୍ଣ୍ଣ ପଦକ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ତିର୍କୀଙ୍କ ଚମତ୍କାର ଶଟ୍ ସହାୟତାରେ ଭାରତ ୧୬-୧୩ ସ୍କୋର ଲାଇନ୍‌ରେ ବିଜୟଲାଭ କରିଥିଲା। ଭାରତୀୟ ପୁରୁଷ ଯୋଡ଼ି ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ନର୍ଦ୍ଦର୍ନ ଆୟର୍ଲାଣ୍ଡଠାରୁ ୮-୨୬ରେ ହାରି ଯାଇଛନ୍ତି।

**ପଙ୍ଘାଲ, ହୁସାମୁଦ୍ଦିନ କ୍ୱାର୍ଟରରେ**

ଭାରତୀୟ ବକ୍ସର ଅମିତ ପଙ୍ଘାଲ ବିଜୟ ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତାଙ୍କର ଅଭିଯାନ ଆରମ୍ଭ କରିଛନ୍ତି। ସୋମବାର ସେ ପୁରୁଷ ଫ୍ଲାଇୱେଟ୍ (୫୧କେଜି) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପଙ୍ଘାଲ ହେଉଛନ୍ତି ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା। ସେ ଏକ ସର୍ବସମ୍ମତ ରାୟଭିତ୍ତିରେ ଭାନୁଆଟୁର ନାମ୍ରି ବେରିଙ୍କୁ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଫିଦରୱେଟ୍ ବକ୍ସର ମହମ୍ମଦ ହୁସାମୁଦ୍ଦିନ ପ୍ରି-କ୍ୱାର୍ଟରରେ ବାଂଲାଦେଶର ମହମ୍ମଦ ସଲିମ୍ ହୁସେନଙ୍କୁ ସମାନ ୫-୦ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ପଙ୍ଘାଲଙ୍କର ଏହା ହେଉଛି ପ୍ରଥମ ବଡ଼ ଟୁର୍ନାମେଣ୍ଟ। ସୋମବାର ୩ ରାଉଣ୍ଡବିଶିଷ୍ଟ ବାଉଟ୍‌କୁ ସେ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିଲେ। ତାଙ୍କ ରାଇଟ୍ ଓ ଲେଫ୍ଟ ପଞ୍ଚ୍ କମ୍ବିନେଶନ ବେଶ୍ ପ୍ରଭାବଶାଳୀ ଥିଲା। ବେରିଙ୍କଠାରୁ ଦୂରତା ବଜାୟ ରଖି ତାଙ୍କୁ ସୁଯୋଗ ଦେଉ ନ ଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦ୍ୱିତୀୟ ପଦକ ପାଇଁ ତାଙ୍କୁ ଆଉ ଗୋଟିଏ ବିଜୟ ଆବଶ୍ୟକ। ଗତ ଗୋଲ୍ଡକୋଷ୍ଟ ସଂସ୍କରଣରେ ସେ ଏକ ରୌପ୍ୟ ପଦକ ଲାଭ କରିଥିଲେ।

**ଭାରୋତ୍ତୋଳନ: ଅଜୟ ସିଂ ଅଳ୍ପକେ ପଦକରୁ ବଞ୍ଚିତ**

ଭାରତୀୟ ଭାରୋତ୍ତୋଳକ ଅଜୟ ସିଂ(୮୧କେଜି) ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛନ୍ତି। ୨୫ ବର୍ଷୀୟ ଅଜୟ ମୋଟ ୩୧୯ (୧୪୩+୧୭୬) କେଜି ଓଜନ ଉଠାଇ ପୁରୁଷ ୮୧ କେଜି ଇଭେଣ୍ଟରେ ଚତୁର୍ଥ ହୋଇଥିଲେ। ସ୍ଥାନୀୟ ଫେଭରାଇଟ୍ ଇଂଲଣ୍ଡର କ୍ରିସ୍ ମୁରେ ୩୨୫ (୧୪୪+୧୮୧) କେଜି ସହ ସ୍ୱର୍ଣ୍ଣ ଜିତି ଟୋଟାଲ ଲିଫ୍ଟରେ ଗେମ୍ସ ରେକର୍ଡ ପ୍ରତିଷ୍ଠା କରିଥିଲେ। ଅଷ୍ଟ୍ରେଲୀୟ ଲିଫ୍ଟର କାଇଲ୍ ବ୍ରୁସ୍ (୧୪୩+୧୮) ୩୨୩ କେଜି ଉତ୍ତୋଳନ କରି ରୌପ୍ୟ ଏବଂ କାନାଡାର ନିକୋଲାସ ଭାଚୋନ ୩୨୦(୧୪୦+୧୮୦) କେଜି ଓଜନ ସହ ଏକ ବ୍ରୋଞ୍ଜ ପଦକ ପାଇଥିଲେ।

**ଜିମ୍ନାଷ୍ଟିକ୍: ପ୍ରଣତିଙ୍କୁ ୫ମ ସ୍ଥାନ**

ଭାରତର ପ୍ରଣତୀ ନାୟକ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଇଭେଣ୍ଟ ଫାଇନାଲରେ ୫ମ ସ୍ଥାନ ଅଧିକାର କରିଛନ୍ତି। ୨୦୧୯ ଓ ୨୦୨୨ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ପଶ୍ଚିମବଙ୍ଗର ଏହି ୨୭ ବର୍ଷୀୟା ଜିମ୍ନାଷ୍ଟ ତାଙ୍କ ପ୍ରଥମ ଭଲ୍ଟ ପ୍ରଚେଷ୍ଟାରେ ୧୩.୬୩୩ ଏବଂ ଦ୍ୱିତୀୟରେ ୧୧.୭୬୬ ସ୍କୋର କରିଥିଲେ। ତାଙ୍କର ଆଭରେଜ ୧୨.୬୯୯ ରହିଥିଲା। କ୍ୱାଲିଫିକେଶନରେ ୧୩.୨୭୫ ସ୍କୋର କରିଥିବା ପ୍ରଣତିଙ୍କୁ ତାଙ୍କର ଦୁଇ ପ୍ରଚେଷ୍ଟାରେ ୦.୧ ଓ ୦.୩ ପେନାଲ୍ଟି ହୋଇଥିଲା। ଅଷ୍ଟ୍ରେଲିଆର ଜର୍ଜିଆ ଗଡୱିନ ୧୩.୨୩୩ ସ୍କୋର ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ।

**ଘୋଷାଲ ସେମିରେ**

ଭାରତର ଅଗ୍ରଣୀ ସ୍କ୍ୱାଶ ଖେଳାଳି ଜ୍ୟୋତ୍ସ୍ନା ଚିନାପ୍ପା ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ସିଙ୍ଗଲ୍ସ ଇଭେଣ୍ଟରୁ ବିଦାୟ ନେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ କାନାଡାର ୨୭ ବର୍ଷୀୟା ହୋଲି ନଟନଙ୍କଠାରୁ ୯-୧୧, ୫-୧୧, ୧୩-୧୫ରେ ହାରିଯାଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଭାରତର ସୌରଭ ଘୋଷାଲ ସ୍କଟଲାଣ୍ଡର ଗ୍ରେଗ୍ ଲୋବାନଙ୍କୁ ୧୧-୫, ୮-୧୧, ୧୧-୭, ୧୧-୩ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ଭାରତର ସୁନୟନା ସାନା କୁରୁଭିଲା ସିନାଲି ମହିଳା ସିଙ୍ଗଲ୍ସ ପ୍ଲେଟ-କ୍ୱାର୍ଟରଫାଇନାଲ୍ସରେ ଶ୍ରୀଲଙ୍କାର ଚାନିଥମା ସିନାଲିଙ୍କୁ ମାତ୍ର ୧୨ ମିନିଟ୍‌ରେ ୧୧-୩, ୧୧-୨, ୧୧-୨ରେ ପରାସ୍ତ କରିଥିଲେ।

## ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଦୂତୀଙ୍କ ହିଟ୍ସ

ବର୍ମିଂହାମ୍,୧।୮(ପି.ଟି)

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ମଙ୍ଗଳବାରରୁ ଆରମ୍ଭ ହେବାକୁ ଯାଉଛି। ନୀରଜ ଚୋପ୍ରା ଆହତ ଥିବା କାରଣରୁ ନିଜ ଟାଇଟଲ ଡିଫେଣ୍ଡ କରିପାରିବେ ନାହିଁ ମାତ୍ର ଟ୍ରିପଲ ଜମ୍ପର ଏଲଧୋଶ ପଲ୍, ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର, ଡିସ୍କସ୍ ଥ୍ରୋୟର ସୀମା ପୁନିଆ, ଜାଭେଲିନ୍ ଥ୍ରୋୟର ଅନ୍ନୁ ରାଣୀ ଓ ଷ୍ଟିପଲଚେଜ୍‌ରେ ଅବିନାଶ ସାବଲେଙ୍କଠାରୁ ଦଳ ଭଲ ପ୍ରଦର୍ଶନ ଆଶା କରିବ। ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଆଥ୍‌ଲେଟିକ୍ସରୁ ସର୍ବାଧିକ ୧୨ଟି ପଦକ( ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୭ ବ୍ରୋଞ୍ଜ) ହାସଲ କରିଥିଲା। ଏହାପରେ ପରବର୍ତ୍ତୀ ଦୁଇଟି ସଂସ୍କରଣରେ ଦଳ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଆସିଛି। ତେବେ ଚଳିତ ସଂସ୍କରଣରେ ଭାରତ ଏହାର ସର୍ବଶ୍ରେଷ୍ଠ ସ୍କୋର ହାସଲ ପ୍ରୟାସରେ ରହିଛି। ଓଡ଼ିଆ ଧାବିକା ଦୂତୀ ଚାନ୍ଦ ୧୦୦ ମିଟର, ୧୦୦ ମିଟର ହିଟ୍‌ରେ ଅଂଶଗ୍ରହଣ କରିବେ। ଫାଇନାଲ ଯୋଗ୍ୟତା ଅର୍ଜନ କଲେ ୩ ତାରିଖ ପାଇଁ ପଦକ ଦୌଡ଼ରେ ସାମିଲ ହେବେ।

ମଙ୍ଗଳବାର ଲଙ୍ଗ୍‌ଜମ୍ପ କ୍ୱାଲିଫାଇଂ ରାଉଣ୍ଡରେ ଅଂଶଗ୍ରହଣ କରିବେ ମୁରଲୀ ଶ୍ରୀଶଙ୍କର ଓ ମହମ୍ମଦ ଅନିଶ ୟାହିଆ। ସେହିପରି ଡିସ୍କସ୍ ଥ୍ରୋରେ ଅଂଶଗ୍ରହଣ କରୁଥିବା ସୀମା ପୁନିଆ ଓ ନବଜତ କୌର ଧିଲୋନଙ୍କଠାରୁ ଦଳ ପଦକ ଆଶା ରଖିବ। ୨୦୧୮ରେ ଉଭୟ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପଞ୍ଚମଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରୁଥିବା ପୁନିଆ ନିଜର ପଞ୍ଚମ ପଦକ ଲାଗି ପ୍ରୟାସ କରିବେ। ଆଇନଗତ ଲଢ଼େଇ ପରେ ଆଥ୍‌ଲେଟିକ୍ସ ଦଳରେ ସାମିଲ ହୋଇଥିବା ତେଜସ୍ୱିନ ଶଙ୍କର ପ୍ରଥମ ଦିନରେ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିବେ। ଚଳିତ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ଖେଳାଳିଙ୍କ ମଧ୍ୟରୁ ୫ ଜଣ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ ରହିଥିବା ବେଳେ ଭାରତର ପଦକ ସଂଖ୍ୟା ବୃଦ୍ଧି ପାଇବା ଆଶା କରାଯାଉଛି।

**ମହିଳା ଡିସ୍କସ୍ ପଦକ ଆଶାରେ ଭାରତ**

## ଭାଇଙ୍କୁ ପଦକ ଉତ୍ସର୍ଗ କଲେ ଅଚିନ୍ତ ଶେଉଲି

ବର୍ମିଂହାମ୍,୧।୮(ପି.ଟି)

ଭାରତ ପାଇଁ ତୃତୀୟ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଅଚିନ୍ତ ଶେଉଲି। ବେଙ୍ଗଲର ଏହି ୨୦ ବର୍ଷୀୟ ଭାରୋତ୍ତୋଳକ ଜଣଙ୍କ ୩୧୩ କିଗ୍ରା ଓଜନ (୧୪୩ ସ୍ନାଚ୍ ଓ ୧୭୦ କ୍ଲିନ୍ ଆଣ୍ଡ ଜର୍କ) ଉଠାଇଥିଲେ। ଏକଦା ସୂତାର ଏମ୍ବ୍ରୋଡୋରି କାମ କରୁଥିବା ହାତ ଲୁହାର ଓଜନ ଉଠାଇ ଦେଶ ପାଇଁ ଆଣିଥିଲେ ଗୌରବ। ସ୍ୱର୍ଣ୍ଣ ପଦକ ବିଜୟକୁ ସେ ନିଜ ଭାଇଙ୍କୁ ଉତ୍ସର୍ଗ କରିଥିଲେ। ଭାଇ ନ ଥିଲେ ଏହି ପଦକ କେବେ ବି ସମ୍ଭବ ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି। ଅଚିନ୍ତଙ୍କ ପାଇଁ ଶକ୍ତିର ପ୍ରତୀକ ରହିଥିବା ବଡ଼ଭାଇ ଆଲୋକ ନିଜେ ଦିନମଜୁରିଆ ଭାବେ କାମ କରିଥିଲେ। ଆରମ୍ଭରୁ




ନିଜେ ଜଣେ ଭାରୋତ୍ତୋଳକ ରହିଥିଲେ ହେଁ ପାରିବାରିକ କଷଣର ମୁକାବିଲା କରିବାକୁ ଖେଳ ଛାଡ଼ିବା ସହିତ ଦିନମଜୁରିଆ କାମ ଆରମ୍ଭ କରିଥିଲେ। ୨୦୧୪ରେ ପିତାଙ୍କ ବିୟୋଗ ପରେ ଆଲୋକ ଖେଳ ଛାଡ଼ିବା ସହିତ କାମ କରିବା ଆରମ୍ଭ କରିଥିଲେ।

ଅଚିନ୍ତ ଆରମ୍ଭରୁ ଏମ୍ବ୍ରୋଡୋରି କିମ୍ବା ଭାରୋତ୍ତୋଳନକୁ ପସନ୍ଦ କରୁ ନ ଥିଲେ। ଆଲୋକ ଘରପାଖ ଜିମ୍‌କୁ ଯାଉଥିବା ବେଳେ ସାଙ୍ଗରେ ଯାଆନ୍ତି ଅଚିନ୍ତ। ଧୀରେ ଧୀରେ ବିଭିନ୍ନ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିଲେ ଅଚିନ୍ତ। ସେ ସମୟରେ ପିତା ହାଓ୍ୱଡାରେ କାମ କରୁଥିବା ବେଳେ ପରିବାରର ଗୁଜରାଣ ମେଣ୍ଟିଯାଏ। ଏପ୍ରିଲ ୨୦୧୪ରେ ହୃଦ୍‌ଘାତ କାରଣରୁ ତାଙ୍କର ପରଲୋକ ପରେ ଦିନମଜୁରିଆ ଭାବରେ କାମ ଆରମ୍ଭ କରିଥିଲେ ଆଲୋକ। ସେହି ସମୟରେ ଏମ୍ବ୍ରୋଡୋରି କାମରୁ ସପ୍ତାହକୁ ୧୨୦୦ ଟଙ୍କା ମିଳୁଥିବା ବେଳେ ଦୁଇ ପୁଅଙ୍କ ସହିତ ମା' ମଧ୍ୟ ଏହି କାମ କରନ୍ତି। ସକାଳ ଟ୍ରେନିଂ ପରେ ଅଚିନ୍ତଙ୍କୁ ସ୍କୁଲ ଯିବାକୁ ପଡୁଥିଲା। ହେଲେ ସ୍କୁଲରୁ ଫେରିବା ପରେ ଏମ୍ବ୍ରୋଡୋରି କାମ କରିବାକୁ ପଡୁଥିଲା।

## ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୭୨ ବର୍ଷୀୟ ଭଲ୍ୟୁଣ୍ଟିୟର

**ବର୍ମିଂହାମ୍, ୧।୮ (ପି.ଟି):** ଯେକୌଣସି କ୍ରୀଡ଼ା ଇଭେଣ୍ଟର ସଫଳତା ଏହାର ଭଲ୍ୟୁଣ୍ଟିୟରମାନଙ୍କ ଉପରେ ନିର୍ଭର କରିଥାଏ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୧୩ ହଜାରରୁ ଅଧିକ ସ୍ୱେଚ୍ଛାସେବୀ ଯୋଗଦେଇଥିବା ବେଳେ ଏହା ମଧ୍ୟରେ ଅଛନ୍ତି ଜଣେ ୭୨ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ। ତେବେ କେବଳ ଏହି ବ୍ୟକ୍ତି ନୁହନ୍ତି, ଜଣେ ଟେକ୍ ଏକ୍ସପର୍ଟ, ଏନ୍‌ଏଚ୍‌ଏସ୍ ନର୍ସ ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି। ମୁଁ ବଞ୍ଚୁଥିବା ସହର ପାଇଁ କିଛି କରିବା ଲାଗି ଚାହୁଁଛି, ଆଉ କୌଣସି ସ୍ପୋର୍ଟିଂ ଇଭେଣ୍ଟରେ ଆଗରୁ କାମ କରି ନ ଥିବାରୁ ମୁଁ ଏହାର ଅଭିଜ୍ଞତା ହାସଲ କରିବାକୁ ଚାହୁଁଥିଲି ବୋଲି ପ୍ରକାଶ କରିଛନ୍ତି ୭୨ ବର୍ଷୀୟ ବ୍ୟାରି ଲେଗ୍ ପ୍ରିଭର।

## ଡୁରାଣ୍ଡ କପ୍ ଉପରେ ଫୋକସ ରହିଛି: ଗୋମ୍ବାଉ

ଭୁବନେଶ୍ୱର, ୧।୮(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ସିଜନ ପାଇଁ ପ୍ରସ୍ତୁତ ହେଉଛି ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସି। ଏଥିପାଇଁ ପୂର୍ବରୁ ଦଳ ସହ କାମ କରିସାରିଥିବା ଯୋଶେଫ୍ ଗୋମ୍ବାଉଙ୍କୁ ପୁଣି ମୁଖ୍ୟ କୋଚ୍ ପଦକୁ ଫେରାଇ ଅଣାଯାଇଛି। ୨୦୧୯-୨୦ ସିଜନରେ ଗୋମ୍ବାଉଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ଭଲ ପ୍ରଦର୍ଶନ କରିଥିଲା। ଏହାକୁ ଦୃଷ୍ଟିରେ ରଖି ତାଙ୍କୁ ପୁଣି କୋଚ୍ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଏସ୍‌ଏଲ ସିଜନ ପୂର୍ବରୁ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟ ଉପରେ ଫୋକସ କରାଯାଉଛି। ଏଥିପାଇଁ ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ସୋମବାର ଆୟୋଜିତ ଓଡ଼ିଶା ଏଫ୍‌ସିର ପ୍ରଥମ ଖବରଦାତା ସମ୍ମିଳନୀରେ ଗୋମ୍ବାଉ ସୂଚନା ଦେଇଛନ୍ତି। ନୂଆ ସିଜନର ଟୁର୍ନାମେଣ୍ଟଗୁଡ଼ିକ ଲାଗି କୋଚିଂ ଷ୍ଟାଫ୍‌ଙ୍କୁ ଟାର୍ଗେଟ ଦିଆଯାଇଛି। ସମୟକ୍ରମେ ଏହା ଉପରେ ତର୍ଜମା ମଧ୍ୟ କରାଯିବ। ଆଗାମୀ ସିଜନରେ ପ୍ରଭାବୀ ପ୍ରଦର୍ଶନର ଛାପ ଛାଡ଼ିବା ପାଇଁ ଓଡ଼ିଶା ଏଫ୍‌ସି ଦଳରେ ଅନେକ ଖେଳାଳି ପ୍ରସ୍ତୁତ। ସେମାନଙ୍କ ମଧ୍ୟରୁ ଶୁଭମ୍, ରେନିଏର, ଜେରୀ ପ୍ରମୁଖ ଅନ୍ୟତମ ବୋଲି ଗୋମ୍ବାଉ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ରାଜ ଅଥୱାଲ, ସହକାରୀ କୋଚ୍ କ୍ଲିଫର୍ଡ ମିରାଣ୍ଡା ଓ ଜେନେରାଲ ମ୍ୟାନେଜର ଅଭିକ୍ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଚଳିତମାସ ୧୨ ଓ ୧୩ ତାରିଖରେ ହେବାକୁ ରହିଛି। ପ୍ରକାଶଯୋଗ୍ୟ, ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟ କୋଲ୍‌କାତା, ଗୁଆହାଟୀ ଓ ଇମ୍ଫାଲରେ ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଏଫ୍‌ସିକୁ ମିଶାଇ ମୋଟ ୨୦ଟି ଦଳ ଅଂଶଗ୍ରହଣ କରିବେ।

୨ ବର୍ଷ ବ୍ୟବଧାନ ପରେ ଓଡ଼ିଶା ଏଫ୍‌ସି ଭୁବନେଶ୍ୱରକୁ ଏହାର ବେସ୍ କରିଛି। କୋଭିଡ୍-୧୯ ମହାମାରୀ ପାଇଁ କ୍ଲବ ଗୋଆରେ ବିନା ଦର୍ଶକରେ ଖେଳିବାକୁ ବାଧ୍ୟ ହୋଇଥିଲା। ଏଥର ଓଡ଼ିଶା ଏଫ୍‌ସି ଏକ ମହିଳା ଦଳ ମଧ୍ୟ ଗଠନ କରୁଛି। କ୍ରିସପିନ୍ ଛେତ୍ରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। କ୍ରିସପିନ୍ ପୂର୍ବରୁ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଓଡ଼ିଶା ରାଜ୍ୟ ମହିଳା ଦଳ ଏବଂ ସେଥୁ ଏଫ୍‌ସି ସହିତ କାର୍ଯ୍ୟ କରିଛନ୍ତି। କୋଭିଡ୍ ପାଇଁ କ୍ଲବ ୨ ବର୍ଷ ଧରି ଏହାର ପ୍ରଶଂସକଙ୍କ ସହ ଯୋଡ଼ି ହୋଇପାରି ନ ଥିଲା। ମାତ୍ର ଏବେ ସମୟ ବଦଳିଛି। ପ୍ରଶଂସକଙ୍କୁ ଆକୃଷ୍ଟ କରିବା ପାଇଁ କ୍ଲବ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି ଅଥୱାଲ ପ୍ରକାଶ କରିଛନ୍ତି।



ସୋମବାର ଖବରଦାତା ସମ୍ମିଳନୀ ଅବସରରେ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଜୋସେଫ ଗୋମ୍ବାଉ ଓ ଅନ୍ୟ କର୍ମକର୍ତ୍ତା।


କଟକ ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର ଓଡ଼ିଶା ମହିଳା ଟି୨୦ ଲିଗ୍ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳି।

## ଓଡ଼ିଶା ମହିଳା ଟି୨୦ ଲିଗ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧।୮ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଓଡ଼ିଶା ମହିଳା ଟି୨୦ କ୍ରିକେଟ ଲିଗ୍ ସୋମବାର କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଛି। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଭାଓଲେଟ୍ ଏବଂ ଓଡ଼ିଶା ୟେଲୋ ବିଜୟ ହାସଲ କରିଛି।

ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ଓଡ଼ିଶା ଭାଓଲେଟ ୨୦ ଓଭରରେ ୬ ଉଇକେଟ ହରାଇ ୧୦୦ ରନ୍ କରିଥିଲା। ଜବାବରେ ଓଡ଼ିଶା ରେଡ୍ ୧୯.୪ ଓଭରରେ ୭୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ୧୫ ରନ୍ କରିବା ସହ ୩.୪ ଓଭର ବୋଲିଂରେ ମାତ୍ର ୯ ରନ୍ ଦେଇ ୨ଟି ଉଇକେଟ ନେଇଥିବା ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ରିମ୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ଗେମ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପର୍ପଲ ୨୦ ଓଭରରେ ୫ ଉଇକେଟ ହରାଇ ୯୭ ରନ୍ କରିଥିଲା। ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ସର୍ବାଧିକ ୩୬ ରନ୍ କରିଥିଲେ। ଓଡ଼ିଶା ୟେଲୋ ୧୯.୧ ଓଭରରେ ୧ ଉଇକେଟ ହରାଇ ୯୮ ରନ୍ ସଂଗ୍ରହ କରିନେଇଥିଲା। ୧୮ ବଲ୍‌ରୁ ୩୬ ରନ୍ କରିଥିବା କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। କଟକ ମେୟର ସୁବାସ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ